ଗୂଟେରୀ ଲୀଳା

(୰ ଶରଣ ଦାସ କୃତ)

●

ଅଧ୍ୟାପକ ଅଶୁତୋଷ ପଟ୍ଟନାୟକ

Digitized by PPRACHIN, SOA

ପ୍ରକାଶକ—

ଶ୍ରୀ ଚନ୍ଦ୍ରଶେଖର ପଟ୍ଟନାୟକ
ଗ୍ରାମ—କାଠିଆପଡା
ପୋ. ଅ. ଜଗତସିଂହପୁର
ଜି. କଟକ

ପ୍ରକାଶ କାଳ—

(ପ୍ରଥମ ସଂସ୍କରଣ)

ତା ୧୪ - ୧୧ ୭୫ ରିଖ

ମୁଦ୍ରାକର—

ଶ୍ରୀ ପ୍ରସନ୍ନ କୁମାର ମହାପାତ୍ର
ଶ୍ରୀ ଶାରଦା ପ୍ରେସ୍
ମନ୍ଦିର ରାସ୍ତା,
ଭୁବନେଶ୍ୱର-୨

ମୂଲ୍ୟ—ଚାରି ଟଙ୍କା ମାତ୍ର

Digitized by PPRACHIN, SOA

-ମୁଖବନ୍ଧ-

ରାଧାକୃଷ୍ଣ କେଳିକଥା ସମ୍ପର୍କୀୟ ଯେତେଗୁଡ଼ିଏ ଗ୍ରନ୍ଥ ଦେଖାଯାଏ, ତନ୍ମଧ୍ୟରୁ "ରୁଚେରୀ ଲୀଳା" ଗ୍ରନ୍ଥ ଅନ୍ୟତମ । ଏହି ଗ୍ରନ୍ଥଟି ପୂର୍ବରୁ ପ୍ରକାଶିତ ହୋଇନାହିଁ । ମୋର ପରମାରାଧ୍ୟ ଗବେଷଣାପ୍ରିୟ ଗୁରୁଦେବ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ପ୍ରଫେସର ଡକ୍ଟର ବଂଶୀଧର ମହାନ୍ତି ଏହାର ପୋଥିଟି ନୟାଗଡ ଅଞ୍ଚଳରୁ ସଂଗ୍ରହ କରିଥିଲେ । ତାଙ୍କର ସଶ୍ରଦ୍ଧ ନିର୍ଦ୍ଦେଶ ଓ ପ୍ରେରଣା ଯୋଗେ ଉକ୍ତ ଗ୍ରନ୍ଥଟିକୁ ଟୀକା ସହିତ ପ୍ରକାଶ କରିବାର ଦୁଃସାହସ କରୁଛି । ଗ୍ରନ୍ଥକର୍ତ୍ତା ଶରଣ ଦାସଙ୍କର ଅନ୍ୟ କୌଣସି ଗ୍ରନ୍ଥ ସମ୍ପର୍କରେ ଏପର୍ଯ୍ୟନ୍ତ କିଛି ଜଣାଯାଇ ନାହିଁ । ରାଧ କୃଷ୍ଣ ଜନ୍ମ ବୃତ୍ତାନ୍ତ ଓ କେଳି କଥା ପରିବେଷଣରେ ରୁଚେରୀ ଲୀଳା ଗ୍ରନ୍ଥର ନୂତନତ୍ୱକୁ ସ୍ୱୀକାର କରିବାକୁ ହେବ । ଉକ୍ତ ଗ୍ରନ୍ଥ ମଧ୍ୟରେ ଗ୍ରନ୍ଥ ରଚନାର ସମୟ ସମ୍ବନ୍ଧରେ କୌଣସି ସ୍ପଷ୍ଟ ସୂଚନା ନାହିଁ । ତେବେ ବିଷୟବସ୍ତୁ, ଶୈଳୀ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଘଟଣାରୁ ଏହାର ଆନୁମାନିକ ସମୟ ନିର୍ଦ୍ଧାରଣ କରାଯାଇ ପାରେ । ଗ୍ରନ୍ଥଟି ମୁଖ୍ୟତଃ ଶ୍ରୀମନ୍ଦିରର ଦୋଳୋତ୍ସବ କଥାକୁ କେନ୍ଦ୍ର କରି ଲେଖା ଯାଇଛି । ଶ୍ରୀ ଜଗନ୍ନାଥଙ୍କର ଦୋଳୋତ୍ସବ କେବେ ଠାରୁ ପ୍ରଚଳିତ ହେଲା ତାର ସଠିକ ବିବରଣୀ ମିଳେ ନାହିଁ । ଏ ସମ୍ପର୍କରେ ପ୍ରାଚୀ ସମିତି ପ୍ରକାଶିତ ମାଦଳା ପାଞ୍ଜୀର ଏକ ବିବରଣୀକୁ ସମୀକ୍ଷା କରାଯାଇ ପାରେ । ଯଥା —

"ଗଡ଼ଡ଼ିଆ ଗୋବିନ୍ଦଦେବ ରାଜା ହେଲେ ବୃଷ୍ଟି — ଶ ୧୪୮୩ ପର୍ଯ୍ୟନ୍ତ, ଏ ରାଜାଙ୍କ ଦିନରେ ଦୋଳବେଦୀ ଉପରେ ଦୋଳୀ ଛିଡ଼ି ପଡ଼ିଲା, ବଡ଼ ଠାକୁରଙ୍କ ଭୁଜ ଭଙ୍ଗିଗଲା । ଦେଉଳ ଭିତରେ ବିଜେକଲା ଉତ୍ତାରୁ ଶ୍ରୀଭୁଜ ନିର୍ମାଣ ମହାସ୍ନାନ ହୋଇ ଏହିଠାରୁ ଦୋଳ ଯାତ୍ରାକୁ ଦୋଳଗୋବିନ୍ଦ ବିଜେ କଲେ" — (୬୧ ପୃଷ୍ଠା)

ଶକାବ୍ଦ ୧୪୮୩ ବା ଖ୍ରୀ ୧୫୬୧ ଠାରୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ପରିବର୍ତ୍ତରେ ଦୋଳଗୋବିନ୍ଦଙ୍କ ବିଗ୍ରହକୁ ଦୋଳମଣ୍ଡପକୁ ବିଜେ କରାଇବା କଥା ଏଥିରୁ ସୂଚିତ ହେଉଛି । "ରୁଚେରୀ ଲୀଳା" ଗ୍ରନ୍ଥରେ ମଦନଗୋପାଳ ବିମାନରେ ଦୋଳମଣ୍ଡପକୁ ଯାତ୍ରା କରିବା କଥା ବର୍ଣ୍ଣନା କରାଯାଇଛି । ଯଥା-

Digitized by PPRACHIN, SOA

"ଏମନ୍ତେ ଫାଲଗୁନ୍ୟ ମାସ ଶୁକଳ ଏକାଦଶୀ ନିଶିରେ, ଭିତର ଫଗୁ ଅନ୍ତରେ ପ୍ରଭୁ ଗୃଚେରୀ ଭ୍ରମଣକୁ ଅନୁକୂଳ କଲେ ବିମାନ ମଣ୍ଡିଲେ, ଶ୍ରୀ ମଦନଗୋପାଳଙ୍କ ଶୋଭା କି କହିବା, ସମ କାହି ପାଇବା, ଅଭିନବ କାମଦେବର ଶୋଭା, ତ୍ରିଭଙ୍ଗୀ ଛନ୍ଦେ ଉଭା, ମକର ଆକୃତି ପ୍ରଭାତ, ଦେବାଧି-ଦେବ ରାଜ । ମୋହନ ମୂରତି ସାଜ, ଶ୍ରୀ ଚରଣ ସରେଜେ ମଞ୍ଜୀର ମଞ୍ଜୁଳ ଯୁଗଳ ପ୍ରଳମ୍ବ" (୨ ପୃଷ୍ଠା)

ବିମାନରେ ବିଜେ କରିଥିବା ମୂର୍ତ୍ତି ନିଶ୍ଚିତ ଭାବରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ନୁହନ୍ତି ଏବଂ ଦୋଳଗୋବିନ୍ଦ ଅଟନ୍ତି ଏଥିରୁ ଏହା ସୂଚିତ ହେଉଛି । ତେଣୁ ଗ୍ରନ୍ଥ ରଚନା ସମୟକୁ ନିଃସନ୍ଦେହରେ ୧୪୮୧ ଶକାବ୍ଦ ବା ୧୫୬୧ ଖ୍ରୀଷ୍ଟାବ୍ଦ ପରବର୍ତ୍ତୀ ରୂପେ ଗ୍ରହଣ କରଯାଇ ପାରେ ।

ଗୃଚେରୀ ଲୀଳା ପେ ଥିର ଅନ୍ୟତ୍ର ଏକ ସ୍ଥାନରେ ରାହିଦାମୋଦର ଭୂତ କଥାର ଉଲ୍ଲେଖ ରହିଛି—

"କୀର୍ତ୍ତିଦା ଯେ ଯେ ସୁନ୍ଦରୀ, ରାଇ ଦାମୋଦର ପୂଜାକରି ଏମନ୍ତେ ବୃଷଭାନୁ ରଜା ପାଟମହାଦେଇ ଗର୍ଭବାସ ହେଲା ....ରାଇ ଦାମୋଦର ପୂଜି ଗର୍ଭ ହେଲାକୁ ରାହି ନାମ ଦେଲେ ।"

(୧) କାଞ୍ଚୀକାବେରୀ କାବ୍ୟ ପ୍ରଣେତା କବି ପୁରୁଷୋତ୍ତମ ଦାସଙ୍କର ବାଳଭୋଗ ବୋଲିରେ ରାଇ ଦାମୋଦର ଭୂତ କଥାର ବିଶେଷ ବର୍ଣ୍ଣନା ରହିଛି । (୨) ପୁରୁଷୋତ୍ତମ ଦାସଙ୍କର ସମୟ ଷୋଡଶ ଶତାବ୍ଦୀର ଶେଷ-ଭାଗ ବୋଲି ସିଦ୍ଧାନ୍ତ କରଯାଇଛି । ତେଣୁ ଗୃଚେରୀ ଲୀଳାର ରଚନା କାଳକୁ ସପ୍ତଦଶ ଶତାବ୍ଦୀ ରୂପେ ଗ୍ରହଣ କରିବା ଅସମୀଚୀନ ହେବନାହିଁ । ଶ୍ରୀଚୈ-ତନ୍ୟଙ୍କର ଉତ୍କଳ ଆଗମନ ଓ ରସିକାନନ୍ଦ ଗୋସ୍ୱାମୀଙ୍କର ଗୌଡୀୟ ବୈଷ୍ଣବ ଭାବଧାରର ବହୁଳ ପ୍ରଚାର ଫଳରେ ଲୋକ କଥାର ସାଧାରଣୀ

---

(୧) ବାଳଭୋଗ ବୋଲି–ପୁରୁଷୋତ୍ତମ ଦାସ, ଉତ୍କଳ ବିଶ୍ୱବିଦ୍ୟାଳୟ ପାଣ୍ଡୁଲିପି ବିଭାଗର ପଣ୍ଡିତ ଶ୍ରୀ ଶ୍ରୀନିବାସ ରଥଙ୍କ ସୌଜନ୍ୟରୁ ପ୍ରାପ୍ତ ।

(୨) ଓଡ଼ିଆ ସାହିତ୍ୟର ମଧ୍ୟପର୍ବ – ସୁରେନ୍ଦ୍ର ମହାନ୍ତି—୧୩୮ ପୃଷ୍ଠା (କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର ଦ୍ୱାରା ପ୍ରକାଶିତ) ।

Digitized by PPRACHIN, SOA

ରାଧା କିପରି କ୍ରମଶଃ ଆଧ୍ୟାତ୍ମିକ ରଙ୍ଗରେ ରଞ୍ଜିତ ହେବାକୁ ଯାଉଥିଲେ ଏଥିରେ ତାହାର ସ୍ପଷ୍ଟ ସୂଚନା ରହିଛି ।

'ଗୁପ୍ତେଶ୍ୱରୀ ଲୀଳା' କାବ୍ୟରେ ରାଧା ଚନ୍ଦ୍ରସେଣା ଓ କୃଷ୍ଣ କଥା ନୂତନ ଭାବରେ ଉପସ୍ଥାପିତ ହୋଇଥିବାର ଦେଖାଯାଏ । ରାଧା ଚନ୍ଦ୍ରସେଣାଙ୍କର ଜନ୍ମ ବୃତ୍ତାନ୍ତ ସମ୍ପର୍କରେ କବି ଏକ ନୂତନ ତଥ୍ୟ ପ୍ରଦାନ କରିଛନ୍ତି । ତାହା ହେଉଛି— ଗୋପପୁରରେ ବୃଷଭାନୁ ନାମକ ପ୍ରତାପଶାଳୀ ରଜା ଏବଂ ସମୋଦ୍ରସେଣ (ସମୁଦ୍ରସେନ) ନାମରେ ବିଖ୍ୟାତ ଧନୀ ଗୋପାଳ ଥିଲେ । ବୃଷଭାନୁଙ୍କ ପତ୍ନୀ କୀର୍ତ୍ତିଦା ଓ ସମୁଦ୍ରସେନଙ୍କ ପତ୍ନୀ ହରିତା (ପରବର୍ତ୍ତୀ ନାମ ଜଟିଳା) ଉଭୟ ଗୋପନଗ୍ର ମଧ୍ୟରେ ଥିବା ହରିହର ମୂର୍ତ୍ତିଙ୍କୁ ପୂଜା କରନ୍ତି । କୀର୍ତ୍ତିଦାଙ୍କର କୌଣସି ସନ୍ତାନ ନ ଥିବା ହେତୁ ଏକ କନ୍ୟା କାମନା କରୁଥାଆନ୍ତି । ଜଟିଳାଙ୍କର ଏକମାତ୍ର ଯଶୋଦା ନାମ୍ନୀ କନ୍ୟା ସନ୍ତାନ ଥିଲା । ତାହାକୁ ସେ ନନ୍ଦଙ୍କୁ ବିବାହ କରିଦେବା ପରେ ଏକ ପୁତ୍ର ସନ୍ତାନ କାମନା କରୁଥାଆନ୍ତି । ମାର୍ଗଶିର ମାସର ଦୀପାବଳୀ ଉତ୍ସବ ଦିନ କୀର୍ତ୍ତିଦା ଏବଂ ଜଟିଳା ହରିହରଙ୍କ ପାଖରେ ପୂଜା ନିବେଦନ କରିସାରିବା ପରେ, କୀର୍ତ୍ତିଦା ହରିଙ୍କ ପାଖରେ ଏକ କନ୍ୟା କାମନା କଲେ ଓ ଜଟିଳା ହରଙ୍କ ପାଖରେ ପୁତ୍ର କାମନା କଲେ । ଉଭୟଙ୍କର ନିବିଡ ଭକ୍ତିରେ ହରିହର ପ୍ରସନ୍ନ ହେଲେ । ଶିବ ତାଙ୍କର ଶିରସ୍ଥିତ ଚନ୍ଦ୍ରଙ୍କୁ କହିଲେ— ତୁମେ ସମୁଦ୍ରସେନ ଔରସରେ ସରିତା (ଜଟିଳା)ଙ୍କ ଗର୍ଭରେ ପୁତ୍ର ରୂପରେ ଚନ୍ଦ୍ରସେଣା ନାମଧରି ଜନ୍ମଲାଭ କର । ସେହିପରି ବାସୁଦେବ ତାଙ୍କର ପ୍ରିୟା ଲକ୍ଷ୍ମୀଙ୍କୁ ରହି କହିଲେ, ତୁମେ ବୃଷଭାନୁ ଓ କୀର୍ତ୍ତିଦାଙ୍କର କନ୍ୟା ରୂପରେ ରାଧା ନାମରେ ଜନ୍ମଲାଭ କର । ଶିବ ଚନ୍ଦ୍ରଙ୍କୁ କହିଲେ, ତୁମେ ନଷ୍ଟଚନ୍ଦ୍ର ହେତୁ ନପୁଂସକ ରୂପରେ ଜନ୍ମ ଗ୍ରହଣ କରିବ । ସେହିପରି, ବାସୁଦେବ ଲକ୍ଷ୍ମୀଙ୍କୁ କହିଲେ ତୁମେ ଶିବଙ୍କ ମସ୍ତକସ୍ଥିତ ଚନ୍ଦ୍ରଙ୍କ ସୌନ୍ଦର୍ଯ୍ୟ ପ୍ରତି ଆକୃଷ୍ଟ ହେବାରୁ ନପୁଂସକ ଚନ୍ଦ୍ରସେନ ରୂପେ ଅବତୀର୍ଣ୍ଣ ହେବା ଚନ୍ଦ୍ରଙ୍କର ପତ୍ନୀ ହେବ । ମୁଁ କିଛିକାଳ ପରେ କୃଷ୍ଣ ଅବତାର ଗ୍ରହଣ କରି ତୁମର ଉପପତି ରୂପେ ତୁମକୁ ଭୋଗ କରିବି । ଲକ୍ଷ୍ମୀ ଏବଂ ଚନ୍ଦ୍ର ଭାଇ ଭଉଣୀ ହେଲେହେଁ ହରିହରଙ୍କ ନିର୍ଦ୍ଦେଶରେ ପତିପତ୍ନୀ ରୂପେ ଜନ୍ମ ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇ କୀର୍ତ୍ତିଦା ଏବଂ ସରିତାଙ୍କ ଦେହରେ ପ୍ରବେଶ କଲେ । ହରିହରଙ୍କ ଠାରୁ ବରଲାଭ କରିବା ପରେ ସରିତା ଏବଂ କୀର୍ତ୍ତିଦା ହରିହରଙ୍କର ଦକ୍ଷିଣ ପାର୍ଶ୍ୱରେ ଥିବା ଗଣନାଥଙ୍କ ପାଖରେ ସତ୍ୟ କଲେ ଯେ ଉଭୟ

Digitized by PPRACHIN, SOA

ଉଭୟଙ୍କର କନ୍ୟା ଓ ପୁତ୍ର ସନ୍ତାନଙ୍କର ବିବାହ କରାଇବେ । ଯଥା ସମୟରେ ଲକ୍ଷ୍ମୀ ରାଧା ରୂପରେ କୀର୍ତ୍ତିଦାଙ୍କ ଗର୍ଭରୁ ଜନ୍ମଲାଭ କରି କ୍ରମଶଃ ନବ ଯୌବନରେ ପଦାର୍ପଣ କରି ପରମ ରୂପଯୌବନ ସମ୍ପନ୍ନା ହେଲେ । ରାଧାଙ୍କ ରୂପ ଓ ଗୁଣର ବିପରୀତ ରୂପ ଓ ଗୁଣ ଧାରଣ କରି ଚନ୍ଦ୍ର ନପୁଂସକ ଚନ୍ଦ୍ର-ଶେଣା ରୂପରେ ସମୁଦ୍ରସେନ ଗର୍ଭରୁ ଜନ୍ମଲାଭ କଲେ । କବି ଚନ୍ଦ୍ରସେଣାର ସ୍ୱଭାବକୁ ଅତି କୁତ୍ସିତ ରୂପରେ ଚିତ୍ରଣ କରି ବର୍ଣ୍ଣନ କରିଛନ୍ତି—

''ଜନ୍ମାଦିରୁ ନୀଚ ପୁରୁଷ ହୋଇ ଗୋଗୋଷ୍ଟେ ଥାଇ, ଦେହର ସୁଖ ନ ଜାଣଇ, ବାସି ଗୁଖିଲା ଭାତ ଖାଇ, ବରଷେ ଛମାସେ ନିଜ ପୁରକୁ ଯାଇ । ନିରନ୍ତରେ ଦୂର ଗୋଗୋଷ୍ଟେ ବିହରଇ ।''

ରାଧା ଏଭଳି କୁତ୍ସିତ ପୁରୁଷ ସହିତ ବିବାହ କରିବାକୁ ପୂର୍ବରୁ ସ୍ଥିରୀକୃତ ହୋଇଥିବା କଥା ଶୁଣି ଦୁଃଖରେ ମ୍ରିୟମାଣା ହୋଇ ପଡ଼ିଲେ ।

''ସଖୀମାନଙ୍କ ମୁଖରୁ ଏମନ୍ତ ଶୁଣି ମନ ବିରସ, ନିଦ୍ରା ନାହିଁ ନୟନରେ ରାତ୍ରୀ ଦିବସ, ତେଜ ହରଷ, ନ ହୁଇ ବେଶ, ନାହିଁ କ୍ଷୁଧା ପିଶା, ନାହିଁ ସୁଖ ହାସ୍ୟ, ସଖିମାନଙ୍କୁ ଦେଖି ନ କରେ ପରିହାସ, ଅନ୍ତେ ବୋଲଇ ଏଣ୍ଡ ବିହି, ଅଛି ମୋର ଏମନ୍ତ ଭବିଷ, ଖାଇବି ବିଷ, ରେ ବିଧତା ତୋତେ ଲାଗୁ ଦୋଷ ।'' (୪୦ ପୃଷ୍ଠା)

ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଚନ୍ଦ୍ରସେଣା ଓ ରାଧାଙ୍କର ନିର୍ବନ୍ଧ ହୋଇ ବିବାହ ଦିବସ ସ୍ଥିର ହେବା ପରେ ସମୁଦ୍ରସେନ ଯମୁନାକୁ ମକର ସ୍ନାନ କରିବାକୁ ଗଲାବେଳେ ଦିବ୍ୟ ବେଶଧାରୀ ବ୍ରାହ୍ମଣକୁ ଦେଖିଲେ । ବ୍ରାହ୍ମଣ ନିଜକୁ ବୃହସ୍ପତି ରୂପରେ ପରିଚୟ ଦେବାରୁ ସମୁଦ୍ରସେନ ତାଙ୍କୁ ଘରକୁ ଡାକି ନେଇ ଚନ୍ଦ୍ରସେଣା ଓ ରାଧାଙ୍କ ବିବାହର ଶୁଭାଶୁଭ ବିଷୟ ପ୍ରଶ୍ନ କଲେ । ବୃହସ୍ପତି କହିଲେ ରାଧାଙ୍କର ଅନୁରାଧା ବିଛା ରାଶି ଓ ଚନ୍ଦ୍ରସେଣାର କୃତ୍ତିକାମେଷ ରାଶି ହେତୁ ରାଶି ମେଳକରେ ଷଷ୍ଟାଷ୍ଟମ ଦୋଷ ରହିଛି । ତେଣୁ ବିବାହ ବେଦୀରେ ହସ୍ତ ବନ୍ଧନ ବେଳରେ ଉଭୟଙ୍କର ମୃତ୍ୟୁ ଘଟିବ । ସମୁଦ୍ରସେନ ଏହା ଶୁଣି ଭୀତତ୍ରସ୍ତ ହୋଇ ବିବାହକୁ ଏଡ଼ାଇ ଦେଇ ପୁତ୍ରକୁ ମୃତ୍ୟୁ ମୁଖରୁ ରକ୍ଷା କରିବା ଉଦ୍ଦେଶ୍ୟରେ ବିବାହ ଦିବସରେ ପତ୍ନୀ ପୁତ୍ର ସହ ଗୋବର୍ଦ୍ଧନ ପର୍ବତକୁ ପଳାଇ ଯାଇ ଆତ୍ମଗୋପନ କଲେ । ଗୋବର୍ଦ୍ଧନ ପର୍ବତରେ ସମୁଦ୍ରସେନ ଅତ୍ୟନ୍ତ ଭୀତତ୍ରସ୍ତ ଓ ଚିନ୍ତାକୁଳ

Digitized by PPRACHIN, SOA

ଅବସ୍ଥାରେ ଭ୍ରମଣ କରୁଥିଲାବେଳେ ଏକ ନୀଳବର୍ଣ୍ଣର ଯୁବା ପୁରୁଷ ଦେଖା-ଦେଇ ସେମାନଙ୍କ ଦୁଃଖ ଓ ଭୟର କାରଣ ପଚାରିଲେ । ଧର୍ମସେନ ବୃହସ୍ପତିଙ୍କ ମୁଖରୁ ଶୁଣିଥିବା ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କରିସାରି କହିଲେ—

"ଏମନ୍ତ ଶୁଣି ଭଏ କଲୁ, କୁମାରକୁ ଘେନି ପଳାଇ ଅଇଲୁ, ପ୍ରାଣେ-ବିକଳେ ଏଥି ପଶିଲୁ, ଯେବେ ବିଭା କରିବୁ, ଏକା ପୁତ୍ରକୁ ନ ପାଇବୁ, ତେବେ ନାସ୍ତି କରିବୁ ଆଉ କି ପ୍ରାଣ ପାଇବୁ ।" (୪୪ ପୃଷ୍ଠା)

ସେହି ଯୁବକ ଜଣକ ହେଉଛନ୍ତି ନିଜେ । ଶ୍ରୀକୃଷ୍ଣ ସେ ନିଜର ପରିଚୟକୁ ସ୍ପଷ୍ଟାର୍ଥରେ ପ୍ରକାଶ କରିବା ହେତୁ ସମୁଦ୍ରସେନ ତାଙ୍କୁ ଚିହ୍ନି ପାରିଲେ ନାହିଁ । କପଟ ବେଶଧାରୀ ଶ୍ରୀକୃଷ୍ଣ କହିଲେ, ତୁମକୁ ଆସନ୍ନ ବିପଦରୁ ରକ୍ଷା କରିବା ପାଇଁ ମୁଁ ତୁମ ପୁତ୍ର ବଦଳରେ ବରବେଶରେ ଯାଇ ରାଧାଙ୍କୁ ବିବାହ କରିବି ଓ ମଧୁଶଯ୍ୟା ରାତ୍ରି ପରେ ତୁମ ପୁତ୍ରକୁ ତାକୁ ସମର୍ପଣ କରିବି । ଏହା ସଙ୍ଗେ ସଙ୍ଗେ ସେ ମଧୁଶଯ୍ୟା ରାତ୍ରିରେ ରାଧାଙ୍କ ଅଙ୍ଗସ୍ପର୍ଶ କରିବେ ନାହିଁ ବୋଲି ସତ୍ୟ ମଧ୍ୟ କଲେ । ସମୁଦ୍ରସେନ ଏ ପ୍ରସ୍ତାବରେ ଆନନ୍ଦିତ ହୋଇ ନିଜ ପୁତ୍ରକୁ ଲୁଚାଇ ରଖି କୃଷ୍ଣଙ୍କୁ ବରବେଶରେ ନେଇ ବୃଷଭାନୁ ପୁରରେ ପହଞ୍ଚିଲେ । ରାଧା ବରଣମାଳା ଦେଇ ବରଣ କରିବା ପରେ ବିବାହ କାର୍ଯ୍ୟ ସମ୍ପନ୍ନ ହେଲା । ସମୁଦ୍ରସେନ ନିକଟରେ କରିଥିବା ପୂର୍ବ ସତ୍ୟ ଅନୁଯାୟୀ କୃଷ୍ଣ ମଧୁଶଯ୍ୟା ରାତ୍ରିରେ ରାଧାଙ୍କ ଅଙ୍ଗସ୍ପର୍ଶ ନ କରି ମୁଖପୋତି ଶୟନ କଲେ । ରାଧା ଏହାର କାରଣ ବୁଝି ନ ପାରି ହତାଶରେ ଅନ୍ୟ ପଲଙ୍କରେ ଶୟନ କଲେ । ରାତ୍ରି ଶେଷରେ କୃଷ୍ଣ ନିଦ୍ରିତା ରାଧାଙ୍କର ଲୋତକ ମିଶ୍ରିତ କଜ୍ଜଳରୁ କିଛି ନେଇ ରାଧାଙ୍କ ପଣତରେ ଗୋଟିଏ ଶ୍ଳୋକ ଲେଖିଦେଲେ । ଲେଖନକାର କିମ୍ବା କବିଙ୍କର ଅଜ୍ଞତାବଶତଃ ଶ୍ଳୋକଟି ଅଶୁଦ୍ଧ ଭାବରେ ସଂସ୍କୃତ ମିଶ୍ରିତ ଓଡ଼ିଆ ଭାଷାରେ ଏହିଭଳି ଲେଖାଯାଇଛି—

"ବେଦୋକ୍ତେ ନକର ଗ୍ରାହି । ସାଧ୍ୱୀଙ୍ଗନା ତ ସ୍ୱଭବିନା
ମମ ପ୍ରାଣେଶ୍ୱରୀ ରାଧା । ସତ୍ୟସନ୍ଧାନ ଲଙ୍ଘଣ ।"

କୃଷ୍ଣ ଏହିଭଳି ଶ୍ଳୋକଟିଏ ଲେଖି ତାହା ସହିତ ସଙ୍କେତ ସ୍ୱରୂପ ଏକ ମୁଦ୍ରିକା ରଖିଲେ ଏବଂ ପାଦତଳରେ ନିଜର ଅଷ୍ଟାଦଶ ଲକ୍ଷଣ ମଣ୍ଡିତ ପାଦଚିହ୍ନ ରଖି ଦେଇ ପୁର ତ୍ୟାଗକରି ଚାଲିଗଲେ । ରାଧା ପ୍ରଭାତରୁ ଉଠି ସ୍ୱାମୀଙ୍କୁ ନ ଦେଖି ଏହି ତିନିଟି ସଙ୍କେତ ଦେଖି ସମସ୍ତ ବିଷୟ ଅନୁମାନ କରି ଆନନ୍ଦିତା ହେଲେ

Digitized by PPRACHIN, SOA

ଓ ସନ୍ତକ ତିନିଟି ରଖିଲେ । ମଧୁଶଯ୍ୟା ରାତ୍ରୀ ପରେ କପଟ ବେଶଧାରୀ କୃଷ୍ଣ ସମୁଦ୍ରସେନ ପୁର ତ୍ୟାଗକରି ଗଲେ । ତାହା ପରଠାରୁ ଚନ୍ଦ୍ରସେଣା ପ୍ରତ୍ୟେକ ଦିନ ରାଧାଙ୍କ ପୁରକୁ ରାତ୍ରି ଅର୍ଦ୍ଧରେ ଲୁଚି ଲୁଚି ଆସି ପଲଙ୍କାନି ପାରି ଭୂମିରେ ଶୟନ କରନ୍ତି ଓ ରାତ୍ରି ପାହିବା ପୂର୍ବରୁ ଗ୍ଳଲିଯାଆନ୍ତି । ଏ ସମ୍ବନ୍ଧୀୟ ନିମ୍ନୋକ୍ତ ଉଦାହରଣକୁ ଲକ୍ଷ୍ୟ କରଯାଇ ପାରେ—

"ସେ ଏକ ଗୁଆଳ, ତୁତେ ଗୁଆଁର, ଅତି ଅବିବେକ, କେତେ ଭାଷଇ ଶୋଷ ଶୋଖ, ସେ ହାଥେ କେନ୍ଦୁ ବାଡ଼ି ଧରି, ମନେ ଭୟକରି ଦାଦ ଲିଭିବା ଜାଣିଗଲା, ପଲଙ୍କ ପାଡ଼ି ଭୂମିରେ ଶୋଇଲା । ମନେ ଦକ ଦକ ହୋଉଥିଲା । ରାତ୍ର ନ ପାହୁଁ ଅଇଲାତ ।" (୫୧ ପୃଷ୍ଠା)

ରାଧା ମଧ୍ୟ ଚନ୍ଦ୍ରସେଣାର ଆଗମନ ଜାଣି ପାରନ୍ତି ନାହିଁ । ରାଧାଙ୍କ ସଖୀମାନେ ରାଧା ଚନ୍ଦ୍ରସେଣାଙ୍କ ରମଣ ଜନିତ ରତି ଚିହ୍ନ ରାଧାଙ୍କ ଠାରେ ନ ଦେଖି ରାଧାଙ୍କୁ ଏହାର ରହସ୍ୟ ପଚ୍ଛରନ୍ତେ ରାଧା ଚନ୍ଦ୍ରସେଣାର ଆଗମନ ସମ୍ବାଦ ନ ଜାଣିବା କଥା କହିଲେ । ତହୁଁ ସଖୀମାନେ ରାତ୍ରିରେ ଲୁଚି ଚନ୍ଦ୍ରସେଣା ଆଗମନକୁ ଅପେକ୍ଷା କଲେ ଓ ନିଶାର୍ଦ୍ଧରେ ବିକୃତ ରୂପଧାରୀ ଚନ୍ଦ୍ରସେଣାର ଚୋରଙ୍କ ଭଳି ଗମନକୁ ଲକ୍ଷ୍ୟ କରି ଚୋର ଭାବି ନିର୍ମମ ଦଣ୍ଡ ଦେଲେ ଓ ତାହାକୁ ବାନ୍ଧି ପକାଇଲେ । ଚନ୍ଦ୍ରସେଣାର ଜନନୀ ପୁଅର ଏ ଦୁର୍ଦ୍ଦଶା ଦେଖି ରାଧାଙ୍କୁ ଆକ୍ଷେପ କରି କହିଲେ—

"ମାଇଲୋ ତୁ ରଜାଝିଅ ହେଲେ କିହେଲା, ଗଉଡ ପୁଅ ହେଲେ କି ପଡି ନୋହିଲା, ଏତ ଅଣରଜ ହୋଇଲା । ମାଇପ ହୋଇ ଗୁରୁସ୍ତକୁ ମାଇଲା ଏ ମଉନ ମୁହାଁ ଏତେ ଗର୍ବ ବୋହିଲା, ପୁଅ ମୋ ହର କି ଦୋଷ କଲା, ପୋଇଲିଙ୍କ ହାତେ ଏ ଦଣ୍ଡ ଦେଲା, ରଜାର ଝିଅ ହେଲେ କି ହେଲା, ହାଥଧରି ବିଭାହେଲା ଯାହାକୁ, ଏମନ୍ତ ଶାସ୍ତି କି ଦେଇ ତାହାକୁ" (୫୩—୫୪ ପୃଷ୍ଠା)

ରାଧାଙ୍କ ପୁରରେ ଚୋର ଗୋଳ ଶୁଣି ବୃଷଭାନୁ ଝିଅ ଜ୍ୱାଇଁଙ୍କୁ ଦେଖିବାକୁ ଆସିଲେ । ଚନ୍ଦ୍ରସେଣା ଯେ ରାଧାଙ୍କୁ ବିଭା ହୋଇଥିବା ପ୍ରକୃତ ବ୍ୟକ୍ତି ନୁହେଁ, ଏହା ଧରା ପଡିଯିବା ଭୟରେ ଚନ୍ଦ୍ରସେଣା ବୃଷଭାନୁଙ୍କୁ ଦେଖି ଲୁଚିଲା । ଚନ୍ଦ୍ରସେଣାର ମା ରାଧାଙ୍କର ଦୋଷ ଦର୍ଶାଇ ବୃଷଭାନୁଙ୍କ ଆଗରେ ଅଭିଯୋଗ ବାଢ଼ି ବସିଲେ । ବୃଷଭାନୁ ରାଧାଙ୍କୁ ଡାକି ରାଧାଙ୍କର ଏ ଦୁଷ୍କର୍ମ ଲାଗି ଭର୍ତ୍ସନା କଲେ ଏବଂ ଏକ ନୂତନ ବିସ୍ତୀର୍ଣ୍ଣ ପୁର ନିର୍ମାଣ କରି ସେଥିରେ

Digitized by PPRACHIN, SOA

ରାଧା ଚନ୍ଦ୍ରସେଣାଙ୍କୁ ରଖାଇ ଚନ୍ଦ୍ରସେଣାର ଯଥୋଚିତ ସେବା କରିବାକୁ ରାଧାଙ୍କୁ ନିର୍ଦ୍ଦେଶ ଦେଇ ଗଲେ ଏବଂ ଏକ ଅମୂଲ୍ୟ ତଡକା ରାଧାଙ୍କୁ ଶ୍ରଦ୍ଧାରେ ଦେଇଗଲେ । ପିତାଙ୍କ ଆଦେଶରେ ରାଧା ଏଣିକି ଚନ୍ଦ୍ରସେଣାଙ୍କୁ ଘୃଣା ନ କରି ଯଥା ଯଥସମ୍ମାନ ପ୍ରଦର୍ଶନ କଲେ ।

ଏଠାରେ ଲକ୍ଷ୍ୟ କରିବାର କଥା ଗୁହେରୀ ଲୀଳା ଗ୍ରନ୍ଥରେ ରାଧା ଶାଶୁ ନଣନ୍ଦଙ୍କ ସାଙ୍ଗରେ ରହିନାହାନ୍ତି କିମ୍ବା ଉପପତି କୃଷ୍ଣଙ୍କ ସହ ଗୋପନ ମିଳନ ଯୋଗେ ଶାଶୁ ନଣନ୍ଦଙ୍କ ଗଞ୍ଜନାର ସମ୍ମୁଖୀନା ହୋଇ ନାହାନ୍ତି । ଚନ୍ଦ୍ରସେଣା ରାଧାଙ୍କୁ ନିଜେ ଉପଭୋଗ-କରିବାକୁ ଅକ୍ଷମ ହେଲେ ମଧ୍ୟ ପୁର ମଧ୍ୟରେ ଅଟକ କରି ରଖି ଗୋଗେଷ୍ଠରେ ସର୍ବଦା ରହିଥାଏ । ଏ ସମ୍ପର୍କରେ କବି ଲେଖିଛନ୍ତି—

"ଚନ୍ଦ୍ରାବଳିକି ଜଗିଆ ଦେଇ, ଅନ୍ତପୁରରେ ରଖାଇ ସେବା କରନ୍ତି ସହସ୍ରେ ପରିଚାରୀ, ବାହାର ନୋହି, ନାନା ରୂପେ ଆକଟ କରାଇ, ସତ୍ୟକରି ତିନିତରୁ ଲଗାଇ, ଆମ୍ବ, ନିମ୍ବ, ତାଳ; ସେ ତରୁ ନ ଫଳନ୍ତି ନବ୍ରତାଳ କେଉଁଣି କାଳ, ଯେଉଁ ତରୁ ସତ୍ୟ ସତ୍ୟ ତିନିବାର କଲି ତୁମ୍ଭଙ୍କୁ ଏହି ନିମନ୍ତେ ଦ୍ୱାରେ ନଗ ଭଳି, ପୁତ୍ର ସମ କରି ପାଳିଲି, ଏ ଯେ ସୁନ୍ଦରୀ ଚନ୍ଦ୍ରାବଳୀ ତ ହା ଚିତ୍ତ ଯେବେ ପୁରୁଷେ ବଳି, ସେହି କାଳେ ତୁମ୍ଭେ ଓହଳିବ ଫଳି । ପୁର ରଖନ୍ତି ସହସ୍ରେ ଦଣ୍ଡୁଆସି ଆଣ୍ଡ, ଅଣ୍ଡିର ଜୀବ ପଡିଲେ ମୁଣ୍ଡକାଟ । × × × × ସହସ୍ରେ ପାଇକ ଥାନ୍ତି ରାତ୍ର ଦିବସେ ଆବୋରି, ଚନ୍ଦ୍ରସେଣା କୁମର ଅଇଲେ ସେ ଦ୍ୱାର ଫିଟଇ, ଗୋଗୋଷ୍ଠେ ଗଲେ ପୁଣ ପଡଇ । ବାରି ଦ୍ୱାରେ ଦ୍ୱାରୀ ଚିହ୍ନି ଛାଡଇ । ଏମନ୍ତେ ଗଉଡ ଗୋଷ୍ଠେ ଯାଇ । ଜେମା-ଦେଈ କଥା ମନେକରୁ ଥାଇ । ସେ ରାଧିକ କୁ ପତି ପଣେ କେମନ୍ତେ ଅଟଇ । ମର୍କଟ ଗଳ ରେ ଯେହ୍ନେ କୁସୁମ ମାଳା ଘଟଇ ।" (୩୪—୩୫ ପୃଷ୍ଠା)

ମଧୁଶଯ୍ୟା ରାତିରେ ଭେଟିଥିବା କୁମର ଲାଗି ରାଧାଙ୍କର ଅନ୍ତର୍ଗତ ବେଦନା ଭସ୍ମାଚ୍ଛଦିତ ଅଗ୍ନି ଭଳି କାମ କରୁଥାଏ—

"ସେ ରାଧା ଅନ୍ତଃପୁରେ ରହି ମନ ବିରସ ନୁହଇ ପ୍ରକାଶ, ବିନା କାନ୍ତରୂପ ଖବଈ ରାତ୍ର ଦିବସ, କାହାରି ମୁଖେ ନ ପାଇ ସନ୍ଦେଶ, ନ ଦେଖଇ ସେ କୁମର ଶୋଭା ଲେଶ, ଜଗତେ ଅପଖ୍ୟାତି ଶାଶୁ ଶ୍ୱଶୁର ଭୟେ, ପିତା ବଚନ ପାଳି ଚନ୍ଦ୍ରସେନକୁ ଆଦରି ବିନୟେ । ଅନ୍ତପୁରୁ ବାହାର ଯେ ନୁହଇ, ଅନ୍ୟ ପୁରୁଷ ମୁହଁ ଚାହିଁଲେ ଶତେ ମାତ ସୁବର୍ଣ୍ଣ ଦେଇ ।" (୫୭ ପୃଷ୍ଠା)

Digitized by PPRACHIN, SOA

ଏ ପର୍ଯ୍ୟନ୍ତ ରାଧା ଚନ୍ଦ୍ରସେଣା ଓ କୃଷ୍ଣଙ୍କ ସମ୍ପର୍କରେ ଯେଉଁ କଥା-ବସ୍ତୁର ଅବତାରଣା କରଯାଇଛି, ସେଥିରେ ରାଧା କୃଷ୍ଣ ପ୍ରେମକୁ ଦାମ୍ପତ୍ୟବନ୍ଧ ମଣ୍ଡିତ, ସ୍ୱକୀୟାନୁରଞ୍ଜିତ ତଥା ଶାସ୍ତ୍ର ସମ୍ମତ କରିଥିବାର ଦୃଢ଼ ପ୍ରଚେଷ୍ଟା ପରିଲକ୍ଷିତ ହୁଏ । ରାଧା ଚନ୍ଦ୍ରସେଣାର ପତ୍ନୀ ନୁହଁନ୍ତି, କୃଷ୍ଣଙ୍କର ଅର୍ଦ୍ଧାଙ୍ଗିନୀ । ବିବାହ ବେଦୀ ଓ ମଧୁଶଯ୍ୟା ରାତ୍ରିରେ ତାହା ସ୍ୱୀକୃତ ହୋଇଯାଇଛି । ଚନ୍ଦ୍ରସେଣାର ସ୍ୱାମୀତ୍ୱ ମଳିନ, ନିଷ୍ପ୍ରଭ, ସେ ସ୍ୱାମୀତ୍ୱ ପକ୍ଷରେ ଶାସ୍ତ୍ର ସମର୍ଥନ ନାହିଁ । ସେ କେବଳ ରକ୍ଷକ, ମାତ୍ର ଭୋକ୍ତା ହେଉଛନ୍ତି ଶ୍ରୀକୃଷ୍ଣ । ସେଥିପାଇଁ ରାଧାଙ୍କୁ ପ୍ରଥମରେ ବସୁଦେବ ପତ୍ନୀ ଲକ୍ଷ୍ମୀ ରୂପେ ଚିହ୍ନିତ କରାଯାଇଛି । ବ୍ରହ୍ମବୈବର୍ତ୍ତ ପୁରାଣର ରାଧାକୃଷ୍ଣ ବିବାହକୁ ଏଠାରେ ଆହୁରି ମାର୍ଜ୍ଜିତ ଓ ଧର୍ମ ଦ୍ୱାରା ଅନୁମୋଦିତ ରୂପେ ଉପସ୍ଥାପନା କରଯାଇଛି । ଈଶ୍ୱର ଈଶ୍ୱରୀ ରୂପେ ପରିକଳ୍ପିତ କୃଷ୍ଣ ରାଧାଙ୍କର ପ୍ରେମକୁ ସ୍ୱକୀୟାତ୍ୱ ଅର୍ପଣ କରିବା ଓଡ଼ିଶାର ଚିନ୍ତା ପରମ୍ପରା ଥିଲା । ଜୟଦେବଙ୍କ ଗୀତଗୋବିନ୍ଦରୁ ଏହି ପ୍ରୟାସ ପରିଲକ୍ଷିତ ହୁଏ । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଯେଉଁଠି ରାଧାଙ୍କୁ ବ୍ୟଭିଚାରିଣୀ ଦୋଷଦୁଷ୍ଟା କରଯିବାର ଚେଷ୍ଟା ହୋଇଛି, ସେଠାରେ ରାଧାଙ୍କୁ ଦେବୀତ୍ୱ ଅର୍ପଣ କରଯାଇ ନାହିଁ । ସେଠାରେ ସେ ସାଧାରଣ ଗୋପାଳୁଣୀ ହୋଇ ରହିଯାଇଛନ୍ତି । ସପ୍ତଦଶ ଶତାବ୍ଦୀ ବେଳକୁ ଚୈତନ୍ୟ ପନ୍ଥୀ ଚିନ୍ତା-ଧାରର ହ୍ଲାଦିନୀ ଶକ୍ତିର ସାରଭୂତା ଶ୍ରୀରାଧା ଓ ପଞ୍ଚସଖାଦି ଗୋଷ୍ଠୀର ଜ୍ଞାନ ମିଶ୍ର ଭକ୍ତି ମାର୍ଗର ସହସ୍ରାର ଜଳଚକ୍ରସ୍ଥ ଆଦିଶକ୍ତି ଓ ପ୍ରକୃତି ରୂପିଣୀ ଜ୍ୟୋତିର୍ମୟୀ ଶ୍ରୀରାଧା କ୍ରମଶଃ ସୁପ୍ରତିଷ୍ଠିତା ହୋଇ ଲୋକକଥାର ସାଧାରଣୀ ଦ୍ୱିଚାରିଣୀ ରାଧାଙ୍କୁ ଚିନ୍ତା ତଟରୁ ଅପସାରଣ କରିବାକୁ ଆରମ୍ଭ କରିଥିଲେ । ବନମାଳୀ ଦାସ ପରେ ଗୁଚେରୀ ଲୀଳରେ ଏ ପ୍ରଚେଷ୍ଟା ଅଧିକ ସୁସ୍ପଷ୍ଟ ଭାବରେ ପରିଲକ୍ଷିତ ହୁଏ ।

"ଗୁଚେରୀ ଲୀଳା"ରେ ରାଧା କୃଷ୍ଣଙ୍କର ପରସ୍ପର ପ୍ରତି ଅନୁରାଗ ବର୍ଦ୍ଧନ ମିଳନୋତ୍କଣ୍ଠା ଓ ମିଳନ ଲାଗି ଯେଉଁ ଉଦ୍ୟମ ଓ ପରିବେଶ ସୃଷ୍ଟି କରଯାଇଛି, ତାହା ଅତି ରମଣୀୟ ହୋଇଛି ଏବଂ ସେଥିରେ କବିଙ୍କର ରୁଚି-ଗର୍ଭକ ସୂକ୍ଷ୍ମ-କାମକଳା-ଜ୍ଞାନ-ନୈପୁଣ୍ୟ ବ୍ୟଞ୍ଜିତ ହୋଇଛି । ଏହା ଛଡ଼ା ତନ୍ତ୍ର ପ୍ରଭାବିତ ପରକୀୟା ପ୍ରେମ ପୀଡ଼ିତ ସମାଜରେ ସୁନ୍ଦରୀ ପରନାରୀ-ମାନଙ୍କୁ ସମ୍ଭୋଗ ଉଦ୍ଦେଶ୍ୟରେ ବଶୀଭୂତ କରିବା ପାଇଁ ହିନ୍ଦୁ ତାନ୍ତ୍ରିକ ତଥା ବୌଦ୍ଧ ତାନ୍ତ୍ରିକ ପ୍ରଥାରେ ଯେଉଁ ମନ୍ତ୍ର, ଯନ୍ତ୍ର, ତନ୍ତ୍ର, ଚେରମୂଳ, ଅଞ୍ଜନ, ଧୂଳି ଇତ୍ୟାଦି କ୍ଷୁଦ୍ର ତାନ୍ତ୍ରିକ ଅଭିଚାରର ଆଶ୍ରୟ ନିଆଯାଉଥିଲା, ତାହାର ଏକ

Digitized by PPRACHIN, SOA

ଆଲେଖ୍ୟ ଏଥିରେ ଦେଖିବାକୁ ମିଳେ । କବି କୃଷ୍ଣଙ୍କ ଠାରେ ଚତୁରତା, ରସିକତା ତଥା କାମୁକତା ସନ୍ନିବେଶ କରିବାରେ ପଶ୍ଚତ୍‌ପଦ ନ ହୋଇ-ଥିଲେ ସୁଦ୍ଧା ଶ୍ରୀରାଧା ଚରିତ୍ରକୁ ନିଷ୍କଳଙ୍କ ରଖିବାକୁ ଯଥାସାଧ୍ୟ ଚେଷ୍ଟା କରିଛନ୍ତି ।

ଶ୍ରୀରାଧାଙ୍କ ଲାଗି ଶ୍ରୀକୃଷ୍ଣଙ୍କ ଅନ୍ତରରେ ପ୍ରଥମ ଶୃଙ୍ଗାରଭାବର ସ୍ଫୁରଣ ଲାଗି ଯେଉଁ ପରିବେଶଟି ସୃଷ୍ଟି କରଯାଇଛି, ତାହା ହେଉଛି ରାଧାଙ୍କର ତଡକୀ ହଜିବାକୁ କେନ୍ଦ୍ରକରି । ଅଚ୍ୟୁତାନନ୍ଦ ଦାସଙ୍କର ଗୋପାଳଙ୍କ ଓଗାଳ ନାମରେ ମିଳୁଥିବା ମୁଦ୍ରିତ ପୁସ୍ତକରେ ଏହି ଉପାଖ୍ୟାନକୁ ସଂକ୍ଷେପରେ ବର୍ଣ୍ଣନା କରା-ଯାଇଛି । ସାରଳା ଦାସଙ୍କ ମହାଭାରତ କିମ୍ବା ଅନ୍ୟ କୌଣସି ପୁରାଣରେ ଏହି ଉପାଖ୍ୟାନଟି ଦେଖିବାକୁ ମିଳେନାହିଁ । ଅଷ୍ଟାଦଶ ଶତାବ୍ଦୀର କବି ନାରାୟଣ ଦାସଙ୍କର 'ପଞ୍ଚାମୃତ ସିନ୍ଧୁ ବିନ୍ଦୁ' ନାମକ କାବ୍ୟରେ ଗୁଡେରୀ ଲୀଳାର ତଡକୀ ହଜିବା ଉପାଖ୍ୟାନଟି ପୂର୍ଣ୍ଣଭାବରେ ଗୃହୀତ ହୋଇଛି । ବିପ୍ର କଣ୍ଠ ଦାସଙ୍କର 'ନାପୋଇ'ରେ ରାଧାଙ୍କର ତଡକୀ ହଜିବା ଘଟଣାଟି ରୂପାୟିତ ହୋଇଥିଲେ ସୁଦ୍ଧା ତାହା ସହିତ ଶ୍ରୀକୃଷ୍ଣଙ୍କ ଦୋଳଯାତ୍ରାକୁ ସମ୍ପର୍କିତ କରଯାଇ ନାହିଁ । ଅଚ୍ୟୁତାନନ୍ଦ ଦାସଙ୍କ 'ଗୋପାଳଙ୍କ ଓଗାଳ'ରେ ରାଧାଙ୍କର ତଡକୀ ହଜିବା ସଙ୍ଗରେ କୃଷ୍ଣଙ୍କର ଦୋଳଯାତ୍ରା ଭିଆଣକୁ ଏକ ସୂତ୍ରରେ ଗ୍ରଥିତ କରା-ଯାଇଛି ସତ, କିନ୍ତୁ 'ଗୁଡେରୀ ଲୀଳା' ଓ 'ପଞ୍ଚାମୃତସିନ୍ଧୁ ବିନ୍ଦୁ'ରେ ତଡକୀ ହଜିବାଉପାଖ୍ୟାନ ସହିତ ତଡକୀ ଉଦ୍ଧାର ଓ ରାଧା ପ୍ରାପ୍ତି ନିମିତ୍ତ କୃଷ୍ଣଙ୍କର ବିଭିନ୍ନ ତାନ୍ତ୍ରିକ କୌଶଳ ଯେଉଁଭଳି ଭାବରେ ବର୍ଣ୍ଣିତ ହୋଇଛି ତାହା ଗୋପାଳଙ୍କ ଓଗାଳ'ରେ ଦେଖିବାକୁ ମିଳେନାହିଁ ।

ଗୁଡେରୀ ଲୀଳାରେ ବର୍ଣ୍ଣିତ ରାଧାଙ୍କର ତଡକୀ ହଜିବା ଓ ରାଧା ମିଳନ ଲାଗି କୃଷ୍ଣଙ୍କର ବିଭିନ୍ନ କୌଶଳ ଅବଲମ୍ବନ କରିବା ଘଟଣାକୁ ସଂକ୍ଷେପରେ ନିମ୍ନରେ ଦିଆଗଲା—

ଥରେ ରାଧା ନିଜ ଅନ୍ତଃପୁରସ୍ଥ ପୁଷ୍କରିଣୀରେ ସ୍ନାନ କରୁଥିବା ସମ-ୟରେ ତାଙ୍କର ମୂଲ୍ୟବାନ ତଡକୀ (କର୍ଣ୍ଣାଳଙ୍କାର) ହଜାଇ ଦେଲେ । ଏହି ମୂଲ୍ୟବାନ ତଡକୀ ଉତ୍ପତ୍ତି ସମ୍ପର୍କରେ ଏହିଭଳି ବିବରଣୀ ଦିଆଯାଇଛି—

"ଏ ଅମୋଘ ତଡକୀର ଗୁଣ, କ୍ଷୀରୋଦଧି ମନ୍ଥନରୁ ଉପୁଜିଲା । ବ୍ରହ୍ମା ଘେନି ଅଦିତିଙ୍କୁ ଦେଲା, ଯୋଗ ଜୁରକାଳେ ନାରକାସୁର ଅଦିତି କର୍ଣ୍ଣରୁ ଏ ତଡକୀ ଅଣିଲା, କଂସରାଜା ଦିଗ୍ବିଜୟକାଳରେ ଅକ୍ଷତ କଲା । ସେ କଂସ ବୃଷଭାନୁ

Digitized by PPRACHIN, SOA

ଭାର୍ଯ୍ୟାକୁ କାଳେ ବନ୍ଦୀ କରିନେଲା । ବୃଷଭାନୁ ଭୟେ ମିତ୍ର ହୋଇ ପ୍ରୀତି କଲା । ଏ ଅମୂଲ୍ୟ ତଡକୀ ବୃଷଭାନୁ ପାଟ ମହାଦେଈକି ଦେଲା । ଅନେକ ସ୍ତୁତି କରି ପୁତ୍ରକୁ ପଠିଆଇଲା । ସେ ବୃଷଭାନୁ ଏ ଚନ୍ଦ୍ର ସମ୍ପନ୍ନ ଥିଲା । ଚନ୍ଦ୍ରସେନ କୁମରକୁ ଦେହିତା ପ୍ରଦାନ କଲା । ସେ'ତ ଅଙ୍ଗ'ଣ ସୁକୁମାରୀ, ଚନ୍ଦ୍ରସେଣ ପୁତ୍ରର ମନ ବିଚଳିତ । ତେଣୁ ବୃଷଭାନୁ ବିଚାରି ଏ ମୋହ ତଡକୀ ଦେଲା ମନେ ଭାଳି । ଏଣୁ ସେ କୁମାରୀ ମନ ବିଷାଦ ନୋହୁଇ ।'' (୭୬ ପୃଷ୍ଠା)

ଏହି ତଡକୀକୁ ମାଛ ଗିଳିଦେଲା । ଚିଲ ସେ ମାଛଟିକୁ ନେଇ ବୃନ୍ଦାବନର କଦମ୍ବ ଗଛ ଉପରେ ବସି ଖାଇଲାବେଳେ ତଡକୀଟି ଗଳିପଡ଼ିଲା । କୃଷ୍ଣଙ୍କର ସଖାମାନେ ଉଜ୍ଜ୍ୱଳ ଜ୍ୟୋତିବିଶିଷ୍ଟ ତଡକୀଟି ପାଇ କୃଷ୍ଣଙ୍କୁ ଦେଖାଇଲେ । କୃଷ୍ଣ ତଡକୀ ଶୋଭାରେ ମୁଗ୍ଧ ହୋଇ, ସେହି ତଡକୀ କେଉଁ ସୁନ୍ଦରୀ ନାରୀର ହୋଇଥିବ ତାହା ଜାଣିବା ପାଇଁ ଏକ ବିମାନ ଆଗରେ ତାକୁ ରଖି ଦୋଳ ଉତ୍ସବ ସୃଷ୍ଟି କଲେ । ପ୍ରତି ପୁରର ପୁରେ ଦୋଳ ବିମାନ ବୁଲିଲା । ଗୋପାଳମାନେ ନୂତନ ଦୋଳ ଉତ୍ସବରେ ଉନ୍ମତ୍ତ ହୋଇ ନୃତ୍ୟ କଲେ । ଦୋଳବିମାନ ରାଧାଙ୍କ ପୁର ନିକଟରେ ପହଞ୍ଚିଲାବେଳେ ରାଧା ସଖୀମାନଙ୍କୁ ଧରି ପ୍ରାଚୀର ନିକଟକୁ ଆସି ଗବାକ୍ଷ ବାଟେ ଉତ୍ସବ ଦେଖିଲେ । ରାଧାଙ୍କର ଦନ୍ତପନ୍ତିର ଦିବ୍ୟ ଜ୍ୟୋତିରେ ଚନ୍ଦ୍ର ତଡକୀର ଜ୍ୟୋତି ଦ୍ୱିଗୁଣିତ ହୋଇଉଠିଲା ଓ ରାଧାଙ୍କ ଅଙ୍ଗସୌରଭରେ ରାଜପଥ ସୁବାସିତ ହୋଇଗଲା । କୃଷ୍ଣ ଓ ତାଙ୍କର ସଖାମାନେ ରାଧାଙ୍କର ଏ ଅପୂର୍ବ ରୂପଲାବଣ୍ୟରେ ମୁଗ୍ଧ ହୋଇଗଲେ । ରାଧା ନିଜର ତଡକୀକୁ ଦେଖି ଚିହ୍ନିପାରି କାମସେନୀ ନାମକ ଦୂତୀକୁ କୃଷ୍ଣଙ୍କ ନିକଟରୁ ତଡକୀ ମାଗି ଆଣିବାକୁ ପଠାଇଲେ । କୃଷ୍ଣ କାମସେନୀ ନିକଟରୁ ରାଧାଙ୍କର ସମସ୍ତ ରୂପ ଗୁଣ ଶ୍ରବଣ କରି କାମବିହ୍ୱଳ ହୋଇପଡ଼ି କାମସେନୀ ନିକଟରେ ରାଧାଙ୍କ ଦର୍ଶନଭିକ୍ଷା କଲେ । କାମସେନୀ ଦୂତୀ କୃଷ୍ଣଙ୍କୁ ରାଧା ଦର୍ଶନ ସମ୍ପୂର୍ଣ୍ଣ ଅସମ୍ଭବ ବୋଲି ଜଣାଇଦେବାରୁ କୃଷ୍ଣ ଅତି ବ୍ୟାକୁଳ ହୋଇ ନିଜ ଗଳାରୁ ମୋତିମାଳା କାଢ଼ି ଦୂତୀକୁ ଦେଇ ମିଳନର ଉପାୟ କରିବାକୁ ଅନୁରୋଧ କଲେ । ଦୂତୀ କହିଲା—

''ସେ ଦୂତୀ ସିଆଣ ଯୁବତୀ, ବୋଇଲା ଯେ ଶୁଣ ଅବୋଧ ଯୁବତୀ, ତୁମ୍ଭ ବିନତି, କେମନ୍ତେ ନ ଘେନନ୍ତି । ତା ପାଶେ ଥିବି ନିତି, କେମନ୍ତେ କରିବି ଅନୀତି । ସେ'ତ ସତୀ, ଧୀର ଧାର୍ମିକ ପଣ, ନ ପୁଷ ଚଳଇ ଅବିଗୁଣ ଘେନି । ତୁମ୍ଭ ମତେ ତୁମ୍ଭେ ଉପାଏ କର । ମୁହିଁ ହୋଇଲି ତୁମ୍ଭର, କେହି ନ ଜାଣିମେଟି ଏ ବିଚାର ।'' (୭୦ ପୃଷ୍ଠା)

Digitized by PPRACHIN, SOA

ଦୂତୀ ରାଧାଙ୍କ ପାଖରେ ପ୍ରହଞ୍ଚି ରାଧାଙ୍କୁ ଜଣାଇ ଦେଲା - କୃଷ୍ଣ କହିଲେ ଯାହାର ତତକା ସେ ନିଜେ ଆସି ନ ମାଗିଲେ ସେ ତତକାକୁ ଦେବେ ନାହିଁ । କୃଷ୍ଣ ରାଧାଙ୍କ ରୂପ ଶ୍ରବଣରେ ଯେପରି ମୁଗ୍ଧ ହୋଇ ପଡ଼ିଥିଲେ, ରାଧା ମଧ୍ୟ କୃଷ୍ଣଙ୍କ ଦର୍ଶନରେ ମୁଗ୍ଧ ହୋଇ ନିଜ ଅନ୍ତରର ପରିଚୟ ଦୂତୀ ଆଗରେ ଦେଲେ ।

"ଠାକୁରାଣୀ ପୁଚ୍ଛା କଲେ, ଶୁଣ କାମସେଣୀ ସଖି, ଏ କୁମର କିଏ ବନ୍ଧ, କାହାର ପୁଅ, ନୀଳମଣି ଦେହ, ନୟନ ଅଞ୍ଜନ ରେହ, କିଂଶୁକ କଳି କର୍ଣ୍ଣେ, ରବିଙ୍କର ବରନ, ଶ୍ରୀବତ୍ସ ଲାଞ୍ଛନ, ମଣିହାର ଭୂଷଣ, ଅଙ୍ଗେ କର୍ପୁର ଚୁଆ ଚନ୍ଦନ, କରେ ସୁ ମୁରଲୀ, ଅଙ୍ଗେ ଫଗୁଧୂଳି, ନାଶେ ଗଜମୁକ୍ତାଳୁଳି, ରଙ୍ଗ ଜ ମୁକ୍ତାଳି, ଗୁଞ୍ଜମାଳି, କର୍ଣ୍ଣାଞ୍ଜଳ, ନାନା ସୁବାସ ଫୁଲ, ମନ୍ଦ ମନ୍ଦ ହାସ, ଅପାଂଗ କାମପାଶ, ଫଗୁ ଖେଳେ ସୁରଙ୍ଗ, ଅଧର ରଙ୍ଗୁରଙ୍ଗ, ଭ୍ରୂଲତା କାମ କୋଦଣ୍ଡ, ହୃଦୟ ବିପୁଳ ବାହୁ ବିସ୍ତାର, ଏ କୁମର ଦ୍ରଶନେ ସକଳ ପ୍ରାଣୀ ନିସ୍ତାର, ଏ ମୋହନ ତନୁ, ନ ଛାଡେ ନୟନ । (୭୨ ପୃଷ୍ଠା)

ଅନ୍ୟତ୍ର କବି ରାଧାଙ୍କ ଅନ୍ତରର ଭାବକୁ ରୂପଦେଇ ଲେଖିଛନ୍ତି — "ଏତ ନନ୍ଦଙ୍କ କୁମର ଅଟନ୍ତି । ଏହାଙ୍କୁ ପତି କରିବା ଚିତ୍ତ ଖଟଇ, ନିଷ୍ଟେ ମୋର ପ୍ରଭୁଙ୍କୁ ଲକ୍ଷିଲେ, ବାରେ ନ ଗଞ୍ଜିଲେ, ଏ କୁମର ଦେଖନ୍ତେ ଶରଧା, ମଦନ କରେ ବାଧା, ନୟନ ସଙ୍ଗେ ମନ ପଡ଼ିଲା ବନ୍ଧା । ଏତେ ବୋଲି ବିରସେ ପୁରକୁ ଚଳିଲେ ରାଧା, ଯେଣିକି ଗୃହିଁଲେ ସେ କୁମର ରୂପ ଦିଶଇ, ବିକାର ଭାବେ ମନ ରସଇ, ଅନୁରାଗ ରସଇ ।" (୭୪ ପୃଷ୍ଠା)

ତୋଳନ୍ତେ ବ ଶେଷରେ କୃଷ୍ଣ ରାଧାଙ୍କୁ ପାଇବା ଲାଗି ଅଧୈର୍ଯ୍ୟ ହୋଇ ପଡ଼ିଲେ । କାମାନନ୍ଦ ନାମକ ଯୋଗୀ ଗୋପପୁରକୁ ଆସି ନିଜର ତନ୍ତ୍ର ବିଦ୍ୟାର ପ୍ରଭାବ ଦେଖାଇ ଗୋପପୁରବାସୀଙ୍କୁ ମୁଗ୍ଧ କରୁଥିବାର ଜାଣି କୃଷ୍ଣ ମିତ୍ର ସହିତ ତାହାଙ୍କ ପାଖକୁ ଯାଇ ରାଧା ପ୍ରାପ୍ତିର ଉପାୟ ସ୍ୱରୂପ ମୋହନ ବଂଶୀ ଓ ମନ୍ତ୍ରୌଷଧି ଲାଭ କଲେ । ସେହି ମନ୍ତ୍ରୌଷଧି କୃଷ୍ଣ ଗ୍ରିବି ପ୍ରକାର ଉପାୟରେ ପ୍ରୟୋଗ କରିଥିବାର ବର୍ଣ୍ଣନା ରହିଛି । ନାରାୟଣ ଦାସଙ୍କର "ପଞ୍ଚାମୃତ ସିନ୍ଧୁ ବିନ୍ଦୁ" କାବ୍ୟରେ ଅବିକଳ ଏହି ପ୍ରସଙ୍ଗ ଦିଆଯାଇଛି ।

ପ୍ରଥମେ ରାଧାଙ୍କ ରଜକିନୀ ନେତେଇ ଧୋବଣୀ ପାଖକୁ କୃଷ୍ଣ ତାଙ୍କର ମିତ୍ର ସହ ଗଲେ । ପରିକଳ୍ପିତ ଯୋଜନା ଅନୁଯାୟୀ କୃଷ୍ଣଙ୍କର

Digitized by PPRACHIN, SOA

ମିତ୍ର ନେଡେଇ ଧୋବଣୀ ସହ ବିଭିନ୍ନ ପ୍ରକାର କଥୋପକଥନ କରୁଥିଲାବେଳେ, କୃଷ୍ଣ ବାଲିରେ ଶୁଖୁଥିବା ରାଧାଙ୍କ ଶାଢୀ ଉପରେ ଚାଲିଯାଇ ପାଦ ଧୂଳି ଓ ଅଷ୍ଟଦଶ ଲକ୍ଷଣ ଚିହ୍ନଯୁକ୍ତ ପଦଚିହ୍ନ ଛାଡ଼ିଦେଇ ନେଡେଇ ଧୋବୁଣୀ ପାଖରେ ପହଞ୍ଚି ନିଜ ଲୁଗା ସଫା କରିଦେବାକୁ କହିଲେ । ଧୋବଣୀ ଲୁଗା ସଫା କରିଦେବା ପରେ ଦୁଇ ମିତ ଫେରି ଆସିଲେ । ଧୋବଣୀ କୃଷ୍ଣଙ୍କର କୌଶଳ ପୂର୍ଣ୍ଣ କାର୍ଯ୍ୟ ଜାଣି ନ ପାରି ଶାଢୀ ନେଇ ରାଧାଙ୍କୁ ଦେଲା । ରାଧାଙ୍କର ସଖୀମାନେ ଶାଢୀରେ ଅଷ୍ଟାଦଶ ଲକ୍ଷଣ ଯୁକ୍ତ ପୁରୁଷ ପାଦଚିହ୍ନ ଦେଖି ରାଧାଙ୍କୁ ଜଣାଇଲେ । ରାଧାଙ୍କର ମନୋଭାବକୁ କବି ବର୍ଣ୍ଣନା କରି ଲେଖିଛନ୍ତି —

"ଶ୍ରୀ ପାଦପଦ୍ମ ଅଷ୍ଟଦଶ ଚିହ୍ନ ସହିତେ ଦର୍ଶନ କଲେ । ଠାକୁରାଣୀ ଦେଖି ହୃଦପଦ୍ମେ ଭାଳିଲେ । ଆନନ୍ଦ ନଦୀରେ ଉଛୁଳିଲେ । ବିଚାରିଲେ ମୋର ପ୍ରାଣନାଥ ଆସି ଏ ନଗ୍ରେ ମିଳିଲେ ।" (୮୨ ପୃଷ୍ଠା)

ଧୋବଣୀ ଠାରୁ କୃଷ୍ଣଙ୍କର ଲୁଗା ତୁଠକୁ ଆଗମନ ସମ୍ବାଦ ଶୁଣି ରାଧା ଅନ୍ତରରେ ଆନନ୍ଦିତା ହେଲେ ସୁଦ୍ଧା ବାହାରେ ନିମ୍ନମତ ଭାବ ପ୍ରକାଶ କରି କହିଲେ, ପୁରୁଷ ଅଙ୍ଗର ସ୍ପର୍ଶ ଲାଭ କରିଥିବା ବସ୍ତ୍ର ମୁଁ ପିନ୍ଧିବି ନାହିଁ । ଏହାକୁ ପ୍ରତିମାମାନଙ୍କୁ ପିନ୍ଧାଇ ଦିଅ ଓ ଧୋବଣୀକୁ ଲକ୍ଷେ ସୁବର୍ଣ୍ଣ ଦେଇ କାମ ଛଡ଼ାଇ ଦିଅ । ସଖୀମାନେ ସେହି ଅନୁଯାୟୀ ପ୍ରତିମାମାନଙ୍କୁ ବସ୍ତ୍ର ପିନ୍ଧାଇ ଦେଲେ । ରାତ୍ରି ସମୟରେ କୃଷ୍ଣ ବୃନ୍ଦାବନକୁ ଯାଇ କୁଞ୍ଜରେ ବସି କାମାନନ୍ଦଙ୍କ ମନ୍ତ୍ରପଢି ରାଧାଙ୍କୁ ଉଚ୍ଚାଟ କରିବାକୁ ଲାଗିଲେ —

"ତରୁ ତଳେ ବସନ୍ତି, କାମାନନ୍ଦ ମନ୍ତ୍ର ଘୋଷନ୍ତି, ସେ ଅଷ୍ଟଚକ୍ର ବାସ ଯୌବନ ଯୁବତୀ ପରିହରଣ କଲା, ସେ କୁଞ୍ଜବନକୁ ଆସୁ, ଲାଜ ଯାଉ, ବଜ୍ର କବାଟ ଫେଡୁ, ଭୟ ଫିଟୁ, ଧୀର ଧୈର୍ଯ୍ୟ ତୁଟୁ, ଏକାନ୍ତେ ଭେଟୁ ।"
(୮୨ ପୃଷ୍ଠା)

କୃଷ୍ଣ ମନ୍ତ୍ରପଢି ଡାକିବାରୁ, କୃଷ୍ଣଙ୍କ ପାଦଧୂଳି ମଣ୍ଡିତ ଶାଢୀ ପିନ୍ଧିଥିବା ପ୍ରତିମାଗଣ ଜୀବନ୍ୟାସ ଲାଭକରି ରାଧାଙ୍କ ପୁରରୁ ବାହାରି ଧାଇଁ ଧାଇଁ ବୃନ୍ଦାବନରେ ପହଞ୍ଚି ବୃକ୍ଷମାନଙ୍କରେ ଲାଗି ରହିଲେ । କୃଷ୍ଣ ରାଧାଙ୍କ ବଦଳରେ ବୃନ୍ଦାବନ ଆଗମନ ଦେଖି ଦୁଃଖିତ ହେଲେ ଏବଂ ପୁନଶ୍ଚ ଅନ୍ୟ ତାନ୍ତ୍ରିକ କୌଶଳମାନ ଅବଲମ୍ବନ କଲେ । ମିଳିଥିବା "ଗୁଚେରୀ ଲୀଳା" ପୋଥିର ଶେଷଅଡକୁ ଅନେକଗୁଡ଼ିଏ ପତ୍ର ନଷ୍ଟ ହୋଇ ଯାଇଥିବାରୁ ରାଧାଙ୍କ

Digitized by PPRACHIN, SOA

ସଂଘ ମିଳନ ନିମିତ୍ତ କୃଷ୍ଣଙ୍କର ପରବର୍ତ୍ତୀ ପଦକ୍ଷେପ ଗୁଡ଼ିକର ପୂର୍ଣ୍ଣାଙ୍ଗ ଚିତ୍ର ମିଳିବା କଷ୍ଟସାଧ୍ୟ । ତେବେ ନାପିତୁଣୀ, ମାଳ୍ୟାଣୀ ପ୍ରଭୃତିଙ୍କ ସହାୟରେ କୃଷ୍ଣ ତନ୍ତ୍ର ପ୍ରୟୋଗ କରିଥିବାର ଆଭାସ ଛିନ୍ନ ପତ୍ରଗୁଡ଼ିକରୁ ମିଳୁଛି ଏବଂ ଏ ସମ୍ପର୍କରେ ଯାହାକିଛି ସାମାନ୍ୟ ବିବରଣୀ ମିଳୁଛି, ତାହା ସହିତ ପରବର୍ତ୍ତୀ କାଳର କବି ନାରାୟଣ ଦାସ (୧୮ଶ ଶତାବ୍ଦୀ)ଙ୍କର 'ପଞ୍ଚାମୃତ ସିନ୍ଧୁବିନ୍ଦୁ' ※ କାବ୍ୟର ବିବରଣୀ ସହ ମେଳ ରହିଛି । ଉକ୍ତ ବିବରଣୀ ହେଉଛି—

କୃଷ୍ଣ ରାଧାଙ୍କ ନାପିତୁଣୀ ପାଖରେ ପହଞ୍ଚି ଗୋଡରୁ କଣ୍ଟା କାଢିବା ଆଳରେ ରାଧାଙ୍କ ପାଦଲାଗି ପାଇଁ ଥିବା ଅଳତାକୁ ମନ୍ତ୍ର କରିଦେଲେ । ନାପିତୁଣୀ ରାଧାଙ୍କୁ ଅଳତା ଲଗାଇ ଦେବାକୁ ପହଞ୍ଚନ୍ତେ ରାଧା ନାପିତୁଣୀ ଦେହରେ କୃଷ୍ଣଙ୍କ ପାଦର ଅଷ୍ଟାଦଶ ଲକ୍ଷଣ ଚିହ୍ନ ଦେଖି ଓ ନାପିତୁଣୀ ଠାରୁ କୃଷ୍ଣ ଆସିଥିବା ଖବର ବୁଝି ଅଳତା ଲଗାଇଲେ ନାହିଁ । ରାଧାଙ୍କ ଆଦେଶରେ ପ୍ରତିମାମାନଙ୍କୁ ଅଳତା ଲଗାଇ ଦିଆଗଲା । ପ୍ରତିମାମାନେ ଜୀବନ ଲାଭ କରି ବୃନ୍ଦାବନକୁ ନାଚି ନାଚି ଚାଲିଗଲେ ।

ତାହା ପରେ କୃଷ୍ଣ ତାମ୍ବୁଳୀ ପାଖକୁ ଯାଇ ତାହା ସାହାଯ୍ୟରେ ରାଧାଙ୍କ ପୁରକୁ ପ୍ରବେଶ କରିବାକୁ ଇଚ୍ଛା କଲେ । ତାମ୍ବୁଳୀ କୃଷ୍ଣଙ୍କ କଥାରେ ରାଜି ହେଲାନାହିଁ । ତେଣୁ କୃଷ୍ଣ ରାଧାଙ୍କ ମାଳ୍ୟାଣୀ ପାଖରେ ପହଞ୍ଚିଲେ । ମାଳ୍ୟାଣୀ ସହିତ ସଦ୍‌ଭାବ ସ୍ଥାପନ କରି ମାଳ୍ୟାଣୀ ହାତରେ ନିଜ ହାତରେ ନିର୍ମିତ ଫୁଲ ହାରଟିଏ ରାଧାଙ୍କ ପାଖକୁ ପଠାଇଲେ । ରାଧା ଫୁଲହାରଟି ଦେଖି ମୁଗ୍ଧ ହୋଇ ଫୁଲହାର ତିଆରି କରିଥିବା ଲୋକଟିକୁ ଦେଖିବାକୁ ଚାହିଁଲେ । ମାଲ୍ୟାଣୀ କୃଷ୍ଣଙ୍କୁ ନାରୀ ବେଶରେ ରାଧାଙ୍କ ପାଖକୁ ନେଇଗଲା । କୃଷ୍ଣ ରାଧାଙ୍କ ପାଖରେ ନିଜକୁ ମାଲ୍ୟାଣୀର ନାତୁଣୀ ମର୍କତ ବୋଲି ପରିଚୟ ଦେଇ ଫୁଲଡୋଡାଟିଏ ଉପହାର ଦେଲେ । ଫୁଲଡୋଡାଟି ଭିତରେ ତଡକାଟି ଥିଲା । ରାଧା ତାହାକୁ ଦେଖି ବିସ୍ମିତା ହୋଇ ମାଲ୍ୟାଣୀକୁ ତଡକା ପ୍ରାପ୍ତିର ବୃତ୍ତାନ୍ତ ପଚାରିବାରୁ ମାଲ୍ୟାଣୀ କୃଷ୍ଣ ଶିଖାଇଥିବା ଅନୁଯାୟୀ କହିଲା—

ନନ୍ଦରାଜା ତାର ଦେୟ ରାଜସ୍ୱ ନିମନ୍ତେ ଦୁଇଲକ୍ଷ ଟଙ୍କା ସହିତ ତଡକାଟି କୃଷ୍ଣଙ୍କ ଠାରୁ ନେଇ କଂସକୁ ଦେଇଥିଲା । କଂସ ସେ ତଡକାଟି ତାର ମାଳୀକୁ ପୁରସ୍କାର ଦେଇଥିଲା । ମାଳୀ ତଡକାଟିକୁ ଶ୍ରଦ୍ଧାରେ ତା ଝିଅ

※ ପଞ୍ଚାମୃତ ସିନ୍ଧୁବିନ୍ଦୁ — ନାରାୟଣ ଦାସ y/217
ଉତ୍କଳ ବିଶ୍ୱବିଦ୍ୟାଳୟ ପୋଥି ବିଭାଗ

Digitized by PPRACHIN, SOA

ମର୍କଟକୁ ଦେଇଥିଲା । ମର୍କଟ ରାଧାଙ୍କୁ ଉପଯୁକ୍ତ ମନେକରି ଭେଟକୀଟି ଉପହାର ଦେଇଛି ।

ଭେଟକୀଟି ଦେବାକୁ ଗଲାବେଳେ କୃଷ୍ଣ ରାଧାଙ୍କ ରୂପ ଲାବଣ୍ୟ ଦେଖି ମୁଗ୍ଧ ହୋଇ ଯାଇଥିଲେ । ରାଧାଙ୍କ ସହିତ ମିଳିତ ହେବାର ଲାଳସା ତାଙ୍କ ମନରେ ପ୍ରବଳ ହେଲା । ତେଣୁ ସେ ଯମୁନା ଜଳକୁ ମନ୍ତ୍ର କରି ଦେଲେ । ନେଭେଇ ଧୋବୁଣୀ ଝିଅ ଯମୁନାକୁ ଜଳ ଆଣିବାକୁ ଗଲାବେଳେ କୃଷ୍ଣ ତାକୁ ଯନ୍ତ୍ର କରିଦେଲେ । ସେ ଗୋଟିଏ ନେଉଳ ହୋଇଗଲା । ସେହିପରି ନାପିତୁଣୀ ଝିଅ ଓ ତନ୍ତୁଲୀ ଝିଅ ଯମୁନାକୁ ଜଳ ପାଇଁ ଯାଇ କୃଷ୍ଣଙ୍କ ମନ୍ତ୍ରରେ ଯଥାକ୍ରମେ ମାଞ୍ଜାରୀ ଓ ମେଣ୍ଢା ହୋଇଗଲେ । କୃଷ୍ଣଙ୍କ ମନ୍ତ୍ରରେ ରାଧାଙ୍କ ନଅରର ବାମ୍ଫି, ପୋଖରୀ ଶୁଖିଗଲା । ରାଧା କୂଅ ପୋଖରୀ ଶୁଖିଯିବା ବିଷୟ ପରିଚାରୀଙ୍କ ଠାରୁ ଶୁଣି ବୃଷଭାନୁଙ୍କୁ ଖବର ଦେଲେ । ବୃଷଭାନୁ ୧୦ଟି ସୁବର୍ଣ୍ଣ କୁମ୍ଭ ଓ ୧୦ଟି ରଜତ କୁମ୍ଭ ସହିତ ପରିଚାରୀଙ୍କୁ ପଠାଇ ଦେଲେ । ରାଧା ପ୍ରଥମେ ମଦନା ଓ ମଧୁମତ ନାମକ ଦୁଇଟି ପରିଚାରୀଙ୍କୁ ଯମୁନାକୁ ଜଳ ଆଣିବାକୁ ପଠାଇଲେ । ସେମାନେ ଯମୁନା କୂଳରେ କୃଷ୍ଣଙ୍କୁ ଦେଖି ଭୟରେ କମ୍ପିଲେ ଓ ସେମାନଙ୍କ ହାତରୁ ମାଠିଆ ପଡ଼ି ଭାଙ୍ଗିଗଲା । ରାଧା ପୁଣି ଗୁଣଚୂଡା ଓ ଗୁଣପ୍ରିୟାଙ୍କୁ ଦକ୍ଷିଣ ଦ୍ୱାରରେ ଯମୁନାରୁ ଜଳ ଆଣିବାକୁ ପଠାଇଲେ । ସେମାନେ ମଧ୍ୟ ମଦନା ଓ ମଧୁମତଙ୍କ ଅବସ୍ଥା ଲାଭ କଲେ । ସେହିପରି ପଶ୍ଚିମ ଦ୍ୱାର ବାଟେ ଯାଇଥିବା କାବେରୀ ଓ ଗୌରି କାବେରୀ ଓ ଉତ୍ତର ଦ୍ୱାର ବାଟେ ଯାଇଥିବା ହରଣୀ, ହରପ୍ରିୟା କୃଷ୍ଣଙ୍କୁ କଦମ୍ବ ମୂଳରେ ଦେଖି ଭୟରେ କମ୍ପିବା ହେତୁ ଜଳକୁମ୍ଭ ପଡ଼ି ଭାଙ୍ଗିଗଲା । ଶେଷକୁ ରାଧା ନିଜେ ସୁବର୍ଣ୍ଣ କୁମ୍ଭ ନେଇ ଜଳପାଇଁ ଗଲେ । ନିଜ ପାଖରେ ଥିବା କୃଷ୍ଣଙ୍କ ପାଦଚିହ୍ନଯୁକ୍ତ ଓଢଣୀକୁ ବାମ୍ଫି ଉପରେ ପକାଇବାରୁ ବାମ୍ଫିରେ ଜଳପୂର୍ଣ୍ଣ ହୋଇଗଲା । ରାଧା ଉକ୍ତ ଜଳରେ ସ୍ନାନାଦି କର୍ମ କଲେ ।

'ପଞ୍ଚାମୃତ ସିନ୍ଧୁ ବିନ୍ଦୁ'ରେ ରାଧାକୃଷ୍ଣଙ୍କର ମିଳନ ବୃନ୍ଦାବନରେ ସମ୍ପାଦିତ ହୋଇଛି । ବୃନ୍ଦାବତୀ, ତୁଳସୀ ଏଥିରେ ସହାୟତା କରିଛନ୍ତି । ଗୁଚେରୀ ଲୀଳା ପୋଥିରେ ରାଧାକୃଷ୍ଣଙ୍କର ମିଳନ ରାଧାଙ୍କ ଅନ୍ତଃପୁରରେ ସମ୍ପାଦିତ ହୋଇଛି । ମାଲ୍ୟାଣୀ ଓ କାମସେନୀ ଦୂତୀ ଏଥି ନିମିତ୍ତ ସହାୟତା କରିଛନ୍ତି । କାମ ନନ୍ଦଙ୍କ ମନ୍ତ୍ର ସାହାଯ୍ୟରେ କୃଷ୍ଣ ଅଦୃଶ୍ୟ ଭାବରେ ରାଧାଙ୍କ ପୁରରେ ପ୍ରବେଶ କରିଛନ୍ତି ।

Digitized by PPRACHIN, SOA

ପଞ୍ଚାମୃତ ସିନ୍ଧୁ ବିନ୍ଦୁ କାବ୍ୟ ରଚନା ସମୟକୁ (ଅଷ୍ଟାଦଶ ଶତାବ୍ଦୀ) ଚୈତନ୍ୟ ପନ୍ଥୀ ଗୋସ୍ୱାମୀମାନଙ୍କର ରାଧାକୃଷ୍ଣ ଲୀଳାତ୍ମକ ଗ୍ରନ୍ଥର ବହୁଳ ପ୍ରଚାର ଓଡ଼ିଶାରେ ଘଟିଥିଲା, ତେଣୁ ଗୁଆଚେରୀ ଲୀଳା ଗ୍ରନ୍ଥର କଥାବସ୍ତୁରେ ସେହି ଅନୁଯାୟୀ କେତେକ ପରିବର୍ତ୍ତନ କରଯାଇଛି ।

ଗୁଆଚେରୀ ଲୀଳା ଗ୍ରନ୍ଥର ଭାଷା ଗଦ୍ୟ ଏବଂ ପଦ୍ୟ ମିଶ୍ରିତ । ଗଦ୍ୟ ଗୁଡ଼ିକ ପଦ୍ୟ ଧର୍ମୀ ଗଦ୍ୟ । ଏଥିରେ ଉପମା ଓ ରୂପକର ବହୁଳ ବ୍ୟବହାର କରଯାଇଛି । ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କର ରୁଦ୍ରସୁଧାନିଧିର ଶୈଳୀକୁ ଏଥିରେ ସ୍ପଷ୍ଟ ଅନୁଭବ କରିହୁଏ । ଉକ୍ତ ଗ୍ରନ୍ଥର ବହୁସ୍ଥଳରେ ହାସ୍ୟରସର ଅବତାରଣା କରଯାଇଛି ଓ ଏଥି ନିମିତ୍ତ ପ୍ରଚଳିତ ଢଗମାଳାର ଆଶ୍ରୟ ନିଆଯାଇଛି । ଏହାର ଭାଷା ଯେପରି ସରଳ, ସେହିପରି ଭାବଗର୍ଭକ । ପ୍ରାଚୀନ ଶବ୍ଦର ପ୍ରୟୋଗ ମଧ୍ୟ ଅନେକ ସ୍ଥଳରେ ଦେଖିବାକୁ ମିଳିଥାଏ । ଗୁଆଚେରୀ ଲୀଳା ଗ୍ରନ୍ଥର ଅନ୍ୟ ଏକ ବିଶେଷତ୍ୱ ରହିଛି । ତାହା ହେଉଛି ବର୍ଣ୍ଣନା ବାହୁଲ୍ୟ ଓ ବର୍ଣ୍ଣନାର ଚମତ୍କାରିତା । ଉକ୍ତ ବର୍ଣ୍ଣନ ଭିତରେ ଉଦ୍ଭଟ କାଳ୍ପନିକତାର ମାତ୍ରା ଅତି କମ୍ ; ସ୍ୱାଭାବିକତା ଅଧିକ ।

ଗୁଆଚେରୀ ଲୀଳା ଗ୍ରନ୍ଥରେ ଦିଆଯାଇଥିବା ରାଧା, ଚନ୍ଦ୍ରସେଣାଙ୍କର ଜନ୍ମ ଓ ବିବାହ ବୃତ୍ତାନ୍ତ ଏବଂ ରାଧାକୃଷ୍ଣ ପ୍ରସଙ୍ଗ ଓଡ଼ିଆ ସାହିତ୍ୟ ପାଇଁକି ଅନନ୍ୟପୂର୍ବ । ସେ ଦୃଷ୍ଟିରୁ ଏ ଗ୍ରନ୍ଥର ବୈଶିଷ୍ଟ୍ୟ ଅନସ୍ୱୀକାର୍ଯ୍ୟ ।

ପରିଶେଷରେ ମୁଁ ମୋର ଗୁରୁଦେବ ଡକ୍ଟର ବଂଶୀଧର ମହାନ୍ତିଙ୍କୁ ବିନମ୍ର କୃତଜ୍ଞତା ଜଣାଉଛି । ତାଙ୍କର ପ୍ରେରଣା ଓ ଆଶୀର୍ବାଦ, ଉକ୍ତ ଗ୍ରନ୍ଥ ପ୍ରକାଶନରେ ମୋ ପାଇଁ ପ୍ରଧାନ ସମ୍ବଳ ହୋଇଛି ।

ବାଣୀବିହାର, ଭୁବନେଶ୍ୱର — ଆଶୁତୋଷ ପଟ୍ଟନାୟକ, ତା ୧୪-୧୧ ୭୪ ରିଖ

Digitized by PPRACHIN, SOA

ଚାଚେରୀ ଲୀଳା

ନଳ କୁବେର କହିଲା ଯେ ସୁନ୍ଦରୀ ମକର ଯାତ୍ରା ଅନ୍ତେ ବସନ୍ତ ଋତୁ ପ୍ରବେଶ ହୋଇଲା । ଶିଶିର ସରିଲା, ତରୁ ପଲ୍ଲବିଲା, କୁମୁଦ ମଉଳିଲା, ସୁଶୀତଳ ବହିଲା, କୋଇଲି ଭାଷିଲା, ବନ ଶୋଭା ଦିଶିଲା, କୁମୁଦ ବିକାଶିଲା । ମାନନୀ ନିଜ ଭର୍ତ୍ତାରେ ରସିଲା, ବନ କର୍ପୂର ମିଶାଇ ହସିଲା, ସୁବାସିତ ପବନ ବ ସିଲା । ଯୋଗୀ ଧଇର୍ଯ୍ୟ ଧ୍ୱଂସିଲା, ବିବେକୀ ଲସିଲା । କାମ ଅହି ଶର ପେଷିଲା, ନାଏକା କୋଳେ ନାୟକ ବସିଲା । ସ୍ତନ ଶମ୍ଭୁ ଆଶ୍ରେ କରି ଅଧର ଅମୀଏ ଜୀବନ ତୋଷିଲା, କୁଚକୁଙ୍କୁମେ ମିଶିଲା, ନୀଳ ଶିଳେ କି ସୁନା କଷିଲା, କାମ ଅନଳେ ଝାସିଲା, କାମ କାମିନୀ ଦୂତ ପେଷିଲା, ପ୍ରବାସ ତେଜି କାନ୍ତ ଆସିଲା, ଫୁଲଶରେ ତ୍ରାସିଲା, ରତି ଶାସ୍ତ୍ର ଘୋଷିଲା, ପ୍ରେମ ଜଳେ ଭାସିଲା ତ । କୁସୁମ କୁଳ ମକରନ୍ଦ ବାଞ୍ଛିଲା, ମଧୁପାନେ ମଧୁପ ବଦନ ଲୁଚିଲା । କାମ କୁସୁମ କାମ କୋଦଣ୍ଡ ଆମଚିଲା, ବିଷମ ଶର ବାଛିଲା, ପ୍ରାଣୀ ମରମେ ଯୋଚିଲା, ପଥିକ କାମେନୀ କଷ୍ଟେ ବଞ୍ଚିଲା, ବିରହୀ ମରଣ ପାଞ୍ଚିଲା; କେ କାନ୍ତ ବାରତା ପୁଚ୍ଛିଲା, କମଳ ଶେଯ୍ୟା ରଞ୍ଚିଲା, କାନ୍ତରସ ଅମୀୟ ସିଞ୍ଚିଲା, କମଳ ଦଳେ ବିଞ୍ଚିଲା, ଅଙ୍ଗେ ସୁଗନ୍ଧ ଲଗାଇ ପୋଛିଲା, ରସବତୀ ରସକଳା ସଞ୍ଚିଲା, କୁଳବଧୂ ଲାଜ ମୁଞ୍ଚିଲା, ସୁରତ ଇଚ୍ଛିଲା, ଉପବନ କେଳି ନାଗର ନାଗରୀ ବାଞ୍ଛିଲା, ନବବାଳା କୁଚ ନାୟକ ଆଞ୍ଚିଲା, ତିତିରୀ ପାଚିଲା, ମୟୂର ନାଚିଲା, ଅଙ୍ଗେ ସୁଗନ୍ଧ ଲଗାଇ ପୋଛିଲା, ରସକଳା ସଞ୍ଚିଲା, ଶୀତ ଘୁଞ୍ଚିଲା, ଗିରିକନ୍ଦରେ ଲୁଚିଲା ତ । ସୁଗନ୍ଧ ଆମୋଦିଲା, ଭୃଙ୍ଗ ହୁଂକାର ଧ୍ୱନିରେ ଜଗତ ବନ୍ଦିଲା, ମଦନ ବାଧିଲା, ବ୍ରତଚାରୀ ତପୀକି ବିଶେଷେ ସାଧିଲା, କୁସୁମ ଶର ସନ୍ଧିଲା, ବିରହୀ ବଧିଲା, ସର୍ବ ଅଙ୍ଗେ ଭେଦିଲା, ମାନସ ସୂତ୍ରେ ସନ୍ଧିଲା, ବିରହୀ କାନ୍ଦିଲା । ଏତେ ଏତେ ପ୍ରକାରେ ବସନ୍ତ ଋତୁ । ବିଯୋଗୀ ମାନଙ୍କର ମରଣ ହେତୁ । ଏ ସମସ୍ତ ନିଅମ ବ୍ରତ ଛାଡଇ, ମଦନ ବିକାର ଛାଡଇ, ବିଶେଷେ ପାଡଇ, ଅବୋଧ ଯୁବତୀ ହେଲେ ପୁରୁଷ ଫାନ୍ଦେ ପଡଇ, ଏମନ୍ତ କାଳରେ ଶ୍ରୀ ପୁରୁଷଉତ୍ତମ ଅବନୀ ବୈକୁଣ୍ଠରେ ଦେବାଧି- ଦେବଙ୍କ ଦୋଳଯାତ୍ରା ଉଦିଯୋଗ ହୋଇଲା, ପରିକ୍ଷ କରଣ ବେହରକୁ

Digitized by PPRACHIN, SOA

ତତପର ପଡ଼ିଲା । ଶ୍ରୀସ ସେବକଙ୍କର ଉଛାହା ବଢ଼ିଲା, ନାନା ଚିତ୍ରକମ ପ୍ରତିମା ଗଢ଼ିଲା, ବୃନ୍ଦାବନ ଚରିତ ନିବିଡ଼ିଲା ।

ତ, ଏମନ୍ତେ ଫାଲଗୁନ୍ୟ ମାସ୍ ଶୁକଳ ଏକାଦଶୀ ନିଶିରେ ଭିତରେ ଫଗୁ ଅନ୍ତରେ ପ୍ରଭୁ ଗୁଚେରୀ ଭ୍ରମଣକୁ ଅନକୂଳ କଲେ । ବିମାନ ମଣ୍ଡିଳେ, ଶ୍ରୀ ମଦନ ଗୋପାଳଙ୍କ ଶୋଭା କି କହିବା, ସମ କାହିଁ ପାଇବା, ଅଭିନବ କାମଦେବର ଶୋଭା, ତ୍ରିଭଙ୍ଗୀ ଛନ୍ଦେ ଉଭା, ମକର ଆକୃତି ପ୍ରଭା, ଶ୍ରୀ ଦେବାଧି ଦେବ୍ଵରାଜ, ମୋହନ ମୂରତି ସାଜ, ଶ୍ରୀ ଚରଣ ସରେଜେ ମଞ୍ଜୀର ମଞ୍ଜୁଳ ଯୁଗଳ ପ୍ରଳମ୍ବ, ଭୁଜଦ୍ୱୟ ନବରତ୍ନ ବଳୟ ମୁଦ୍ରିକାୟେ, କଟୀ ତଟ ଘଣ୍ଟିତ, ଜଘନ କର ନିନ୍ଦିତ ପୀତ ପଟ, ନବରତ୍ନ କାଞ୍ଚନ କାଞ୍ଚିଦାମ ରଞ୍ଜିତ, ଅନୁପମ ବକ୍ଷସ୍ଥଳ ଶ୍ରୀବତ୍ସ ଲାଞ୍ଛନ । କର୍ପୂର ଚୁଆ ଚନ୍ଦନ ଅମ୍ଳାନ । କଉସ୍ତୁଭ ହାର ଉଦାର ବର୍ତ୍ତୁଳ ମୁକୁତାମାଳ—ହୃଦୟ । ମୁରଲୀ ମନୋହର ବିମ୍ବାଧର, ନାସେ ମୋତିବର, ମକର ବେଷ୍ଟିତ, ମଧୁମୁତି ରୁଚି ରୁଚିର ସର୍ବାଙ୍ଗେ କର୍ପୂର ଅବିର, ମନ୍ଦ ମନ୍ଦ ହାସ ନୟନ ଅଳସ ଅପାଙ୍ଗ ବକ୍ର । ତ୍ରିଭଙ୍ଗ ଅଙ୍ଗ ଅଙ୍ଗନ ଅବ୍ଵଲୋକନେ ଅଙ୍ଗଭଙ୍ଗ । ନୀଳନଗ୍ର କ୍ଷତ୍ରବ୍ୱର ଅବଲୋକନେ ଶିରେ କର ଅଞ୍ଜଳି । ଜୟ ଜୟ ଶବଦ ଶୁଭୟେ ଚଉଦ ନଗ୍ରକୁ ସାବଧାନ । ଦାମ ସୁଦାମ ସଖା ସନିଧ୍ୟାନ, ଚନ୍ଦ୍ରକାନ୍ତି ବିମାନ, ବିଜୟେ ମଦନମୋହନ, ଜଗତ୍ତକୁ ଅବଲୋକନ, ଭ୍ରମଣକୁ ଆଗମନ, ଧୀରେ ଧୀରେ ବିମାନ, ମନୁଷ୍ୟ କନ୍ଧେ ଗମନ, ଚନ୍ଦ୍ର କିରଣ ଅବନୀ ଶେ ଭୁବନ, ବିଚିତ୍ର ଅମ୍ବର, କୁସୁମ ମୁକୁତାମାଳ ରୁନ୍ଦ ଦର୍ପଣ ନକ୍ଷତ୍ରଗଣ ଝଲ ଝଲ ସୁବର୍ଣ୍ଣ ସ୍ତମ୍ଭ, ଅତି ଆରମ୍ଭ ଦମ୍ଭ, ଅଷ୍ଟରତ୍ନ ପୁଞ୍ଜି ପୁଞ୍ଜି ମଣ୍ଡିତ, ବିଭୂଷିତ ସୁବାସିତ କୁସୁମ ସ୍ତବକ ଥୋପା ଲମ୍ବିତ ଝିଲିମିଲି ଝକମକ, ଝଲକ ଝକି ଝଟ ଝଟ, ଝୋଲା ଝୁମା ଚହଟ, ନୀଳ ଦୁକୁଳେ ନିର୍ମିତ, ନାନା ଚନ୍ଦ୍ରେ ଜଡ଼ିତ, ଚିତ୍ର ବିଚିତ୍ର, ରୁଚିରୁଚିର ପବିତ୍ର, ପତ୍ର ନେତ୍ର କମଳକୁ ମିତ୍ର, ଶୁଦ୍ଧ ସୁବର୍ଣ୍ଣ କଳସ, ଚିତ୍ର ଚିଗଳ, ନାନା ମଣ୍ଡି ମାଳ ମାଳ, ତଥି ଉପରେ ଚନ୍ଦ୍ର ତପ ଟ ଣି, ନାନା ରତ୍ନ ମଣି ମଣ୍ଡଣି, ମଧ୍ୟେ ପଦ୍ମ ପୁଷ୍ପାସନ , ମକରାନନ ପ୍ରଭ ଶୋଭବନ, ତଥି ମଧ୍ୟେ ଶ୍ରୀ ମଦନମୋହନ, ରତ୍ନ ଜ୍ୟୋତିମୟ କିରଣ ବିରାଜିତ, ସୁର ନର କିନ୍ନର ମନ ରଞ୍ଜିତ, ଚଉଦ ଜ୍ୟୋତିମୟ ରଞ୍ଜିତ, କିନ୍ତୁ ରବି ରଞ୍ଜିତ ଶଶୀ ଦିନମଣି, ଅନଳଜିତ, ଦୀପ ଦିହୁଡ଼ି ହୁଳା ଚନ୍ଦ୍ରହୁଳା ' ଚନ୍ଦ୍ରଉଦିଆ, ତରୁଦୀପ, ରଥ ଆକାର ଦୀପ, ନିଶୁଣୀ ଦୀପ, ସାତପୁରୀ ନାନା ରୂପେ ଦୀପ ହୁଳା କରିତ, ଜାଇ ଚମ୍ପା ମଲ୍ଲୀ ଜୁଇ କେତକୀ କୁନ୍ଦ ହାବେଳି, ତାରବଳୀ, ଖଣ୍ଡଚନ୍ଦ୍ରଠଳି, ଏ ରୂପେ ନାନା ବାଣ

Digitized by PPRACHIN, SOA

ହୁଳା ମାଳାରୁ କରି ଦିବସ ପ୍ରାୟେ ନିଶି ଦିଶଇ । ସ୍ୱର୍ଗ ସମ୍ପଦ କି ମଞ୍ଚକୁ ଖସଇ, ସର୍ବ ଦେବତା ଘେନି ବ୍ରହ୍ମା ପଟୋଆରକୁ ଆସଇ । ଗୋପାଳଦେବଙ୍କ ଦର୍ଶନ କିରଣେ ହେଲେ ପ୍ରଶଇ ତ । ଚତୁର୍ଦଶ ଲୋକ ଅତି ଉଛକ, ହରି ହରି ଡାକ, ଘନ ଘନ ଅଧିକ; ବ୍ରତଦାଣ୍ଡିଯାକ ଘଣ୍ଟା, ମର୍ଦ୍ଦଳ, ତାଳ କଂସାଳ, କାମ କାହାଳ, ବୀଣା ବଇଂଶୀ, ଶଙ୍ଖ ମହୁରୀ, ଭେରୀ ନାନା ବାଦ୍ୟ ଶବଦ, ଘୋର ଘନ ଜନ ରବଦ, ଦୋଳ ଉଛୁଳ, ଚହଳ ଗହଳ ଗୋପାଳ, ଅବନୀ ମଣ୍ଡଳ ଟଳମଳ, ଦଳ ଦଳ ଦୁମୁ ଦୁମୁ । ଗଣିକାକୁଳ ହୁଳହୁଳି, ଚହଳ ବେଳୁବେଳ ହରି ବୋଲି, ଧର ଧର ତୋଳ ନିକର ବହୁଳ ଗୋଳ । ଧୀର ଧୀର ଚଳ ତ, ବତଦାଣ୍ଡେ ଶ୍ରୀ ମଦନଗୋପାଳ ବର, ଛତ୍ର ମେଘାଡମ୍ବର, ଉଲଗ ବିମଳ ଚିତ୍ରଳମାଳ, ଆଲଟ ଖଦି ଚାମର ବିଞ୍ଚଣ ପଡେ ନିରନ୍ତର, ଆବର ଧୂଳି ଧୂସର କଳେବର । ସୁର ନର କିନର ଦକ୍ଷ ବିଦ୍ୟାଧର, ଶିର ପରେ କରଯୁଗଳ । ଜୟ ଜୟ ଶବଦ ବଖାଣ କର, ଜଗତ ଜନ ନୟନ ସୁଫଳ, ଜୟ ମଙ୍ଗଳ ମହୁରୀ ତହିଁର, କୁସୁମ କର୍ପୂର ରତ୍ନ ବୃଷ୍ଟି କର, ପଟେ ଆର ଭିତର ଅପଛରୀଙ୍କର ନୃତ୍ୟ ତତପର, ନାନା ବାଣ ନରମଣ୍ଡଳ ବିଚିତ୍ରତର । ଯେ ତେତେ ଘୃଚେରା ବିଜେ, ଢୋଲ ଦମାଲୁ ମେଘ ବାଜେ, ଶ୍ରୀ ମଦନଗୋପାଳ ଶୋଭା ଅଖିଳ ସାଜେ ତ । ଚନ୍ଦ୍ର କିରଣ ଚନ୍ଦ୍ର ହୁଳା ଦୀପରେ ଅବନୀ କ୍ଷୀରସମୁଦ୍ର ପରାୟେ ଦିଶୁଅଛି । ସୁର ଅସୁର ମିଶୁଛି । ପୁଷ୍ପକ ବିମାନେ ଅବତରି ଆସୁଛି । ସକଳ ପାପକୁ ନାଶୁଛି । କେ ହରି ଭାଷୁଛି, କେ ଅବିର ଧୂଳି ସିଞ୍ଚୁଛି, କେ ଆନନ୍ଦେ ନାଚୁଛି, ସାହାସୀ ହୋଇ କେ କାଶୁଛି । ବିମାନ ଶିରେ କେ ଛୁଉଁଛି । କେ ଚହୁଛି, କାହାକୁ କେ ଘଉଛି, କେ ଧାଉଁଛି, କେ ବୀଣା ବାଉଛି, କେ ଶ୍ରୀମୁଖ ଶୋଭାକୁ ଚାହୁଁଛି, କେ ଅହୁଣିଆ ନେଉଛି, ପଣ୍ଡା କରେ କେ ଦେଉଛି । କେ ଜଣାଉଛି, କେ ପହଣ୍ଡ ମଣ ଉଛି .... କଥା ଶୁଣାଉଛି । କେ ତ ଳ ଗୀତ ଗୁଣା ଗାଉଛି, ଚଣାଖଜା କେ ଖାଉଛି । ବସି କେ ବ ଉଛି, କେ ଧଣ୍ଡାମାଳ ଅଣୁଛି, କେ ହଜୁଛି, କେ ଖୋଜୁଛି, କେ ରୂପ ଚାହିଁ ଭଜୁଛି, କେ ତହିଁ ବୋଲୁଛି, ସଖୀ ମଦନ ରୂପକୁ ରଞ୍ଜୁଛି । କେ ହସୁଛି, କେ ସମାସି ମାଳ ଖଞ୍ଜୁଛି । ନାନା ବାଦ୍ୟ ବାଜୁଛି, ଅବନୀମଣ୍ଡଳ ସାଜୁଛି ।

ତ, ଏମନ୍ତେ ଘୃଚେରୀ ଭ୍ରମଣି କେତେଦୂର ଗଲେ, ଦକ୍ଷିଣା ଅଭିମୁଖ ହେଲେ, ବାହୁଡା ବିଜେ କଲେ, ପଟୋଆରି ରହିଲେ, ନାନା ବାଜଣା ମାଇଲେ । ଅପ୍ସରୀମାନେ ନୃତ୍ୟ ଆରମ୍ଭିଲେ । ମାଦଳ ତାଳେ ଘଣ୍ଟା ବାଜଇ, ନାନା ନାଟେ କେ ନାଟକ ସାଜଇ, ତ୍ରିପୁର ଲୋକ ପଟୁଆର

Digitized by PPRACHIN, SOA

ଅଛଇ । ଛାମୁରେ ପାଳିମାହାରୀ ନାଚଇ । ତ, ପୁଣ ପଟୋଆର ଲାଗି ଗହଣ ଚଳଇ; ବାସିକିସୀରେ ଅବନୀ ଟଳଇ । ଖଣ୍ଡେଦୂର ଆସି ପଟୁଆର ଦେଇ ରହଇ । ବିମାନ ବନ୍ଧୁମାନେ ବିମାନ ବହନ୍ତି, ଛାମୁରେ ବ୍ରହ୍ମା କରଯୋଡ଼ି ଜଗତ୍ର ଚିନ୍ତା କହନ୍ତି । ଇନ୍ଦ୍ର ବୋଲଇ ହେ ଦେବ ଶୁଣିମା, ଚନ୍ଦ୍ର ବୋଲଇ ହେ ଦେବୀ ଗୁହାରି ମଣିମା ଏମନ୍ତେ ଗୃତେରୀ ସାରି ବଡଦେଉଳେ ପ୍ରବେଶ ହୋଇଲେ ବନ୍ଦାପନା ହୋଇ ସିଂହାସନେ ବିଜେ କଲେ । ଶୀତଳ ମୋଣହି ସାରି ପ୍ରଭୁ ଉଭରିଆ ଲାଗି ହୋଇଲେ । ଅବକାଶ ହୋଇଲେ । ଦେବ୍ତାମାନଙ୍କୁ ପୁଷ୍ପ ଅଞ୍ଜୋଳି ମେଲାଣି ଦେଲେ । ମେଘା ବାଜିଲା, ଦେଉଳ ଶୋଧା ହୋଇଲା । ପଡ଼ିହାରୀୟେ ବିଜୟେ ଦ୍ୱାରେ ଉଜାଗର ହୋଇ ରହିଲେ । ପରିଷା ମୁଦ ଦେଇ କବାଟ ପ ଡ଼ିଲେ । ଦେବେ ବାହୁଡ଼ିଲେ, ପ୍ରଭୁ ରତ୍ନମୟ ପଲଙ୍କେ ପହୁଡ଼ିଲେ ।

ତ, ନିଶି ଶେଷ ପାହାନ୍ତି ଅବ୍କାଶ । ଉପହାର ଦ୍ରବ୍ୟ ଘେନି ଦେଉଳେ ଖଟଣି ସେବକ ପ୍ରବେଶ । ମୁଦ ଗ୍ରହି କବାଟ ଫେଡ଼ିଲେ । ପ୍ରଭୁଙ୍କର ଯେ ବିଧି ମାଜଣା, ମଇଲମ ବେଶ ବଢ଼ିଲେ । ଗୋପାଳବଲ୍ଲଭ ସରିଲା, ଧୂପ ହୋଇଲା । ସର୍ବ ଦେବ ସଙ୍ଗେ ବ୍ରହ୍ମା ମିଳିଲା, ଦ୍ରଶନ କଲା, ଗୃମର ଢାଳିଲା, ମୋଣହି ଅନ୍ତେ ଆଳତୀ ବନ୍ଦାପନା ବଢ଼ିଲା, ଦେଖି ସର୍ବଦେବ ଶିରେ କର ଯୋଡ଼ିଲେ .... ଜୟେ ଜୟେ ଫୁକାରିଲେ ।

ତ, ୟେହି ଅନୁକ୍ରମେ ତିନିଧୂପ ବଢ଼ିଲେ । ଦ୍ରଶନେ ପ୍ରାଣୀମାନେ ସର୍ବ୍ଦୁଃଖ ପାଶୋରିଲେ, ପୁରଜନରେ ଗତ ବିଧିମତେ ଗୃତେରୀ ବିଜେ କଲେ, ପଟୋଆର ସାଜିଲେ; ନାରଦେ ବ୍ରସି ଗୁଣ ମାଜିଲେ, ବିଶ୍ୱକର୍ମା ବିମାନ ମଣ୍ଡଣି ଖଞ୍ଜ ଲେ, କୁବେର ନାନା ବସ୍ତ୍ର ଅଳଙ୍କାର ଖଞ୍ଜିଲେ, କିରଣେ ଚନ୍ଦ୍ରମାକୁ ରଞ୍ଜିଲେ । ଏମନ୍ତେ ଦିନକୁ ଦିନ ଅଧିକ ଗୃତେରୀ, ସୁର ନର ବେଢ଼ି ପଟୁଆର ପାତେରୀ, ୟେ ରୂପେ ଗୃତେରୀ ଯାତ୍ରା ଅନ୍ତେ ଅଗ୍ନ ଉଚ୍ଛବ ସାରି ଈଶାନ୍ୟ ଭାଗେ ଦୋଳମଣ୍ଡପକୁ ନିଶେଶ ପୂର୍ଣ୍ଣମୀରେ ବିଜେ କଲେ । ସେ ଦୋଳମଣ୍ଡପ ଶୋଭା କି କହିବା, ଉପମା କି ଦେବା, ସମ କାହିଁ ପାଇବା, ସ୍ଫଟିକର ମଣ୍ଡପ ପ୍ରବାଳର ପାବଛ । ସ୍ୱର୍ଗରୁ ଖସି କି ପଡ଼ିଛି ପ୍ରତ୍ୟକ୍ଷ । ଚିତ୍ର ବିଚିତ୍ର ସ୍ଥଳୀ ବିସ୍ତାର । ମଧ୍ୟେ ତ୍ରେ ଣ ମକର ଆକାର । ନାନାମତେ ମଣ୍ଡଣି ମାଳ ମାଳ । ଆସୀମାନ୍ତ ବେଢ଼ି ପାଚେରୀ । ଦ୍ୱାରେ ଅଟ୍ଟାଳୀ, ବେନି ପାଶେ ବେନି କେଶରୀ । ନାନା ତରୁଲତା ଫଳ ଫୁଲେ ଭରି ।

Digitized by PPRACHIN, SOA

ତ, ସେ ଗୟଳ ଖମ୍ବ, ଅତି ଆରମ୍ଭ, ବୃଷାଳ ଲମ୍ବ, ପୃଥ୍ୱୀକି ଦମ୍ଭ, ଶିଖରେ ହେମ କୁମ୍ଭ । ତଥି ପରେ ଫରହର ନେତର ଚିରଳ, ଦେଖିବା ମାତ୍ରକେ ପ୍ରାଣୀଙ୍କର ମନ ଅନ୍ତରଳ । ସ୍ତମ୍ଭ ସୁନା ରୂପାରେ ରସଣ, ଚିତ୍ର ବିଚିତ୍ର ପ୍ରତିମାରେ ବଯାଣ, ତା ପାଟର ଶିକୁଳି, ନାନା କମ ଢାଲି, ମୁକୁତା ସଙ୍ଗେ ପୋଯେଳା ମାଳି, ଶୁକ ପିକ ଦୋଳି; ଦ୍ରପଣ ଚ୍ୱମର ଝଳି, ପ ଟ ହଂସାବଳୀ, ଫୁଲ ବାସେ ଅଳି, ମଣ୍ଡପ ବେଢି ବୁଲି । ନାନା ବର୍ଣ୍ଣେ ପାଟ ଝୁମ୍ପା, ବିକଚ କୁସୁମ ଥୋପ୍ପା, କମ ପିତୁଳି ସୁନା ରୂପା, ମାଧବୀ କେତକୀ ହେମ ଚମ୍ପା ।

ତ, ଆକାଶ ମଣି ଖମ୍ବେ ପରୀଯନ୍ତେ ଉଡ଼ି ସିନ୍ଦୂରି କୁଙ୍କୁମ ଶୁକର କଳା ପତାକା ଉଡ଼ି । ଶୁକଳ ଝାନବ୍ୱାଯ ଟାଣି, ଇନ୍ଦ୍ର ଗୋବିନ୍ଦ ଗୃନ୍ଦୁଆ ଟାଣି । ନାନା ମଣ୍ଡିଶିରେ ବେଷ୍ଟତ, ମଣ୍ଡପ ଶୋଭ ତ । ମନକୁ ମୋହିତ, ଲୋଚନ ଚକୋର ଚନ୍ଦ୍ରମତ । ପୀଢ ଚଉପାଶରେ, ନାନା ବୃକ୍ଷ ପିତୁଳା ଧ ଡ଼ି ଧାଡ଼ି ଖଞ୍ଜା ହୋଇଅଛି । ସାକ୍ଷାତ ବୃନ୍ଦାବନ ସ୍ୱରୂପ ହୋଇଛି । ମୃଗ ସମ୍ଭର ହରିଣ ଶଶା, ବ୍ୟାଘ୍ର ଭଲ୍ଲୁକ ମର୍କଟ ମୂଷା, ସିଂହ ହାଥି ଗାଈ ମୂଷା ନେଉଳ କସ୍ତୁରୀ ମୟୂର ବକ ଶାମଳ । ପାରୁଆ କପୋତ ହଂସ ଡାହୁକ, ତିତିଡ଼ି ଡେଣ୍ଟୋଇ ଆଦି ରେଖ ରେଖ । ସର୍ବ ପିତୁଳା ହିଙ୍ଗୁଳ ହରିତାଳ, ନବୀନ ପଲ୍ଲବ ଜାମୁ ଡାଳ, ନାନା କୁସୁମ ମାଳ ମାଳ । କଦଳୀ ନଡ଼ିଆ ପେଣ୍ଡା ପେଣ୍ଡା, ଆମ୍ବ ଗୁଆ କେଣ୍ଡା କେଣ୍ଡା । ମଣ୍ଡପ ମଧ୍ୟେ ହେମ ତ୍ରେଣା, ମଣ୍ଡିଶିରେ ଭିଣା । ନେତ ପାଟ ସିନ୍ଧୁଆସିନ୍ଦୂରିମା, ଧବଳ ଚୂନେ ହଂସାବଳୀ, ନୀଳ ଦୁକୂଳ ଜାଲ ନାନା ଚନ୍ଦରେ ଝଗ ଝଳି ।

ତ, ସେ ସିନ୍ଦୂରି ବାସେ ଦ୍ୱାରପକ୍ଷୀ, ତୃଣା ମୂଳେ ଯୋଡା । ତହିଁ ନୀଳ ବାସ କନ୍ଧ କନ୍ଧ । ଗୋଟି ଗୋଟି ଗୃନ୍ଦ ନାନା ବନ୍ଧ ଛନ୍ଦ । ସୁବର୍ଣ୍ଣର ପୂର୍ଣ୍ଣକୁମ୍ଭ, ଦଧିନଉତି ରୋହି ମୀନ ଚୂତପତ୍ର ଡାଳ, ନଡିକାଳ ଫଳ । ରମ୍ଭା ପରିମଳ, ଅତି ମନୋହର, ଶୋଭବନ୍ତ ହୋଇଛି ତ୍ରେନି ତ୍ରୋଣା । ମୂଳ ତ୍ରୋଣା ମଧ୍ୟେ ନବ ନିରେଳ, ତଥି ମଧ୍ୟେ ଗୃଦ ଚନ୍ଦ୍ରମା ଉଜ୍ଜ୍ୱଳ, ତ୍ରିକୋଣ ସୁନ୍ଦରୀ ଗୃଢ ନିର୍ମଳ । ରେଖ କେତକୀ ପ ଖୁଡା ପନ୍ତି ପନ୍ତି । ସୁନା କଳସ ତଥି । ତଥି ଉପରେ ସେ ଚକ୍ରେ ନେତ୍ର ପତାକା ଉଡ଼ିବାରେ ବକ୍ର, ଦେଖି ଶିରେ କର ଯୋଡୁଅଛି ଶକ୍ର । ଦକ୍ଷିଣ ପବନେ ସେ ପତାକା ଉତ୍ତର ଭାଗେ ପଡଇ । ଦେଖି ଦୂରୁ ଘାତକୀ ପାତକମାନ ଛାଡଇ । ସେ ତ୍ରୋଣ ପ୍ରଭାକାର ମଣ୍ଡଳି ମଧ୍ୟେ ସାର । ରତ୍ନ ଜମନୀୟ ଖଟ ଦୋଳି, ସୁବର୍ଣ୍ଣର ଶିକୁଳି ।

Digitized by PPRACHIN, SOA

ଝଞ୍ଜିଲେ ଦୋଳି, ନେତର ତୁଳି, ଶ୍ରୀକର୍ପୂର ଧୂଳି, ଘାଖୁଡା ମଲ୍ଲୀ । କେତକୀ କୁସୁମେ ନିର୍ମିତ, ଚନ୍ଦ୍ରାତପ ଝଲକ ଝଳି ମଧ୍ୟେ ଟାଣିତ । କେତକୀ କୁସୁମ ଛତି, ମୁକୁତା ପନ୍ତି, ନାନା ରତ୍ନ ଜ୍ୟୋତି, କି ଛାୟାର ପତି, ଉଦେ ହେଲେ ଏଥି; ସେ ମଦନ ମୂରତି ଅଖିଳ ପତି, ସର୍ବଦେବ ଘେତି । ଛତି ତଳେ ବିଜେ କରି ମଣ୍ଡଳ ପ୍ରଦକ୍ଷିଣ କରନ୍ତି, ସୁର ନର ଯୁବତୀ ମିଳି ହୁଳହୁଳି ଦିଅନ୍ତି, ହାଥେ ପାଚଲ୍ଲ ବ୍ୱାଡ଼ି ଘେନି ଗଉଡେ ମାଡି ।

ତ, ସେ ଘଣ୍ଟା ମର୍ଦ୍ଦଳ ତାଳ କଂସାଳ, ନାନା ବାଦ୍ୟ ଶବଦର ଉଚ୍ଛୁଳ । ହରି ହରି ବୋଲ, ଜୟ ଜୟ ଗୋଳ, ମହାଗୋଳ ଧ୍ୱନି ଉଚ୍ଛୁଳ । ଏକେ କହନ୍ତେ ଆରେକକୁ ନ ଶୁଭଇ । କେହୁ ଶ୍ରୀମୁଖକୁ ଦେଖି ଖିବଇ, କେ ହୋ ଠାରି ଗବ୍ରଇ, କେ ଫଗୁ ପତନ୍ତେ ପଛକୁ ଘୁଞ୍ଚଇ, ନୟନ ପୋଛଇ । ତହିଁରେ ମନୁଷ୍ୟମାନେ ତବଦ ଅନ୍ଧ ହେଲେ, ଫଗୁ ଧୂଳି ଉଡ଼ିବାରେ ନୟନ ନିଶ୍ଚଳ କରି ନ ପାରିଲେ, ଧୀରମତେ ନାନା ଧ୍ୱନି ବାରି ନ ପାରିଲେ । ଏମନ୍ତେ ପ୍ରଭୁ ପ୍ରଦକ୍ଷିଣ କରି ମଣ୍ଡପରେ ବିଜେ, ବସନ୍ତ ରାଗେ ମହୁରୀ ବାଜେ ।

ଦୋଳିରେ ବିଜେ କଲେ, ନୃପ ଛେଣ ପୟସ କଲେ, ଶାଢୀ ପ୍ରସାଦ ପାଇଲେ, ସଖୀମାନଙ୍କ ମେଳେ ଦେଖି କାମେନୀ ହୁଳହୁଳି ଦେଲେ, ଜୟ ଜୟ ଢଳେ, ଆଲଟ ଚାମର ଋଖି ଦେବେ ଶିରେ କର ଯୋଡ଼ିଲେ । ଚତୁର୍ଦ୍ଦଶ ଭୁବନେ ଚମକି ପଡ଼ିଲେ ।

ତ, ତିନିପୁର ଲୋକ, ଅତି ଉଚ୍ଛୁକ, ହରି ହରି ଡାକ, ଅଙ୍ଗ ସେବକ, ... ପଣ୍ଡା ପଶୁପାଳକ । ହଡ଼ପ ନାଏକ ଖଦି ଚାମର ଆଲଟ ବିଞ୍ଚନ୍ତି । ଛତ୍ର ଚିସଳ ଆଳଟ ଉତାନ୍ଥର .... । ସେବାୟତ, ତଳିଓଛ, ଭିତର ଓଛ ମୁଦହସ୍ତେ ପତ୍ରୀ ପନ୍ତି ବଡୁ, ଗରେଆବଡୁ, ପ୍ରସାଦ ବଡୁ, ପାଇକ, ଲେଙ୍କା, ବେହେରା, ଜଉଟିଷ, ପରିକ୍ଷ କରଣ, ଚାଙ୍ଗଡା କରଣ, ଚାଙ୍ଗଡା ମେକା-ଇପ, ଭଣ୍ଡାର ମେଇକାପ; ଚନ୍ଦନ ଘୋର ଘଟୁଆରୀ, ତୋଟାବାତ ଗୋଛା-ଇତ ମାଳୀ, ପାଳି ମାହାରୀ, ସୁଆର, ମହାସୁଆର, ସୁଧ୍ୟ ସୁଆର, ମହାରଥା, ଦଇତାପତି, ଗୁହାରିଆପନ୍ତି, ବଡ଼ା ପନ୍ତି, ତୋଳା ଜଳବୁହା ଯତି, ସନ୍ୟାସୀ, ମହାଦାସୀ, ବଇଷମ, ଖଟଣି ସାମନ୍ତ, ଏ ଆଦି ବ୍ରାତ୍ତରୀ ନିୟୋଗ, ଯେ ଯାହା ସେବ୍ୱାରେ ଯୋଗ, ଛାମୁରେ ଧୋବପଖାଳ ହୋଇ ବଢା ହେଲ୍ଲ, ନାନା ଉପ-ଶୀତଳ ଖେଗ ।

Digitized by PPRACHIN, SOA

ତ, ପଣା, ଫେଣା, ଶାକର, ଲଡୁ, ଶିଙ୍ଗଡା, ଖଇ, ଦହି, ଘଷା ପାଣି, ଅଦା ପାଚେଲି, ସର ଅଧାମ, ଦୁଗୁଣି ତ୍ରିଗୁଣି ବହୁଳ, ଗୋଟିକା ବମ୍ପା, ଡାଗର ଛେନାମଣ୍ଡା, ନବାତ ଗୁଣ୍ଡ, ଡାଳୁଅ ଚୂଡା, ଅମୃତ କୁଣ୍ଡ, ଅମୃତ ମଣ୍ଡା କୋର ମାଣ୍ଡୁଅ; ମନୋହର ଖଜା, ଡାଳିମ୍ବ ଗଜା, ଖଣ୍ଡେ ଖଣ୍ଡେ ଅଦା ।

ତ, ଆମ୍ବ କଷି, ଟାଭ ନାରଙ୍ଗ, କମଳା ନାରଙ୍ଗ, କରମଙ୍ଗା, ଦାରକ୍ଷ ଫଳ, ଖଣ୍ଡ କଦଳୀ, ଇକ୍ଷୁ କର୍ପୂର, ନାନା ଫଳ ଭୋଗ, ପାକ ଭୋଗ, ଘୃତ ଖଣ୍ଡେ ସଂଯୋଗ ।

ତ, ସେ ବୃନ୍ଦାବନ ଚରିତ୍ର, ଫଳ କୁସୁମ ଜାତ, ଯହିଁ ଷଡ ଋତୁ କରନ୍ତି ସେବା, ତହିଁରେ ଫୁଲ ଫଳ ଅପୂର୍ବ କିବା । ଏମନ୍ତେ ଟେର ଟାଣିଲେ, ନାନା ଭୋଗ ବାଢିଲେ । ପୂଜାରେ ପୂଜାପଣ୍ଡା ବସିଲେ । ଘଣ୍ଟା ଗ୍ଭଳିଲେ । ବେଳ ଜାଣି ସର୍ବ ଲୋକ ମିଳିଲେ । ଚତୁର୍ଦଶ ଭୁବନକୁ ଘଣ୍ଟ ଶୁଭିଲା ।

ସର୍ବଦେବ ଘେନି ବ୍ରହ୍ମା ଧୂପ ଖଟିଲା, ଷୋଡଶ ଉପଗ୍ଭରେ ଧୂପ ବଢିଲା । କର୍ପୂର ଅଳତୀ, ଜୟ ମଙ୍ଗଳ ଆଳତୀ ସରିଲା, ଚଉପାଶେ ଜୟ ଜୟ ଡାକ ପଡିଲା । ଇନ୍ଦ୍ରଦେବ ମସ୍ତକେ ହସ୍ତ ଯୋଡଇ, ଅଷ୍ଟ କର ଯୋଡି ତୁଷ୍ଟି କରଇ ବ୍ରହ୍ମା । ନବଜନ ସପ୍ତତାଙ୍ଗ ପାଞ୍ଚେ ଘେନି ବୃହଯୋଡୀ ଛାମୁରେ ଉଭା । ନୃତ୍ୟ କରଇ ମେନକା ଆଦି ରମ୍ଭା । ହର୍ପ ନାୟକ ମୁଣୋହି କରଇ ବିଡିଆ । ପୂର୍ବେ ଇନ୍ଦ୍ରଦ୍ୟୁମନ ଭିଆଣରୁ ଦ୍ରବ୍ୟେ ନୁହିଁଇ ପଡିଆ ।

ତ, ଏମନ୍ତେ ଆବର ଲାଗି ହେଲେ । ମୁଦହସ୍ତ ଆଦି ସେବକେ ଦୋଳା ଧଇଲେ । ଧୀରେ ଧୀରେ ପହଞ୍ଚାଇଲେ । ସର୍ବଲୋକେ ମିଳିଲେ, ହରି ହରି ଡାକାରିଲେ, ଅବିର ଧୂଳି ଖେଳିଲେ । ଶ୍ରୀ ଦୋଳଗୋବିନ୍ଦ ଦେବଙ୍କର ପ୍ରଥମ ଦୋଳ ହୋଅଇ, ବଚନେ ଶୋଭ କହି ନୋହଇ, ବ୍ୟାସୁକୀ ଶିର କମ୍ପଇ, ସହସ୍ରେ ବଦନେ ହରିନାମ ଜପଇ ।

ତ, ଅରୁଣ ଜ୍ୟୋତି ରଜତର କାନ୍ତି, ଫଗୁ ଧୂଳିରେ ରଙ୍ଗ ବର୍ଣ୍ଣ ଜ୍ୟୋତି, କିଂଶୁକ କୁସୁମ ପନ୍ତି, ସୁରଙ୍ଗ ପାଟଛତି । ସର୍ବ ଅଙ୍ଗ ରଙ୍ଗ ବର୍ଣ୍ଣ ଦିଶନ୍ତ । ବେଳୁବେଳୁ ଘନଲୋକ ପୂରନ୍ତି, ମଣ୍ଡପ ବେଢା ବୁଲନ୍ତି, କେବଣ କେବଣ ଦେଶର ଲୋକେ ଅଛନ୍ତି । ପ୍ରଥମେ ଓଡ, ଗଉଡ, ଦ୍ରାବିଡ, କର୍ଣ୍ଣାଟ, ମରହଟ୍ଟା ଗୁଜୁରାଷ୍ଟ, ସଉରାଷ୍ଟ, ନେପାଳ, ତାହାଳଗଳ, କୁଞ୍ଜଗଳ, ନିର୍ଝର, ବଇଦେହୀ

Digitized by PPRACHIN, SOA

ମଣ୍ଡଳ, ଶାଖାମଣ୍ଡଳ, ଉଖାମଣ୍ଡଳ, ବିଜୟ ମଣ୍ଡଳ, ସ୍ୱେରମଣ୍ଡଳ, ବିଦ୍ୱାନ ନଗର, ଉଧା ନଗର, କୁଣ୍ଡି ନଗର, ଯାଜ୍ଞା ନଗର, ଏକ ସଖା ନଗର, ମାଳବ, ମଗଧ, ନଇଷଧ, କାଶୀ, ବାଣରସି, ରଣା, କାଞ୍ଚି କାମାକ୍ଷି, ଜୟନ୍ତ ମଗଧ, ମଘ ଦେଶ, ମଚ୍ଛ ଦେଶ, ପଞ୍ଚାଳ ଦେଶ, ହସ୍ତିନା ବ୍ରାରୁଣା, ଜେନାବଳି ପାଟଣା, ଅଯୋ, ପ୍ରୟାଗ, ଏ ଆଦି ଜମ୍ବୋଦ୍ୱୀପ ନବଖଣ୍ଡ, ଛତିଶ ମଣ୍ଡଳ, ଶ୍ୱେତ ଦୀପ, ଶାକଲ୍ୟ ଦୀପ, କୁଶ ଦୀପ, କ୍ରୌଞ୍ଚ ଦୀପ, ଶାମଳି ଦୀପ, ପୁଷ୍କର ଦୀପ, ପାରେଦୀପ, ସିଂହଳ ଦୀପ, ରମେକ ଦୀପ, ଲଙ୍କା ବିଲଙ୍କା ଏ ଯେତେ ଦ୍ୱୀପ । ଲୋକାଲୋକି ପରିଯନ୍ତେ ମଞ୍ଚମଣ୍ଡଳ । ସର୍ବଲୋକ ଆସି ଶ୍ରୀ ପୁରୁଷୋତ୍ତମେ ଠୁଳ । ଉପରେ ଜନଲୋକ, ଆଦି ବ୍ରହ୍ମଲୋକ ପର୍ଯ୍ୟନ୍ତେ ଅଇଲେ । ତଳ, ରସାତଳ, ପାତାଳ ଲୋକେ ମନୁଷ ରୂପେ ରହିଲେ । ଶ୍ରୀ ଦୋଳରେ ଦୋଳଗୋବିନ୍ଦ ଗୋପାଳ ଦେବଙ୍କୁ ଦ୍ରଶନ କଲେ । ନଡ଼ିଆ ଗୁଆ ତଣ୍ଡୁଳ ନାନା ପୁଷ୍ପ ଫଳ ରତ୍ନ ସୁବର୍ଣ୍ଣ ଜଡ଼ିତ ଯେ ଯାହା ମତେ ଦେଲେ । ବେଳୁବେଳ ଚହଳ ହୋଇଲା, ଭିଡ ପଡ଼ିଲା, ଦେଖିକରି ବାହୁଡ଼ିଲା, ଦେଖିକରି ବା............... ସାହାସ ଉଡ଼ିଲା, କରୁ କେ ପୁଅକୁ ଛ ଡ଼ିଲା, ଅଣଆୟତ୍ତେ ଉପୁଚିଅଇ ଭିଡ ଉପରେ ଚଢ଼ିଲା, ପତିତ୍ପାବନ ନଙ୍କ ବେତ କିଟି କିଟି ଉଡ଼ିଲା । ମହା ଘୋର ଧ୍ୱନି ଉପୁଜଇ, ଭିଡ ଗହଳ ମଧ୍ୟରେ ସୂତା ନ ଗଳଇ ।

ତ, ଯାହା ଭଷା ଯେ ଭଷୁଛି, ଗହଳ ଦେଖି କେ ଖସୁଛି । ନିଜ ମେଳେ କେ ମେଶୁଛି, ହରି ହରି ଳେ ଭଷୁଛି, ମେଳା ଦେଖି କେ ବସୁଛି, ଶ୍ୱାସ ଟେକି କେ ଖାସୁଛି; ଦ୍ରଶନ କରି କେ ଆସୁଛି, ଭିଡ ଭିତରେ କେ ପଶୁଛି, ଶ୍ରୀମୁଖ କାହାକୁ ଦିଶୁଛି, ଜୟ ଜୟ କେ ଘୋଷୁଛି ।

ତ, କେଉଁ ପୁରୁଷ	ହୋଇ ଅବଶ	ଗଡଗଡାଇ ଯାଉଛି ।
ଭିଡରେ ଲୋଟି	ନ ପାରେ ଉଠି	ପଡ଼ି ଉଠିକରି ଧାଉଁଛି ॥
କେବଣ ଲୋକ	ହୋଇ ଉଚ୍ଛୁକ	ନାମ ଧରିଣ କେ ଗଉଛି ।
କେହୁ ପଳାଇ	ଖଣ୍ଡିଏ ଯାଇ	ଗ୍ୱବୁକ ଚିହ୍ନକୁ ଚ୍ୱହୁଁଛି ॥
କେବଣ ଜନ	କେଶ ବ୍ୱଯନ	ଅଯତ୍ନ ଳ ହୋଇ ଯାଉଛି ।
ମଡାମଡ଼ିରୁ	ପଳାଇ ଦୂରୁଁ	ସମ୍ଭାଳି ହୋଇଯାଇ ରହୁଛି ॥
କେବଣ ଡେଙ୍ଗା	ହୋଇ ଅଲଗା	କିଛି ଦୂରୁ ଯାଇ ଚ୍ୱହୁଁଛି ।
ମେଢ ଅଟାଳି	ପୁର ପାଚେରୀ	ଚଢ଼ି କେ କାହାକୁ ଚ୍ୱହୁଁଛି ॥
କେଶ ମୁକୁଳ	ଧୂଳି ଧୂସର	ମଡାମଡ଼ିରୁ କେ ଜୀଉଁଛି ।
ଅଣକଡରେ	ଭିଡାଭିଡ଼ିରେ	ଯାଇ ପଶି କେହୁ ପିଉଛି ॥

Digitized by PPRACHIN, SOA

ଝାଡି କାହା ଅଣ୍ଟା   କେ ହୋଇଲା ଛୋଟା   ପଡ଼ି କେ ବିକଳେ କହୁଛି
ମଣ୍ଡ.ମଡ଼ିରେ   କୁଦାକୁଦିରେ   କାହାର ନିଃଶ୍ୱାସ ବନ୍ଧୁଛି ।
ଉପରେ ରହି   ଭିଡକୁ ଚାହିଁ   ସଙ୍ଗ ଜନକୁ କେ ଡାଉଛି
ମଣ୍ଡପ ପାଶେ   ଦର୍ଶନ ଆଶେ   ଠେଲାଠେଲି କେ ସହୁଛି ।
କାହାର ଘର   ପଡନ୍ତେ ଜଳ   ଲୋଭ କରି କେ ଲଭୁଛି
ପେଲାପେଲିରେ   ଭିଡ ଗହଳେ   କାହାର ଆଏ କେ ପାଉଛି ।
ଦୋଳଗୋବିନ୍ଦ   ମୁଖାରବିନ୍ଦ   ଦେଖି କେ ଦୁରିତ ଦହୁଛି
କେଉଁ ଯୁବତୀ   ନ ଦେଖି ପତି   ଚକିତେ ସବୁଙ୍କୁ ଚାହୁଁଛି ।
ଭେଣୋଇ ଭେଟି   କେଉଁ ବିମ୍ବୋଷ୍ଠୀ   ହରଷ ବିରସ ହେଉଛି
କେଉଁ ସୁମୁଖୀ   ନଣନ୍ଦ ଦେଖି   ମେଳ ତେଜିକରି ରହୁଛି ।
କେବଣ ବାଳା   ଭାଇର ଶଳା   ଦେଖି କଥା ପାଞ୍ଚି କହୁଛି
କଉଁ ମୃଗାକ୍ଷୀ   ମାନିତ ଦେଖି   ମୁଖ ପୋତି ଲାଜେ ଚହୁଛି ।
କେ ବୋଲେ ଭାଇ   ଅଇଲ ଭାଇଁ   ବେଳୁବେଳ ଭିଡ ପଡୁଛି
କେ ପଡେ ଝୁଣ୍ଟି   ନ ପାରେ ଉଠି   ଭିଡ ଭିତରେ କେ ଗଡୁଛି ।
ଯନ୍ତାଯନ୍ତିରେ   .... କରେ   ଧରି ନ ପାରି ଛାଡୁଛି
ବଣା ହୋଇଲା   ପୁଅ ହଜିଲା   ଭିତରେ ପଶି କେ ଲୋଡୁଛି
ବାହୁର ବଳେ   ଭିଡ ଗହଳେ   ଦୁଇ କର କେହୁ ଯୋଡୁଛି
ସଖି ସଙ୍ଗାତ   ପରଣ ମିତ   ଏକକୁ ଆରେକ ହେଡୁଛି ।
ଶଙ୍ଖିକା କୁଚ   କୁଙ୍କୁମ ସଞ୍ଚ   ଜପୀଙ୍କ ଅଙ୍ଗରେ ଜଡୁଛି
କୋଉ ସୁନ୍ଦରୀ   କାନ୍ତକୁ ଧରି   ଲୋଚନୁ ଲୋତକ ଝରୁଛି ।
କୋଉ କାମିନୀ   ଝିଅକୁ ଘେନି   ବା ବା ହୋଇ ଖୋଜୁଛି
କୋଉ ବାପୁଡା   ହୋଇଛି ଛିଡା   ସଙ୍ଗଜନମାନ ହେଜୁଛି ।
ଭିଡ ଗହଳେ   ନ ଚହି ତଳେ   ଉପୁଚିଆଇ କେ ଭଜୁଛି
କୋଉ ସୁନ୍ଦରୀ   ଯୌବନ ଭରି   ବାସ କେଶ ଖସି ଲୋଟୁଛି ।
ବଣା ହୋଇଲା   ପୁଅ ହଜିଲା   ଭିତରେ ପଶି କେ ଲୋଡୁଛି
ଭଜିଲା ହାତ   ନିବିଡ ଭିଡ   ପଡ଼ିହାରୀ ବେତ ପିଟୁଛି ।
ଘୋର ଶବଦ   କାନ ତବଦ   କାହାର କବରୀ ଫଟୁଛି
କେବଣ ନାରୀ   ଯାଇ ନ ପାରି   ଭିଡେ..... ବାହି ତୁଟୁଛି ।
ସ୍ୱଶୀଳ ଲୋକ   ହୋଇ ଉଚ୍ଛୁକ   ଧାଇମା ଧାପରେ ଫୁଟୁଛି
ବାଙ୍ଗର ଜଂନ   କରେ ଦୃଶନ   ତେଙ୍ଗା ତେଙ୍ଗ ହୋଇ ଚାହୁଁଛି ।

Digitized by PPRACHIN, SOA

କୋଉ ଅବଳା ଛିଡ଼ିଲା ମାଳା ତଡକୀ କା କାନୁ ଖସୁଛି
ଶ୍ୱଶୁର ଦେଖି କୋଉ ସୁମୁଖୀ ସଖୀ ମେଳେ ଲଜ୍ଜେ ପଶୁଛି ।
ସଜନୀ ମେଳେ ଭିଡ ଗହଳେ ହୃଦୟ ଦୁଃଖ କେ ଭାଷୁଛି
କଉଁ ସୁକେଶୀ ଲଙ୍ଗଳା ଋଷି ଅନାଇ ଅଳପ ହସୁଛି ।

ତ, କେ ବୋଲଇ ଆଲୋ ଭଉଣୀ, ଭିତେ ନ ପାରିବା ଯାଇ ଟଲୋ
ଏହିଆଡେ ଆମ୍ଭେ ମାଇପଙ୍କ ମେଳେ, ଅସିବା ଶ୍ରୀମୁଖ ଚହିଁ ଲୋ ।
ବୋଲଇ ଟକେ ତହିଁ ଲେସି ଗୋ, ଭିଡରେ ନ ମର ପଶି ଗୋ
ଭିଡ ଗଲେ ପଛେ ଦରଶନ କରିବା, ଏହିଠାରେ ଥିବା ବସି ଗୋ ।
କେବ୍ରଣ ଯୁବତୀ ପଲ ଗୋ, ଦେଖନ୍ତି ଗୋବିନ୍ଦ ଗୋପାଳ ଗୋ ।
କେ ତହିଁ କାହାକୁ ଭଉଣୀ; କେ ତହିଁ କରନ୍ତି ଗୋଳ ଗୋ
କେ ବୋଲଇ ଆଲୋ ଖୁଡୀ ଲୋ, ଭିଡ ଅଛି ବଡ ପଡି ଲୋ
ଏହିଠାରେ ଆମ୍ଭେ ଚଢ଼ି ନ ପାରିବା, ପାଇବାଟି ବେଢ ବାଡ଼ି ଲୋ ।
କେ ତହିଁ ବୋଲଇ ଚଳ ଗୋ, ଦେଖିବା ସଜନୀ ଦୋଳ ଗୋ
କେ ତହିଁ ଶ୍ରୀମୁଖ ଦେଖି ଡଣାଉଛି, କେ ବେ ଲଇ ହରିବୋଲ ଗୋ ।
କେ ବେ ଲଇ ଆଲୋ ମିତ ଗୋ, ନ ଛାଡ ଜୁଆଁଇ ହାତ ଗୋ
ଲୋକ ଗହଳରେ ଭେଟ ନ ପ ଇବା, ପଡୁଅଛି ଯୋଡା ବେତ ଗୋ ।
କେ ବେ ଲଇ ଆଲୋ ନାନୀ ଲୋ, ପୁଅକୁ ଥିବୁଟି ଘେନି ଲୋ
ଯ ତ୍ରା ସାରି ବସା ବାହୁଡା ବେଳକୁ, ହାଟ ବାଟ ନେବା କିଣି ଲୋ ।
କେ ବେ ଲଇ ଆଗୋ ଆଇ ଗୋ ବସା କଲ କେଉଁଠାର ଗୋ
ଭାଉଜକୁ ମେ ର ଖୋଜି ନ ପ ଇଲି ବଣା ହୋଇଗଲା କାହିଁ ଗୋ ।
କେ ବୋଲଇ ଆଗୋ ମାଇଁ ଗୋ, ମାମୁଁ ତ ସାଙ୍ଗରେ ନାହିଁ ଗୋ
ନିରନ୍ତରେ ତୁମ୍ଭେ ଦୁଇ ପରାଣୀରେ, କଳି ହୁଅ କାହିଁପାଇଁ ଗୋ ।
କେ ବୋଲେ ନଣନ୍ଦ ଦେଖ ଗୋ, ଗୋବିନ୍ଦ ସୁରଙ୍ଗ ମୁଖ ଗୋ
ଫଗୁ ଗୁଣ୍ଡ ପଡ଼ି ଶ୍ରୀ ଅଙ୍ଗ ସୁନ୍ଦର, ଦେଖି ପଳାଇଲା ଦୁଃଖ ଗୋ ।
କେ ବୋଲଇ ଆଲୋ ବୋହୂ ଲୋ, କାହାକୁ ଅନାଇ ଚହୁ ଲୋ
ସାତ ସ୍ୱପନରେ ଯାହାକୁ ନ ଚିହ୍ନୁ, ତାହାକୁ କି କଥା କହୁ ଲୋ ।
କେ ବୋଲଇ ଆଲୋ ହଟ ଲୋ, ନ ମାଡଇ ତୋତେ ଡର ଲୋ
ଡେଡାଡେଡି ହେ ଇ ବୋବାଳି ଶୁଣି ଯେ, ବୁକୁ ମୋର ଥରହର ଲୋ ।
କେ ବୋଲଇ ଆଲୋ ସଧି ଲୋ, ଗୋଡରୁ ହଜିଲା ମୁଦି ଲୋ
ଲଇଁକରି ମୁ ଯେ ଖୋଜିଲା ବେଳକୁ, ଜଣ ଜଣ ଗଲେ କୁଦି ଲୋ ।

Digitized by PPRACHIN, SOA

କେ ବୋଲଇ ଆଲୋ ଛିଡ଼ି ଗୋ, ଗହଳ ଭିତରେ ପଡ଼ି ଗୋ
ହାଥ ବଢାଇ ଧଇଲୁ ବେଳକୁ ଲୋକ ଗଲେ ମୋତେ ମାଡ଼ି ଗୋ ।
କେ ବୋଲେ କେବଣ ବାଳି ଗୋ, ହଜିଲୁ ମୋ ହାରବଳୀ ଗୋ
ସରବ ଖାଇ ମୁଁ ନ ଗଲି ସଙ୍ଗରେ, ଶାଶୁ ଦେବେ ମୋତେ ଗାଳି ଗୋ ।
କେ ବୋଲଇ ଆଗୋ ଟଭି ଗୋ, କେତେ ହୋଉଅଛୁ ଛନ୍ଦି ଗୋ
ଝାଳ ଗଳି ତୋର କପୋଳ ସିନ୍ଦୂର, ଚିତା ଯାଉଅଛି ଲିଭି ଗୋ ।
କେ ବୋଲେ ଏଠାରେ ଥିଲି ଗୋ, ଭିଡେ ପଡ଼ି ଦଳି ହେଲି ଗୋ
ଅତି ଅସମ୍ଭାଳେ ପଡ଼ିବା ଦେଖି ମୋ, ଏହି ଦାସେ ଦେଲେ ଠେଲି ଗୋ ।
କେ ବୋଲେ ଏଠାକୁ ଆଗୋ, ରାହାସ ମଣ୍ଡଣି ଚାହାଁ ଗୋ
କେଉଁଆଡେ କେତେ ମଣ୍ଡଣି ହୋଇଛି, ଦେଖିବା କୂଅ ଚାନ୍ଦୁଆ ଗୋ
କେ ବୋଲେ ସଜନୀ ଦେଖ ଗୋ, ତନୁ ବିନୁ ସହୁମୁଖ ଗୋ
କେଉଁଆଡେ କେତେ ପ୍ରତିମା ଘଟଣ, ଧାଡ଼ି ଧାଡ଼ି ରେଖ ରେଖ ଗୋ ।
ଦେଖ ସଖି ଏହୁ ସୋଲ ଗୋ କି ଜାଣି କଦମ୍ବ ଫୁଲ ଗୋ
ଚାମର ଦର୍ପଣ ଚିଉଳ ଉତଇ, ଗଗନରେ ମାଳ ମାଳ ଗୋ ।
କେ ବୋଲେ ମିତଣୀ ଭଲୁ ଗୋ, ଏତେ ରୂପ କେହୁ କଲୁ ଗୋ
କେଉଁଆଡ଼େ କେତେ ଚାନ୍ଦୁଆ ଚାମର, ଆକାଶକୁ ଘଞ୍ଚ ଚହଲୁ ଗୋ ।
କେ ବୋଲଇ ଭଲ ରଙ୍ଗ ଗୋ, ଗଜ ମେଳେ ଅଛି ସିଂହ ଗୋ
ବଳିଆ ଯୂଥରେ ହରିଣ ଚାହୁଁଛି ଶାମଳ ଢଙ୍ଗରେ ବୃକ ଗୋ ।
ନକୁଳ ମେଳରେ ଅହି ଗୋ, ସଧୀରେ ଅଛଇ ଚାହିଁ ଗୋ
ବୃନ୍ଦାବନେ ମତ୍ତ ମୁରଲୀ ସ୍ୱନରେ, ଚିତ୍ରମତେ ମନ ଦେଇ ଗୋ ।
ରହି ଗୋ ଶାଳି ଆକ୍ଷୁ ଆଦି ଶଶା ଗୋ, ମାଧବୀ କୁଞ୍ଜରେ ବସା ଗୋ
ଗୟଳ ସନ୍ଧର ଉପରେ ଉଠୁଛି ଦେଖ ଏ ନେପାଳ ମୂଷା ଗୋ ।
କେ ବୋଲେ ପାଞ୍ଚଲୁ ଗୁଆ ଗୋ ଖାଉଅଛି ବସି ଶୁଆ ଗୋ
ଯେଉଁଆଡେ ଯେତେ କ୍ରମ ଦିଶୁଅଛି, ସବୁହୁଁ ତ ସବୁ ନୂଆ ଗୋ ।
ପିତୁଳୀ ଏ ମାଳ ମାଳ ଗୋ ଧରି ବୀଣା ରବା ତାଳ ଗୋ
ଅଳସୀ ହୋଇ କେ ଉଭା ହୋଇଅଛି, ଧରିଅଛି ତରୁ ଡାଳ ଗୋ ।
କେ ବୋଲେ ପରଣ ମିତ ଗୋ, ଦେଖ ଏ କସ୍ତୁରୀ ଯୂଥ ଗୋ
କେଉଁଠାରେ ମାଲ ସଂଗ୍ରାମେ ଅଧର, କାମୋଡ଼ି.......... ମୁଅ ଗୋ ।
ଦେଖ ଏ ସୁରଭୀ ପଲ ଗୋ ବାଛୁରୀ ଅଛନ୍ତି ମେଲ ଗୋ
ଖେଦାଖୋଜି ସୋତ ନେଉଳ ଅଛନ୍ତି, କୁଞ୍ଜଲତା ତରୁ ତଳ ଗୋ ।

Digitized by PPRACHIN, SOA

କେବଣ ଯୁବତୀ ତହିଁ ଗୋ, ବିଚକ୍ଷଣ ଦେଖି ଗୃହିଁ ଗୋ
ସଖୀକି ଦେଖାଇ ଅଳପ ହସଇ, ମୁଖରେ ବସନ ଦେଇ ଗୋ ।
କେ ବୋଲେ ଧରିଣ କାମ ଗୋ, ଦେଖ ସଖୀ କୋଟି କମ ଗୋ
କେ ବୋଲେ ହରେ ଗୋବିନ୍ଦ ଗୋପାଳ, କେ ବୋଲେ ହରେ ରାମ ଗୋ ।
ମଣ୍ଡପ ଘୁରି ପାଖ ଗୋ, ବିଚିତ୍ର ପ୍ରତିମା ଦେଖ ଗୋ
କୁହାକୁହି ହେଇ ଯୁବତୀ ବୁଲିଣ, ଦେଖି ପାଉଛନ୍ତି ସୁଖ ଗୋ ।
କେ ବୋଲେ ମିତଣୀ ରହ ଗୋ, ଚିହ୍ନାଇ ଏହାକୁ କହ ଗୋ
କେ ବୋଲେ ମୁନି ଯେ ଯାଗ କରୁଛନ୍ତି, ଆହୁତି ଦିଅନ୍ତି ଯହିଁ ଗୋ ।
କେ ବୋଲେ ଏ କେଉଁ ଋଷି ଗୋ, ଆଖି ଦେଇଛନ୍ତି ଖୋସି ଗୋ
ମାଳ ଧରି ଜପି ଆସନ ଭିଡ଼ିଛି, ବ୍ୟାଘ୍ରଛାଲ ମାଡ଼ିବସି ଗୋ ।
କେ ବୋଲଇ ସଖି ଦେଖ ଗୋ, ଏ ମୁନି ଅଠର ବାଙ୍କ ଗୋ
କେ ବୋଲେ ମଣ୍ଡପ ପଛରେ ଦେଖିବା, ଏଠାରେ ହୋଇଛି ଯଙ୍କ ଗୋ ।
ଦିଗାମ୍ବର ଉର୍ଦ୍ଧ୍ୱ ବାହୁ ଗୋ, କେ ବୋଲଇ ଦେଖ ବୋହୂ ଗୋ
ନଣନ୍ଦକୁ ଧରି ଭାଉଜ ବୋଲଇ, ଏହି ବର ତୋତେ ହଉ ଗୋ ।
ବହନ ନଣନ୍ଦେ ବର ଗୋ, ବଡଦାଣ୍ଡେ କର ଘର ଗୋ
ଯାତ୍ରା ଦେଖି ପୁରୁଷତିମ ଅଇଲେ, ନ ଥିବ ବସାକୁ ଡର ଗୋ ।
ଦେଖ ଏ ଛେଡିଆ ମୁନି ଗୋ, ଦଣ୍ଡ କମଣ୍ଡଳ ଘେନି ଗୋ
କେ ବୋଲେ ତୋର ଏ ଶଶୁର ହୋଇବ, ଭଲକରି ଥାଅ ଚିହ୍ନି ଗୋ ।
ଦେଖ ଏ ଜଟିଳ ଋଷି ଗୋ, ଜଟା ଭାର ପଡେ ଖସି ଗୋ
କଉପୁନୀ କନା କୂଳରେ ଶୁଖାଇ, ତରୁ ତଳେ ଅଛି ବସି ଗୋ ।
କୁସୁମା ଖାଇ କେ ଭୋଳ ଗୋ, ଆତେ ଖୋସିଅଛି ତୋଳ ଗୋ
କେ ବୋଲେ ନାତୁଣୀ ନ ପୁଣ ଧରିଣ, ନିଅଇ ବହନ ପଳା ଗୋ ।
କେ ବୋଲଇ ଆଗୋ ପାନି ଗୋ, ଦେଖ ପଚପଞ୍ଚ ମୁନି ଗୋ
ଗହନ ବନରେ ରମଣୀ କରଇ, ମୃଗୁଣୀ ଗୋଟାଏ ଘେନି ଗୋ ।
କେ ବୋଲଇ ଦେଖ ଯୋଗୀ ଗୋ, ଜଳଘାଟ ଅଛି ଜଗି ଗୋ
କୁମ୍ଭ ଘେନି ନାରୀ ଜଳକୁ ଆସନ୍ତେ ଗୋଡାଇ ଅଛଇ ଦେଖି ଗୋ ।
ଦେଖ ଏହୁ ତପସ୍ୱୀ ଗୋ, ପଣନ୍ତ ଅଛଇ ଧରି ଗୋ
ଧଡପଡ ହୋଇ ପଳାନ୍ତେ ସୁନ୍ଦର ଅଞ୍ଚଳ ଯାଉଛି ଚିରି ଗୋ ।
ପଞ୍ଚବିଂଶ ହୋଇ ମେଳି ଗୋ, ଦେଖନ୍ତି ମଣ୍ଡପ ବୁଲି ଗୋ
ଖେଡି ଖେଡି ହୋଇ ହାସ୍ୟ ପରିହାସେ, ହାଥ ଧରାଧରି ଚାଲି ଗୋ ।

Digitized by PPRACHIN, SOA

ଯମେଶ୍ୱର କେଉଁ ଦିଗେ ଗୋ   କେ ବୋଲେ ଦକ୍ଷିଣ ଭାଗେ ଗୋ
କେ ବୋଲଇ ମୋର ମନ ଶୂନ୍ୟ ଘର   ସିଂହ ଦୁଆର ଲାଗେ ଗୋ ।
କେ ବୋଲଇ ସଖୀ ତକ୍ଷଣେ ଗୋ   ଦେଉ କିନା ମୋତେ କ୍ଷଣେ ଗୋ
ଶାଶୁ ବୋହୂଙ୍କୁ ମୋ ଖୋଜିଣ ଆଣିଲେ   ଦେବୁଇ କଉଡ଼ି ପଣେ ଗୋ ।
କେ ବୋଲେ ବଉଳ କାହିଁ ଗୋ   ଆଜ ତ ଆସଇ ନାହିଁ ଗୋ
କେ ବୋଲଇ ସେତ ବାଇ ହୋଇଅଛି   ଦୁଦୁରା ଚଞ୍ଚାଇ ଖାଇ ଗୋ ।
କେ ବୋଲଇ ଆଗୋ ସଖି ଗୋ   ବର ତ ଅଛଇ ଆସି ଗୋ
ଅଳପ ଅଳପ ଅନାଇ ହସଇ   ସାଙ୍ଗ ସଖୀ ମେଳେ ପଶି ଗୋ
କେ ବୋଲଇ ଭଉଣୀ ଇଲୋ   ଝୁଣ୍ଟି ଗଲୁ କାହିଁପାଇଁ ଗୋ
ବୁ ଜେଜି ତୁଣ୍ଡ ତ ମେଲାଇ କହୁନ୍ତି   ଦେଢଶୁର ଥାଉ ଥାଉ ଲୋ ।
କେ ବୋଲଇ ଆଗୋ ସଖି ଗୋ   ସଙ୍ଗାତ ମୋ ଗଲେ କାହିଁ ଗୋ
ଖୋଜି ଖୋଜି ମୁଁ ଯେ ଭେଟ ନ ପାଇଲି   ଯାଙ୍ଗ ସଖି ମେଳେ ନାହିଁ ଗୋ ।
ତମାଳୀ ପୁରୁଷ ଦେଖି ଗୋ   ଠାରିଣ ମାରିଣ ଆଖି ଗୋ
କେ ବୋଲଇ କାଲି ଦେଲିଙ୍କ ସେଡ଼ିଠାରେ ହୋଇ ସିନା ଦେଖାଦେଖି ଗୋ ।
କେବଣ ନାଗରୀ ନାରୀ ଗୋ   ପୁରୁଷଙ୍କୁ ଗଲା ଠାରି ଗୋ
ଦେଖାଇ ବୋଲଇ ଦେଉଳ ପଛରେ   ରହ ଅଛୁ ଆମ୍ଭେ କରି ଗୋ ।
କେ ବୋଲଇ ତାକ ତାକୁ ଗୋ   ଗୁଣା ହଜାଇଲା ନାକୁ ଗୋ
ପରିହାସେ ମୋତ ବିଧାଏ ମାଇଲା   ବଥାଉଅଛି ମୋ ବୁକୁ ଗୋ ।
କେହୁ ପାଗ ଖଣ୍ଡ ଯୋତ ଗୋ   ଖେଳନ୍ତି ଅବିର ଖେଳ ଗୋ
ବାପ କେତେହୁଁ ସୁନ୍ଦର ଦିଶଇ   କି ଡାଣି ସିନ୍ଦୂର କୁଢ ଗୋ ।
କେବଣ ଗଉଡ ପଲ ଗୋ   କରନ୍ତି ଲଉଡ଼ି ଖେଳ ଗୋ
କାନ୍ଥ ଚଉତୁନା କେ ଘଣ୍ଟି ଘାଗୁଡ଼ି   କେ ସାଇ ଚନ୍ଦନ ଫୁଲ ଗୋ ।
କେହୁ ପରିହାସୀ ନାରୀ ଗୋ   ଫଗୁ ଅଛି କରେ ଧରି ଗୋ
ପଛେ ପଛେ ଯାଇ ଭଉଜ ଆଖିରେ   ଅଇଲା ପଳାଇ ମାରି ଗୋ ।
କେବଣ ଚନ୍ଦ୍ରମା ମୁଖୀ ଗୋ   ....
କର ଛାଡ଼ି ପୁଣି ଗୁହିଁବା ବେଳକୁ   ଆର କର ଅଛି ଯୋଖି ଗୋ ।
କେ ବୋଲଇ ତହିଁ ଚଳି ଗୋ   ପୋତୁ ଏ ମାଇପେ ମେଳି ଗୋ
ଭାଉଖାଇ ମୋର ଆଖିକି ମାଇଲା   ଫଗୁରେ ମିଶାଇ ଧୂଳି ଗୋ ।
ସାତ ପାଞ୍ଚ ହୋଇ ମେଳ ଗୋ   ମାରନ୍ତି ଅବିର ଗୁଣ୍ଡି ଗୋ
ଏକକୁ ଧରନ୍ତେ ଆରେକ ପଳାଇ   କେହୁ ଯାଉଅଛି ଭଣ୍ଡି ଗୋ ।

Digitized by PPRACHIN, SOA

କେହୁ ବୋଲୁଅଛି ରହ ଗୋ   ଦେଖିବା ତୋହର ଦେହ ଗୋ
ନଣନ୍ଦ ଘରେ ଯେ କୁଳୁଆଁ ହୋଇଲୁ   ନଣନ୍ଦେଇ କଥା କହ ଗୋ ।
କେ ବୋଲେ ନ ଧର ମୋତେ ଗୋ   ଗୁରୁଜନ ସଣତି ତୋତେ ଗୋ
ଅଣକତେ ମୋର ଘରେ ଯେ କୁଳୁଆଁ   ନ ଚଳଇ ପରିହାସ ଗୋ ।
ଶ୍ରୀମୁଖ ଟେଣ ଙ୍କୁ ଗ୍ରହିଁ ଗୋ   ସଙ୍ଗାତ ହୁଅନ୍ତି ରହି ଗୋ
ଅନୁରାଗ ଭରେ ଏକୁ ଆରକରେ   ବେଖରଇ ଡିଆଦେଇ ଗୋ ।
କେହୁ ହୋଇଥିଲା ବଣା ଗୋ   ହଜାଇଲା ନାକଚଣା ଗୋ
ଦେଖି କେ ଳ କରି ଧରିଣ ସଜନୀ   ଦେଉଛି ନବ୍ର ତ ପଣା ଗୋ ।
କେ ବେ ଲଇ ବାଳ ବ୍ରାନ୍ଧ ଗୋ   ଲୁଗା ଭଳକରି ପିନ୍ଧ ଗୋ
ବଣା ହେଲୁ ପୁଅ ଏବେତ ପାଇଲୁ   ଆଉ କାହିଁପାଇଁ କାନ୍ଦ ଗୋ ।
କେ ବୋଲଇ କଲୁ ଶୋଷ ଗୋ   କରିବା ସଜନୀ କିସ ଗୋ
କେ ବୋଲଇ ମହାପ୍ରସାଦ ତୋଡାଣି   ପିଇବା ଦାଣ୍ଡକୁ ଆସ ଗୋ ।
ଆଣିଲ ତୋଡାଣି ଦହି ଗୋ   ପଇ ବୋଲେ ଆଇ ଆଇ ଗୋ
ଟଭ୍ର ରଚ ଅଦା ଅଡଙ୍ଗା ବାଘନା   ଶୋଷରେ ଦେଉଛି ପିଇ ଗୋ ।
କାହାର ହଜିଲା ଝିଅ ଗୋ   ବିକଳ ତାହାର ଦେହ ଗୋ
ଖିରୀ ଟ କୁଆ ସେ ଯାଚଇ ଖେ ଦେବି   ଝିଅକୁ ଭେଟାଇ ଦିଅ ଗୋ ।
କେ ବୋଲଇ ଆଗୋ ଡରା ଗୋ   କେତେଟେହେ ସହିବା ଖରା ଗୋ
ବାଇଶି ପାବଚ୍ଛ ତାଟରୁ କିଣିମା   ବଡ ପଠା ଦୁଇ ଝରା ଗୋ ।
କେ ବୋଲଇ କିଣ ଖଜୁ ଗୋ   ମୂଲ୍ୟ ତା ବଳା ଖଜୁ ଗୋ
କେହୁ ନାଡ଼ି କାନ୍ତି ତ୍ରିପୁରୀ ଘେନଇ   ଆବର ନଡ଼ିଆ ଲଡୁ ଗୋ ।
କେ ବୋଲଇ ଆଲୋ ଅଢା ଲୋ   କିଣୁ କିନା ଫେଣା ଖଜା ଲୋ
ପୁଅ ଖେଳିବାକୁ କୁଣ୍ଢାଇ କିଣିମା   ବଣା କରି ମତେ ନ ଯା ଲୋ ।
କେବଣ ମାଳପ ପଲ ଗୋ   ପଚ୍ଛରନ୍ତି ଚଣା ମୂଲ ଗୋ
ବିଦ ମୁଦି ପାଟ ବରଡ କିଣିମା   କେଯାଇ ଚନ୍ଦନ ଫୁଲ ଗୋ ।
କେ ବୋଲଇ ତୁମ୍ଭେ ଯ ଅ ଖୋ   .... ଗୋ
କେ ବୋଲଇ ଏ ଶାକର ବିଶାକୁ   ଛ ପଣ ଦି ବୋଡ଼ି ଦିଅ ଗୋ
ଖଣ୍ଡ ଘୋଡା ଖଣ୍ଡ ହାଥି ଗୋ   ବସିଅଛି ପନ୍ତି ପନ୍ତି ଗୋ
ପୁଅ ଖେଳିବାକୁ କେହୁ କିଣୁଅଛି   ହିଙ୍ଗୁଳ କଉଡ଼ି ଲେନ୍ତି ଗୋ ।
କେହୁ କିଣୁଅଛି କାଚ ଗୋ   ....
କେହୁ ବୋଲେ କେଣେ ହୁରି ପଡ଼ିଅଛି   କେହୁ ବୋଲୁଅଛି ଲୋ ।

Digitized by PPRACHIN, SOA

କେ ବୋଲେ ସଜନୀ ଗୃହଁ ଗୋ କାଚ ଦୁଇମୁଠି ନିଅ ଗୋ
କେ ବୋଲଇ ଆଲୋ ଗୃହ ଲୋ ଖଡୁ ଦୁଇବାହି ପଢ ଗୋ ।
ଏହିଠାରେ ତୋର ବିଶ୍ୱକୁ ହୋଇବ ମହାପ୍ରସାଦ ନିର୍ବନ୍ଧ ଗୋ ।
ବଡଦାଣ୍ଡ କେଉଁଆଡେ ଗୋ ବଡ ଗଣ୍ଡ କେଉଁଆଡେ ଗୋ
ଆଳୁ ରମ୍ଭାଫଳ ମାଛ ଗୋ ....
କେ ବୋଲଇ ବଡଦାଣ୍ଡେ ଗୋ । ....
କେ ବୋଲଇ ସଖୀ ପଠି ତ ଛିଡ଼ିଲୁ କେ ବୋଲେ ପଡ଼ିଲି ବାଟେ ଗୋ
କେ ନାରୀ ହୋଇଲୁ ଆଗ ଗୋ କେହୁ ମେଲୁଅଛି ତେଗ ଗୋ
କେ ବୋଇଲ ଏହି ଠାବରୁ କିଣିମା ବଡ଼ି ବାଇଗଣ ମୁଗ ଗୋ
ବାହା ବିଦ ମାନେ କିଣ ଗୋ କଉଡ଼ି କୋଡ଼ିଏ ପଣ ଗୋ
ତୋହ ଦେହକୁ ଯେ ସୁନ୍ଦର ଦିଶିବ ମହରଗ ହେଲେ ଘେନ ଗୋ ।
କେ ବୋଲଇ ଖଡା କିଣ ଗୋ ଖଣ୍ଡ ବିଶା କେଇ ପଣ ଗୋ
କେ ବୋଲଇ ମୋର କୁଲୁଆଁ ଅଇଲେ ଆହୁରି ସତର ଜଣ ଗୋ ।
କେହୁ କିଣେ କାଚ ଘଡ଼ି ଗୋ କେ କିଣେ ଚନ୍ଦନ ପେଡ଼ି ଗୋ
କେହୁ କିଣୁଅଛି ନଡ଼ିଆ ଖୁରୁଡ଼ି କେହୁ କିଣୁଅଛି ଚୁଡୀ ଗୋ ।
ପତ୍ୟର ସଙ୍ଗିନୀ ମୂଲ ଗୋ କେତେ ଏ କସ୍ତୁରୀ ଫଳ ଗୋ
କେ ବୋଲଇ ହେଥୁ ବହୁତ ବିବିଦ ଆନ ପସରକୁ ଚାଲ ଗୋ
ନାନା କମ କେଣ୍ଟୁ ବାଢି ଗୋ ହାତୀ ଦନ୍ତ ଚିତ୍ର ପେଡ଼ି ଗୋ
କେ ବୋଲଇ କେତେ ଲେଖାଏଁ ବିକୁଛ ବାରପଣ ଦୁଇ କୋଡ଼ି ଗୋ ।
କେ ବୋଲଇ ଖଣ୍ଡ ମଣ୍ଡା ଗୋ ଦାସପଣ ଦଶଦଣ୍ଡା ଗୋ
କେ ବୋଲେ ବହନ କରିଦିଅ ଯିବୁ କେତେ ହୋଇଥିବୁ ଠିଆ ଗୋ ।
କେ ବୋଲଇ କମ ଥୁଅ ଗୋ ବୃ ହୁଡ଼ି ଏଠୁ ରୁ ଯାଅ ଗୋ
ଘେନିବାକୁ ଯେବେ ଶରଧା ହେଉଛି ଆଉ ଚାରିପଣ ଦିଅ ଗୋ ।
କେ ବୋଲେ ନ କର ଧାପ ଗୋ ଦେଖ ଯୋଡ଼ିବେତ ଛାପ ଗୋ
କେହୁ କିଣୁଅଛି ବଳା ନାକଚଣା ଫୁଲ ମଲକଢୀ କାପ ଯୋଡା ଗୋ ।
କେ ବୋଲେ କିଣିଲି ଛିଟ ଗୋ କଳାମେଘୀ ଚିତ୍ର ପାଟ ଗୋ
କେ ବୋଲଇ ମୂଲ ବହୁତ ହୋଇଲା ଦେହକୁ ହୋଇଲା ଛୋଟ ଗୋ ।
କଉଡ଼ି ନ ଥିଲେ ନିଅ ଗୋ ଶୋଷକୁ ପଇଡ ପିଅ ଗୋ
କେ ବୋଲଇ ମୋର ଖରଚ ସରିଲା ଉଧାର କଉଡ଼ି ଦିଅ ଗୋ ।
ଚନ୍ଦ୍ରକାନ୍ତି ଦରପଣ ଗୋ ମୂଲ କଲା ତେର ପଣ ଗୋ

Digitized by PPRACHIN, SOA

କେ ବୋଲଈ ସଖି ମୁହଁ ଗୁହିଁବାକୁ   ଶରଧା ହୋଇଲେ କିଣ ଗୋ ।
କେହୁ ବସୁଅଛି ପୁଟି ଗୋ   କେ କିଶେ ଚଉିବୀ ମୁଠି ଗୋ
କେ ବୋଲଇ ସଖି ଛିଡା ହୋଇବାରେ   ବଥାଉଅଛି ମୋ ପିଠି ଗୋ ।
କେ ବୋଲଇ ଦେଖ ମିତ ଗୋ   ଉଲ ଶୋଭପାଇ ଝ୍ୟାତ ଗୋ
ଛାମୁରେ ପରିଛା ପଟୁଆର କରି   ଧରିଅଛି ସୁନା ବେତ ଗୋ ।
କେ ବୋଲଈ ଅିଲି ହଜି ଗୋ   ଆଣିଲେ ସଜନୀ ଖୋଜି ଗୋ
କେ ବୋଲଇ ଏବେ ଛାମୁରେ ଶୁଣାଣ   ହେଉଅଛି ନୂଆ ପାଞ୍ଜି ଗୋ ।
ପଡ଼ିଆରୀଗଣ ଠିଆ ଗୋ   ତୋଳନ୍ତି ନଡ଼ିଆ ଗୁଆ ଗୋ
କେ ବୋଲଇ ସଖି କେମନ୍ତେ ସୁନ୍ଦର   ଜଗୁଜନ ମୋହନିଆ ଗୋ
ସୁର ନର ଏକ ମେଳ ଗୋ   ଦେଖନ୍ତି ଗୋବିନ୍ଦ ଦୋଳ ଗୋ
ବାଜଇ ଦୁନ୍ଦୁଭି ମର୍ଦ୍ଦଳ କଂସାଳ   ଘଣ୍ଟ ବୀଣା ରବା ତାଳ ଗୋ ।
ହର ପୁରନ୍ଦର ବିହି ଗୋ   ଉଶ୍ୱ ଶିରେ କର ଦେଇ ଗୋ
କୋଟି କୋଟି ଜନ୍ମ ଦୁରିତ ହରିଲା   ଗୋବିନ୍ଦ ମୂରତି ଗୁହିଁ ଗୋ ।
ବଦନ ଚନ୍ଦ୍ରମଣ୍ଡଳ ଗୋ   କିରୀଟି କୁଣ୍ଡଳ ବୁଳ ଗୋ
କେତେ କାଳ ବସି କେହୁ ନିର୍ମାଣିଲା   ସର୍ବ ଶୋଭା କଲା ଠୂଳ ଗୋ ।
ମାଧବୀ ଅଳକାବଳୀ ଗୋ   ସାତ ସରି ମୋତିମାଳୀ ଗୋ
କେଳି କୋତହୋଲେ ଯମୁନା ଜଳରେ   ଏପରି ଦଳିଲେ କାଳି ଗୋ ।
କେ ବୋଲେ ସଜନି ଗୃହ ଗୋ   ବିସ୍ତାର ବଳିନ ବାହା ଗୋ
ନାସେ ମୋତି ଭଲେ କସ୍ତୁରୀ ତିଳକ   ଉପମା କହିବା କାହା ଗୋ ।
କରେ ଅଛି ବେଣୁ ଘେନି ଗୋ   ଗଳାରେ ଲମ୍ବଇ ମଣି ଗୋ
କଟୀ ପୀତାମ୍ବର କେମନ୍ତେ ସୁନ୍ଦର   ଦିନକର ଜ୍ୟୋତି କିଣି ଗୋ ।
ଝାଳ ଟଳୁଅଛି ଅଙ୍ଗୁ ଗୋ   ପଡ଼ିଛି କର୍ପୂର ଫଗୁ ଗୋ
କଟୀ ଓଡ଼ିଆଣୀ ଶୋଭା ପାଉଅଛି   ଦେଖିଲି ପୂରୁବ ଭାଗ୍ୟ ଗୋ ।
ବ୍ରଳୟ କମଳ କରେ ଗୋ   ମୁଦି ଶୋଭେ ଅଙ୍ଗୁଳିରେ ଗୋ
ନେପୁର ଚରଣ କମଳେ ଶରଣ   ଦାସ ମନ ମଧୁକର ଗୋ ।

ତଦନ୍ତରେ — ଏମନ୍ତ ଶୁଣି ସେ ମୋହନାବତୀ ନଳ କୁବେରଙ୍କୁ ପୁଚ୍ଛା କଲା, ହେ ନାଥ, ହେ ନାଥ, ମୋତେ ସଞ୍ଚପି କୁହ, ସଂଶୟ ଫିଆ, କେଉଁଣ ଅବତାରେ ମଦନଗୋପାଳ ମୂରତି ବହିଲେ । କି ନିମନ୍ତେ ଦୋଳ ଜାତ କଲେ ଏହା ମୋତେ ବିସ୍ତାରି କହ । ଏମନ୍ତେ ଶୁଣି କୁମର କହୁଛନ୍ତି— ହେ ସୁନ୍ଦରୀ, ତରୁଣୀ ଶିରୋମଣି, ତୋ ନାଥଙ୍କ ଆଗେ କହଇ । ପୂର୍ବେ

Digitized by PPRACHIN, SOA

ନାରଦଙ୍କ ଠାରୁ ଯାହା ଅଛଇ ଶୁଣି । ତ୍ରେତୟା ଯୁଗେ ବିଷ୍ଣୁ ଅବତାର ହେଲେ । ଭଲୁ କୋଶଳେ, ଅଯୋଧ୍ୟା ପୁରେ । ସୂର୍ଯ୍ୟବଂଶରେ, ଦଶରଥ ଘରେ, ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ଚତୁର୍ଥ ମୂରତି ଋଷିଶୃଙ୍ଗଙ୍କ ବରୁରେ । ତଡ଼କି ମାଇଲେ, ଯାଗ ରଖିଲେ, ଅସୁର ନିବାରିଲେ. ମିଥିଳା ଦେଶରେ ଶିବ-ଧନୁ ଭଙ୍ଗି ମହୀପାଳିକି ବିଭା ହେଲେ । ପ୍ରଶୁରାମ ଦର୍ପ ହରିଲେ, ପିତା ଆଜ୍ଞାରେ ରାମ ଲକ୍ଷଣ ସୀତା ବନବାସ ଗଲେ, ଚିତ୍ରକୂଟେ ରହିଲେ ।

ଏକଦିନେ ରାମ ମନ୍ଦାକିନୀ ନଦୀ ତଟେ ମୃଗୟାକୁ ଗଲେ । ଅପସରୀ ବୃନ୍ଦ ନିଦାଘ ଋତୁରେ ଜଳକ୍ରୀଡ଼ା କରନ୍ତେ ଦେଖିଲେ । ସେ ଷୋଳସହସ୍ର ଚତୁରୀ, ଯଉବନେ ଭରି, ଏମନ୍ତ ରଘୁନାଥ ରୂପକୁ ଅନାଇ ମଦନେ ତନୁ ଘାରି, ଧୈର୍ଯ୍ୟ ତୁଟିଲା, ନୀବି ଫିଟିଲା, ବଚନ କୁଣ୍ଠିତ, ରୋମ ପୁଲକିତ, ଘନୁ ଥରହର, କୁଚ ଜରଜର, ମଦନେ ତରତର, ମୁଖେ ହରହର, ବାସ ସରେହେଚ, ଜଳେ ତତେବ, ମତି ଚଞ୍ଚଳ, ଖସଇ କୁଚମଣ୍ଡଳୁ ଅଞ୍ଚଳ, ଅଧର ଶୁଖିଲା, ହିଆ ଚମକିଲା, ରାମ ଶ୍ୟାମ ଅଙ୍ଗେ ସର୍ବ ସଖୀ ମନ ଲାଖିଲା । ଲାଜ ପଳାଇଲା, ବିବେକ ନାଶି ମନ ବଳାଇଲା, ସର୍ବ ସୁନ୍ଦରୀ ଆସି ବେଢ଼ିଲେ, ଶିରେ କୁସୁମ ଢାଳିଲେ, ବରଣମାଳା ଦେଇ ରାମଙ୍କୁ ବରିଲେ । ସଂଶୟ ଫେଡ଼ି ରାମଙ୍କୁ ସୁରତି ଦାନ ମାଗିଲେ ।

ରାମଚନ୍ଦ୍ର କହିଲେ, ହେ ନାୟିକାମାନେ, ସ୍ୱର୍ଗରେ ବିଳାସୁଣୀ ସୁରସିଦ୍ଧ ମୋହିନୀ । ଆମ୍ଭେ ମାନବ ତୁମ୍ଭେ ଦେବସ୍ତିରୀ । ତୁମ୍ଭଙ୍କୁ କି ଆମ୍ଭେ ସରି । ତୁମ୍ଭେ ଇନ୍ଦ୍ରଙ୍କର ମନୋହାରୀ । ଏମନ୍ତ ଶୁଣି ସେ ସ୍ୱର୍ଗର ବନିତା, ମଦନେ ଉନ୍ମତ୍ତା । ଲାଜ ତେଜି ଧଇଲେ ରାମଚନ୍ଦ୍ରଙ୍କ ପଇତା । ନବ ପଲ୍ଲବ କୁଞ୍ଜ-ଲତା । ଘୁଡ଼ି ଦେଇ ଖଣ୍ଡ ମନସି ଚିନ୍ତା । ଏ ଅତି ଘଞ୍ଚାଳ କରନ୍ତେ ରାମଚନ୍ଦ୍ର ବୋଇଲେ, ହେ ନାଏକା ମୋହର ଅଛି ବ୍ରତ । ବିବାହ କାଳେ ଜାନକୀ କରାଇ ଅଛନ୍ତି ଏକପତ୍ନୀ ସତ୍ୟ । ମିଥ୍ୟା ବିନୁ ମୁଁ ଆନ ସ୍ତିରୀ ନ ଛୁଇଁଇ । ପର ରମଣୀକି ମାତା ସମ ମଣଇ । ହେ ନାଏକାମାନେ ସତ୍ୟଭଙ୍ଗ ନ କର । ବିନୟ ଘେନି ନିଜ ପୁର ଚଳ । ବିଦ୍ୟାଧରମାନେ ସେ ତୁମ୍ଭ ଅନ-ରୂପେ ବର ।

ତଦନନ୍ତରେ — ରାମଚନ୍ଦ୍ରଙ୍କ ଅଦ୍ଭୁତ ନିଷ୍ଠୁର ଶୁଣି ସେ ଅପସରୀ-ମାନେ ବଡ ନିରାଶ ହୋଇ ଶାପ ଦେଲେ । ଆମ୍ଭଙ୍କୁ ଲେଖିଲୁ, ଲେଖି

Digitized by PPRACHIN, SOA

ପୋଛିଲୁ, ସୀତ୍ୟା ରୂପକୁ ଗଢ଼ିଲୁ । ଆମ୍ଭେ ସ୍ୱର୍ଗର ବଳା ହରିହର ବ୍ରହ୍ମାଙ୍କୁ ତେଷ୍ଟୁ । ଉର୍ଦ୍ଧରେତା ତପୀଙ୍କର ତପ ନାଶୁଁ । ଆମ୍ଭେ ଯାକୁ ପ୍ରସନ୍ନ ହୋଉ, ନାନା ସୁଖ କିଞ୍ଚିତମାନ ଦେଉ । ଏବେ ତୋ ଭାର୍ଯ୍ୟାକୁ ପର ନେଉ, ନେତ ଯୁବତୀକି ଅନୁଗତ ହୋଇ ତୋହୋ ଦିନ ଯାଉ ।

ତଦନନ୍ତରେ — ଶାପ୍ୟ ଶୁଣି ରାମଚନ୍ଦ୍ର ଚକିତ ହୋଇଲେ, ମନରେ ବଡ ଖେଦ ପାଇଲେ । ଏମନ୍ତ ସମୟେ ନାରଦ ମହାଋଷି ମିଳିଲେ । ନାରଦେଙ୍କୁ ଦେଖି ଅପସରୀ ସଙ୍କୁଚ ପାଇ ରହିଲେ, ରାମଚନ୍ଦ୍ର ନମସ୍କାର କରି କହିଲେ, ହେ ଋଷି, ବିନା ଦୋଷେ ଅପସରୀ ଶାପ ଦେଲେ । ମୁନି ବୋଇଲେ ଗୋ ଅପସରି, ଅସୁର ମାରଣେ ବିଷ୍ଣୁ ମାନବେ ଅବତରି । ଏହାଙ୍କୁ ଶାପ ଦେଲ କେଉଁ ଦୋଷ ଧରି । ଏବେ ଏଥିକି ପ୍ରତିକାର କହ । ବିଧାତା ଜାଣିଲେ କୋପ କରିବେ । କେହି ନୋହି ବିରହ । ଏହାଙ୍କର ଉପର ବଂଶରେ ମାନଧାତା ସଜନ । ଇନ୍ଦ୍ରଙ୍କର ସେ ଧର୍ମର ନନ୍ଦନ । ତ ଙ୍କ କୁଳେ ରାମଚନ୍ଦ୍ର ମାନବ ଦେହ । ତୁମ୍ଭେମାନେ ତ ହେବ ମାତାମହ । ସୁରତି ଦାନ ମାଗ ଅପସରୀ ସମୋହ । ଏ ତୁମ୍ଭର କେଉଁ ଆଗ୍ରହ ଆମ୍ଭ ଆଗେ କହ ତ । ଏମନ୍ତ ଶୁଣି, ସ୍ୱର୍ଗର ବିଳାସୁଣୀ, ଲଜ୍ଜାଭରେ ମଳିଲେ । ବିସ୍ମୟ ପାଇଲେ, ବୋଇଲେ ହେ ମୁନି ତୁମ୍ଭେ ଏଥକୁ ପ୍ରତିକାର ହୋଇବ । ଆମ୍ଭେ ଯେ ବିଷ୍ଣୁଙ୍କୁ ଦ୍ରୋହ କର୍ମ ଅର୍ଜିଲୁ । ବିସ୍ମରି ଦଣ୍ଡ ଦେବ ତ । ଏମନ୍ତ ଶୁଣି ନାରଦ କହିଲେ, ହେ ନାଏକା, ତୁମ୍ଭେ ନୋହ ତାଟକା । ହରିବା ତୁମ୍ଭର ଦକା । ତୁମ୍ଭ ଶାପ କି ଆନ ହେବ । ଅବଶ୍ୟ ଭୋଗ ହେବ । ସୀତ୍ୟାଙ୍କୁ ରାବଣେ ହରିନେଇ ଭୋଗ ନ କରିବ । ସେହାଙ୍କ ଯୋଗେ ରାବଣ ବଧ ହେବ ।

ନିରାଶ ହୋଇ ନେତ ଯୁବତୀରେ ଅନୁଗତ ହୁଅ ବୋଲି ଯେ ଶାପ ଦେଲ, ତୁମ୍ଭେ ଷୋଳସହସ୍ର ନାୟେକା ଗୋକୁଳେ ଜନ୍ମ ହୋଇବ । ବିବିଧ ମତେ ଆସିବ । ଏବେ ତୁମ୍ଭେ ଦଣ୍ଡକା ଅରଣ୍ୟେ ବାଲଖିଲ୍ୟ ଋଷିଙ୍କ ଅଗେ ବସିବ ।

ତଦନନ୍ତରେ — ଏମନ୍ତେ ନାରଦ ଗଲେ । ଅପସରୀ ଗଲେ । ମୃଗ ଘେନି ରାମ ମଡିଆକୁ ଅଇଲେ । ସପ୍ତଶାଳା ଭେଦିଲେ । ଦୁନ୍ଦୁଭି ହାଡ ଉଡାଇଲେ । ବାଳୀକି ମାଇଲେ । ହନୁମନ୍ତକୁ ପେଷି ଜାନେକୀ ବାରତା ପାଇଲେ । ବିଭୀଷଣକୁ ଶରଣ ସମ୍ଭାଳିଲେ । ସିନ୍ଧୁ ବାନ୍ଧିଲେ । ରାବଣ

Digitized by PPRACHIN, SOA

ସଗୋତ୍ର ସହିତେ ବଧିଲେ । ଭାଇକି ଲଙ୍କାରେ ନୃପତି ପଣ ଦେଲେ । ସୀତାଙ୍କୁ ଅଗ୍ନି ପରୀକ୍ଷା କଲେ । ଅଯୋଧ୍ୟା କଟକେ ଢେନି ଅଭିଷେକ ହେଲେ । କେତେହେଁ କାଳ ଭଗ ନିବାରି ବୈକୁଣ୍ଠକୁ ଗଲେ । ପୁଣି ଦ୍ୱାପର ଯୁଗରେ ଦୁଷ୍ଟ ଅସୁରମାନେ ପ୍ରବଳ ହେଲେ । ସାଧୁଜନମାନଙ୍କୁ କଷ୍ଟ ଦେଲେ । ଶାଲୁ, ଶିଶୁପାଳ, କଂସ, ଦମଘୋଷ, ଦନ୍ତବକ୍ର, ପୁଣ୍ଡରୀକ, କୁରୁବଳ ଆଦି ଅନେକ ଦୁଷ୍ଟମାନ ହେଲେ । ପୃଥ୍ୱୀଦେବୀ ରୋଦିଲେ । ବ୍ରହ୍ମାଦି ଦେବେ ବିଷ୍ଣୁ ଛାମୁରେ ଜଣାଇଲେ । ପ୍ରଭୁ ଆଜ୍ଞା ଦେଲେ ମୁଁ ସୂର୍ଯ୍ୟକୁଳେ ଅବତାର ହେଲି । ବିଶର୍ବା ମହାଋଷି ପୁତ୍ରକୁ ନାଶିଲି । ତୁମ୍ଭ ନିମନ୍ତରେ ବ୍ରହ୍ମହତ୍ୟା କଲି । ନାନା ଦୁଷ୍ଟମାନଙ୍କୁ ବର ଦିଅ । ତୁମ୍ଭଙ୍କୁ ଅଣଆୟତ୍ତେ ହେଲେ ମୋର ଆଗେ କହ । ମାଇଲେ ହେଁ ଦୋଷ ଦିଅ ।

କରଯୋଡ଼ି ବ୍ରହ୍ମା ଜଣାଇଲେ, ହେ ଦେବ, ତୁମ୍ଭ ଆଜ୍ଞାରେ ସୃଷ୍ଟି ଭିଆଣ । କାହା ସକ୍ଷ କରି ନୋହେ ଆନ । ଏବେ ସୋମବଂଶରେ ଅବତାର ହୋଇବ । ଗୋକୁଳେ ବଢ଼ିବ । ସୁରଭୀ ପାଳିଲେ ବ୍ରହ୍ମହତ୍ୟା ଦୋଷ ଯିବ । ଷୋଳସହସ୍ର ଗୋପକନ୍ୟା ବିଳସିବ । ଦୁଷ୍ଟ ନାଶିବ । ସୁଜନ ତୋଷିବ । କଳି ପ୍ରବେଶେ ବୈକୁଣ୍ଠକୁ ଆସିବ ।

ପ୍ରଭୁ ବ୍ରହ୍ମା ବଚନେ ସନମତ କଲେ । ମଞ୍ଚମଣ୍ଡଳେ ସୋମବଂଶେ ଯଦୁକୁଳେ ବସୁଦେବ ଘରେ ଦେବକୀ ଉଦରେ ଏହି ମଦନଗୋପାଳ ଦେବ ଅବତାର ହେଲେ । ବ୍ରହ୍ମା ବଚନେ ଗୋକୁଳେ ତୋଷିଲେ । ଷୋଳସହସ୍ର ବିଳାସୁଣୀ ଗୋପକନ୍ୟା ରସିଲେ ।

ସେ ଘାଟ ମାଗନ୍ତି, ବାଟ ଢଗନ୍ତି, ଭୂତ ହୋଇ କାହାକୁ ଲାଗନ୍ତି । ଦହି ଖାଇ ପତୁଳୀ ଭାଙ୍ଗନ୍ତି । ଦୁଆର ଫେଡ଼ି ଘରେ ପଶନ୍ତି । ନିଜ ପତି ରୂପେ ଗୋପୀଙ୍କି ଦିଶନ୍ତି । ସବ ଲବଣୀ ଚୋରି କରି ଭୁଞ୍ଜନ୍ତି । ଶିକା ଉପରେ ନଉତିକି ଡାଙ୍ଗ ଗୁଞ୍ଜନ୍ତି । ନାନାମତେ ଦିଅଁ ଦେବତା ପୂଜନ୍ତି । କାହା ପଣନ୍ତ ଧରି ଓଟାରନ୍ତି, ରସ କଥା ପଚାରନ୍ତି, କୁଞ୍ଜେ କେଳି କରନ୍ତି, ନଟବର ବେଶେ ନଚନ୍ତି । ନାନାମତେ କୁଳବତୀ ରମଣେ ପାଞ୍ଚନ୍ତି, ଯମୁନା ଜଳେ ନାବ ବାହାନ୍ତି, ଜଳା କବାଟି ବାଟେ କାହାକୁ ଗୃହନ୍ତି । ରଜନୀରେ କାହା ଶୟନ ସ୍ଥାନକୁ ଯାଆନ୍ତି । କବାଟ କଣେ ଛପିଥାନ୍ତି, ଅଖେଳ ନାୟିକା ପଛେ ଗୋଡ଼ାନ୍ତି । ଯମୁନାରେ ଯେ ଯେ ଜନ୍ତୁ ବୁଡ଼ାନ୍ତି । ଶୋହତି ମୁଖେ ଥାଇ କାହା କୁଚ କୁଙ୍କୁମ ଜଳ ଆଗୋଳି ରହନ୍ତି । ନବୀନ ବାଳା ଅନୁରାଗ

Digitized by PPRACHIN, SOA

ବହନ୍ତି । ଏକ ରଜକ ଘରେ ପରିଧାନ ବାସ ଦିଅନ୍ତି । ନାଏକ ଶାଢୀ ଯେ ଛୁଇଁଥିବ ବୋଲି ନିଜ ବାସେ ସ୍ନେହ କରନ୍ତି । ଜଳ ତୁଠରେ ତରୁଣୀ ବାସ ଚୋରନ୍ତି । କୁଳବୃତୀକି ସୁରତି ଦାନକୁ ସତ୍ୟ କରନ୍ତି । କାହ୍ନା ପାଶେ ରାତ୍ରରେ ରହନ୍ତି । ଗୋପୀମାନଙ୍କ ଚିତ୍ତ ନାନାମତେ ମୋହନ୍ତି । ମାଳା ଦେଇ ବ୍ରଜ କରି ଗୋପୀମାନେ ବରନ୍ତି । ହେ କାନ୍ତା ପୂରେ ଅପଛରୀମାନଙ୍କ ଶାପ୍ୟରୁ ଏହି ମଦନଗୋପାଳ ଦେବ ଏତେ ଏତେ ରୂପେ ଆଭିରୀ ସ୍ତ୍ରୀରୀଙ୍କ ବଶ ହେଲେ ।

ରାଧା ନାମେ ନୃପନନ୍ଦିନୀ ଯୁବତୀକି ମୁଖ ପାନ, ସଙ୍ଗେ ଅନେକେ କେଳି କଲେ । ତାଙ୍କ ଶ୍ରବଣ ଅମୂଲ୍ୟ ତଡକୀ ପ୍ରସ୍ତାବେ ଦୋଳଯାତ୍ରା ଭିଆଇଲେ । ଏମନ୍ତ ଶୁଣି ସେ ମୋହନ ବତୀ କାନ୍ତ ଚରଣ ଧରି ପୁଚ୍ଛା କଲା ହେ ନାଥ— ଗୋକୁଳେ ବିଷ୍ଣୁ କେମନ୍ତ ରୂପେ ରହିଲେ । କି କି ଲୀଳା କଲେ । ଅମୂଲ୍ୟ ତଡକୀ ଯୋଗେ କିମ୍ପା ଦୋଳଯାତ୍ରା ଭିଆଇଲେ । ସଖୀମାନେ ଗୋପାଙ୍ଗନା ରାଧାଙ୍କ ସଙ୍ଗେ କି ରୂପେ କେଳି କଲେ । ଏକେଥା ମୋତେ ସଞ୍ଚପ କହ । ମୋହୋରେ ଯେବେ ହେ ନାଥ ଦୟା ବ୍ରହ୍ମ ନଳ କୁବେର ଏମନ୍ତ ଶୁଣି କୋଳେ ବସାଇ ମୁଖେ ଚୁମ୍ବନ ଦେଇ ବୋଇଲା, ହେ ସୁନ୍ଦରୀ ଏ ଗୁପ୍ତ ପ୍ରମାଦ । ତୋହୋ ଆଗେ କହଇ ଶୁଣ । ମେନକା ସୁଲୋଚନା ସମ୍ବାଦ ।

ତଦନନ୍ତରେ — ପ୍ରଥମ ଦୋଳ ଅନ୍ତେ ଦୁତୀଅ ଦୋଳ ହୋଇଲା, ଛାମୁରେ ଭିତ ପଟୋଆର ପଡିଲା । ସର୍ବଦିଗେ ଫଗୁ ଉଡିଲା, ସୁରଙ୍ଗରେ ସର୍ବ ଅଙ୍ଗ ବୁଡିଲା । ପୃଥ୍ୱୀ ଦେବୀ ଫଗୁରେ ମଣ୍ଡିଲା, ଏମନ୍ତେ ଖଦୀ ଚାମର ଆଲଟ ଧରି, ସକଳ ସୁର କାମିନୀ ଖଟଣୀ ସେବାରେ ଥାନ୍ତେ ମେନା ନାମେ ଅପଛରୀ ତୁଷ୍ଟି ବୁଝାଉଥିଲା ।

ଜୟ ଜୟ ଗୋବର୍ଦ୍ଧନଧାରୀ, ଅଷ୍ଟମଲ୍ଲ ମାରି, କଂସ ସଂହାରି, ବକ ଚିରି, ଧେନୁକା ସଂହାରି, ଗୋପୀଙ୍କ ତାରି, ବୃନ୍ଦାବନେ ବିହରି, କାଳିଅଦର୍ପ ଦଳି, ଅମୀୟ ବିଷ ବାରି, ଗୋପନାରୀ ପତି କରି ବରି, ବୃଷଭାନୁ କୁମାରୀ, ସଙ୍ଗେ ବେହାର କରି । ଏମନ୍ତେ ଶୁଣି ସୁଲୋଚନା ଅପଛରୀ, କହଇ ହାଥ ଧରି, ହେ ସଖେ ଯେ ଦୋଳଗୋବିନ୍ଦ ଦେବଙ୍କର ଗୋପଲୀଳା କହ । ଏହି ସମୟ ଶୁଣିମାକୁ ମୋର ବଡ଼ାବ ସେନେହ ।

ସେ ସୁଲୋଚନା ବିନୟ ଶୁଣି ମେନକା ବୋଇଲା ହେ ସଖେ ଶୁଣୁ । ଏ ଦୋଳ, ବିଜେ ମଦନଗୋପାଳ ଯେତେ ଶୁଣୁ । ଭୃଥ ଖଣ୍ଡରେ, ପଶ୍ଚିମ

Digitized by PPRACHIN, SOA

ଦେଶରେ, ଯମୁନା ନଦୀ ତଟରେ, ଗୋବର୍ଦ୍ଧନ ନିକଟରେ, ଗୋପ ବୋଲି ନଗ୍ରେକ ଅଛଇ । ବୃନ୍ଦାବନ ପାଶରେ ଦେଖିବାକୁ ଶୋଭା, ଚନ୍ଦ୍ରକିଣେ ପ୍ରଭା, ଧରଣୀ ଶିରକୁ ସେ ତ କୁସୁମ ଗନ୍ଧ, ଅଷ୍ଟାଦଶ କୋଶ ନଗ୍ରସ୍ଥଳୀ, କେ କାହିଁ ଅଛଇ ନୋହଇ କଳି । ବାଚସ୍ପତୀ ଭୁବନ ତହିଁକି ସମ ନୋହଇ । ବଚନେ କି ତ ହ୍ନା କଇ ହୁଅଇ । ପବିତ୍ର ଯମୁନା ନଦୀ ବେଢ଼ି ବହଇ, ଦ୍ୱାଦଶ ବନ ଆଦି ନାନା ଉପବନ ନଗ୍ରକୁ ଶୋହଇ । ଗିରିକୁଣ୍ଡ ଆଦି ଅନେକ ପୁଷ୍କରିଣୀମାନ ଅଛନ୍ତି । ଦୁଷ୍ଟ ଅସୁର ଦେଖି ପଛକୁ ଘୁଞ୍ଚଇ, ଚିତ୍ର ବିଚିତ୍ର ପୁର ଅତି ମନୋହର ଆତ ଉନ୍ନତ, ଦାଣ୍ଡ କର୍ମ, ବିଚିତ୍ର ପୁର ଧାଡ଼ି ଧାଡ଼ି, ଦପଣର ବ ଡ, ମର୍କତର ପାଣି ଘାଟିଆ ପାଟ ଫୁଲି ଶୁଆ ପଡନ୍ତି ସୁବର୍ଣ୍ଣର ତ୍ରିକାଠିଆ, ଚନ୍ଦନ କାଠର ଗୃହ, ପଦ୍ମପତ୍ର ଛାଇଣି । ଝଡା କରି ଖଞ୍ଜିଲା ନାନା ହେମଣି । ଶୁଦ୍ଧ ସୁବର୍ଣ୍ଣ କଳସ ଟନ୍ତି ପନ୍ତି । ହୀରା ମାଣିକ୍ୟ ଖଞ୍ଜିଅଛନ୍ତି । ସେ ନଗ୍ରେ ବହୁତ ଗୋରସ ପଦେକ ମେନୀମାନେ ଦିଶନ୍ତି ସ୍ୱର୍ଗ ଅପଛରା । ନାନା ଜାତିରେ ତହିଁ ନବଲକ୍ଷ ଘର । ତହିଁରେ ଷୋଳସହସ୍ର ଆଭିର । ଦଭିଯେ ଗରୁହଂସା, ଧନେ କୁବେର । ସେ ପୁରେ ଆଡିପତି ନନ୍ଦ । ଯାହା ପୁତ୍ର ହୋଇଲେ ଗୋବିନ୍ଦ । ସେ ନନ୍ଦ ଯେ ଅପୁତ୍ରିକ ହୋଇଥିଲେ । ଅନେକ ମତେ ବିଷ୍ଣୁଙ୍କୁ ପୂଜା କଲେ । ତାଙ୍କ ଭାର୍ଯ୍ୟା ନାମ ଯଶୋଦା । ଶୁଚିବନ୍ତେ ସାଧ୍ୱୀ ସର୍ବଦା । ସେ ଗର୍ଭବାସ ହୋଇଥିଲେ । ଶୟନ ସମୟେ ଦୁହିତାଏ ପ୍ରସବିଲେ । ଏ ଦିନ ଏ ପ୍ରଭୁ ଦେବକୀ ଉଦରୁ ସମ୍ଭୂତ ହେଲେ । ବସୁଦେବ ନେଲେ । ଗୋପେ ନନ୍ଦ ମନ୍ଦିରେ ମିଳିଲେ । କୁମରକୁ ରଖି ଦେବତାକୁ ପାଳଟାଇଲେ ।

ସେ ଦିନୁ ଏ ପ୍ରଭୁ ଗୋପେ ବଢ଼ିଲେ । ପୋହଣି ମାଇଲେ, ଶକଟା ଭାଞ୍ଜିଲେ, ତ୍ରୋଣ ଦୂରକୁ ମାଇଲେ, ଯମଳା ଉପାଡ଼ିଲେ, ବକ ଚିରିଲେ, କାଳୀ ଦଳିଲେ, କମଳ ଫୁଲ ତୋଳିଲେ, ବତ୍ସା କଗିଡ଼ିଲେ, ଅଘା ନାଶିଲେ । ଧେନୁକା ବିନାଶିଲେ । ଗୋପାଳ ମେଳେ ଚରିଲେ । ନନ୍ଦ ଆଙ୍ଗିନାରେ ବୈକୁଣ୍ଠ ଭୁବନେ ପଶିଲେ । ନାନା ଅରିଷ୍ଟ ନାଶିଲେ । ଅଟହୁଁ ରୋହଣୀ ନନ୍ଦନ ପ୍ରବେଶ ହୋଇଥିଲେ । ବ୍ରଜମଣ୍ଡଳେ ଅନେକ କେଳି କଲେ । ଦାମ, ସୁଦାମ, ସୁବଳ ଆଦି ସଖାମାନ । ଏଙ୍କୁ ଘେନି ବନେ ବାଛୁରୀ ଚରାନ୍ତି । ଯମୁନା କଦମ୍ବ ତଳେ ନାନା ଖେଳ କୌତୂହଳେ ଦିନ ହରନ୍ତି ।

ଏମନ୍ତେ ଏ ଗୋପେ ଚନ୍ଦ୍ରସେଣା ନାମେ ସମୋଦ୍ରସେଣର ବଳା, ନନ୍ଦରାଜାଙ୍କ ଶଳା, ଶ୍ରୀକୃଷ୍ଣଚନ୍ଦ୍ରଙ୍କ ମଉଳା, ରାଧିକା ନାମେ ତାହାର

Digitized by PPRACHIN, SOA

ପ୍ରିୟବତୀ ବାଳା, ମୁଖ ଶଶୀ ଷୋଳ କଳା । ଶୋଭା ଅଖିଳ ମନ ମୋହିଲା । ରମ୍ଭା ସଖୀ ଆମ୍ଭର ଦାସୀପଣକୁ ସମ ନୋହଇ । ସେ ବୃଷଭାନୁ ନରେନ୍ଦ୍ର ଝିଅ । ଶିରୀଷ ପୁଷ୍ପ ସୁକୁମାର ଦେହ । ସିଦ୍ଧ୍ୟ ମୁନି ଦେଖିଲେ ବିକାର ବାଧଇ । ଅପାଙ୍ଗ କିଞ୍ଚିତ ମାତ୍ରେ ମଦନ ଅଖିଳ ଜନକୁ ସାଧଇ । ପାଦତଳେ କୋକନଦ ରୁଚିର ବଳଇ । ଆଙ୍ଗୁଷ୍ଠ ଷ୍ଖଲିଲେ ପାଦରୁ ରୁଧିର ଗଳଇ । ହଂସୁଳୀ ତୁଳିରେ ଅଳସାଇ ତନୁ । ଦୀପ ଅନଳ ତେଜକୁ ମଣଇ ଭାନୁ । ସହସ୍ରେ ପରିବାରୀ ମନ ଜାଣି ଖଟଇ । ଅଗ୍ରଧୂପ ଧୂଆଁରେ ଭୁବନ ଚହଟଇ । ସେ କୁମର ଚନ୍ଦ୍ରସେଣା । ଗୋପାଳରେ ବିଶେଷଣ । ପ୍ରାକର୍ମେ କରଷଣ । ଧନେ ବୈଶ୍ରବଣ । ଶଶୁର ବୃଷଭାନୁ ନୃପରଣ, ଭେଣୋଇ ଗୋପରେ ରଜପଣ । ତାଙ୍କୁ ଅପୂର୍ବ ଅବା କେବଣ । ଜନ୍ମାଦିରୁ ନୀଚ ପୁରୁଷ ହୋଇ ଗୋଗୋଷ୍ଠେ ଥାଇ । ଦେହତ ସୁଖ ନ ଜାଣଇ । ବାସୀ ଶୁଖିଲା ଭାତ ଖାଇ । ବରଷେ ଛମାସେ ଦିନେ ନିଜ ପୁରକୁ ଯାଇ । ନିରନ୍ତର ଦୂର ଗୋଗଷ୍ଠେ ବିହରଇ । ଚନ୍ଦ୍ରାବଳୀକି ଜଗିଆ ଦେଇ, ଅନ୍ତପୁରେ ରଖାଇ । ସେବା କରନ୍ତି ସହସ୍ରେ ପରିବାରୀ । ବାହାର ନୋହି, ନାନାରୂପେ ଆକଟ କରଇ । ସତ୍ୟ କରି ତିନି ତରୁ ଲଗାଇ, ଆମ୍ବ, ନିମ୍ବ ତାଳ । ଯେ ତରୁ ନ ଫଳନ୍ତି ନବତାଳ । କେଉଣି କାଳ, ଏଥେ ତରୁ ମତ୍ୟ ସତ୍ୟ ତିନିବାର କଲି । ତୁମ୍ଭଙ୍କୁ ଏହି ନିମନ୍ତେ ଦ୍ୱାରେ ଲଗାଇଲି । ପୁତ୍ରସମ କରି ପାଳିଲି । ଏ ଯେ ସୁନ୍ଦରୀ ଚନ୍ଦ୍ରାବଳୀ । ତାହା ଚିତ୍ତ ଯେବେ ପୁରୁଷେ ଚଳି । ସେହିକାଳେ ତୁମ୍ଭେ ଓହଳିବ ଫଳି ।

ପୁର ରଖନ୍ତି ସହସ୍ରେ ଦଣ୍ଡୁଆସୀ ଆଣ୍ଟ । ଅଣ୍ଟିର ଜୀବ ପଡ଼ିଲେ ମୁଣ୍ଡ କାଟ । ସେ ଭୁବନକୁ ବେନି ବାଟ । ଗଗନ ଘୋଡାଇଲା ଚିତ୍ରମେଘୀ ପାଟ ଭିତରେ ସଂଚିଲା ନାନା ଉପବନ ସରୋବର । ପାଢ ମଣ୍ଡୋପ ଅଙ୍ଗଳି ଜଗତୀ ନାଟପା ମନ୍ଦର । ଅସୀମାନ୍ତ ବେଢି ମୁଗୁନି ପାଷାଣ ପାଚେରୀ । ବାଡ଼ି ଦ୍ୱାରେ ତିନି ତରୁ ଜଗିଆ । ଦାଣ୍ଡ ଦ୍ୱାରେ ବଜ୍ରବାହୁ ନାମେ ଦ୍ୱାରୀ । ଦ୍ୱାରେ ବଜ୍ରକବାଟ ଅର୍ଗଳୀ ତିଶୂଳୀ । ସହସ୍ରେ ପାଇକ ଥାନ୍ତି ରାତ୍ର ଦିବସେ ଆବୋରି । ଚନ୍ଦ୍ରସେଣା କୁମର ଅଇଲେ ସେ ଦ୍ୱାର ଫିଟଇ । ଗୋଗଷ୍ଠେ କୁମର ଗଲେ ପୁଣ ପଡଇ । ଚାରି ଦ୍ୱାରେ ଦ୍ୱାରୀ ଚିହ୍ନି ଛାଡଇ । ଏମନ୍ତେ ଗଉଡ ଗୋଷ୍ଠେ ଯାଇ । ଜେମାଦେଇ କଥା ମନେକରୁଥାଇ । ସେ ରାଧିକାକୁ ପତି ପଣେ କେମନ୍ତ ଅଟଇ । ମର୍କଟ ଗଳାରେ ଯେହ୍ନେ କୁସୁମ ମାଳା ଘଟଇ ।

Digitized by PPRACHIN, SOA

ଏମନ୍ତ ଶୁଣି ସୁଲୋଚନା ପୁଚ୍ଛା କଲା ହେ ମେନକା, ସେ ଯୁବତୀ ଭଲ ରାଧିକା । ଗୁଣମଣି ନାଏକା । କୃଷ୍ଣଚନ୍ଦ୍ରଙ୍କ ପ୍ରାଣରୁ ଅଧିକା । ସୁନ୍ଦର ପଣେ ଚଉଦ ଭୁବନେ ନେଖା । ଏମନ୍ତେ ଯେଉଁ ବୃଷଭାନୁ କୁମାରୀ । ଆଜନମୁଁ ସୁକୁମାରୀ । କେମନ୍ତେ ଚନ୍ଦ୍ରମେଣା ଗୁଆଳକୁ ପତି ପଣେ ବରି । ଏହା ମୋ ଆଗେ ସଞ୍ଚପି କହ । ମନ ସଂଶୟ ଫିଟଅ । ଏତେ ବୋଲି ସୁନ୍ଦରୀ ଚରଣ ଧରନ୍ତେ ମେନକା ତାକୁ କୋଳ କରି ଧଇଲା । ଆଶ୍ୱାସି କହିଲା, ହେ ସଖି ସେ ପରମ ଗୁପତ କଥା । ଯେତେ ବେବସ୍ଥା, ଶୁଣନ୍ତେ ହରଇ ଭବ ଭୟ ବ୍ୟଥା । ଶୁଣ ସଖି, ତୋ ଆଗେ ପ୍ରକାଶ କରି କହଇ । ପରମ ରହସ୍ୟ କଥାକୁ ଆନ ସମ ନୋହଇ ।

ବୃଷଭାନୁ ନାମେ ନୃପବର । ନୃପତି କୁଳ ଶେଖର । ଗୋପ ପଶ୍ଚିମେ ଦେଶ ନଗ୍ର । ଧର୍ମରେ ତତପର, ଭାନୁ ବଂଶେ ଅବତାର, ଦୁତୀ ପୁରନ୍ଦର । ସୁଚବର ସୁନ୍ଦର । ଧର୍ଯ୍ୟରେ ମନ୍ଦର, ତେଜେ ଦିନକର, ଧନବନ୍ତେ କୁବେର । ବୃହସ୍ପତୀଙ୍କ ସମାନେ ବିଗ୍ୟର । ବିଶିଷ୍ଠ ସମାନେ ଆଗ୍ୟର । ଇନ୍ଦ୍ରଙ୍କ ସମାନେ ଧନୁଧର । ଧୀର ଧାର୍ମିକ କୁଳଶୀଳ । ଦୁଷ୍ଟ ଦର୍ପହର । ସର୍ବମାନ ଉଦ୍ଧାର । ମେତ୍ର ଯାହାର କଂସ ନୃପବର । ଧର୍ମସେନ ନାମେ କୁମର, କ୍ରୀତିଦା ନାମେ ପାଟ ମହାଦେଈ, ପ୍ରତିଦିନେ ହରିହରଙ୍କୁ ପୂଜା କରଇ । ନାନା କୁସୁମେ ପୂଜା କରଇ । ଏ ଦେଶେ ସମୋଦ୍ରସେଣ ନାମେ ଗୋପାଳବର । ସରିତା ନାମେ ଭରିଯା ତାହାର । ଆଦ୍ୟ ନାମ ତାର ଜଟିଳା ହୋଇ । ସେହି ହରି-ହରଙ୍କୁ ପୂଜା କରଇ । ପ୍ରସାଦ ଘେନି ପୁରକୁ ଚଳଇ । ସେ ସମୋଦ୍ରସେଣ ଗେ ପରେ ବଡ ଜଣା ଅଶୀପଦ୍ମ ଗୋଧନ । ସକଳ ଗୋପାଳେ ପରିଜନ । ବୃଦ୍ଧ କାଳେ ନାହିଁ ନନ୍ଦନ । ଯଶୋଦା ନାମେ ଦୋହିତାଏ ଥିଲା, କନ୍ୟା ଦାନେ ତାହା ନନ୍ଦକୁ ଦେଲା । ତାହା ଭାଗ୍ୟେ ସେ ବିଷ୍ଣୁଙ୍କୁ ପୁତ୍ର କରି ପାଇଲା । ଏମନ୍ତେ ହରିହର ଏକ ମୂର୍ତ୍ତି । ଗୋପ ନଗର ମଧ୍ୟଭାଗେ ସ୍ଥିତି । ଯେ ସ୍ଥାନ ପରିମଳ ବିସ୍ତାର । ଦର୍ଶନ ମାତ୍ରେ ପ୍ରାଣୀ ପାପହର । ଯୋଜନେ ଆକୃତିରେ ଦେଉଳ । ଗ୍ୟରି ଦ୍ୱାରେ ସୁବର୍ଣ୍ଣ କବାଟ ଯେତା । ଭିତରେ ମେଘ ମଣ୍ଡୋପ ଅଟ କି ଜଗତୀ ନାନାବର୍ଣ୍ଣେ ତରୁଲତା ପୁଷ୍କରିଣୀ ଅଛନ୍ତି । ଶୁଦ୍ଧ ସୁବର୍ଣ୍ଣର ପ୍ରାସାଦ ସହସ୍ରେ ହତ ଉଚ୍ଚଗ୍ର । ଉପରେ କଳସ ତଥି ପରେ ଚକ୍ର । ପାତାଙ୍ଗ ଉଡଇ ଅଳପ ଅଳପ ବକ୍ର ।

ସେ ଦେଉଳ ଉପରେ ରତ୍ନସିଂହାସନ ପରେ । ହରିହର ବିଜେ ଏକା ଅଙ୍ଗତେ । ମର୍କତର ଦକ୍ଷିଣଭାଗ ବାସୁଦେବ । ସ୍ଫଟିକର ବାମଭାଗ ବାମଦେବ ।

Digitized by PPRACHIN, SOA

ଉମା ରମା ବେନି ବାମରେ । ନୀଳ ଶୁକଳ ତନୁରେ ଚତୁର୍ଭୁଜରେ । ଚକ୍ର କମଳ ତ୍ରିଶୂଳ ଡମ୍ବରୁରେ । ଶୋଭା ଜଟା କିରୀଟ ମୁକୁଟ ଚୂଳ । ଶ୍ରବଣେ ମକର ଆକୃତି କୁଣ୍ଡଳ । ବିପୁଳ ହୃଦେ ଶ୍ରୀବତ୍ସ ଲାଞ୍ଛନ । କୌସ୍ତୁଭ ହାର, ବୈଜୟନ୍ତୀ ମାଳ, ମୁଣ୍ଡମାଳ । ଉତ୍ତରୀ ଯଜ୍ଞ ପବିତ୍ର ସର୍ପ ଆକାର । ହରିଚନ୍ଦନ ଭସ୍ମ ବିଲେପନ, କଟୀ ତଟେ ନୀଳ ପୀତ ବସନ । କମଳ ଚରଣ ଯୁଗଳେ ନୂପୁର । କି କହିବା ପ୍ରଭୁଙ୍କ ରୁଚିର । ଏଅନନ୍ତରେ ମାର୍ଗଶୀର ମାସରେ ଦୀପ ବଳୀ ଜାଗର । ଯେ ଦିନ ଉତ୍ସବ ହରିହରଙ୍କର । ଏଠାରେ ଜାଗର ଦେଇ ଉଜାଗର ହେଲେ ମନ ମନାସିବା ପାଇ । କାମନା କଲ୍ପଲୋକ କୁଳଠାକୁ ଯାଇ । ଏମନ୍ତ ଜାଣି କୀର୍ତ୍ତିଦା ସରିତା ଦ୍ରଶନ କରି ପାଏ ପଡ଼ିଲେ । କର ଯୋଡ଼ି ଜଣାଇଲେ । ସରିତା ଜଣାଇଲେ ହେ ମହାଦେବ, ତୁମ୍ଭଙ୍କୁ ସେବା କରି ଅପୁତ୍ରିକ ହେଲି । ମୋତେ ପୁତ୍ରଦାନ ଦେବା । ଇହ ପରଲୋକ ଉଧରିବା । କ୍ରୀତିଦା ଜଣାଇଲେ ହେ ମାଧବ ମୋତେ ଦୁହିତା ଗୋଟିଏ ଦେବ । ମୋହ କିଞ୍ଚିତ ଭକ୍ତି ଘେନିବ । ଏମନ୍ତେ ଦୁଇ ସୁନ୍ଦରୀ । ଜଣାଇ ଛାମୁରେ ଚରୁଡ ବୃଷଭ ପାଦରେ କର ଯୋଡ଼ି, ପଣନ୍ତ ପାତି ଲୋଟିଲେ । କଷ୍ଟ କରି ଜଣାଇଲେ । ପ୍ରଭୁ ଦ୍ରଶନ ଦେଲେ । ଆଜ୍ଞା ଦେଲେ ଗୋ ସୁନ୍ଦରି, ତୁମ୍ଭ କର୍ମେ ନାହିଁ କୁମର କୁମାରୀ । ଅଦ୍ଭୁତ ଶବଦ ଶୁଣି ସେ ଦୁଇ ବାମା ବଡ କଷ୍ଟ କରି ରହିଲେ । ପ୍ରଭୁ ଦ୍ରଶନ ହେଲେ । ଭୃତ୍ୟ ସେବା ଜାଣି ଶଙ୍କର ଶିର ଶଶୀକି ଗୃହିଁଲେ । ହେ ଶଶି ତୁମ୍ଭେ ଗୋପାଳ କୁଳେ ସମୋଦ୍ରସେଣ ଘରେ ସରିତା ଉଦରେ ଜନମ ହୁଅସି । ବିଷ୍ଣୁ ନିଜ ପ୍ରିୟା ଗୃହିଁଲେ । ତୁମ୍ଭେ ବୃଷଭାନୁ କୁଳେ କ୍ରୀତିଦା ଉଦରେ ଜନ୍ମ ହୁଅ ବୋଲି ଆଜ୍ଞା ଦେଲେ ।

ଏମନ୍ତ ଶୁଣି ସେ କମଳ ନୟନା, ଚନ୍ଦ୍ର ଦୁହେଁ ଝସି ଛାମୁରେ ଉଭା ହେଲେ । କର ଯୋଡ଼ି ଜଣାଇଲେ । ହେ ନାଥ ଜନନୀ ଜଠରେ ବଡ କଷ୍ଟ । ପୂର୍ବ ହେତୁ ନଷ୍ଟ । ଆଜ୍ଞା କେ କରିପାରୁ ନଷ୍ଟ । ଆମ୍ଭ କି ଦୋଷ, ଏମନ୍ତ ଆଜ୍ଞା ଦିଅ । ଏଥକୁ ପ୍ରତିକାର କହ । ଏମନ୍ତ ଶୁଣି ହରିହର ଆଜ୍ଞା ଦେଲେ ହେ ଚନ୍ଦ୍ର, ତୁମ୍ଭେ ସମୋଦ୍ରସେଣ ଘରେ ଜନ୍ମ ହେବୁ । ଚନ୍ଦ୍ରସେଣା ନାମ ବହିବ । ଚନ୍ଦ୍ରାବଳୀ ନାମ ବୋଲାଇବ । ନଷ୍ଟଚନ୍ଦ୍ର ଯୋଗେ ନପୁଂସକ ବୋଲାଇବ । ହେ ଚଞ୍ଚଳା । ତୁମ୍ଭେ ବୃଷଭାନୁ ଘରେ ଅବତାର ହେବ । ରାଧା ନାମ ବହିବ, ଚନ୍ଦ୍ରସେଣା ଭର୍ଯ୍ୟା ହେବ । ଚନ୍ଦ୍ରକୁ ଶିରେ ଦେଖି

Digitized by PPRACHIN, SOA

ଯେ ତୁମ୍ଭେ ଚଞ୍ଚଳ ଚିତ୍ତ ହୋଅ । ତାକୁ ତୁମ୍ଭେ ପତି କରି ପାଅ । ଆମ୍ଭେ ଯେ ଅବତାର ହେବୁ । ହରି ବଳରାମ ବୋଲାଉବୁ । ଗୋପରେ ବଢ଼ିବୁ । ତାର ପତି ହୋଇ ତୁମ୍ଭଙ୍କୁ ଲଭିବୁ । ଅସୁର ମାରିବୁ । ସୁଜନ ପାଳିବୁ । ଏବେ ତୁମ୍ଭେ ଆଗ ହେବ । ଆମ୍ଭ ଆଜ୍ଞା ପାଳିବ । ଏ ଦୁଇ ସୁନ୍ଦରୀ ଯେ ଆମ୍ଭଙ୍କୁ ସେବା କଲେ ଏକି ନିଷ୍ଫଳ ଯିବ । ଆଜ୍ଞା ପାଇ ଦୁଇ ଭଉଣୀ ସନମତ କଲେ । ସେ ଦୁଇ ସୁନ୍ଦରୀଙ୍କ ଅଙ୍ଗେ ବସିଲେ । ଏମନ୍ତେ ଦୁଇ ସୁନ୍ଦରୀ । ଦଇବେ ଯେହୁ ଅତି ପ୍ରୀତି ହେଲେ । ସତ୍ୟ କଲେ । ଯେବେ ଦୁହିଙ୍କର ପୁତ୍ର ଦୁହିତା ହେବ ବିଭା କରିବା । ମନ ବର୍ଣ୍ଣ କୁଳ ନ ବିଚାରିବା । ସତ୍ୟ ପାଳିବା । ଯେବେ ନ ପାଳିବା, ସତ୍ୟଭଙ୍ଗେ ମରିବା । ଏମନ୍ତେ ସତ୍ୟ କରି ନିର୍ମାଣ ପାରୁଶରେ ଗଣନାଥଙ୍କୁ ସାକ୍ଷୀ କଲେ । ହରଷେ ଯେ ଯାହା ମନ୍ଦିରକୁ ଗଲେ ।

ତଦନନ୍ତରେ — ସମୁଦ୍ରସେଣ ଭାର୍ଯ୍ୟା ଗର୍ଭବାସ ହେଲା, ଭାଦ୍ରବ ସମ୍ପୂର୍ଣ୍ଣ ଦଶମାସେ କୁମରେ ପ୍ରସବିଲେ । ତୁଳମାସ କାର୍ତ୍ତିକ କୃଷ୍ଣ ପ୍ରତିପଦା ଦୁତ୍ୟା ନକ୍ଷତ୍ର ମେଷଚନ୍ଦ୍ର । ନପୁଂସକ ଲକ୍ଷଣ । ପତା ସମୁଦ୍ରସେଣ ବହୁତ ଉତ୍ସବ କଲା । ଅନେକ ବଧାଇ ଦେଲା । ଯେ ବିଧିବିଧାନ କଲା । କୁମର ନାମ ଚନ୍ଦ୍ରସେଣ ଦେଲା । ଅନେକ ଯତନେ ପାଳିଲା । ଏମନ୍ତେ କେତେଦିନ ଗଲା ।

ତଦନନ୍ତରେ— କୀର୍ତ୍ତିଦା ଯେ ଯେ ସୁନ୍ଦରୀ । ରାଇ ଦାମୋଦର ପୂଜା କରି । ଏମନ୍ତେ ବୃଷଭାନୁ ରାଜା ପାଟ ମହାଦେଈ ଗର୍ଭବାସ ହେଲା । ଭାଦ୍ରବ ଶୁକ୍ଳ ଅଷ୍ଟମୀ ବେଳାଏ ଅନୁରାଧା ନକ୍ଷତ୍ର ବିଛା ଚନ୍ଦ୍ର ଦେହିତା ପ୍ରସବିଲା । ଅବନୀ ଜ୍ୟୋତିମୟ ଦିଶିଲେ । ଆକାଶରୁ କି ଶଶୀ ଖସିଲା । ଦେଖି ଆଖି ଶୋଭା ଉପେକ୍ଷି ନ ପାଇ । ସକଳ ଅବସ୍ଥା ପ୍ରାଣୀଙ୍କର ଖଣ୍ଡଇ । ସେ ବୃଷଭାନୁ ଦଣ୍ଡଧାରୀ । ଅନେକ ଧନ, ଗୋଲହି କୁମାରୀ । କୁଳାଚାର ଆଚରିଲେ । ଅନୁରାଧା ନକ୍ଷତ୍ର ଯୋଗେ ରାଧା ନାମ ଦେଲେ । ରାଇ ଦାମୋଦର ପୂଜି ଜାତ ହେଲାକୁ ରାହି ନାମ ଦେଲେ । ପୁଣ କାଳେ ଅନେକ ନାମ କହଲେ । ଅନେକ ଯତନେ କୁମାରୀ ପାଳିଲେ ।

କିଛିଦିନେ କୁମାରୀ ବାଳଭାବ । ଧୂଳିଖେଳ ଅନୁରାଗ । ଏମନ୍ତେ କୁମାରୀ ନ ବରଷେ ବାଳଭାବ ଛାଡ଼ି ସଖୀଙ୍କ ସଙ୍ଗତେ ବିଦ୍ୟା ପଢ଼ଇ । ପୂର୍ବ ଚରିତ୍ର-ମାନ ଶୁଣିମାତେ ଶ୍ରୋତା ହେଲା । ଦିନୁଦିନ ଆନ ସେ ବୃଷଭାନୁ ସୁତା ନବଯୁବା ହେଲା । କାମଦେବ ବିଜେ କଲା । ବିକାର ବାଧିଲା । ବଚନ

Digitized by PPRACHIN, SOA

ଗଦ ଗଦ କଣ୍ଠ ରୁନ୍ଧିଲା । କୁସୁମ ଶର ଭେଦିଲା । ନାନା ଭୋଗ ଅନୁରାଗ ହୁଅଇ । ହାସ ପରିହାସ ସଖୀ ସଙ୍ଗେ ଲାଗଇ । ସଜନୀ ବୋଲନ୍ତି ଗୋ ରାଧେ, ତୋ ରୂପ ଚାହିଁଲେ ତପୀଙ୍କ କାମ ବାଧେ । ଆଗୋ ମାତାଙ୍କ ସଙ୍ଗେ ଯୋଗ୍ୟ ବିଚାର୍ଯ୍ୟ । ସେ ଧ୍ୟେ ସୋମଚନ୍ଦ୍ରସେଣ କୁମର । ମୂର୍ଖ ଅଧମ ନାହିଁ କେବଳ ବିଚାର । ନାନା ଭୋଗକୁ ଦୁଃଖ ମଣଇ । ସିନ୍ଧୁଫଳ ଦେଇ ଗୁଞ୍ଜଫଳ କିଣଇ । ବନେ ନିରନ୍ତରେ ଗାଇ ଚରାଇବାର ଜାଣଇ । ତୋର ଗୁଣ ଗୁଣି ଯେ କେବଳ ଗୁଣେ ଘେନଇ । ସଖୀମାନଙ୍କ ମୁଖରୁ ଏମନ୍ତ ଶୁଣି ମନ ବିରସ । ନିଦ୍ର ନାହିଁ ନୟନରେ ରାତ୍ର ଦିବସ । ତେଜି ହରଷ, ନହୁଁଇ ବେଶ । ନାହିଁ କ୍ଷୁଧା ପିବା ନାହିଁ ସୁଖ ହାସ୍ୟ । ସଖୀମାନଙ୍କୁ ଦେଖି ନ କରେ ପରିହାସ । ଅନ୍ତେ ବୋଲଇ ଶ୍ରେ ବିହି ଅଛି ମୋରେ ଏମନ୍ତ ଭବିଷ । ଖାଇବି ବିଷ, ରେ ବିଧାତା ତୋତେ ଲାଗୁ ଦୋଷ ।

ତଦନନ୍ତରେ — ବୃଷଭାନୁ ସଭାସଭାରେ କୁମାରୀ ବିଭା ବିଚାର ହେଲା । ସତ୍ୟ ରଖ ବୋଲି ମନ୍ତ୍ରୀ ବୋଇଲା । ଚନ୍ଦ୍ରସେଣ କୁମର ନାମେ ବର । ପୂର୍ବ ବଢ଼ିଲା, ବୃଷଭାନୁ ସମୁଦ୍ରସେଣଙ୍କର ନିର୍ବନ୍ଧ ହୋଇଲା । ମକର ଶୁକ୍ଳ ପଞ୍ଚମୀ ବିଭା ଯୋଗ ଇଲା । ବନ୍ଧୁ ଇଷ୍ଟମାନଙ୍କୁ ନିମନ୍ତ୍ରଣ ଗଲା । ବିଭାର ପୂର୍ବ ଦିବସ ପ୍ରବେଶ ହୋଇଲା । ବୃଷଭାନୁ ପୁରେ ଯେ ବିଧି ମଙ୍ଗଳ ହୋଇଲା ।

ତଦନନ୍ତରେ — ସମୁଦ୍ରସେଣ ଯମୁନାରେ ମକର ସ୍ନାହାନ କରନ୍ତେ ଏକ ପୁରୁଷେ ଦେଖିଲା । ମନ ସଂଶୟ ଭୟ ଫେଡ଼ିଲା । ସେ ପୁରୁଷ ରୂପ । କୁସୁମ ବର୍ଣ୍ଣ ରୂପ । କଣ୍ଠେ ଯଜ୍ଞପବୀତ । ନିଷ୍କଳ ନେତ୍ର । ନିର୍ମଳ ପବିତ୍ର ଗାତ୍ର । ଅବନୀରେ ଉଭା ଦ୍ୱଦଶ ଅଙ୍ଗୁଳ ତେଜି । ହସ୍ତେ ସପତାଙ୍ଗ ପାଞ୍ଜୀ । ତାଙ୍କୁ ଦେଖି ନମସ୍କାର କରି ପୁଚ୍ଛିଲା । ବିନୟ ଭାବେ କରଯୋଡ଼ି ପୁଣ ପଚ୍ଛକୁ ଢୁଞ୍ଚିଲା ।

ଶ୍ରେ ଦେବ ତୁମ୍ଭ ନାମ କିସ । ସ୍ୱର୍ଗରୁ ଅଇଲ କି ? ଏ ମର୍ତ୍ତ୍ୟମଣ୍ଡଳର ତ ନହୁଁ । ମୋର ଘେନି ସ୍ୱରୂପ କହ । ସୋମଚନ୍ଦ୍ରସେଣ ବିନୟ ଶୁଣି, ସେ ପୁରୁଷ କହିଲେ, ହେ ଗୋକୁଳପତି, ଆମ୍ଭ ନାମ ବୃହସ୍ପତି । ମକର ସ୍ନାନ ଯମୁନାରେ କରୁ ନିତି । ସର୍ବଦେବଙ୍କର ଗୁରୁ ଅଟୁ । ଜ୍ୟୋତିଷ ପଣେ ଇନ୍ଦ୍ର- ଦେବଙ୍କ ଖଟୁ । ଏମନ୍ତ ସମୁଦ୍ରସେଣ ବ୍ରହ୍ମତ ବିନୟ ହୋଇଲେ । କୃତ ଅଞ୍ଜଳି ହୋଇ କହିଲେ । ନିଜ ପୁରକୁ ନେଲେ । ଆସନ ଦେଇ ବସାଇଲେ । ଷଡ ଅର୍ଘ୍ୟ ପାଦ ପୂଜା କଲେ । ପାଦେ ବସିଲେ । କର

Digitized by PPRACHIN, SOA

ଯୋଡ଼ି ପୁଚ୍ଛିଲେ ଶ୍ରୀ ଦେବଗୁରୁ । ମୋହର କୁମର ଚନ୍ଦ୍ରସେଣ । ଏକ ହିଁ ନନ୍ଦନ । ବୃଷଭାନୁ ନନ୍ଦିନୀକି ବର । ଆଜି ମଙ୍ଗଳ କାଲି ବିଭାଘର । ବର ନାମ ଚନ୍ଦ୍ରସେଣ କନ୍ୟା ନାମ ରାଧା । ଏ ଦୁହିଁଙ୍କ ନାମରେ ନାହିଁ ନା ବାଧା । ଆଜ ଅଧିବାସ କାଲି ହେବ ବିଭା । ବା'ରେ ଜାତକ ବୁଝି କହିବା । ଏମନ୍ତ ବୋଲି ଜାତକ ପତ୍ର ଦେଲେ । କୋଠୀ ଆପି ଗୁରୁ ଗ୍ରହ ବସାଇଲେ । ଫଳ ବିଚାରି ଜାଣିଲେ । ବୋଇଲେ ହେ ଗୋକୁଳ ରଜା, ଏ କୁମର ରାଶି ମେଷ ହୁଡା । ରାଧା ଅନୁରାଧା ବିଛା । ଏ ରାଶିରେ ନୋହଇ ବିଭାର ଇଚ୍ଛା । ଏ ଷଡାଷ୍ଟକରେ ମରଣର ଦୀକ୍ଷା । କୁମର ଏ କନ୍ୟା କର ବନ୍ଧନ ବେଳେ ମୃତ୍ୟୁ ଲଭିବ । କେବଳ କର ଯୋଡ଼ିଣ ନୋହିଲେ ସୁଖେ ତରିବ । ଏ ଜଉତିଷ ବିଦ୍ୟା କେ ଆନ କରିବ । ଏତେ କହି ଅନ୍ତର୍ଦ୍ଧାନ ହୋଇଲେ । ଶୁଣି ଗୋକୁଳପତି ମୂର୍ଚ୍ଛାଗତ ହେଲେ । ପାଶ ପରିଜନେ ତୋଳି ଧଇଲେ । ଶୀତଳ ଜଳ ସିଞ୍ଚିଲେ । ଧୀରେ ଧୀରେ ସଚେତା ହେଲେ । ମନେ ବହୁତ କ୍ଷୋଭ କଲେ । ସଙ୍କଟ ଘୋରେ ପଡ଼ିଲେ । ଅମଙ୍ଗଳ ଗୃହ ପ୍ରାୟେ ହୋଇଲେ । ଦୁଃଖଭରେ ନିମଜ୍ଜିଲେ । କଥା ଗୁପତ କଲେ । ପତି ପତ୍ନୀ ବିଚାରି ଚନ୍ଦ୍ରସେଣ କୁମରକୁ ଘେନି ରଜନୀରେ ଗୋବର୍ଦ୍ଧନ ଗିରିକି ପଳାଇଲେ । ତିନି ପରାଣୀ ଗହନ ଲତା ଭିତରେ ଲୁଚିଲେ । ଲୋଚନୁ ଲୋତକ ପୋଛିଲେ । ତିନି ପ୍ରାଣୀ ଅନେକ ଚିନ୍ତା କରନ୍ତି । ମହା ଆରତ ଜାଣି ଏକ କୁମର ସନ୍ନିଧ୍ୟ ମିଳିଲେ ।

ସେ କୁମର କେମନ୍ତ, ନୀଳମଣିର ତନୁ । ବୃଷାଳ ଜାନୁ । ଉରେ କି ମଣି । ବିସ୍ତାର ହିଆ । ଚର୍ଚ୍ଚିତ ଅଙ୍ଗେ ଚନ୍ଦନ ଚୁଆ । ଲଲାଟେ କସ୍ତୁରୀ ଚିତା ତ ଠିଆ । ବଦନ ମଦନ ଦର୍ପଣ, ମୁକୁତାପନ୍ତି ଦଶନ, କଟୀତଟେ ପୀତ ବସନ, ମେଘ ଘୋଷ ବଚନ, ମନ୍ଦ ମନ୍ଦ ହାସ, ଶୋଭା ରହିବାରେ ମନସିଜ ତ ସ । କରେ କୁସୁମ ଯଷ୍ଟୀ ଗୋଟିଏ ଘେନି ସନ୍ନିଧ୍ୟେ ଉଭା ହେଲେ । ବିନୟ ଧରେ ହସି ଆର୍ଯ୍ୟା ଦେଲେ ।

ହେ ମହାତମା ତିନିଜଣେ କିମ୍ପା ଶୋକ କର । କାହାକୁ ତୁମ୍ଭର ଡର । ବରବେଶ ତ ହୋଇଛି କୁମର । ଆମ୍ଭ ଆଗେ କହ । ସେ ବୋଇଲେ ତୁମ୍ଭର ଯେବେ ଆତଙ୍କ ଫେଡ଼ିବ ଭୟେ ନ ପାଅ । ଏମନ୍ତ ଶୁଣି ସମୁଦ୍ରସେଣ ଛବିତା ଦୁହେଁ ପାଦେ ପଡ଼ି କହିଲେ —

ଶୁଣ କୁମର, ଆଜ ଆମ୍ଭର ବିଭାଘର । ବୃଷଭାନୁ ଦୋହିତାକୁ ଆମ୍ଭର ଏ ପୁଅ ବର । ବୃହସ୍ପତିକି ପୁଛା କଲୁ । ସେ କହିଲେ, ତୁମ୍ଭ ପୁଅ କର

Digitized by PPRACHIN, SOA

ବିନ୍ଧନ ହେଲେ ସରିବ । କର ଯୋଡ଼ିଣ ବିନ୍ତୁ ସୁଖେ ତରିବ । ଏମନ୍ତ ଶୁଣି ଭଏ କଲୁ । କୁମରକୁ ଘେନି ପଳାଇ ଅଇଲୁ । ପ୍ରାଣ ବିକଳେ ଏଥେ ପଶିଲୁ । ଯେବେ ବିଭା କରିବୁ, ଏକା ପୁତ୍ରକୁ ନ ପାଇବୁ । ଯେବେ ନାସ୍ତି କରିବୁ, ଆଉ କି ପ୍ରାଣ ପାଇବୁ । ଅଧିବାସ କର୍ମ ସରିଲା । ଚନ୍ଦ୍ରସେଣ କୁମରକୁ ବୃଷଭାନୁ ବରିଲା । ଅନେକ ଦେଶୁ ବନ୍ଧୁ ରିପୁମାନେ ମିଳିଲେ । ସର୍ବଲୋକ ଜାଣିଲେ । ଏଥି ନାସ୍ତି କଲେ କି କାର୍ଯ୍ୟ ପାଇ । ବିଭା କରି ନ ପାରିଲେ କି ସେ ପୁରେ ଥାଇ । ଏମନ୍ତେ ବିଚାରି କୁମରକୁ ଘେନି ଏଥି ପଶିଲୁ । ତୁମ୍ଭଙ୍କୁ ଭେଟିଲୁ । ଭୋ କୁମର ବୁଦ୍ଧି କର । କେମନ୍ତେ ଜୀବନ ରହିବ ଚନ୍ଦ୍ରସେଣ କୁମର । ଏମନ୍ତ ଶୁଣି କୁମର କହିଲେ, ଶୁଣ ଗୋକୁଳଶ୍ୱର । ସେ ପୁରେ ନାହାନ୍ତି କି ଆନ କୁମର ହେ । ଯେବେ ତୁମ୍ଭ କୁମର କର ବନ୍ଧନେ ମୃତ୍ୟୁ ପାଇ, ଏଥକୁ କି ଆନ ଉପାଏ ନାହିଁ । ସମୁଦ୍ରସେଣ ବୋଇଲା, ଭୋ କୁମର, ବୃଷଭାନୁ ନନ୍ଦିନୀ ଅତି ସୁନ୍ଦର । ତାହା ଅନରୂପେ କାହିଁ ବର ପାଇବି । ଯେବେ ପାଇବି, ତାକୁ କି ବୋଲି କହିବି ?

କୁମର ବୋଇଲେ, ହେ ଗୋକୁଳବର । ଯେବେ ପଡ଼ିଛି ଏତେ ବିପଦ ଘୋର । ଆମ୍ଭେ ହେବୁ ତୋର ଧର୍ମର କୁମର । ଆମ୍ଭର ସତ୍ୟ ସତ୍ୟ । ତୋର ଆତଙ୍କକୁ ଦିନେମାତ୍ର ପୁତ୍ର । ପର ଉପକାର ଧର୍ମ ଆମ୍ଭର । ସତ୍ୟ କରି କହିଲୁ କନ୍ୟା ତୁମ୍ଭର । ଚନ୍ଦ୍ରସେଣ ହେବୁ । ତୋର କୋଳେ ଥିବୁ । କନ୍ୟା ବିଭାରେ ଲଭିବୁ । ମଧୁଶେଯେ ଅନଙ୍ଗ ନ ଛୁଇଁବୁ । ଏ ଆମ୍ଭର ସତ୍ୟ । ଏଥକୁ ସାକ୍ଷ ଅଷ୍ଟ ଦଇବତ । ଏମନ୍ତ ଶୁଣି ଗୋକୁଳପତି ଆନନ୍ଦ ହେଲା । ଜନ୍ମ ଅନ୍ଧ କି ନୟନ ପାଇଲା । ତୃଷାନ୍ତ ଜନ କି ଗଙ୍ଗା ନୀର ପିଇଲା । ଅପୁତ୍ରିକ କି ପୁତ୍ର ଲଭିଲା । କାଲ କାନକୁ କି ଶବଦ ଶୁଭିଲା । ଦରିଦ୍ର ଘରେ ନିଧି ଥୋଇଲା । କମଳ ବନେ କି ତପନ ଉଇଁଲା । କୁମର ବଚନେ ସମୋଦ୍ରସେଣ ସେହିମତି ହୋଇଲା । ସେ କୁମରକୁ ଗୋପାଳରେ ପଚାରିଲେ—

ତୁମ୍ଭେ କେବଣ କୁଳେ ସମ୍ଭୂତ । ଏଠାରେ ମିଳିତ ଅଦଭୁତ । କି କାର୍ଯ୍ୟ ଏଥ । କିମ୍ବା ଏ ଗିରି କାନନେ ପଶ । ତୁମ୍ଭ ନାମ କିସ । ମୋ ତେ ତୁମ୍ଭେ ଅପୂର୍ବ ପ୍ରାଏ ଦିଶ ।

ଏମନ୍ତ ଶୁଣି କୁମର କହୁଅଛନ୍ତି । ଯଦୁବଂଶରେ ବସୁଦେବ ଘରେ ଜନମ । ନାମ ମୋହର ଜଗମୋହନ । କଂସ ରାଜା ପିତା ମାତାଙ୍କୁ ବନ୍ଦୀ

Digitized by PPRACHIN, SOA

କଲ୍ଲି । ମୋର ଉପର ଛତ୍ରଖଣ୍ଡ ମାଇଲ୍ଲି । ପିତା ଆଣି ମୋତେ ଏଥି ଥୋଇଗଲ୍ଲି । ମାଧବୀ ଲତା ତଳେ କୋମଳ ପତ୍ରଶେଯ୍ୟା କରି ଶୁଆଇଲ୍ଲି । ତହିଁପରେ ମଧୁଫେଣା ଥିଲ୍ଲି । ତହିଁରୁ ଅମୃତ ଝରେ । ମୋର ମୁଖେ ପଡଇ । ତାହା ଖାଇ ପ୍ରାଣ ରହିଲ୍ଲି । ବନଦେବତୀ ପାଳିଲ୍ଲି । କଂସକୁ ଡରି ଲୁଚି-ଥାଇ । ଏଥୁ ବାହାର ହୋଇ କେଣିକି ନ ଯାଇ । ତୁମ୍ଭ ବିପଦ ଦେଖିଣ ମେଳିଲି । ପରଦୁଃଖ ଯେଣୁ ସହି ନ ପାରଇ, ତେଣୁ ତୁମ୍ଭର କୁମର ହେବି ବୋଇଲି । ସେ କୁମର ବୋଇଲେ ହେ ଗୋକୁଳପତି ତୁମ୍ଭ ନାମ କହ । ଗୋପାଳବର ବୋଇଲେ ମୋର ନାମ ସିନ୍ଧୁସେଣ । ନନ୍ଦସେଣ ନାମେ ପୁଅ । ତୁମକୁ ଅନାଇ ମୋର ପୁଲକିତ ହେଲା ଦେହ । ଜାଣେ କାଳେ ପୁତ୍ର କରି ପାଇବି, ଏମନ୍ତ ତୁମ୍ଭର ସେନେହ । କୁମର କହିଲେ ତୁମ୍ଭେ ତ ହେଲ ମାତାମହ ।

ସମୁଦ୍ର ମନ୍ଥନୁ ସୁଧା ଜାତ ହୋଇଲ୍ଲି । ସେ ସୁଧା ପାନେ ମୋର ପ୍ରାଣ ହୋଇଲ୍ଲି । ଏଣୁ ତୁମ୍ଭେ ଆମ୍ଭର ମାତାମହ ହେଲ । ଏ କୁମର ହେବେ ଆମ୍ଭର ମାତୁଳ । ନାମ ଚନ୍ଦ୍ରସେଣ, ସୁଧା ମଧ୍ୟେ ତ ଚନ୍ଦ୍ର ଜନମ । ଏମନ୍ତ ଲେଖା ପୂର୍ବର ଅଟଇ । ଏଣୁ ତୁମ୍ଭ ଆମ୍ଭ ମନ ଖଟଇ, ପର ଦୁଃଖ ସହି ନ ପାରଇ । ଆପକାର୍ଯ୍ୟ ଛାଡ଼ି ପର କାର୍ଯ୍ୟ କରଇ । ଏମନ୍ତ ଶୁଣି ଗୋକୁଳପତି ବହୁତ ଆନନ୍ଦ ହେଲ୍ଲି । କୁମର ଘେନି ନିଜ ପୁର ଚଳିଲ୍ଲି । ସାହି ପଡ଼ିଶା ଜନଙ୍କୁ ବୋଇଲ୍ଲି । କୁଳାଗ୍ରର ଅଛି ଆମ୍ଭର ଗିରିପୂଜା ସରିଲ୍ଲି । କୁମରକୁ ଘେନି ଯାଇଥିଲୁ । ଗୋବର୍ଦ୍ଧନ ଗିରିକି ଉପହାର ଦେଇ ପାଏ ପଡ଼ିଶୋଇଲୁ । ଗୋବର୍ଦ୍ଧନ ଗିରି ବର ଦେଲେ— କୁମର ତୋର ରାଧା ଅନରୂପେ ବର ହେଉ ବୋଇଲେ । ଏମନ୍ତ ଶୁଣି ସବୁ ଆରେଗ କହିଲ୍ଲି । ଚନ୍ଦ୍ରସେଣର କୁମର ଗୁପତେ ରହିଲ୍ଲି ।

ତଦନନ୍ତରେ ମଙ୍ଗଳ ବିଧି କଲେ । ଅନେକ ଦୀପ ଦିହୁଡ଼ୀ ଜାଳିଲେ । ନାନା ବାଦ୍ୟ ବାଜଇ । ଗୋପ ନରନାରୀଙ୍କର ନିଦ ଭାଙ୍ଗଇ । ସ୍ନେହଭରେ ଆସି ସିନ୍ଧୁସେଣ ଘରେ ମିଳିଲେ । ତରୁଣୀମାନେ ହୁଳହୁଳି ଦେଲେ, ସେଦିନ ଉତ୍ସବରେ ଗୋପ ଲୋକେ ନିଦ ନ ଗଲେ ।

ଏମନ୍ତେ ରାତ୍ର ପାହିଲ୍ଲି । ବିବାହ ଦିବସ ହୋଇଲ୍ଲି । ପଣ୍ଡିତ କହିଲ୍ଲି । ଶୁଭଲଗ୍ନ ହୋଇଲ୍ଲି । କୁମରକୁ ବେଶ କଲେ । ଯାନ ଆରୋହ ବୃଷଭାନୁ ପୁରକୁ ଗଲେ । ମଦନ ପ୍ରାୟେ ସର୍ବଜନକୁ ଦିଶଇ । ଅଦ୍ଭୁତେ ଆକାଶୁଁ

Digitized by PPRACHIN, SOA

କୁସୁମ ବର୍ଷଇ । ହୁଳହୁଳି ଶୁଭଇ । ନାନା ବାଦ୍ୟ ବାଜଇ । ଅବନୀମଣ୍ଡଳ ସାଜଇ । ଦଶଦିଗ ମଙ୍ଗଳ ବିକାଶଇ । ପଟୋଆର ଶୋଭା ଦିଶଇ । ବିଦ୍ବଜନେ ମଙ୍ଗଳାଷ୍ଟକ ଭାଷଇ । କୁମରକୁ ଦେଖି ତରୁଣୀମାନଙ୍କ ତନୁଉଲ୍ଲସଇ । ଦେଖିବା ଲୋଭେ କେ ଗହଳେ ପଶଇ । ରୂପ ଦେଖି ଚମଇ । ଅନୁରାଗ ବସଇ । କୁମର ରୂପ ଅଖିଳ ମୋହଇ । କେବଣ ସଖୀ ଦେଖି ରାଧାଙ୍କ ଆଗେ କହଇ । ଭୋ ରାଧିକେ କୁମର ଶୋଭା ଜଗତ ମୋହଇ । ଏ ରୂପ ରୂପ ସାରଇ । କୁମର ବିରୂପ ବୋଲି ଯେ ଚିନ୍ତା କରୁ, ସତ୍ରଦିବସ ଭାଳୁ । ଏବେ ଦେଖିଲୁ । ସେ କୁମର ଶୋଭା କେ କହିପାରଇ । ରୂପ ଅଖିଳ ମୋହଇ । କୋଟି ରତିପଣକୁ ଶୋହଇ । ବିରୂପ ତୁଆଳ ବୋଲି କେ ପୁଣ କହଇ ।

ଶୁଣି ରାଧା ହରଷେ ହେଲେ । ସଖୀ ସଙ୍ଗେ ଗବାକ୍ଷ ମାର୍ଗେ ପତିଙ୍କୁ ନିରେଖି ଚାହିଁଲେ । ଖେଦ ତେଜିଲେ, ଆନନ୍ଦରେ ମଜିଲେ, ତଦନନ୍ତରେ ବୃଷଭାନୁ ଆସି ଟାଛୋଟି ଘେନିଗଲେ । କୁମାରୀ ଆସି କୁମର ଗଳରେ ବରଣମାଳା ଦେଇ ବରଣ କଲେ । ନାରୀମାନେ ହୁଳହୁଳି ଦେଲେ । ବରଯାତ୍ରୀ ଚରଣ ପଖାଳି ଦିବ୍ୟ ଆସନେ ବସିଲେ । ବିଭା ବେଳ ହୋଇଲା । ସୁବର୍ଣ୍ଣ ମଣ୍ଡପ ମଣ୍ଡିଲା । ନାନା ମଙ୍ଗଳ ବାଦ୍ୟ ବାଜିଲା । କୁମର କୋଳେ ଧରି ସିନ୍ଧୁସେଣ ବସିଲା । ବିଦ୍ବଜନମାନେ ବେଦଧ୍ୱନି କଲେ । କୁମାରୀ ଲବଣ ଚଉରୀ ପକାଇ ପିତା କୋଳେ ବସିଲେ । ବିଦ୍ବଜନେ ବେଦବାକ୍ୟ ଘୋଷିଲେ, କୁଳ ପୁରୋହିତେ ଗୋତ୍ର ଉଚ୍ଚାରିଲେ । ବେଦବାକ୍ୟ ମତେ ବିଭା କଲେ । ନାନା କୃତ୍ୟ ବୃତିଲା । କରବନ୍ଧନ ପଡ଼ିଲା । ଶଙ୍ଖେ ଜଳ ତେଳି ବୃଷଭାନୁ ଦେଲା । ଅନେକ ଯଉତୁକ ସମର୍ପିଲା । ସୁଲକ୍ଷଣା ଅନ୍ୟ ନାରୀ ଆସି କର ବନ୍ଧନ ଫେଡ଼ିଲା । ହୋମ ବଢିଲା । ସର୍ବ ବିଭା କୃତ୍ୟ ହୋଇ ବରକନ୍ୟାଙ୍କୁ ଅନ୍ତେପୁରକୁ ନେଲେ । ଦିବ୍ୟ ଆସନେ ବସାଇଲେ । ଜୁଆ ଖେଳିବାକୁ ସୁବର୍ଣ୍ଣ କଉଡ଼ି କୁଟାଇଲେ । କାମରସ ସମୋଦ୍ର ଅନ୍ତଃପୁର ସ୍ତ୍ରୀମାନେ ମନ ବୁଡାଇଲେ । ଜୁଆ ଖେଳିଲେ । ସଖୀମାନେ ହୁଳହୁଳି ଦେଲେ । ନାନାମତେ ପରିହାସ ଗୀତ ଗାଇଲେ । ଦୁଇ କୂଳ ମୁଦୁସୁଲୀ ଉଚ୍ଚବାଚ କହନ୍ତି । କୁମାରୀ ଶୁଣି ସଙ୍କୋଚେ ରହନ୍ତି ।

ତଦନନ୍ତରେ ଜୁଆ ସାରି ପଞ୍ଚୁଗ୍ରାସୀ କଲେ । ଦୁଇକୂଳ ଲୋକ ଷଡ଼ରସ ପ୍ରକାରେ ଭୋଜନ ସାରିଲେ । ଏମନ୍ତେ ରଜନୀ ହୋଇଲା । ଦୀପ ଦିଦ୍ରୁତୀ ହୁଳା ଜଳିଲା । ଚନ୍ଦ୍ରଶାଳାପୁର ମଣ୍ଡିଲେ । ଚନ୍ଦ୍ରାତପ ଖଞ୍ଜିଲେ । ରତ୍ନପଲଙ୍କେ ହଂସତୁଳୀ ତୁଳୀ ଶେଯ ଲାଇଲେ । କୁସୁମ ପାଖୋଡ଼ି କର୍ପୂର ଧୂଳି ସିଞ୍ଚିଲେ ।

Digitized by PPRACHIN, SOA

କୁସୁମ ପାଏତା ସଞ୍ଚିଲେ । ମାଣିକ୍ୟର ଦୀପାବଳୀ ଜାଳିଲେ । ଶୀତଳ ମଣୋହି ବାଡିଲେ । ମଧୁଶେଯ୍ୟାରେ ନେଇ କୁମରମଣିକି ମୃଦୁସ୍ଖଳୀ ପହଷ୍ଟ ମଣାଇ ବିଜେ କରାଇଲେ ।

ତଦନନ୍ତରେ — ହେମାଦେଇଙ୍କ ସଖୀଗଣ ସୁବେଶ କଲେ । କରେ ଶ୍ରୀଫଳ ତଣ୍ଟୁଳ ଦେଲେ । ହାସ ପରିହାସ କହିଲେ । ସଜନୀଗଣ ଘେନି ଚଳିଲେ । ମଧୁସୂଦନ ଦ୍ୱାରେ ମିଳିଲେ ।

ତଦନନ୍ତରେ ବୃଷଭାନୁ ଦୁଲାଳୀ । ବୁଏସ ନହୁଲି । ନବଯୁବା ବାଳୀ । ମନେ ଭାଳି । କେମନ୍ତେ କାମକେଳି । ଆନୁଆନ ହୋଇଲା କଳହଂସ ଗ୍ଲଳି । କାନ୍ତ ପାଶେ ମିଳି । ହୃଦୟ ଦମ୍ଭ ଟଳି । ଅଙ୍ଗେ ଅନଙ୍ଗ ଜଳି । ଦ୍ୱାର ଦେହଲୀ । ନ ଯାଇ ବୁଲି । ସର୍ବ ପ୍ରିୟ ଆଳି । ଯାଅ ଯାଅ ବୋଲି । ଭିତରକୁ ଦେଲେ ପେଲି । ଲାଜେ ନ ଚାହିଁ ମୁଖ ଟେକି ।

ପାଦେ ନୂପୁର ଝମ ଝମ । ହିଆ ଦମ ଦମ । ଶର୍ମ ଝାଳ ଗମ ଗମ । ମନ ଛନ୍ନ ଛନ୍ନ । ଉଜଳ ପାରିଧିରେ ଯେହ୍ନେ ବାଳମୃଗ କନ କନ । କଣ୍ଠ ରୁନ୍ଧଇ । ଅଙ୍ଗେ ଅନଙ୍ଗ ବାଧଇ । ବେଳ ଜାଣି ସାଧଇ । କୁସୁମ ଶର ଭେଦଇ । ବିବେକ ଛେଦଇ । ତନୁ ପୁଲକଇ । କର କମ୍ପେ ତଣ୍ଟୁଳ ପଡଇ । କବେରୀ କୁସୁମ ପାଖୁଡା ଝଡଇ । ଏମନ୍ତେ ସଖୀମାନେ କୁମରବରଙ୍କୁ ଜଣାଇ । ଅନେକ ମତେ ମଣାଇ । କୁମାରୀକି ରଖି ଦ୍ୱାରେ କବାଟ ଦେଇ ଗଲେ । ଧିର ଲମ୍ବାଇ ରାଧା ଭଗ୍ନ ହୋଇଥିଲେ । ହା ହା ବିଧାତା ବୋଲି କୁମର ହୋଇଲେ । ଖରନିଃଶ୍ୱାସ ତେଜି ମୁଖମାଡ଼ି ଶୋଇଲେ । ସେ ନୃପ କୁମାରୀ, ଆତନ୍ତ ସୁକୁମାରୀ, ଅତି ଗର୍ବେଶ୍ୱରୀ, ଅବୋଧ ଚତୁରୀ, ମନେ ବିଚାରି— ଏ କୁମର ଜଗତ ସୁନ୍ଦର । ତରୁଣୀ ମନ କ୍ଷୀରୋଦଧି ମନ୍ଥନ ସୁନ୍ଦର । କି ଅବା ଦୋଷ କଲି । ରୂପେ ଅବା ସରି ନୋହିଲି । କେବଣ ଚରିତ ଜାଣି ନ ପାରିଲି । ଏମନ୍ତ ବୋଲି ବୃଷଭାନୁ ନନ୍ଦିନୀ । ବିସ୍ମୟେ ଭାଳି, ପଲଙ୍କେ ଢଳି, ଦନ୍ତକୁ ନିଷ୍ପେଳି, ନିଶ୍ଚଳ ନୟନେ ଗ୍ହାଁଇ । ଏନେନ୍ତେ ଅର୍ଦ୍ଧରାତ୍ରି ହୋଇଲା । ଭିନ୍ନ ପଲଙ୍କରେ ପହୁଡ଼ିଲା । ଖେଦ ଜଳେ ବୁଡ଼ିଲା । ଏମନ୍ତେ ରାତ୍ର ପାହିଲା ।

ଅରୁଣ ଉଇଁଲା । କୁକ୍କୁଟ ରଡ଼ିଲା । ଚକବାକ ବିଚ୍ଛେଦ ପଡ଼ିଲା । କାକ ରଡ଼ିଲା । ଅଭିସାରିକା ସଙ୍କଟେ ପଡ଼ିଲା । ଚେଷ୍ଟେଇ ଭୟ ଫିଟିଲା । କୁମୁଦ

Digitized by PPRACHIN, SOA

ଫୁଟିଲା । ଦିବା ପ୍ରକାଶ ଦିଶିଲା । ବିପ୍ର ବେଦ ଘୋଷିଲା । ଶୁକ ସାରୀ ଭଷିଲା । କୁମୁଦ ବିକାଶିଲା । କାମିନୀ କାନ୍ତ ତେଜିଲା । ଦେବଅଳେ ଶଙ୍ଖ-ଧ୍ୱନି ସ୍ଫୁରିଲା । ନିଶି ସରିଲା । ଗୁରୁ ପାଦେ ଶିଷ୍ୟ ନମିଲା ।

ଏମନ୍ତେ ମୋହନ କୁମାର ଶେଯ୍ୟା ତେଜିଲା । କୁମାରୀ ନିଦ୍ରାରେ ଅଚେତନ ହୋଇଛନ୍ତି ଦେଖିଲା । କାନ୍ତ ଅନୁରାଗେ ଚିନ୍ତା ବସଇ । ନୟନୁ କଜ୍ଜଳ ମିଶି ଲୋତକ ଖସଇ । ସେ କୁମର ସଙ୍କେତ ନିମନ୍ତେ ସେ ନୟନ କଜ୍ଜଳେ । ତାକ୍ଷ ଲଟଣ ଘେନି କାନ୍ତା କୁଚମଣ୍ଡଳ ପଣନ୍ତେ ଲେଖିଲେ ।

ଶ୍ଳୋକ — ବେଦୋକ୍ତେନକଚଗ୍ରାହୀ । ସାଧ୍ୱାଙ୍ଗନା ତ ସ୍ୱଭର୍ତ୍ତିନୀ
ମମ ପ୍ରାଣେଶ୍ୱରୀ ରାଧା । ସତ୍ୟସନ୍ଧା ନ ଲଙ୍ଘିତା ।

ଏ ଶ୍ଳୋକ ଲେଖିକରି ମୁଦି ରଖି ବାହାରକୁ ସାଏତାରେ ବିଜେ କରିଗଲେ । ଅବକାଶ ହେଲେ । ତଦନନ୍ତରେ ସେ କୁମାରୀ ନିଦ୍ରା ତେଜିଲେ । କାନ୍ତଙ୍କୁ ନ ଦେଖି ଦୁଃଖେ ମଜ୍ଜିଲେ । ପାୟେତାରେ ଅଷ୍ଟାଦଶ ଚିହ୍ନ ପଡ଼ିଛି ଦେଖିଲେ । ପୁଣି ଶ୍ରୀକର କଛମୁଦି ପାଇଲେ । ହୃଦୟ ପଣନ୍ତେ ଶ୍ରୀହସ୍ତ ଅମର କଜ୍ଜଳେ ଲେଖିଅଛି ପଢ଼ିଲେ । ମନେ ବହୁତ ହରଷ ବିରସ ହୋଇଲେ । ଏ ତିନି ସଙ୍କେତ ପରିପତନ କରି ହେମ ସଂପୁଟେ ମୁଦି ରଖିଲେ । ସଖୀମାନଙ୍କ ସନ୍ନି-ଧକୁ ଚଳିଲେ । ତୋଟାପୁରେ ମିଳିଲେ । ସଖୀଙ୍କି ଦେଖି କହିଲେ, ହାୟ ଏବିହାଣ ହୋଇଲେ ।

ଶ୍ରୀ ରାଧିକେ, ବେଶ ତ ବିଭଙ୍ଗ ନାହିଁ, ମନର ତ ହରଷ ନାହିଁ, କାମ କଳାର ତ ଚିହ୍ନ ନାହିଁ, ସୁରତ ରତିର ଛବି ନାହିଁ, କପୋଳେ ସିନ୍ଦୂର ତ ଲିଭିନାହିଁ, କାନ୍ତ କି ଭାବି ନାହିଁ, ବାସ କେଶ ତ ଫିଟିନାହିଁ । ଅଧର ଅମୀୟ ତ ତୁଟିନାହିଁ । ସଖୀମାନଙ୍କ ବଚନେ ଅଳପ ହସିଲେ । ମୁଖ ପୋତି ଭୂମିରେ ଚରଣ ଅଗ୍ର ଘଷିଲେ ।

ତଦନନ୍ତରେ — ଏମନ୍ତେ ସମୁଦ୍ରସେଣ ପୁରକୁ ବାହାଡ଼ ହେଲେ । କନ୍ୟା ଘେନି ଚଳିଲେ । ଖଣ୍ଡଦୂରୁ ବୃଷଭାନୁ ଅଦୃଶ ହେଲେ । ଦୋହିତାକୁ ପ୍ରବୋଧି ବାହୁଡ଼ି ଗଲେ । ରାଧାଙ୍କ ସହସ୍ରେ ପରିବାରୀ । ସଖୀଗଣମାନେ ଚଉଦୋଳା ବେଢ଼ି ଖଦୀ ଚାମର ଢାଳିଲେ । ସମୋଦ୍ରସେଣ ପୁରେ ଉତ୍ସବ କଲେ । ହୁଳହୁଳି ଦେଲେ । ସୁରନାରୀ ଆସି ବନ୍ଦାଇଲେ । କନ୍ୟାକୁ ଅନ୍ତେପୁରକୁ ନେଲେ । ମୋହନ କୁମାର ଅନ୍ତର୍ଦ୍ଧାନ ହେଲେ । ଚନ୍ଦ୍ରସେଣ କୁମରକୁ ପ୍ରତିନିଧି କଲେ ।

Digitized by PPRACHIN, SOA

ତଦନନ୍ତରେ — ଏମନ୍ତେ ରଜନୀରେ ରାଧା ପଲଙ୍କେ ପହୁଡ଼ିଲେ । ଦାସୀଗଣ ପୁର ବେଢ଼ି ରହିଲେ । ଏମନ୍ତେ ଚନ୍ଦ୍ରସେଣ କୁମରଙ୍କୁ ପିତାମାତା ରାଧାଙ୍କ ଛାମୁକୁ ପେଷିଲେ ।

ତ, ସେ ଏକେ ଗୁଆଳ । ଦୁଜେ ଗୁଆଁର ଅତି ଅବିବେକ । କେବଳ ତାଣର ଶୋଷ ଭୋଖ । ସେ ହାଥେ କେନ୍ଦୁବାଡ଼ି ଧରି । ମନେ ଭୟ କରି । ଦୀପ ଲିଭିବା ଜାଣିଗଲା, ପଣତ ପାଡ଼ି ଭୂମେରେ ଶୋଇଲା । ମଚନ ଦକଦକ ହେଉଥିଲା । ରାତ୍ର ନ ପାହୁ ଅଛଲା ।

ତ, ଏମନ୍ତେ ସର୍ବ ସଖୀମାନେ ରାଧିକାକୁ ପୁଛନ୍ତି । ଲାଜ ଲେଉଛନ୍ତି । ହେ ରାଧିକେ କୁମର ତ ଶୟନକୁ ଯାଅନ୍ତି । ରଜନୀରେ ଥାଆନ୍ତି । ତୁମ୍ଭ ତାଙ୍କର କିମ୍ପା ବଡ଼ି ନୁହଁଇ । ତୋ ଅଙ୍ଗ କି ସେ କୁମର ନ ଛୁଅଁଇ । ଆମ୍ଭଙ୍କୁ ତ ସଂଶୟେ ଲାଗଇ । ଏ କି ଚରିତ ପେଡ଼ି କହ । ହେ ରାଧିକେ ମଉନ ନୋହ ।

ତ, ସଖୀଙ୍କ ତହୁଁ ଏମନ୍ତ ଶୁଣି ଉତ୍ତର କହିଲେ । ଆଗୋ ସଖୀ, ମୋ କାନ୍ତ କେମନ୍ତ ସରୂପ ଦେଖି । ଆସିବା ଯିବାରୁ ନ ଜାଣଇ । ପ୍ରୁତକୁ ଆସିବାର ଏବେ ତୁମ୍ଭ ତହୁଁ ଶୁଣୁଅଛ ।

ତ, ଏତେ କହି ତୁନି ହେଲେ । ଚିନ୍ତା ବଡ଼ କଲେ । ସଖୀମାନେ ଶୁଣି ତା ଅପୂର୍ବ ମଣିଲେ । କଥା ଘେନିଲେ, ବିଚାର କଲେ । ବୋଇଲେ ଆଜ ଦୀପ ଜାଳି ରଖିଥିବା । କୁମର ଆଇଲେ ଦେଖିବା । ପୁରୁଷ ହୋଇ ତାଙ୍କର ଏତିକି ନିଷ୍ଠୁର ଦେଖିଲେ ଜାଣିମା । ଏମନ୍ତ ବିଚାର ମୂଳ କରି ରଜନୀରେ ଦୀପ ଚୁପତେ ରଖିଲେ । ସର୍ବ ସଖୀ ଜଗ ଲେ । କୁମାର ଆସନ୍ତେ ନାରୀମାନେ ଦେଖିଲେ ।

ତଦନନ୍ତରେ — ସେ କୁମର ଅନ୍ଧାର ଗମ୍ଭୀର ଘରକୁ ଚାପ ମା'ଙ୍କ ତରେ ଯାଇ । ମନେ ଭଏ କରୁଥାଇ । ଏମନ୍ତ ସମୟେ ସଖୀମାନେ ଦୀପ ଘେନି ଦେଖିଲେ । ଚନ୍ଦ୍ରସେଣ ଉଠୟ ପଲଙ୍କ ତଳେ ପଶିଲା ।

ତ, ମନେ ମନେ ଲୁଚିଲା । ପଳାଇ ପଞ୍ଚିଲା । ତ, ଦାସୀମାନେ ଖୋଜି ଦେଖିଲେ । ଅନ କୁମର ଦେଖି ମନେ ଭୟେ କଲେ । ନିଶ୍ଚେ ଏ ଚୋର ବୋଲି ଘେନିଲେ । ଗୋଳ କଲେ । କୁମରକୁ ଖଟ ତଳୁ ଧଇଲେ । ଖନ୍ଦେ ବାନ୍ଧିଲେ । ଅନେକ ମାଡ ମାଇଲେ । କେ ବୋଲଇ ଏ ଚେତାପୋ କି ଭରସା କଲା ।

Digitized by PPRACHIN, SOA

ଜଳନ୍ତା ଅନଳେ ପଶିଲା । କେ ବୋଲଇ ଅଗୋ କାହିଁର ଏ ଗେ୍ୱର ।
କେମନ୍ତେ ପଶିଲା ଏ ପୁର । ଏହାକୁ ନ ବଧି ବେଗେ ନେଇ ମାର । ଅଗୋ
ଅମୂଲ୍ୟ ପଦାର୍ଥମାନ ହିଁ ନିଅନ୍ତା । ଜନମୁଖେ ଆମ୍ଭଙ୍କୁ ଅପଛାଡ଼ି ଦିଅନ୍ତା ।
ଶୁଣିମା ହୁଏତ ଲାଜ ହିଁ ହୋଅନ୍ତା । ଅଳଙ୍କାର ଲୋଭେ ଜେମାଦେଇଙ୍କ
ଶ୍ରୀଅଙ୍ଗ ଛୁଅନ୍ତା । ଏବେ କୁଆଁରଙ୍କ ଆସିବା ଯାଏ ଏହାକୁ ରଖିଥାଅ ।

ତ, କେ ବୋଲଇରେ କିମ୍ପା ପଶିଲୁ । ମରଣ ଲୋଡ଼ି ଆସିଲୁ । ଲାଜ
ଲାଜେ ଚନ୍ଦ୍ରସେଣ କହଇ । ମୁଁ ଯେ ତୁମ୍ଭର ଜୁଆଁଇ ହୁଅଇ । ମୋତେ
ଏମନ୍ତ କହିବାର ଗୋ ଉଚିତ ନୋହଇ । ଏମନ୍ତ ଶୁଣି ଏକ ମୁଖ ଆରେକ
ଗ୍ୱହିଁଲି । ଆଗୋ ଏ ଚେଡ଼ୀପୋ କି ଜନମୁ ବାଇ । ଏହାର ଅଙ୍ଗେ କି ଗ୍ୟାନ
ନାହିଁ । ଗାଲେ ହାଥ ଦେଇ କେ ବୋଲଇ ଶୁଣ । ଗେ୍ୱର ହୋଇ କରଇ
ଗୁରସ୍ତ ପଣ । କେଉଁ ନାରୀ ଖୁନ୍ଦାଏ ମାରି । ଟାକରେ ମାରି କେ ନାକ
ମୋଡ଼ି । କେଶ ଝିଙ୍କି ଓଟାରି । କାନ ଉଛୁଡ଼ି । ଦୀପ ଘେନି କେ ନିଶ
ପୋଡ଼ି । ପାଣି ନେଇ କେ ଉପରେ ଇଡ଼ି । ଆଉଳା ଦିଅଇ କେ ଉପରେ
ଚଢ଼ି । ବାନ୍ଧିଲା ଦଉଡ଼ି କେ ନିରଟେ ଭିଡ଼ି । ପୀଢ଼ା ଦୀପ ରୁଖା ଘେନି କେ
ପିଟି । ମାଡ଼େ ଗୋଟା ଗୋଟା ଚନ୍ଦ୍ରସେଣା ପିଠି । ନାନାମତେ ମାଡ଼ ସହଇ
ଏ ବିକଳେ । ବିକଳେ ଘର ପୁଅ ବୋଲି କହଇ ।

ତ, ଏମନ୍ତେ ଚହଳ ଶୁଣି ପୁର ଲୋକ ମିଳିଲେ । ମାତା ପତା ଅଇଲେ ।
ନିଜ ନନ୍ଦନ ବନ୍ଧା ହୋଇଛି ଦେଖିଲେ । ଆଲୋ ମୋର ମାଆ ବୋଲି ଚନ୍ଦ୍ର-
ସେଣ ବୋଇଲା । ଦେଖି ମା' ତାହାର ଭୂମିରେ ପଡ଼ିଲା । ପୁଅକୁ ଆଶ୍ୱାସିଲା ।
ମା ତାହାର ତଳାପାଡ଼ି ବୋଇଲା, ଏକାଇ ବଳା ତୁ ମୋ ଏ ଦଣ୍ଡ ଦେଲୁ ।
ମା'ଲୋ ତୁ ରଜାଝିଅ ହେଲେ କି ହେଲା, ଗଉଡ ପୁଅ ହେଲେ କି ପତି
ନୋହିଲା । ଏ'ତ ଅଣରଜ ହୋଇଲା । ମାଇପ ହୋଇ ଗୁରସ୍ତକୁ ମାଇଲା । ଏ
ମଉନମୁହାଁ ଏତେ ଗର୍ବ ବୋହିଲା । ପୁଅ ମୋହୋର କି ଦୋଷ କଲା ।
ପୋଇଲିଙ୍କ ହାତେ ଏ ଦଣ୍ଡ ଦେଲା । ରଜାର ଝିଅ ହେଲେ କି ହେଲା । ହାଥ
ଧରି ବିଭା ହେଲା ଯାହାକୁ । ଏମନ୍ତ ଶାସ୍ତି କି ଦେଇ ତାହାକୁ । ପୁଅ ବୋଇଲା
ମା'ଗୋ ଘାଏ ବଥାଉଛି ବୁକୁ । ଆଶ୍ୱାସନା କରି ପୁଅକୁ ନେଲା । ତଇଳ
ଘଷାଇ ଶୀତଳ କଲା ।

ତଦନନ୍ତରେ — ଏମନ୍ତ ଦେଖି ରାଧା ଚକିତ ହେଲେ । ସଖୀଗଣ
ଥର୍କିତ ହେଲେ । ମନେ ବଡ ଖେଦ କଲେ । କେ ବୋଲଇ ଏ କେହୁ କଥା ।

Digitized by PPRACHIN, SOA

ଲାଜ ତ ହେଲା ମରଣୁ ବଳା । କେ ବୋଲଇ ଅଗୋ ଆମ୍ଭ ଏ ତ ଡୁଆଁଇ ନୁହଇ । ଆମ୍ଭ ଡୁଆଁଇ ତ ଅଖିଳ ମୋହଇ । ଏ ଧୁମା ଗୋଟା ପୁଣ ତାଙ୍କର ପୁଅ ହୋଇଅଛି । ଏହାଙ୍କ କୁମର ବାହାରେ ଆଉ ପୁଅ ଅଛି ବୋଲି ତ କେହି ନ କହଇ ।

ତ, କେ ବୋଲଇ ଏହାଙ୍କ କୁଳେ ଅଛି କି ପରମ୍ପରା । ଏକ ବିଭା କଲେ ଆରେକ ଆବୋରା । ଏ ରଜା ନନ୍ଦିନୀ ଜାତି ପଦ୍ମିନୀ । ଗୁଆଁର ଗଉଡ ଘରେ ପଡ଼ିଲା କର୍ମ ଘେନି । କୁଅ ଦଉଡ଼ିକି ଗଏସ ଫୁଲ । ସଏନ୍ଧବ ସଙ୍ଗେ କି କର୍ପୂର ମୂଲ । ସୁନା ସଙ୍ଗେ ପିତଳ ତୁଲ । ଅଲୋ ଗଉଡ ସଙ୍ଗେ କାହିଁ ଚନ୍ଦ୍ର ତପନ କୁଳ । ଭ୍ରମର ଗୁଣ ଜାଣଇ କି ଛଣୁଆ । ଶବର ଘରେ କାହିଁ ବିପ୍ର କୁଳୁଆ । କେଉଟକୁ ଦିବ୍ୟ ଆସନ । ଅନ୍ଧ ହାତେ ରତନ । କରେ ତାଡଇ ସଖେ ବିଧାତାର ଭିଆଣ । କେହ୍ନୁ କରି ଆନ । ଯେ ବହେ ଲୁଣ, ସେ କାହିଁ ଜାଣିମ ଶ୍ରୀକପୂର ଗୁଣ ।

ତଦନନ୍ତରେ — ଏମନ୍ତ ବିରସ ମନେ ସର୍ବସଖୀ ଭଣନ୍ତି । ମରଣ ସମୟ ହେଲା ଏକ ଆରେକ ବୋଲନ୍ତି ।

ତଦନନ୍ତରେ — ନିଶି ପାହିଲା । ବୃଷଭାନୁ ଖେର ଗୋଳ ବୋଲି ବାରତା ପାଇଲା । ସମ୍ବନ୍ଧିଙ୍କ ସଙ୍ଖୁଳି ଅଇଲା । ସମୁଦ୍ରସେଣ ପାଛୋଟି ଆସି ଘେନିଗଲା । ନିଜ ସଦନେ ନେଇ ଆସନେ ବସାଇଲା । ସକଳ କୁଶଳ ପୁଛିଲା । ଦେଖି ଚନ୍ଦ୍ରସେଣ ଲୁଚିଲା ।

ତ, ବୃଷଭାନୁ ବୋଇଲେ ଜୁଆଁଇକି ତ ନ ଦେଖିଲୁଁ । ତାକୁ ଦେଖି-ବାକୁ ତ ଏତେଦୂର ଅଇଲୁଁ । ଝିଅ ଦେଇ ପୁଅ ପାଇଲୁଁ ।

ତ, କବାଟ କୋଣେ ଥାଇ ଚନ୍ଦ୍ରସେଣ ମା ବୋଇଲା । ତୁମ୍ଭ ଏ ଝିଅ ଘେନି ମୋର ଘର ନୋହିଲା । ସେ ତ ରଜା ଝିଅ ହୋଇଲା । ମୋର ପୁଅକୁ କଲା ଟୋକା, ପୋଇଲା । ସେ ତ ବଡ ଘରର ଝିଅ । ଉଦାସ ସୁବୁଦ୍ଧି ମୋହର ପୁଅ । ଦାସୀମାନେ ଧରି ମାଡ ମାଇଲେ । ଅନେକ ଦଣ୍ଡ ଦେଲେ । ମୋ ପୁଅ କିମ କଲା । ବଡଘର ଝିଅ ହେଲେ କି ହେଲା । କାଲି ମାଡ ଲୋହ୍ରଏ ପାଇଅଛଇ । ଲାଜେ ଭୁଡ଼ି ତଳେ ଲୁଚଇ । ପଣେ ଲୋତକ ପୋଛଇ । ତେଣୁ ତୁମ ଛାମୁକୁ ନ ଆସଇ । ଏବେ ମୋ ପୁଅ ରୂପ ଆନ ଦିଶଇ । ବାଦୀ ଜଗାରି ଶୁଣି ହସଇ । ମରମ କଥା ଭାଷଇ । ତେଣୁ ମୁଁ

Digitized by PPRACHIN, SOA

ଲିତେ ଘରେ ପଶଇ । ତୁମ୍ଭ ଅବଧାନକୁ କେମନ୍ତ ଆସଇ ! ସାନ ବଡ ତ ସଂସାରେ ଅଛଇ । ଏହାକୁ ରାଧା ପଣେ ନ ଗଛଇ । ଏତେ କହି ତୁନି ହୋଇଲା ।

ବୃଷଭାନୁ ଶୁଣି ଲାଜ ପାଇଲା । ବେଗେ ଘେନି ତ ପୁରକୁ ଗଲା । ସଖୀଙ୍କ ଗଣକୁ ବୋଲଣା କଲା । ଦୋହିତାକୁ ଅନେକ ମତେ ତିଆରିଲା । କଥା ଦେଖାଇ କହିଲା । ମୋ କୁଳମଣ୍ଡଣି ରାଧା ପୂର୍ବ ଅର୍ଜିଲା କର୍ମ ଫଳଇ । ବେଳ ଜାଣି ମଳଇ । ମା'ଗୋ ଏ କଥା ତୋହର ନୁହଁଇ ଭଲ । ଶାଶୁ ଶଶୁରଙ୍କ ସଙ୍ଗତେ ଭୁଆକୁ ପାଳ । ଅନେକ ମତେକ କହିଲା । ସେ ଦିନ ସମ୍ପନ୍ତି ପୁରେ ରହିଲା । ଝିଅକୁ ଅମୋହ ତତକୀ ଦେଇଗଲା । ସମ୍ପର୍ବ ଭିଆଇଲା ।

ବିସ୍ତାର କରି ପୁର ଗୋଟାଏ ତୋଳାଇଲା । ଥାନ ଉତ୍ସାସେ କୁଞ୍ଜବନ ପଶେ ନବର ଶୋଭା ଦିଶିଲା । ମେଢ ମଣ୍ଡପ ଅଟ୍ଟାଳି ପାଚେରୀ ତୋଟା ପୁର ଜଗତୀ ଜଳ ଗଭୀର ପୋଖରୀ ଖେଳି । ଚନ୍ଦ୍ରଶାଳା ପୁରୀ । ନାନା ବିଚିତ୍ର କରି । ରାଜ ବିଧିମତେ, ବୃଷଭାନୁ ଦଣ୍ଡଧାରୀ । ନାନା ଖଟଣି କରି । ଯହିଁକି ଯେ ତହା ଖଞ୍ଜିଲା । ସହସ୍ରେ ଦଣ୍ଡୁ ଆସି ପୁର ରଖିବାକୁ ଦେଲେ । ସହସ୍ରେ ପରିବାରୀ ନିତି ଖଟିବାକୁ ଦେଲେ । ଖଟଣିରେ ରହିଲେ । ଦୋହିତା ଦାନ ଦେଇ ତାକୁ ସୁଖେ ରଖିଲା । ସେ ଭୁବନେ ଚନ୍ଦ୍ରସେଣା ରାଧା ରହିଲେ । ସେ ଦିନୁ ଚନ୍ଦ୍ରସେଣ କୁମରକୁ ଆଦର କଲେ । କାଳ ଜାଣି ରହିଲେ । କାମସେଣୀ ଆଦି ସଖୀଗଣ ସଖୀ ଅନ୍ତପୁରେ ଦିନ ବଞ୍ଚିଲେ । ନାନା ତରୁଳତାମାନ ରଞ୍ଜିଲେ ।

ସେ ଚନ୍ଦ୍ରସେଣ ଗୋଗୋଷ୍ଠେ ଗଲା । ଦ୍ୱାର କତି ତରୁ ଲଗାଇଲା । ସତ୍ୟ ଗୁଣେ ଜଗାଇଲା ତ । ଭୋ ସୁଲୋଚନା ଯେ ରାଧା ଜନମ କଥା । ରାଧା ଚନ୍ଦ୍ରସେଣ ବିଭା ଏତେ ବେବସ୍ଥା । ଏ ରୂପେ ରାଧା ଚନ୍ଦ୍ରସେଣ ବନିତା । ଏମନ୍ତ ଶୁଣି ସୁଲୋଚନା ପୁଚ୍ଛା କଲା । ଭୋ ସଖି ! ଏଥି ଉତ୍ତାରୁ କେବଣ ଚରିତ ହୋଇଲା । ପୁଣ ସେ ରାଧା କି କଲେ । କେମନ୍ତେ ନିଜ ପ୍ରଭୁଙ୍କୁ ଲଭିଲେ । ଚିତ୍ତ କେମନ୍ତେ ଧଇଲେ । କାହିଁ କୃଷ୍ଣଚନ୍ଦ୍ରକୁ ଦରଶନ ପାଇଲେ । କେତେଦିନ ଏ ରୂପେ ରହିଲେ ।

ଏମନ୍ତ ଶୁଣି ମେନକା ବୋଇଲା, ଭୋ ସଖି ଶୁଣ ଏ ଦୋଳଗୋବିନ୍ଦର ଯେତେ ଗୁଣ । ସେ ରାଧା ଅନ୍ତଃପୁରେ ରହି । ମନେ ବିରସ ନୁହେଁ ପ୍ରକାଶ । ବିନା କାନ୍ତ ରୂପ ଲଭଇ ରାତ୍ର ଦିବସ । କାହାରି ମୁଖେ ନ ପାଇ ସନ୍ଦେଶ ।

Digitized by PPRACHIN, SOA

ନ ଦେଖଇ ସେ କୁମର ଶୋଭା ଲେଶ । ଜଗତେ ଅପଖ୍ୟାତି ଶାଶୁ ଶଶୁର ଭୟେ । ପତ୍ନୀ ବଚନ ପାଳି ଚନ୍ଦ୍ରସେଣଙ୍କୁ ଆଦରି ବନୟେ । ଅନପୁରୁ ଯେ ବାହାର ନୋହଇ । ଅନ୍ୟ ପୁରୁଷ ଚାହିଁଲେ ଶତେମାତ୍ର ସୁବର୍ଣ୍ଣ ଦାନ ଦେଇ । ନିଜ ପ୍ରଭୁଙ୍କୁ ଅନୁସରି ବିକଳ ସହି । ଅଙ୍ଗେ ଅନଙ୍ଗ ଅନଳ ଦହଇ । ଚି..... .... ବହଇ । ଅନ୍ତସ୍ଥଳେ ବେଦନା କାହାକୁ ନ କହଇ । ଦୁଃଖ ସହି ବନ୍ଦୀ ପ୍ରାୟେ ରହଇ ।

ଏମନ୍ତେ କେତେକାଳ ଗଲା । ବସନ୍ତ ହେଲା । ଚନ୍ଦ୍ରସେଣ କୁମର ଗୋଗୋଷ୍ଠେ ଥିଲା ।

ଶୁଣ ସଖେ, ଏମନ୍ତେ କେତେଦିନରେ, ଗୋପ ଭୁବନରେ ପକ୍ଷିଗଣ ସଙ୍ଗରେ, ତୋଟା ପୁଷ୍କରିଣୀ କନ୍ଦରେ, ସ୍ନାନ ବେଳରେ, ବାମ ଶ୍ରବଣରୁ ଅମୂଲ୍ୟ ରତ୍ନ ତଡକୀ ଖସିପଡ଼ିଲା । ଆହାର ପ୍ରାୟେ ମଣି ରେହି ମାଛ ଗିଳିଲା ସେ ରତ୍ନ ମାଛ ଗର୍ଭେ ପଡନ୍ତେ କାନ୍ତି ଝିକଶିଲା । ରାହୁ ଭୟେ କି ଚନ୍ଦ୍ର ଜଳେ ପଶିଲା । ସେ ପୁଷ୍କରିଣୀ ଜଳ ଜ୍ୟୋତିମୟେ ଦିଶିଲା । ଜଦନେ ଚିଲ ପକ୍ଷୀଏ ଆକାଶରେ ଥିଲା । ସେ ମାଛକୁ ଝାମ୍ପ ଦେଲା । ଚମକି ସେ ମାଛ କୂଳେ ପଡନ୍ତେ ମାରିନେଲା । ଗଗନେ ଗଲା । ବୃନ୍ଦାବନ କଦମ୍ବ ତରୁରେ ବସିଲା । ଜ୍ୟୋତିମଏ ଦିଶିଲା । ସେ ଚିଲ ମାଂସ ଖାଇବାରେ ଆଖି ଖୋସିଲା । କିରଣ ବିକାଶିଲା । ସେ ରତ୍ନ ମୀନ ଛାଡ଼ି ପକ୍ଷୀ ଗଗନେ ପଶିଲା । ସେ ତରୁତଳ ବାଲିରେ ସେ ମୀନ ପଡ଼ିଲା । ପବନରେ ସେ ଉଡ଼ିବାରେ ବୁଡ଼ିଲା । ସେ ବାଲି ଜ୍ୟୋତିମଏ ଦିଶଇ । ମହୀ ବିଦାରି କି ପାତାଳୁଂ ତପନ ଉଦେ ହୋଇ ଆସଇ । ଏମନ୍ତେ ସୁଦାମ ସୁବଳ ଆଦି ସଖାମାନଙ୍କ ମେଳେ ଏହି ଗୋପୀନାଥ ବୃନ୍ଦାବନେ ବଚ୍ଛା ଘେନି ବିହରନ୍ତି । ନାନା ଖେଳ ବିନୋଦେ କଦମ୍ବ ମୂଳେ କରନ୍ତି । ଏମନ୍ତେ ସେ ଖେଳୁଂ ଖେଳୁଂ ସୁଦାମ ସେ ମୀନ ଉଦରୁ ଅମୋଘ ତଡକୀ ପାଇଲେ । ଶ୍ରୀକୃଷ୍ଣଙ୍କ ସନ୍ନିଧକୁ ଧାଇଁଲେ । ଅପୂର୍ବ ପଦାର୍ଥ ପାଇଲି ବୋଲି ବୋଇଲେ । ହସ୍ତେ ଘେନି ଦେଖାଇଲେ । ସର୍ବ ସଖା ଚାହିଁଲେ । ଏକରୁ ଆରେକ ନେଲେ । କିରଣ ଚାହିଁ ନେତ୍ର ବୁଜିଲେ । ଶ୍ରୀକୃଷ୍ଣ କରେ ଧଇଲେ, ଚାହିଁ ଥକିତେ ରହିଲେ । ଏମନ୍ତ ବୋଇଲେ ହେ ସଖା ମାନେ ଏ ରତ୍ନ ତଡକୀ । ଆମ୍ଭ ଏ ଭୁବନର କିଁକି କାହିଁ ଅଛି କି ।

ଏ ଚିନ୍ତାର ମନକୁ ନ ଘଟଇ । ସଂଶୟ ନ ଫିଟଇ । ବୃଉର୍ଦ୍ଧମାନ ଏ ରତ୍ନ ତଡକା ଗୋପ ଭୁବନର ଅଟଇ । ଏ ତ ନଦୀ ମାଛ ନୁହଇଁ । ମାଛ

Digitized by PPRACHIN, SOA

ନାକେ ସୁନା ଗୁଣା ଶୋହଇ । ପୁଷ୍କରଣୀମାନଙ୍କରେ ଏମନ୍ତ ମୀନ ରହଇ ।
ଏମନ୍ତ ଶୁଣି ସର୍ବସଖା ମାଛକୁ ନିରେପିଲେ । ସୁବର୍ଣ୍ଣର ଗୁଣା ନାକେ ଅଛି
ଦେଖିଲେ । ସୁବାହୁ ନାମେ ସଖା ବୋଇଲେ—

ହେ କୃଷ୍ଣଚନ୍ଦ୍ର ଏ ମନକୁ ଆସଇ । ସ୍ୱଭାବେ ମୀନ ନାକେ ହେମ ଗୁଣା
ଅଛଇ । କେହୁଣି ଅନ୍ତଃପୁର ସରୋବରରେ କେବଣ ସୁନ୍ଦରୀ ସ୍ନାନ କରନ୍ତେ,
ତଡକୀ ତାହାର ଶ୍ରବଣରୁ ପଡ଼ିଲା । ସେ ସୁନ୍ଦରୀ କାନ୍ତ ବିଚ୍ଛେଦେ କୃଷ
ହୋଇଥିଲା । ତେଣୁ ତା କର୍ଣ୍ଣରୁ ଖସିଗଲି ପଡ଼ିଲା । ସେ ଜଳରେ ଆହାର ପର
ମଣି ଏହି ସେହି ମୀନ ଗିଳିଲା । ତାକୁ ଦଇବେ ଚିଲ ମାରି ଉଡ଼ିଲା । ଏହି
କଦମ୍ବ ଡାଳେ ବସି ଖାଇଲା । କିରଣେ ଅନ୍ଧ ହୋଇ ପଳାଇଲା । ତେଣୁ ଏ
ଅମୂଲ୍ୟ ପଦାର୍ଥ ଏଠାରେ ପଡ଼ିଲା ।

ତ, ସର୍ବସଖାମାନଙ୍କୁ ଆଣିଲେ । ସେ କୃଷ୍ଣଚନ୍ଦ୍ର ତଡକୀ ଧରିଲେ ।
ପୁଣ ପୁଣ ଦେଖି ବୋଇଲେ । ହେ କୁମାରମାନେ ଏ ରତ୍ନ ବୃନ୍ଦାବନ ମୃଗାଛି ।
ଏହି ନଗ୍ରେ ଅଛି । ଏ ତଡକୀର ଏତେ ପ୍ରଭା । କେବଣ ଯୁବତୀ ବହଇ ସେ
ହୋଇଥିବ କେବଣ ଶୋଭା । ତାକୁ କେମନ୍ତେ ଦେଖିବା । କାହିଁ ପାଇବା ।
ଏ ତଡକୀ ହିଁ ଦେଖିବା । କାହାକୁ ପଚାରିବା । କେମନ୍ତେ ଜାଣିମା । କେ
କହିବ ଶୁଣିମା । ଏ ତଡକୀ ରତ୍ନ । ଅତି ପରି ଯତ୍ନ । କେବଣ ଦୋଷେ ହେଲା
ଅନ୍ତ । ଏ ତଡକୀ କାମଦେବର ଚକ୍ର । ଦେଖି ଇନ୍ଦ୍ର ପଦ ତୁଚ୍ଛ ମଣିବ ।
ଶଙ୍କର ଧଇର୍ଯ୍ୟ ହୋଇବ ବକ୍ର ।

ଏ ରୂପ କାହାରି ଶ୍ରବଣରେ ନ ଦେଖି । କେବଣ ଚନ୍ଦ୍ରମୁଖୀ । ଏହି
ପକାଇ ଗଲା କି । ଏମନ୍ତ ଶୁଣି ସୁବଳ ସଖା 'କହିଲେ —' ହେ କୃଷ୍ଣଚନ୍ଦ୍ର
ଏ'ତ ମର୍ତ୍ତ୍ୟମଣ୍ଡଳର ନୋହଇ । ଅମୂଲ୍ୟ ରତ୍ନେ ଜନ୍ମେନଦ ଶୋହଇ ।
ଦେଖିବା ମାତ୍ରେ ମନ ମୋହଇ । ଏ ଅବା ସ୍ୱର୍ଗ ତରୁଣୀମାନଙ୍କର ଶ୍ରବଣରୁ
ଖସିଅଇ । ବିମ ନ ଆସେହେ ଯାନ୍ତେ ସେ ଦେବସ୍ତ୍ରୀମାନେ । ବୃନ୍ଦାବନ ଶୋଭା
ଦେଖି ଶିର ଲମ୍ବାଇ ଚାହାନ୍ତେ ଶ୍ରବଣରୁ ଖସି ଏଠାରେ ପଡ଼ିଲା । ପବନରେ
ଚଲି ଉଡ଼ିବାରେ ବୁଡ଼ିଲା । ମୋହ ମନକୁ ଏମନ୍ତ ଆସଇ । କାହା ମନକୁ
ତୁମ୍ଭର କେମନ୍ତ ଦିଶଇ । ଏମନ୍ତ ଶୁଣି ସୁଦାମ ସଖା ଭଣଇ—

ହେ ମିତ୍ର । ମୋ ମନକୁ ଅଇଲା ଏମନ୍ତ । ଦେବସ୍ତ୍ରୀମାନଙ୍କର ଶ୍ରବଣର
ଅମୂଲ୍ୟ ତଡକୀ ସତ୍ୟ । ଏ ଯେ ଯମୁନାରୁ ହତ । ତପନ ଦୋହତ ।
ଗଙ୍ଗା ସମାନ ତୀର୍ଥ । ଚଉଦଭୁବନେ ବିଦିତ । ଛୁଇଁବା ମାତ୍ରେ ପ୍ରାଣୀ ହୁଅନ୍ତି

Digitized by PPRACHIN, SOA

ପବିତ୍ର । ହରଇ ଦ୍ରଶନେ ଦୁରିତ । ସ୍ମରଣନେ ତାପତ୍ରୟ ହତ । ଏମନ୍ତ ଜାଣି ଦେବଲୋକେ ସ୍ନାନ କରନ୍ତି । କେହୁଣି ସୁର ନାୟକା ସ୍ନାନ କରୁଥିଲା । କର୍ଣ୍ଣରୁ ତଡକୀ ଖସିପଡିଲା । ଆହାର ପରା ମଣି ଏହି ରେହି ମୀନ ଗିଳିଲା । ସେ ମୀନକୁ ତିମି ଗିଳିଲା । ଯେ ମୀନକୁ ତିମି ମାରିଲା । ଦେଖ ଏ କଉତୁକ ଏହି ଭାଳେ ବସି ଖାଇଲା । କିବଣ ଲଟନ୍ତେ ଛାଡିଲା । ତେଣୁ ତଡକୀ ମୀନ ସଙ୍ଗେ ଏଠାରେ ପଡିଲା । ମୀନ ଶ୍ରେଣିତ ଲାଗି ତେଣୁ ଜଡିଲା । ମୋ ମନକୁ ତ ଏମନ୍ତ ଅଇଲା । ଦାମ ମିତ କହିଲା, ହେ କୃଷଚନ୍ଦ୍ର ଏ ରତ୍ନ ବିଶ୍ୱକର୍ମାରେ ନିର୍ମାଣି । ଦେବ ଆଏ ପ୍ରମାଣ । ଏବେ ହୋଇଛି ମର୍ତ୍ତ୍ୟମଣ୍ଡଳେ ଆତଆତ ଭିଆଣ । ବର୍ତ୍ତମାନ ଯେବେ ଦେବ ଆଏ ହୋଇଥାଆନ୍ତା । ଏ ରତ୍ନ କି ଏତେ-ବେଳଯାଏ ଏଠାରେ ଥାନ୍ତା । ସେ ନାଏକାର ଚଣ୍ଡଦେଶ ଶୋଭା । ଚନ୍ଦ୍ର ବେନି ପ ଶେ କି ଦୁଇ ଗୁରୁ ପ୍ରଭା । ସେ ସୁନ୍ଦରୀ ରୂପ ଭୂଷଣ । କେବଣ ଦୋଷେ ହୋଇଲା ଦୂଷଣ ।

ଏମନ୍ତ ଶୁଣି ଶ୍ରୀକୃଷ୍ନ କହିଲେ — ହେ ମିତ, ଏ ଅମୂଲ୍ୟ ରତ୍ନ, ଜାଣିଲେଟି ଏ ନାୟେକାର ଦୂତ, କାଳେହେଁ ତୁମ୍ଭର ହୋଇବ ହିତ । ନିଷ୍ଟେ ସେ ଯୁବତୀ ହୋଇବ ପ୍ରାପତ । ଏମନ୍ତ ମିତ ତହୁଁ ଶୁଣି ମନେ ମନେ ହରଷ । କେତେବେଳେ ସୁନ୍ଦରୀକି ଲଭିବା ମନରେ ବିରସ । ପୁଣ ପୁଣ ଶ୍ରୀ ତଡକୀ ଧରି ଗ୍ରହିଲେ । ବଡ ଅନୁରାଗ ବହିଲେ । ପାଟସୂତାରେ ଗୁନ୍ଥି ହୃଦରେ ହାର କରି ଲାଇଲେ । ଏମନ୍ତେ ବଞ୍ଚା ଘେନି ଚଳିଲେ । କିଂଶୁକ ପୁଷ୍ପରେ କୃଷ୍ନ ରଜନୀ ବଞ୍ଚିଲେ । ନିଶି ଶେଷେ ଦାମ ମିତକୁ ପୁଚ୍ଛିଲେ—

ହେ ମିତ, ତନୁ ଅତି ଅଶକତ । ଏ ରତ୍ନ ତଡକୀ ବହନ୍ତା ଯୁବତୀ ଠାରେ ଚିତ୍ତ । ନୟନେ ନିଦ୍ରା ନ ମାଡଇ ରାତ୍ର । ସେ ସୁନ୍ଦରୀ କଥା ମନେ ପଡଇ । ଗ୍ରରିଆଡେ ମୋହିନୀ ରୂପ ଦିଶଇ । ଏ ଘେନି ମନ କାହିଁ ନ ରସଇ । ହେ ମିତ, ପାରିଲେ ସେ ତରୁଣୀକି ଭେଟ କର । ଜୀବନ ରଖ ମୋର । ମଦନ ଚଳୁ ଉଛର । ମଦନ ବଢା ସାଜିଲା । ଧଇର୍ଯ୍ୟ ଭାଜିଲା । ବିବେକ ଲସିଲା । ଏ ରତ୍ନେ ଅନୁରାଗ ବସିଲା । ହେ ମିତ ସାହା ହୁଅ । ଜୀବ-ଦାନ ଦିଅ । ପ୍ରାଣକୁ ରଖିବ । ନଗ୍ରେ ପଶି ନାଏକାକୁ ଦେଖିବ । ଲଜ୍ଜ୍ୟା ଉପେକ୍ଷିବ । ମନ୍ତ୍ର ମଉଷୋଧି ଶିଖିବ । ସେ ସୁନ୍ଦରୀକି ଯେଉଁରୂପେ ଭଜିବ ସେ ରୂପେ ଯୋଖିବ । ଚିତ୍ରପଟେ ଲେଖିବ ଏ ବେଶ ଲେଖିବ । ଅଙ୍ଗେ ଭସ୍ମ ବିଭୂତି ମାଖିବ । ଯୋଗୀ ବେଶେ ପୁରେ ପୁରେ ପଶିବ ।

Digitized by PPRACHIN, SOA

କୃଷ୍ନଚନ୍ଦ୍ରଙ୍କ ତତ୍ତ୍ୱ ଏମନ୍ତ ଶୁଣି, କୁମର କହଇ କୋମଳ ବାଣୀ । ହେ ମିତ୍ର ଆରତ ନୁହଁ । ଥିର କର ଦେହ । ତତକୀ ମାତ୍ର ଦେଖି ଯାଉଅଛ ମୋହ । ସେ ସୁନ୍ଦରୀକି ଦେଖିଲେ ନ ପୁଣ ହତଗ୍ୟାନ ହୁଅଇ । ଏ କଥା ମୋତେ ସନ୍ଦେହ । ଅଳପ ଦିନ ବହ । ଥୋକେ କାଳ ସହ । ସେ ନାଏକାଙ୍କୁ ଲଭିବ ଖେଦ ନ ପାଅ । ତତକାଳେ କେହୁଣି କଥା ନୁହଇ । ସମଏ ପଠା-ଇଲେ ସର୍ବ କଥା ହୁଅଇ । କାହିଁ ଦେଖିଲୁ ଅଛି । ବିଷ୍ନୁ ଲଖ କେଁଣେ ଗଙ୍ଗା ଥିଲେ । ଏ ମନିଷ ଝଗଡ଼ିଲୁକୁ ମର୍ତ୍ତ୍ୟମଣ୍ଡଳେ ସାକ୍ଷତେ ବହିଲେ । ଏ ତତକୀ ଆନ୍ତଠାରେ ଥିଲେ ତାକୁ ଜଣିମା । ଯେବଣ ଯୁବତୀର ହୋଇବୁ ଦେଲେ ପରିକ୍ରମା ।

ଏମନ୍ତ ଶୁଣି ଶ୍ରୀକୃଷ୍ନ କହିଲେ, ହେ ମିତ୍ର ନ ପୁଣ ଏ ନାୟେକା ଏ ଭୁବନେ ନ ଥାଇ । ଅନ୍ୟ ଦେଶରେ ହେଲେ କି ଆମ୍ଭଙ୍କୁ ବଥାଇ ।

ଏମନ୍ତ ଶୁଣି ମିତ୍ର କହିଲେ— ଏ ଚୋପ ଭୁବନ । ଏଥି ଥିଲୁ ଦ୍ରବ୍ୟ ବ୍ରହ୍ମା ଭିଆଣରୁ ଉତ୍ତମ । ଯମୁନା ସମ ନଦୀ ନାହିଁ । ଗୋବର୍ଦ୍ଧନ ସମ ଏଦ୍ରି ନାହିଁ । ବୃନ୍ଦାବନ ସମାନ ବନ । ଗୋପୀ ଗୋପାଳ ଜନ । କ୍ଷୀରବନ୍ତୀ ଗାବ । ମନପବନେ ନାବ୍ଯ । ଏକ ଆଟକ ଭାବ । ପ୍ରୀତି ଅନୁରାଗ । ଅହିଂସା ଜୀବ । ପୁଷ୍ପଙ୍କର ସୁଗନ୍ଧ । ମକରନ୍ଦ ଫଳଙ୍କର ସ୍ୱାଦ । କଳ୍ପଦ୍ରୁମ କୁଞ୍ଜଧାମ । ମଦନମୋହନ ଶ୍ୟାମ । ନେତ୍ରଙ୍କର ଜ୍ୟୋତି । ତରୁଣୀଙ୍କର କାନ୍ତି । ପତିବ୍ରତା ସୋତୀ । ବିବେକ ମତି । ବିପୁଳ ବେଗ କ୍ଷିତି । ସବ ଗୁଣେ ଘୃତି । ଏ ହମ ନ୍ୟ ହୋଇ ଆନପୁରେ ନାହିଁ । ଗୋପପୁରେ ବିଖ୍ୟାତ ଯେ ନ ମିଳଇ କାହିଁ । ସ୍ୱର୍ଗ ନୋହେ ଲକ୍ଷ୍ୟ । ଇନ୍ଦ୍ରଭୋଗ ଯହିଁରେ ତୁଛ । ଦେଖ ଦେଖ ଏ ପ୍ରତ୍ୟକ୍ଷ । ଗେରୁ ଗୋପାଳଙ୍କ ସଖ୍ୟ । ଯହିଁ ବିଷ୍ନୁଦେବର ପକ୍ଷ । ତହିଁକି ଆନ ପୁର କି ପ୍ରତିଲକ୍ଷ୍ୟ । ଏ ଅମୂଲ୍ୟ ନେତ୍ରଭୂଷଣ ଅନୁପମେତି ଏଥି ଯୁବତୀ ଅଛି । ଅବଶ୍ୟ ଲଭିବା ନ ଭାଳ କିଛି । ଏ ପୁରର କୋବେର ସମାନ ସମ୍ପତ୍ତି । ଯହିଁ ରାଜକୁମାରୀମାନେ କୁଳବନ୍ତୀ । ରୂପେ ରୂପବନ୍ତୀ । ଅନ୍ତେପୁରୁ ବାହାର ନୋହନ୍ତି । ଏ ଅମୂଲ୍ୟ ରତ୍ନ ହଜିଲେ କିଞ୍ଚିତ ପାୟେ ମରନ୍ତି ।

ଏବେ ଆମ୍ଭେ ଉପାଏ କରିବା । ଯୋଗଯାତ୍ର କରି ଆମ୍ଭେ ଯାତେ ଭିଆଇବା । ରତ୍ନ ଗୃହେଚରୀ ବୁଲିବା । ଦୀପ ଦିହୁଡୀ ହୁଳା ଜାଳିବା । ଏ ତଡ଼କୀ ବେତେ ବାନ୍ଧି ଛାମୁରେ ଥିବା । ଯେ ମୋହର ବୋଲିନ୍ତି ଦେଖି

Digitized by PPRACHIN, SOA

ତାଣିମା । ଏ'ତ ପ୍ରତ୍ୟକ୍ଷ ହେଲା ଯୁବତୀଙ୍କ ଶ୍ରୀକୃଷ୍ଣର ନୋହର । ଏ ଅମୂଲ୍ୟ ରତ୍ନଟୀ ଅଜେଶ୍ୱର ଯୁବତୀ ଙ୍କର ହୁଅଇ । ରାତ୍ର ହେଲେ ଅଜେଶ୍ୱର ଯୁବତୀମାନେ ଆସିବେ । ଦୃଶନ ଲୋଭେ ଗହଳେ ପଶିବେ । ରତ୍ନକୀ ଦେଖି ପଚାରିବେ । ବିନୟ ହୋଇ ମାଗିବେ ।

ଏମନ୍ତ ବିସ୍ତର ମୂଳ କଲେ । ସେ ଦିନରୁଟି ଦୋଳଯାତ ହୋଇଲେ । ଲକ୍ଷେ ମାତ ସୁବର୍ଣ୍ଣରେ ବିଷ୍ଣୁ ପ୍ରତିମା ଗଢାଇଲେ । ପ୍ରାଣପ୍ରତିଷ୍ଠା କଲେ । ଲକ୍ଷେ ଲକ୍ଷେ ସୁଲୋଚନା । ଏହି ଫାଲଗୁନ୍ୟ ମାସେ ଏକାଦିଶୀ ଅଦ୍ୟରୁ ସ୍ୱଚେବା କଲେ । ଅନେକ ଉତ୍ସବ ଭିଆଇଲେ । ପୁଷ୍ପକ ବମାନ ଦେବାଙ୍କ ବୁ ସ । ସୁଧ୍ୟ ସୁବର୍ଣ୍ଣ କଳସ । ବୀର ତୂର ଘୋଷ । ମାଳ ମାଳ ପୁଷ୍ପ । ଅଗ୍ନି ଧୂପ ଧୁଆଁ । କର୍ପୂର କାନ୍ତି ଚିଡ଼ିଆ । ଆଳଟ ଚାମର, ଦୀପ ଦିହୁଡୀ ହୁଳା । ମୁକ୍ତାର ମାଳା । ଅବିର କର୍ପୂର ଧୂଳି । ନ ରବଳୀ, ଚନ୍ଦ୍ରମାୟ ଢାଲି । ଖୁନ୍ଦି ଦୁପଣ ଝଲି । ଧୀରେ ଧୀରେ ଚଳି । ନାନା ବର୍ଣ୍ଣ ଛତ୍ର । ନିର୍ମଳ ପବିତ୍ର । ଘଣ୍ଟ ମାଦଳ । ଶବଦ ଚହଳ ଗୋମଣ୍ଡା ନାଚ, ନାନାମତେ ହାଟ, ଅତି ଚତୁର । ସେ ଗୋପାଳଙ୍କର ଛବି । ଆଗ ପଛେ ଲଞ୍ଜ ଲମ୍ବି । ଚଳଣା କାନ୍ଧ । କଟୀ ମେଖଳି । କାଞ୍ଚ ଦାମ ଢାଲି, ହେମ ଶିକୁଳୀ, ଗଙ୍ଗମାଟି ବୋଳି । କାଉଞ୍ଜ ମାଳି ମାଳି, ଗୁଞ୍ଜର ମୁଣ୍ଡ ମଉଳି, ଅତି ବାଙ୍କେ ଚାଳି । ଶିରେ ଦୂଳ ଢାମୁଡାଳି । ମୟୂର ପୁଚ୍ଛ ଝଲି । ହାତେ କେନ୍ଦୁବାଡ଼ି । ଗୋଟାଏ ଗୋଟାଏ ଧରି । ଅତି ଉଚ୍ଛକ । ଡୟେ ଡୟେ ଡାକ । କେଳୁଁ ବେଳ ଅଧିକ । ସବ ଦଣ୍ଡ ଖ୍ୟାତ । ପଟୋଆର ନୃତ୍ୟ । ନାନା ବାଦ୍ୟ ଚିତ୍ତ ।

ଶେ ସଖେ, ଏ ଯାତ୍ରାରେ କୃଷ୍ଣଚନ୍ଦ୍ର ଅଧିଷ୍ଠାଣ । ସଖାଗଣ ସଙ୍ଗରେ ଅଛି ଅଣ । ନାନାମତେ ଭିଆଣ । ଗୋପନାରୀ ଆନନ୍ଦ । ମୁଖ ବିକାଶଇ ପୂର୍ଣ୍ଣମୀର ଚନ୍ଦ । ଦେଖିବା ଶ୍ରଦ୍ଧାରେ ଗହଳେ ପଶନ୍ତି । ମାନିତଙ୍କ ମେଳେ ବଧୂ ମିଶନ୍ତି । ନାଗରୀମାନେ ଦେଖି ହସନ୍ତି । ମଧୁର ମଧୁର ଭାଷନ୍ତି । ଆଖି ମାରି ମିଳେ କାଣଜି । ରୂପ ଦେଖି ରସନ୍ତି । ସେ ଯୁବତୀମାନେ ପୁରୁଷଙ୍କ ଧୈର୍ଯ୍ୟ ନାଶନ୍ତି ।

ତରୁଣୀଙ୍କର କୁଚ ଠେଲା । ପୁରୁଷଙ୍କର ବାହା ପେଲା । ବେତୁଆଳଙ୍କର ବେତବାଡ଼ି । ତରଳେ ତେ ପଡ଼ି, ଏକରେ ଅନେକ ଯାଇ ଅଣଆଏତ ମାଡ଼ି । କେହୁ ହାଥ କାଖରୁ ପୁଅକୁ ଛାଡ଼ି । କେହୁ ଉଠନ୍ତେ କେହୁ ଯାଇ ମାଡ଼ି । ପଗ୍ଗୁ ଗୁଣ୍ଡି ସବୁଦିଗେ ଉଡ଼ି । ମାୟା ଗହଳେ ଭିଡାଭିଡ଼ି । ଏମନ୍ତେ ଦିନକୁ

Digitized by PPRACHIN, SOA

ଦିନ ଅଧିକ ଗୁଚେରୀ ହୁଅନ୍ତେ ମହାଘୋର ଧ୍ୱନି ଶୁଭଇ । ଗୋପାଳଙ୍କର ଶ୍ରଦ୍ଧା ବଳଇ, ଗୋପେ ବାଳ, ବୃଦ୍ଧ ତରୁଣ, ଯତି, ସନ୍ନ୍ୟାସୀ, ହାଟୁଆ, ବାଟୁଆ ଦେଖଣାହିଁ ମଧ୍ୟ ମାତିଲେ । ଯୌବଣ ଜାତିରେ ବୃଦ୍ଧ ଷୋଡଶୀ ହୋଇ ଧାପେଲ ଯତି ସନ୍ୟାସୀ ଗହଳେ ମିଶାମେଶି । ନିଜ ବର୍ଣ୍ଣ ଲୁଚି ଆନ ଆନ ଦିଶି । ପ କଲ୍ପ ଥୋଡେ ଫଗୁ ପଡ଼ି ସୁରଙ୍ଗ । ଯୁବତୀଙ୍କର କୁଚକୁଙ୍କୁମ ଲାଗଇ ଯତିଙ୍କର ଅଙ୍ଗ । ଯୋଗୀଙ୍କ ଭସ୍ମ ଲାଗି ତରୁଣଙ୍କ କାନ୍ତି ଭଙ୍ଗ ।

ଏମନ୍ତେ ଦିନ୍‌ଦିନ୍ ଗୋପେ ଗୁଚେରୀ ଉତ୍ସବ ଅଧିକେ ହୁଅନ୍ତେ ଅନ୍ତଃପୁରେ ରାଧା ଥାଇ ପୁଚ୍ଛା କଲେ, ହେ ସଖେ, କାମରେସଣି, ନଗ୍ରେ ତ କୋଳାହଳ ଧ୍ୱନି ଉଚ୍ଛୁଳଇ । ଅନେକ ଦିପ ଦିହୁଡୀ ଜଳଇ । ପୁର ଅଲୁଅମୟ କରଇ । ଏମନ୍ତ ଶୁଣି କାମରେସଣୀ କହିଲେ, ହେ ସଖେ, ଗୋପାଳେ ଯେ ଗୋପରେ ଦୋଳଯାତ ବୋଲି ଯାତ କରନ୍ତି । ନାନାରୂପେ ମନ ହରନ୍ତି । ଗୁଚେରୀ ଭ୍ରମଣିରେ ଏ ଧ୍ୱନି ଉଚ୍ଛୁଳଇ । ତେଣୁ ନାନାମତେ ହୁଳା ଜଳଇ । ଏମନ୍ତ ଶୁଣି ରାଧା ବୋଇଲେ ଗୋ ମିତ, ଗୋପେ ହୋଇଅଛି ଏତେ ଯାତ । ଚାଲ ଆମ୍ଭେ ଦେଖିବା । ଅଟ୍ଟାଳି ପରେ ଯାଇ ଅନାଇବା । ଏତେ ବୋଲି ସ୍ତ୍ରୀପଯରେ ଚାଲି । ସେ ନୃପ ଦୁଲାଳି । ସଙ୍ଗେ ଘେନି ସର୍ବ ଆଳି । ପଦ୍ମଶ୍ରେଷ୍ଠ ମଣ୍ଡ ନିମ୍ନ ଦୁଲୁଳି । ତୋଟା ପୁର ପଚେରୀ । ଈଶାନ ଭାଗ ଅଟ୍ଟାଳି । ତହିଁପରେ ବିଜେ କରି । ଗବାକ୍ଷ ଫେଡାଇଲେ । ସଧୀରେ ପଟୋଆରକୁ ଚାହିଁଲେ । ପ୍ରଭୁଙ୍କ ଦ୍ରଶନ ପାଇଲେ । ପଞ୍ଚନ୍ତ ପ୍ରସାରିଂ ଶୋଇଲେ । କରଯୋଡ଼ି ବୋଇଲେ, ହେ ପ୍ରଭୁ, ଆମ୍ଭ ଜେମା-ଦେଈଙ୍କର ପତି କଷ୍ଟ ଯାଉ । ନିଜ ପ୍ରଭୁଙ୍କୁ ପାଉ । ସୌଭାଗୀ ହୋଉ । ଆମ୍ଭରେ ସର୍ବଦା ଅନୁଗ୍ରହ ଥାଉ । ସଖିମାନଙ୍କ ଏମନ୍ତ ଭଣାଣ ଶୁଣି ଠାକୁ-ରାଣୀ ଅଳପ ହସିଲେ । ଦନ୍ତ କିରଣେ ସର୍ବ କିରଣ ଲସିଲେ ।

ତଦନ୍ତରେ ପଟୋଆର ଭିତରେ କୃଷ୍ଣଚନ୍ଦ୍ର ବୋଇଲେ ହେ ମିତ, ଦୀପ ଦିହୁଡୀ ହୁଳାଙ୍କ ତେଜ ନିରସ ଦିଶିଲା । କେବଣ କିରଣ ପ୍ରକାଶିଲା । ଦଶ ଦିଗ ବିକାଶିଲା । ଆକାଶରୁ କି ଶଶୀ ଖସିଲା । ଚନ୍ଦ୍ର ସୂର୍ଯ୍ୟ ଅନଳ ଏକ ହୋଇ କି ମିଶିଲା । ମଦନ ସାଗର ଉଚ୍ଛୁଳନ୍ତେ ମନ ଭସିଲା । ନାନା ସୁଗନ୍ଧେ ପବନ ବାସିଲା । ଚନ୍ଦ୍ରହାସ ଖଡଗ ଧରି କାମ କି ପଶିଲା । ଚାହିଁବା ମାତ୍ରକେ ଧୈର୍ଯ୍ୟ ଧ୍ୱଂସିଲା । ଅଙ୍ଗେ ଅନଙ୍ଗ ଅହି ତ ଡଂଶିଲା । ବିବେକ ବୁଦ୍ଧି ନସିଲା । ଅଦଭୁତ ଜ୍ୟୋତିକି ମନ ରସିଲା । ଅନୁରାଗ ବୃସିଲା । ଏ ପଟୋ-ଆରେ କି ତଡ଼ିତ ଲତା ପଶିଲା । ଏ ତଡକୀ ବଦନ୍ତା ଯୁବତୀ କି ଆସିଲା । ଅମୀଅ ବିମ୍ବାଧରେ କି ହସିଲା ।

Digitized by PPRACHIN, SOA

ଏମନ୍ତ ଶୁଣି ଦାମ ମିତ କହିଲେ, ଶୁଣ ମିତ, ଯାହା ଅବଧାନ କଲ ଏ ପ୍ରମାଣ ଅଟଇ । ମୋ ମନକୁ ଖଟଇ । ଏ ତଡକୀ କିରଣେ ଅନ୍ଧାର ଫିଟଇ । ଏ ଭୂଷଣ ଯୁବତୀ ଦ୍ରଶନ କଲା ବିଚିତ୍ର ଖଟଇ । ଏତେଦିନେ ସୁନ୍ଦରୀ ବ୍ରହ୍ମାର ହୋଇ ଦ୍ରଶନ କଲା । ଯେତେଣେ ଦିନରୁ ଏ କାହା ବଦନ ତ ଚନ୍ଦ୍ରମାରୁ ବଳଇ ଅଧରୁ ଅମୀଅ ଗଳଇ । ଦେଖିଣ ପଣେ ଅମୂଲ୍ୟ ତଡକୀରେ ଦନ୍ତ କିରଣ ଦେଇ । ତେଣୁ କିରଣ ଝଟକିଲା । ଏତେଦିନେ ଆସି କଥା ମିଳିଲା । ଆମ୍ଭ ବେଢ ଉପରେ ଏ ତଡକୀ ଥିଲା । ଦୁଇ କିରଣ ମିଶି ଏକ ହୋଇ ବିକାଶିଲା । ତେଣୁ ଅତି ଜ୍ୟୋତି ଦିଶିଲା । କାହାର ପ୍ରାଏ । ନାଦ ଦୁଇଲକ୍ଷ ଯୋଜନେ । ଚନ୍ଦ୍ର ଚାହିଁ ଯେସନେ, ଚନ୍ଦ୍ରକାନ୍ତି ହୀରା ସ୍ରବଇ । ସୂର୍ଯ୍ୟକୁ ଦେଖି ସୂର୍ଯ୍ୟମଣି ଅନଳ ଦ୍ରବଇ । ଯେହିରୂପେ ସୁନ୍ଦରୀ ହାସ ପଙ୍କାଶୁଁ ଏ ଅମୂଲ୍ୟ ତଡକୀ ସମ୍ଭବଇ ।

ଏମନ୍ତ ଶୁଣି କୃଷ୍ଣଚନ୍ଦ୍ର ବଡ ଉଚ୍ଛାହା ହେଲେ । ଚଉଦିଗ ଚାହିଁଲେ । ଏଥି ଭିତରେ କେବଣ ସୁନ୍ଦରୀ ଚିହ୍ନି କହ ବୋଇଲେ । ମିତ କହିଲେ ଏଠାରେ କ୍ଷଣେ ପଟୋଆର ହୋଇଥିବା । ଏ ତଡକୀ ଦେଖି ଯେ ପୁଚ୍ଛିବ ଦେଖି ଜାଣିମା । ଏମନ୍ତେ ବିଚାରି ସେଠାରେ ଦଟେ ଆର ଦେଇ ରହିଲେ । ନାଟ ଆରମ୍ଭିଲେ । ଯେଦିନୁଟି ଚଉବେରୀ ପଟୋଆର ହୋଇଲେ ।

ତଦନନ୍ତରେ ଅନ୍ତଃପୁର ଅଟାଳିରେ ରାଧା ସଖିଗଣ ସଙ୍ଗରେ । ନାନା ଲିଳା ଦେଖନ୍ତି । ଏକ ଲଏ କରି ଯେ ତାଙ୍କୁ ନିରେଖନ୍ତି । ଏମନ୍ତେ ବେଢ଼ ଉପରେ ଅମେ ହମଣି ଦେଖିଲେ । ସର୍ବସଖି ନିରେଖିଲେ । ଏକେ ଆରେକ କହି । ଆମ ଠାକୁରାଣୀଙ୍କର ଅମୂଲ୍ୟ ତଡକୀ ଏହି । ଦୁଇରୁ ତ ତିନି ନାହିଁ । ଏ ପାଇଲେ କାହିଁ । ଏମନ୍ତ ଶୁଣି ମଧୁମତୀ ସଖୀ କହିଲା । ସେ ଦିନର ତ୍ରିବେଣର ତଡକୀ ସ୍ନାନ କରନ୍ତେ ଜଳେ ପଡିଲା । ତାକୁ ରେହି ମାଛ ଗିଳିଲା । ସେ ମୀନ କାନ୍ତି ଶତେ ହାଥ ଜଳେ ପଶନ୍ତେ ଦିଶିଲା । ଏବେ ତ ଅନ୍ୟେ ସେ ମୀନକୁ ସରୋବରରେ ନ ଦେଖି । ଜଳୁଁ ନେଲା ଅବା କେବଣ ପକ୍ଷୀ । କାହିଁ ସେ ମୀନକୁ ଖାଇ ତଡକି ପକାଇ ଗଲା । ତେଣୁ ଅବା ପାଇଲେ । ଅନ୍ଧାର ତୁଟିବା ଲାଗି ଛାମୁରେ ନେହଦୀପ କରି ଧଇଲେ । ଏ ରତ୍ନ ଗୁଣ ନ ଜାଣନ୍ତି । ଅନ୍ୟ ରତ୍ନ ସଙ୍ଗେ ଗଣନ୍ତି । ଏବେ ଆମ୍ଭ କାମସେଣୀ ଯାଉ । କହୁଁ ତାହା ପାଇଛ ପଚାରିଥାଉ । ରାଧା ବୋଇଲେ ଗୋ ଦୂତିକା ଯାଅ । ତଡକି ପାଇଲା ଯେ ଯେ କାହା ପୁଅ । ତାକୁ ଆମ୍ଭ ନାମ ଧରି କହ । କିଛୁ ଧନ ନିଅ । ବୋଲିବ ଆମ୍ଭର ଏ ତଡକୀ ଆମ୍ଭଙ୍କୁ ଦିଅ । ଉପୁଗାର ପାଅ ।

Digitized by PPRACHIN, SOA

ଠାକୁରାଣୀଙ୍କ ଆଜ୍ଞା ଘେନି ଦୂତୀ ବାହାର ହୋଇଗଲା । ପଛୋଥରେ ପଶିଲା । କୃଷ୍ଣଚନ୍ଦ୍ର ପାଶେ ମିଳିଲା । ଗଭରୀ ବେକ ପରେ ଅମୋଘ ତଡକୀ ଦେଖିଲା । ମନ୍ଦ ମନ୍ଦ ହସି ବୋଇଲା । ବୋଇଲା ହେ କୁମରମଣି ଏ ତଡକି ତୁମ୍ଭକୁ କେ ଦେଲା । କି ଅବା ତୁମ୍ଭଠାରେ ସର୍ବକାଳେ ଥିଲା । ଏମନ୍ତ ଶୁଣି ଦାମ କୁମାର କହିଲେ, ଆମ୍ଭେ ଖେଳ ଖେଳୁ ପାଇଲୁ । କାହାର ଏ ଦ୍ରବ୍ୟ ଜାଣି ନ ପାରିଲୁ । ଅନ୍ଧାର ଫିଟିବ ବୋଲି ଚନ୍ଦ୍ରଦୀପ କରି ବେକ ଉପରେ ବହିଲୁ । ଏମନ୍ତ ଶୁଣି ଦୂତୀ ବୋଇଲେ ଏ ପଦାର୍ଥ ଆମ୍ଭଙ୍କୁ ଦିଅ । ଏହାକୁ ତୁଲି ଧନ ଦେବା ନିଅ । ଏ ତଡକୀ ଗୋଟିକି ଶୋଭ ନ ବହେ । ଏ ତରୁଣୀଙ୍କ ଅଙ୍ଗ ଭୂଷଣ । ଯୁବତୀଙ୍କ ଆଏ ପୁରୁଷ ବହିଲେ ଦୂଷଣ । ଏମନ୍ତ ଶୁଣି ଦାମ କୁମାର କହିଲେ ଏ ତଡକୀ କାହାର କହ । ତୁମ୍ଭର ଯେବେ ତଡକୀ ନିଅ । ପର ଦ୍ରବ୍ୟ ନେବାର ଉଚିତ ନୋହଇ ।

ଏମନ୍ତ ଶୁଣି କାମସେଣୀ କହିଲେ, ହେ କୁମର ଶୁଣ । ଏ ଅମୋଘ ତଡକୀର ଗୁଣ । କ୍ଷୀରୋଦଧି ମନ୍ଥନରୁ ଉପୁଜିଲା । ବ୍ରହ୍ମା ଘେନି ଏହା ଅଦିତିଙ୍କି ଦେଲା । ସେ ଗର୍ବ କୁର କାଳେ ନାରକାସୁର ଅଦିତି କର୍ଣ୍ଣରୁ ଏ ତଡକି ଆଣିଲା । କଂସ ରଜା ବିଶ୍ଵ କାଳରେ ଅକ୍ଷତ କଲା । ସେ କଂସ ବୃଷଭାନୁ ଭାର୍ଯ୍ୟାକୁ କାଳେ ବନ୍ଦୀ କରି ନେଲା । ବୃଷଭାନୁ ଭୟେ ମଇତ୍ର ହୋଇ ପ୍ରୀତି କଲା । ଏ ଅମୂଲ୍ୟ ତଡକୀ ବୃଷଭାନୁ ପାଟମହ ଦେଇଛି ଦେଲା । ଅନେକ ସମ୍ଭର୍ଗ କରି ପୁରକୁ ପଠିଆଇଲା । ସେ ବୃଷଭାନୁ ଏ ରତ୍ନ ସମ୍ଭାଳି ଥିଲା । ଚନ୍ଦ୍ରସେଣ କୁମରକୁ ଦୋହିତା ପ୍ରଦାନ କଲା । ସେହି ଅଜାଣ ସୁକୁମାରୀ । ଚନ୍ଦ୍ରସେଣ ପୁରେ ମନ ବିଚଳିତ ହେଣୁ ବୃଷଭାନୁ ବିଗ୍ରହେ । ଏ ଅମୋଘ ତଡକି ଦେଲା ମନେ ଭାଳି । ଏଣୁ ସେ କୁମାରୀ ମନ ବିକ୍ଷୋଭ ନୋହଇ । ଶଗଡ ଘରେ ନାନା ଦୁଃଖ ସହଇ । ବିପଦକୁ ସମ୍ପଦକୁ ସମ ପ୍ରାୟେ ଘେନଇ । ଦଇବ ଚରିତେ ସ୍ନାନ କରନ୍ତେ ଅନେଶ୍ଵର ପୁଷ୍କରିଣୀ ଜଳରେ ବାମ ଶ୍ରବଣ ତଡକୀ ପଡିଲା । ତହିଁରେ ମୀନ ଗିଳିଲା । ଏବେ ଜାଣିଲୁ କେବଣ ପକ୍ଷୀ ଖାଇ କଦମ୍ବ ତଳେ ପକାଇଲା । ତହୁଁ ତୁମ୍ଭେ ପାଇଲ । ଆମର ତୁମ୍ଭେ ଉପକାରୀ ହୋଇଲ । ସ୍ଵରୂପ କହିଲ । ଏବେ ଏ ତଡକୀ ଆମ୍ଭଙ୍କୁ ଦିଅ । ଯେତେ ବୋଲିବ ତେତେ ଧନ ନିଅ । ତୁମ୍ଭର କି କି ବିସ୍ତର କହ ।

ସେ କାମସେଣୀ ଠାରୁ ଏମନ୍ତ ଶୁଣି । ଶ୍ରୀକୃଷ୍ଣ ବୋଇଲେ ହେ ତରୁଣି । ରାଧାଙ୍କ ତଡକି ବୋଲି ଆମ୍ଭେ ନ ଜାଣି । ଏବେ ମୁଁ ତୁମ୍ଭ ତହୁଁ ଶୁଣି । ଦେଖିଲେ ପରିମାଣି । ଯାହାର ଇଚ୍ଛା ତାହାର ହଉ । ଅମ୍ଭଠାକୁ ଅସି

Digitized by PPRACHIN, SOA

ସେ ମାଗିନେଉ, ରାଧା ବୋଲି କେ ଆମ୍ଭେତ ଜାଣିନାହୁଁ । ତାଙ୍କ କର୍ଣ୍ଣର ବୋଲି ଯେ ଚିହ୍ନିଲ ତେବେ ସେ ଆସି ଭେଟିଯାଉ । ଦୂତୀ ଶୁଣି ଶ୍ରବଣେ ହାଥ ଦେଇ ଜିହ୍ୱ କାମୁଡ଼ି ବୋଇଲା, ଏ କଥା ତୁମ୍ଭ ମନକୁ କେମନ୍ତ ଅଇଲା ।

ସେ ନୃପଦେ ହିତା, ରୂପେ ରୂପବତୀ । ଶରୀର ଦିଶଇ ସୁବର୍ଣ୍ଣର କାନ୍ତି । କୁସୁମ ପ୍ରକୃତୀ କର୍ପୂର ଧୂଳି ବିଞ୍ଚିଲା ପଥେ ଚାଲଇ, ଫୁଲ ପକ୍ଷୀ ଲାଗିଲେ ଚରଣରୁ ରୁଧିର ଗଳଇ । ଶିରୀଷ କୁସୁମ ମାଳକୁ ଗରୁ ମଣଇ । ଅମାଅ ବଚନ ଅବୋଧ ଜୀବକୁ କିଣଇ । ସେ ତ୍ରିପୁର ସୁନ୍ଦରୀ । ଆଜାନୁ ସୁକୁମାରୀ । ବିମ୍ବାଅଧରୀ । ନୃପ କୁମାରୀ । ଶରଦେଚନ୍ଦ୍ର ବଦନୀ । ମୋତିବର ଦଶନୀ, ଇନ୍ଦୀବର ଲୋଚନୀ । କନ୍ଦର୍ପ ଦର୍ପ ମୋଚନୀ । ମନ ପିକ ବଚନୀ, ହେମକୁମ୍ଭ ଯଉବନୀ । ଉମ୍ବୁନଦ ବରନୀ, ଉଲଟ ରମ୍ଭା ଜଘନୀ, କୋକନଦ ପାଦ ବେନି, ମୁନିଜନ ମୋହିନୀ । ଜାତି ପଦ୍ମିନୀ, ଝୀନ ବସନୀ । ଜଗୁଜନ ରଞ୍ଜନୀ, ନାଳମୃନାଳ ପାଣି, ରୂପେ ରମ୍ଭା ଜିଣି, ତରୁଣୀ ଶିରୋମଣି । ସେ ବୃଷଭାନୁ ନରେନ୍ଦ୍ର ସୁତା । ଚନ୍ଦ୍ରସେଣ କୁମର ବନିତା, କାମକୋଦଣ୍ଡ ଭ୍ରୂଲତା, ଅଧର ରାଗୁରତା, କର କମଳ ଲତା, କଟୀ କେଶରୀ ଜିତା, ସେ ନୃପ ଦୁଲାଳୀ । ବୟସେ ଲହୁଲି । ମୁଖଚନ୍ଦ୍ରବଲ୍ଲୀ । ଲଖପନ୍ତି ଝଲି । ଚମ୍ପେକ କଳି ଅଳି ଅଙ୍ଗୁଳି । ମଣ୍ଡା ତ୍ରିବଳୀ । କଟାକ୍ଷେ ବିନ୍ଧ ମୁନି ଛଳି । ଧଇର୍ଯ୍ୟ ଟଳି । ଶିରୀଷ ପୁଷ୍ପ ଲୁଲି । ଅଷ୍ଟାଦଶ ଚିହ୍ନ ପାଦତଳି । କଳହଂସ ଚାଲି । ଅଳକାବଳୀ ବାଳ ଅଳି । ନବଯୁବା ବାଳୀ । ନ ଦିଶେ ରୋମାବଳୀ । ଉର ମଧ୍ୟ ସୂତା ନ ଗଳି । ପଙ୍କ ଚିକ୍କଣ ବିମ୍ବୋଷ୍ଠୀ । ଡମରୁ ଆକାର କଟୀ । ଅଶୋକ କଡ଼ି ଅଙ୍ଗୁଷ୍ଠି । ହେମ ପ୍ରଭତେ ପ୍ରଷ୍ଟ । କାମକାଣ୍ଡ ଦୃଷ୍ଟି । ନାଭି ଗମ୍ଭୀର ତୁଚ୍ଛ ଯେତି । ନ ଦିଶଇ ଅଙ୍ଗେ ବଳି ଶିରଗଣ୍ଠି । ମୃଦୁ ମଧୁର ଭାଷୀ । ସୁର ଅଗନ ଭାଷୀ । ନବୀନ କୁଟିଳ କେଶୀ, ଅକଳଙ୍କ ପୂର୍ଣ୍ଣଶଶୀ । ହେମ ପଙ୍କଜ ମିଶି । ମୁଖ ଶୋଭ ଦିଶି । ଖଞ୍ଜରୀଟ ଦୃଶୀ ଧଇର୍ଯ୍ୟ ଧ୍ୱଂସି । ବିହି ବିଷ୍ଣୁକାଶୀ । ରୂପ ଦେଖି ତୋଷି । ଅନୁରାଗ ବସି ଘୋର ଘନ ନିଶି । ଦନ୍ତ କିରଣେ ଯାର ଘୋର ଅନ୍ଧାର ନାଶି । ଜ୍ୟୋତିମୟେ ଦିଶି । ସେ ଗୁରୁ ସୁନ୍ଦରୀ କହିଲେ କି ସରଇ । ଚଉମୁଖେ ବିହି ମହିମା କହି ନ ପାରଇ । ଏ ରୂପେ ରୂପ ଛବି ବ୍ରହ୍ମାଣ୍ଡେ ନ ମିଳଇ । ଏଥକୁ ସେ ଆସିବାର ବିଚାର କି ମନକୁ ଖଟଇ । ସେ କି ଇତର ଘର ନାୟିକା ଅଟଇ । ସହସ୍ରେ ପରିବାରୀ ଯାହାକୁ ନିତ୍ୟେ ଖଟଇ । ଅଗ୍ର ଧୂପ ନାନା ସୁଗନ୍ଧେ ଚନ୍ଦ୍ରଶାଳା ପୁର ଚହଟଇ । ଚନ୍ଦ୍ରସେଣ କୁମର ବଡ଼ ଦୁଷ୍ଟ ଅଟଇ । ଅନ୍ତିର ଜନ ପଡ଼ିଲେ ମୁଣ୍ଡ କାଟଇ । ସେତ ଗୋ-

Digitized by PPRACHIN, SOA

ଗର୍ଭେ ନାଇ । ମାତୃଗର୍ଭେ ଦଣ୍ଡ ଆସି ଜଗିଅ ଥାଇ । ଏବେ ତିନିମାସ ସତାଇଶ ଦିନ ହେଲା ଗେ ଗର୍ଭେ ଗଲେ । ଦ୍ୱାରେ ତିନି ତରୁ ସତ୍ୟ ଲଗାଇଲେ । ଆମ୍ଭ ଲିହ୍ଲ ତାଳ । ବାଡି ଦ୍ୱାରେ ଲଗାଇ । ଏ ବୃଷଭାନୁ ଦୁଲାଳୀ । ଏହା ଚିତ୍ତ ଯେବେ ପୁରୁଷ ସଙ୍ଗେ ମିଳି । ଅନ୍ତଃପୁରେ ଯେବେ ଆଉ ପୁରୁଷ ମିଳି । ସେ ତରୁ ତୁମ୍ଭେ ସେ କାଳେ ଫଳି । ସତ୍ୟ ଥିବ ପାଳି । ଏତେ ରୂପେ ଯେ ଅନ୍ତଃପୁରେ ଅଛି । ତରୁଣୀ ଶିରୋମଣି ନବୀନ ମୃଗାକ୍ଷୀ । କିଞ୍ଚିତ କଥାରେ ତାର ମନ ନ ଛନ୍ଦେ । କଥାଛଳେ ଯେବେ ସେ କାଳେ ଆସିବ । ଦେଖିବା ମାତ୍ରକେ ପୁରୁଷମାନଙ୍କୁ କାମଦେବ ଡଂଶିବ । ଏଥି ପୁରୁଷ ହତ୍ୟା କାହାପରେ ଲାଗିବ ।

ଏମନ୍ତ ଶୁଣି କୃଷ୍ଣଚନ୍ଦ୍ର କହିଲେ—ହେ ଯୁବତୀ ରାଧା, ଶୁଣନ୍ତେ ବଡ ସୁନ୍ଦର ରାଧା । ଲାଗଇ ବିଷମ ବାଧା । ଶୁଣନ୍ତେ ତନୁ ପୁଲକଇ । ହିଆ ଚମକଇ । ମଦନ ଭୟକୁ ମନ ଶଙ୍କଇ । ଜାଣିଲୁ ତୁମ୍ଭେ ତାଙ୍କ ପ୍ରାଣ ସହୀ । ଆମ୍ଭଙ୍କୁ କିଣିଲ ତାଙ୍କ ଶୋଭା କହି । ତୁମ୍ଭର ହେଉଛୁ ଆମ୍ଭେ ଦୟାଥିବ ବହି । ଜାଣିଲୁ ତୁମ୍ଭ ତହୁଁ ତାଙ୍କର ବଡ ହୋଇ ସଖୀ ନାହିଁ । ଏବେ ଏ ମୋହୋର ଅନୁରାଗ ଥିବା ଶ୍ରବଣ ଶୁଣି ସାନନ୍ଦ ହୋଇ । ନୟନ ନ ଦେଖି ବିଷାଦ । ଏତେ ବୋଲି ନୟନ ବୁଜିଲେ । ସେ ରାଧାଙ୍କ ରୂପ ହୃଦପଦ୍ମେ ଚିନ୍ତିଲେ । ଆନନ୍ଦେ ନୟନୁ ଅଶ୍ରୁଜଳ ତେଜିଲେ । ଦୂତୀ ଦେଖି ବୋଇଲେ, ହେ କୁମର ନୟନୁ ଅଶ୍ରୁଜଳ ବହଇ । ତନୁ ପୁଲକଇ । ଅଦଭୁତେ ହିଆ ଚମକଇ ।

'ତ' ଶୁଣି ଶ୍ରୀକୃଷ୍ଣ କହିଲେ ହେ ସୁନ୍ଦରି । ତୁମ୍ଭ ତହୁଁ ତାଙ୍କ ରୂପଗୁଣ ଶୁଣି ଶ୍ରବଣ ପବିତ୍ର ହେଲା । ଦେଖ ଯାହାଙ୍କୁ ଅନ୍ତେସ୍ୱର ପୁରେ ଚନ୍ଦ୍ରସୂର୍ଯ୍ୟ ନ ଦେଖନ୍ତି ତାହା ରୂପଗୁଣ ମୁଁ ଶୁଣଇ । ମନକୁ ଗୁଣଇ । ତୋତେ କୃଷ୍ଣ କିମ୍ବା ନ ଘେନଇ । ବହୁକଥା ମାନସେ ତୁ ଦେଖୁ । ପରମ ଗୁପ୍ତକଥା ହୃଦପଦ୍ମେ ରଖୁ । ଏମନ୍ତ ମଙ୍ଗଳକୁ ନୟନ ଖେଦ ମଣିଲା । ଲୋତକ ତେଜିଲା । ଏବେ ନୟନ ଖେଦ କି ରୂପେ ଯିବ । କି ରୂପେ ସେ ମୋହନୀ ରୂପେ ଦେଖିବ । ତୁମ୍ଭଙ୍କୁ ହାଥଧରି କହୁଛି । ନୟନକୁ ଦେଖାଇ ପାରିବ କି ମୃଗାକ୍ଷୀ ।

ଦୂତୀ ବୋଇଲେ ହେ କୁମର, ଏ କି ହୋଇବ । ପଶ୍ଚିମଦିଗୁ ଯେବେ ରବି ଉଇବ । ଯମୁନା ନଦୀ ଯେବେ ଲେଉଟିବ । ଗିରିଭର ଯେବେ ପିମ୍ପୁଡି ସହିବ । ଜଳଧି ଯେବେ ଏକା ଶୋଷକେ ପଇବ । ମୀନ ଉଡିବେ । ପଶୁ ଜୀବ-ଯାଇ ଜଳେ ବୁଡିବେ । ବାସୁକୀ ମହାଭର ଛାଡିବେ । ତପନ ଛିଡିବେ । ନକ୍ଷତ୍ରେ ବଢିବେ । ମେରୁ ଯେବେ ହଳଇ । ଅମ୍ବର ଯେବେ ଚଳଇ ? ତେବେ

Digitized by PPRACHIN, SOA

ସେ ସଖୀବ୍ରତ ବହିଲଇ । ସାକ୍ଷାତ କାମଦେବ ଉଶ୍ଚ ହେଲେ ମନ ନ ବଳଇ । ତାକୁ କହି କେମନ୍ତେ ଦେଖିବା । ଏ ସଙ୍କଟ ଉପେକ୍ଷବା । ଏ କି ଇତର ବୋଲି ଜାଣୁଛ । ଉପାୟ ଏ ଖୋଜୁଛ । ଗଗନ ଚନ୍ଦ୍ରକୁ ହାଥ ବଢ଼ାଇଲେ କି ପାଇ । ପାହୁଣ୍ଡେ ପକାଇଲେ କି ବ୍ରହ୍ମାଣ୍ଡ ବୁଲିଯାଇ । ପବନ କି ଫାନ୍ଦେ ରହଇ । ଏମନ୍ତ ବୋଲି ଦୂତୀ ପୁରତରେ କହଇ । ଏ କଥା ନ ହୁଇ ବିଚାର । ତୁମ୍ଭ ମନକୁ ନଇଲେ ଆନକୁ ପଚାର ।

କୃଷ୍ଣଚନ୍ଦ୍ର ବୋଇଲେ ହେ ସୁନ୍ଦରି । ଏ ଅମୂଲ୍ୟ ରତନ କି ପାଇ । ଏ ଭୂଷଣ ଯୁବତୀ ସେ ବାଳ କୁମାର ବିରହୀ । ଝୁରି ଝୁରି କଲ ହୃଦୟ ଦହ୍ମ ଖାଇଲି । ତୁମ୍ଭ ତହିଁ ଏବେ ବାଟୋ ପାଇ । ଏଣିକି ସୁକୁମାର ହତ୍ୟା ହୋଇଲେ ତୁମ୍ଭକୁ ଲାଗଇ । ତୁମ୍ଭେ ତ ମହତ । ଆରତ ପ୍ରାଣୀଙ୍କ ଚିତ୍ତ । ମଲା ପ୍ରାଣୀକୁ ଜୀବଦାନ ଦେଇ ଜୀଆଁଇଲ । ଅମୃଅ ପିଆଇଲ । ପୁଣି ତ କୁ ସୋମହେ ମେଳିବାରେ କି ଭଲ । ଏତେକ କହି କୃଷ୍ଣଚନ୍ଦ୍ର କାମସେଣୀ ହସ୍ତ ଧଇଲେ । ଗଳାରୁ ମାଣିକ୍ୟ କାଢ଼ି ଦୂତୀ କଣ୍ଠେ ଦେଲେ । ହେ ସୁନ୍ଦରି ମୁଁ ତୁମ୍ଭର ହେଲି । ଯଉଁ ରୂପେ ଲଭିବି ବୃଷଭାନୁ ଦୁଲାଳୀ । ତାହା ତୁମ୍ଭେ କର । ମନେ ଆନ ନ ଧର । ମୋତେ ସହା ହେବ । ଜୀବଦାନ ଦେବ । ଯାହା ଇଚ୍ଛା ତୁମ୍ଭର ତାହା ନେବ । ତୁମ୍ଭ ଉଦଯୋଗେ ଯେବେ ନ ପାଇବି । ସତ୍ୟ କରି କହୁଅଛି ଅନଳେ ଝସିବି ।

ତଦନ୍ତରେ — ହେ ଦୂତୀ, ସିଆଣ ଯୁବତୀ । ବୋଇଲା ଯେ ସେ ଅବୋଧ ଯୁବତୀ । ତୁମ୍ଭ ବିନତି । କେମନ୍ତେ ନ ଘେନନ୍ତି । ତା ପାଖେ ଥିବି ନିତି । କେମନ୍ତେ କହିବି ଅନୀତି । ସେ ତ ସତୀ । ଧୀର ଧାର୍ମିକ ମତି । ନ ପୁଣ ଚଳଇ ମୋତେ ଅବିଗୁଣ ଘେତି । ତୁମ୍ଭ ମତେ ତୁମ୍ଭେ ଉପାଏ କର । ମୁହିଁ ହୋଇଲି ତୁମ୍ଭର । କେହି ନ ଜାଣିମେଟି ଏଥି ବିଚାର ।

ଏତେ କହି ଦୂତୀ ଚଳୀ । ଅନ୍ତଃପୁରେ ପଶିଲା । ଠାକୁରାଣୀଙ୍କି ଦର୍ଶନ କଲା । କର ଯୋଡ଼ି ଜଣାଇଲା । ହେ ଦେବି । ସେ ନନ୍ଦସଙ୍ଗାର କୁମର । ତିନି ତ୍ରୟ ଲୋକେ କେ ନାହିଁ ତାକୁ ସୁନ୍ଦର । ତାଙ୍କ କର ବେତେ ରତନ କି ଥିଲା । ପୁଚ୍ଛା କରନ୍ତେ ତାଙ୍କ ମିତ କହିଲା— ଯମୁନା କୂଳେ କଦମ୍ବ ତଳେ ଖେଳନ୍ତେ ବାଲିରୁ ପାଇଲେ । ଅନେକ ମନ୍ତେ ମାଗନ୍ତେ ନ ଦେଲେ । ବୋଇଲେ ଯାହା ଶ୍ରବଣ ରତନ କି ସେ ଆସି ନେଉ । ସତ୍ୟ ସତ୍ୟ ଆମ୍ଭେ ଅନ୍ୟ ହାତେ ନ ଦେଉ । ଯାହାର ରତନ କି ତାକୁ ଦେଖିଲେ ଦେଉ । ହେ ଦେବି ସେ କୁମରଙ୍କର

Digitized by PPRACHIN, SOA

ବିଚିତ୍ର ରୀତି । ଆକାଶ ଚନ୍ଦ୍ରେ ହାତେ ଧରିବାକୁ ମତି । ଶୁଣି ରାଧା ଠାକୁରାଣୀ ହସିଲେ । ଯାତ୍ରା ସରିଲା । ଅଟ୍ଟାଳିରୁ ଧୀରେ ଧୀରେ ଖସିଲେ । ଅନ୍ତେସ୍ୱରେ ପଶିଲେ । ରତ୍ନ ପଲଙ୍କେ ବସିଲେ ।

ତଦନନ୍ତରେ— ଆରଦିନ ଦିବସେ ଦୋଳଯାତ୍ରା କଲେ । ସର୍ବଲୋକ ମିଳିଲେ । ନାନା ମଣ୍ଡଣି ମଣ୍ଡିଲେ । ରତ୍ନ ବୋହିଲେ । ନାନା ମଣ୍ଡଣି ମଣ୍ଡି ମଣ୍ଡିଲେ । ନାନା ଉଚ୍ଛବ କଲେ । ବିବିଧ ଉଚ୍ଛବ କଲେ । ରତ୍ନ ଅଟ୍ଟାଳିରେ ଶ୍ରୀଠାକୁରାଣୀ ଯାତ ଦେଖିଲେ । ନନ୍ଦରାଜା କୁମରଙ୍କୁ ସର୍ବସଖୀ ନିରେପଲେ । ଠାକୁରାଣୀ ପୁଚ୍ଛା କଲେ—ହେ କାମସେଣୀ ସଖି ! ଏ କୁମର କିଏ କହ । କାହାର ପୁଅ । ନୀଳମଣି ଦେହ । ନୟନେ ଅଞ୍ଜନ ରେଖ । କିଂଶୁକ କଳି କର୍ଣ୍ଣେ ରବିଙ୍କର ବରନ । ଶ୍ରୀବତ୍ସ ଲାଞ୍ଛନ । ମଣିହାର ଭୂଷଣ । ଅଙ୍ଗେ କର୍ପୂର ଚୁଆ ଚନ୍ଦନ । କରେ ମୁରଲୀ, ଅଙ୍ଗେ ଫଗୁଧୂଳି । ନାସେ ଗଜମୁକ୍ତା ଲୁଳି । ରଙ୍ଗ ତାମ୍ବୁଡାଳି । ଗୁଞ୍ଜମାଳି, କର୍ଣ୍ଣ ଫୁଲ । ନାନା ସୁବାସ ଫୁଲ । ମନ୍ଦ ମନ୍ଦ ହାସ । ଅପାଙ୍ଗ କାମ ପାଶ । ଫଗୁ ଖେଳେ ସୁରଙ୍ଗ । ଅଧର ଗୁରୁ ରଙ୍ଗ । ଭ୍ରୂଲତା କାମକୋଦଣ୍ଡ । ହୃଦୟ ବିପୁଳ ବକ୍ଷ ବିସ୍ତାର । ଏ କୁମର ଦର୍ଶନେ ସକଳ ପ୍ରାଣୀ ନିସ୍ତାର । ଏ ମୋହନ ତନୁ । ନ ଛାଡେ ନୟନୁ । ଏ ମୋହନ ଛବି । କାମଦେବ ଦେଖି ଚରଣେ ସେବି । ରୂପକୁ ଭଜି ।

ଦୂତୀ ବୋଇଲେ ହେ ଦେବି ! ଏ ନନ୍ଦରାଜାଙ୍କ ଆଣ୍ଠୁକୁଡ଼ା ପୁଅ । ଚିହ୍ନ ଚିହ୍ନୁ ତ ବଣା ହୁଅ । ରାଧା ବୋଇଲେ ଗୋ ଦୂତୀ, ଏ କୁମର ଜନ୍ମ କାଳରେ ନଣନ୍ଦେଇ ମୋତେ ଘେନାଇ । ବାରତା ପାଇ ଦେଲି ଲକ୍ଷେ ସୁବର୍ଣ୍ଣ ବୁଧାଇ । ଏ ଯଶୋଦାଙ୍କ ପୁଅ, ଦୂତ ଇ । ଏବେ କୃଷ୍ଣଙ୍କୁ ଦେଖିବା ଆସୁ କିନା ଘେନାଇ । ଦୂତୀ ବୋଇଲେ ଏ ଖିଳ କୁମାର । ଏ ଗୋପପୁନଯାଙ୍କ କୋଏବ ଯହାର । ବାଳକ ଭବ କି ଅଛି ତହାର । ଅନ୍ତୋଡିଶ ନେ ପ୍ରୋହିଣୀ ମାଇଲେ । ତ୍ରୋଣ ସୁରକୁ ଉଡଇ ନ ଶିଲେ । ଶକଟା ଭଞ୍ଜିଲେ । ଗୋପୀଙ୍କ ମନ ରଞ୍ଜିଲେ । ଯମଳା ଉପାଡ଼ିଲେ । କେଶୀ ମୋଡ଼ିଲେ । ଅଘାଶିର ଫେଡ଼ିଲେ । ଷଣ୍ଢ ସୁର କରୁଡ଼ିଲେ । ବକ ଚିରିଲେ । କାଳୀ ଦଳିଲେ । କମଳ ତୋଳିଲେ । ବନ ଅନଳ ଗିଳିଲେ । ଗୋବର୍ଦ୍ଧନ ଗିରି ଇନ୍ଦ୍ର ବିବାଦେ ଧଇଲେ । ଧେନୁକା ନାଶିଲେ । ଆଗୋ ମଦନମୋହନ ରୂପ ଦେଖି ଏ ଗୋପବଧୂ ରସିଲେ । କୁଞ୍ଜେ ଘେନି ବିଳସିଲେ । ଗୋକୁଳ କୁମାରୀଙ୍କ ଚିତ୍ତ ତେଖିଲେ । ଚୋର ଆଖିକି ଏବେ ଏସନ ପରାଏଁ ଦିଶିଲେ ଶୁଣି ରାଇ ମଉନ ହୋଇଲେ ।। କୁମର ରୂପ ତାଙ୍କ ହୃଦପଦ୍ମେ ରଖିଲେ ।

Digitized by PPRACHIN, SOA

ତଦନ୍ତରେ — ଏମନ୍ତେ ଦୋଳ ବଢ଼ିଲେ । ସୁଧା ଦ୍ରଶନ କରି ଅନ୍ତେ-ସ୍ୱରକୁ ବାହୁଡ଼ିଲେ । ଅରଦିନ ବିମାନ ମଣ୍ଡିଲେ । ଦୋଳଗୋବିନ୍ଦ ଦେବ ବିଜେ କଲେ । ସାଇ ଭ୍ରମିଲେ । ଗୋପାଳ ମାଡ଼ିଲେ । ଦଧି କୁଙ୍କୁମ ଘେନିଲେ । ଜଳେ ଗୋଳିଲେ । ଘର ଘର ବୁହାଇଲେ । ପଚିକା ମାଇଲେ । ଏକେ ଆରକେ ମାଇଲେ । ଏକ ଦେଖି ଆରେକ ରହିଲେ । ବାଳ ବୃଦ୍ଧ ଧାଇଁଲେ । ଯେତେ ଦେଖିବାକୁ ଜେମ ଦେଇ ଅଇଲେ । ଗଡ ଉଙ୍ଗ ଳିରେ ରହିଲେ । ପାଣି-ଗୋଳକୁ ଗ୍ରହିଲେ ।

ତଦନ୍ତରେ — ଏକକୁ ଆରେକ ଧରିଛି । କେ ମୁଖେ ବାଦୁଅ ବୋଲୁଛି । କୁଙ୍କୁମ ପାଣି କେ ଢାଳୁଛି । ଭୟେ ପଳାଇ କେ ପଡୁଛି । ଜଳ ପଚିକା କେ ଛାଡୁଛି । କୁଙ୍କୁମ ଜଳ କେ ବାଢୁଛି । କାହା ଘରେ କେ କୁମ୍ଭ ଘେନି ଏଡୁଛି । ଝୀନ ବସନରେ ଛଡୁଛି । ଜଳଧ ଘରେ କେ ବୁଡୁଛି । ବାସ କେଶ କେ ଶୁଖାଉଛି । ଦହି ହଳଦୀ କେ ଗୋଳୁଛି । ଦହି ହଳଦୀ କେ ପକାଉଛି । ଶଙ୍ଖାକୁ କେ କାର କରୁଛି । କୁଙ୍କୁମ ପାଣି କେ ରଖୁଛି । କେ କହିଁ ଛନ୍ଦ ଶିଖ ଉଛି । ଦହି କେତନ୍ତେ କେ ଝାଉଛି ।

ପାଣି ପକାନ୍ତେ   କେହୁ ନିସତେ   ଦନ୍ତରେ ଡିଟଣ ଝରୁଛି ।
ଯ ତଲ୍ଲ ବ ନେ   କୁଙ୍କୁମ ମେଟେ   ସୁନା କେଶ ପ୍ର ଯେ ଦିଶୁଛି ।
କାହାର କାଏ   ପଙ୍କର ଘାଏ   ଗେ ସ ଦେହ କଳା ଦିଶୁଛି ।
କେହୁ ପଳାଇ   ଭିତରେ ଯ ଇ   ଗୋଡ ଇ ହଳଦୀ ବୋଳୁଛି ।
କେ ଦୂରୁ ଛଡାଇ   ପକାଇ ଦେଇ   ଖାଳି ଦେଇ କେହୁ ଚଳୁଛି ।
ପିଚିକା ମାରି   କାହ୍ନୁକୁ ଧରି   ବିମାନ ତଳରେ ପଶୁଛି ।
କେବଣ ନାରୀ   ଯୌବନେ ଭରି   ଜଳେ ଚଡ଼ି କୁଚ ଦିଶୁଛି ।
କେ ପୁଣି ଖଳା   ଘେନିଣ କଳା   ଭେଣୋଇ ତାଳରେ ବୋଲୁଛି ।
ପଙ୍କରେ ନେଇ   କେହୁ ମାଡଇ   ଖହଳ ଦେଖି କେ ଖସୁଛି ।
କେଉଁ ବିନ୍ଦେ ଷ୍ଟୀ   ପଡ଼ିଲୁ ଝୁଣ୍ଟି   ଦେଖି ଆର ସଖୀ ହସୁଛି ।

ଶ୍ରୀ କୃଷ୍ଣଚନ୍ଦ୍ର ଜନଯାତକୁ ଅବଧାନ । ସର୍ବ ସଖା ସନ୍ନିଧାନ । ନାହିଁ ତିନିପୁରେ ସମାନ୍ୟ । ରୂପେ ଅନୁମାନ । ସୁବର୍ଣ୍ଣର ବେତ ଧରି ଛାମୁରେ ପଡ଼ିହାରୀ । ନିର୍ମଳ କରି କୃଷ୍ଣଚନ୍ଦ୍ର ରୂପକୁ ଚାହିଁଲେ । ହେଲି ସର୍ବ ପାଇଲେ । ନିଜ ପ୍ରଭୁ ପ୍ରାୟେ ମଣିଲେ । ପୁଣି ବିଚାରିଲେ । ଏ କୃଷ୍ଣ ମୋ ଆଗେ ଜନମ । ରୂପେ ମଦନମୋହନ । ଅଲୌକିକ କର୍ମ । ଦେଖୁ ଦେଖୁ ହୋଇଲା ମୋହୋର ଭ୍ରମ । ନାହିଁ ମୋହୋର ଧର୍ମ । ଏତ ନନ୍ଦଙ୍କ

Digitized by PPRACHIN, SOA

କୁମର ଅଟନ୍ତି । ଏହାଙ୍କୁ ପତି କରିବା ଚିତ୍ତ ଖଟଇ । ନିଷ୍ଠେ ମୋ'ର ପ୍ରଭୁଙ୍କୁ କକ୍ଷଲେ । ତା'ରେ ନ ଛେଳେ । ଏ କୁମର ଦେଖନ୍ତେ ଶରଧା । ମଦନ କରେ ବାଧା । ନୟନ ସଙ୍ଗେ ମନ ପଡିଲୁ ବନ୍ଧା । ଏତେ ବେଳି ବିରସେ ପୁନଙ୍କୁ ଲେଖିଲେ ରାଧା । ଯେଣିକି ଗ୍ରହିଁଲେ ସେ କୁମର ରୂପ ଦିଶଇ । ବିକାର ଭାବ ମନ ବଢଇ । ଅନୁରାଗ ବଢଇ । କାନ୍ତ ବିଚ୍ଛେଦେ ନୟନୁ ନ ରଖଯଇ । ସଖୀଙ୍କୁ ମେଳେ ଶୋଭା ଦିଶଇ ।

ତଦନ୍ତରେ — ଏମନ୍ତେ ଦଧି କୁଙ୍କୁମ ଯାତ୍ରା ସରିଲା । କୃଷ୍ଣଚନ୍ଦ୍ର ଶତ ଶତ କୃଷ୍ଣଚନ୍ଦ୍ର ଚିତ୍ତ ଏକା ଚିତ୍ରକେ ମୋହିଲା । ତଦନ୍ତେ କୃଷ୍ଣଚନ୍ଦ୍ର କହିଲେ — ଭୋ ମିତ୍ର ଯାତ୍ରା ସରିଲା ଏ ଚିତ୍ରକି ନେଇ । ଏ ଚିତ୍ରକି ଚିହ୍ନ ଦୂତୀ ନେଇ ଆଇଲା । ଏବେ ତ ଜାଣିଲୁଇ । ରୂପ ଗୁଣ ଶୁଣିଲୁଇ । ଏବେ ସେ ସୁନ୍ଦରୀ କି ରୂପେ ଦେଖିବା ଏଥକୁ ବିଚାର କହ । ତାଙ୍କ ଶୋଭା ଗୁଣ ଶୁଣି କାମମନ ଦେହ । ଯାହା ଦନ୍ତ କିରଣେ ସର୍ବ ଜ୍ୟୋତି ଲୁଚିଲା । ସେ ଯୁବତୀ ମନକୁ କେ ହରିଲା । ଏମନ୍ତ ଚିନ୍ତି ତନୁ ଧ୍ୟାନ କରି । ନୟନୁ ଅଶ୍ରୁ ଜଳ ଢାଳି । ଏମନ୍ତ କୃଷ୍ଣଚନ୍ଦ୍ରଙ୍କ ଏତେ ଚିନ୍ତା ଦେଖି ଦାମ ମିତ୍ର କହିଲେ । ଠେକ କ କରି ଧରିଲେ । ଭୋ ମିତ୍ର ତୁମ୍ଭେ ନ ଦେଖି ଝୁରୁଛ । ଏ ଯେବେ ତୁମ୍ଭଙ୍କୁ ତରୁଣୀମଣି ଦେଖିଲେ ପ୍ରତ୍ୟକ୍ଷ । କିହେ ସେ ତୁମ୍ଭର ହୋଇଥିବ ପ୍ରତ୍ୟକ୍ଷ । ନୋହଇ ମିଛ । ପ୍ରଥମେ ଚିତ୍ରକି ପାଇଲୁଇ । ତହୁଁ ସିନା ଏହାଙ୍କୁ ପାଇଲୁଇ । ରୂପ ଗୁଣ ଶୁଣିଲୁଇ । ଶ୍ରୁତ ନାମେ ଉଦ୍ଯୋଗ । ତହୁଁ ଦର୍ଶନ, ଦର୍ଶନ ପ୍ରଦାନ । ପ୍ରସନ୍ନକୁ ସ୍ମରଣ । ସ୍ମରଣ ଆତ୍ମା ନିବେଦନ । ଭୂତ ଭବିଷ୍ୟ ଚିନ୍ତାର ପ୍ରାଣୀ ନାନା କର୍ଯ୍ୟ ପାଇ । ଆରତ ହୋଇଲେ ପାଇଲାର ଦ୍ରବ୍ୟ ହିଁ ଯାଇ । କ୍ଷୁଧାର୍ଥୀ ହୋଇଲେ କି ଏକବେଳକେ ଖାଇ ।

ତଦନ୍ତରେ — ନାନାମତେ କହି ମିତ୍ର କୃଷ୍ଣଚନ୍ଦ୍ରଙ୍କୁ ବୋଧିଲେ । ବିବିଧ ମତେ ବିଚାର ସାଧିଲେ । ଅନ୍ତଃପୁର କଥା ସାଧିଲେ । ଅନେକ ଉପାୟେ ଭେଟିଲେ । କେଉଣସି ପ୍ରକାରେ ଦେଖି ନ ପାଇଲେ । ତଦନ୍ତେ ଗୋପକୁ ଏକ ଯୋଗୀ ଏ ଆଇଲା । ଦେଖିବା ମାତ୍ରକେ ଗୋପୀ ଗୋପାଳଙ୍କୁ ମୋହିଲା ।

ସେ କାମାନନ୍ଦ ନାମେ ଯୋଗୀ । ତାହାର କୁମର ନାନା ଭଙ୍ଗୀ । ଜଟା ଭାର ପିଙ୍ଗଳ । ଥୋଡ ଶୁକଳ । କଷା ଦୁକୂଳ । ଦନ୍ତ ଲଙ୍ଗଳ । କେତେବେଳେ ମୁକୁଳ । କେତେବେଳେ ପରିହରଣ । ସ୍ଫଟିକମାଳେ ଜପଇ । କେତେବେଳେ ମଉନ, କେତେବେଳେ କମଇ । ସେ ଚରଣେ ପରିଯନ୍ତେ ଜଟା ଲମ୍ବଇ ।

Digitized by PPRACHIN, SOA

କ୍ଷଣକେ ଶାନ୍ତି କ୍ଷଣକେ ଭ୍ରମଇ । ଯମୁନା ଜଳକୁ ଥମଇ । ପରମ ସଙ୍ଗେ ଲୋକୁ ଘେନି ରମଇ । କାମନା ଦେଖେ ଭ୍ରମଇ । ଅଙ୍ଗେ ଭସ୍ମ ଲମଇ । ଶୂନ୍ୟକୁ ଚମଇ । ନାନା ସ୍ୱରୂପକୁ ଦ୍ରବ୍ୟ ଦେଖି ଶୁଖିଲା ପତ୍ର ଗ୍ରେବାଇ ଖାଇ । ମଣିମୟ ହାର ଦେଖି କାନ୍ଧେ କଉଡ଼ି ସଙ୍ଗେ ଗଳଗତ ଲାଇ । ମନ କଲେ ଆକାଶୁଁ ପାତାଳକୁ ଯାଇ । ନୋହିଲେ ସମସ୍ଥାନେ ଏକା ହୋଇ ଥାଇ ।

ତଦନ୍ତରେ — ମନପବନେ ଚଳଇ । ନାନା ବୃକ୍ଷମାନଙ୍କରୁ ଫଳଫୁଲ ତୋଳଇ । ତ, ଭଡ଼ନ ପକାଇ । ଅଶେଷ ପଶୁମାନଙ୍କୁ ଗଲ । ଅବୋଧ ପଶୁ ତା ପାଶକୁ ଯାଇ । ଯହିଁକି ହାଥ ବଢ଼ାଇ ତହିଁକି ପାଇ ତ । ଆସନ ଭିଡଇ । ମୁଖେ ଭ୍ରତିବେଦ ପଢ଼ଇ । ଦଶ ଦ୍ୱାର ରୁନ୍ଧି । ପବନ ନିରୋଧି । ଯୋଗ ସାଧି । ପରମେ ସଙ୍ଗେ ମିଳଇ । ନାନା ରୂପେ ଖେଳଇ । ଏବଂ ପୁରେ ଚଳଇ । ବାଳୁତ କି ଯୋଗୀନ୍ଦ୍ର କେହି ନ ଜାଣଇ ।

ତଦନ୍ତରେ — ଏମନ୍ତେ ଗୋପପୁରେ ନରନାରୀ ଦେଖି ବଡ ଆଶ୍ଚର୍ଯ୍ୟ ହୋଇଲେ । ଚକିତ ହୋଇଲେ । ଚିତ୍ର ପ୍ରତିମା ପ୍ରାୟେ ରହିଁଲେ । ଏକ ଦେଖି ଅନେକ କହିଲେ । କି ଦେଖି ଛଡ଼ି ଅଇଲେ । ତୋଳ ବୃଦ୍ଧ ଧାଇଁଲେ । କେ ଦେଖି ହସଇ । କେ ମୁଖ ପୋଡ଼ି ସଖୀକି ଭାଷଇ — ଆଗୋ ସଖି, ଏ ବୁଢ଼ା ଯୋଗୀ କେମନ୍ତ ଦିଶଇ ।

ତ, ସେ ଯୋଗୀ କ୍ଷଣ କ୍ଷଣକେ ଉଡ଼ି । ଆଖି ବୁଜି ନାସେ ହାଥଦେଇ ସେ ପବନ ଖେଳି । ଭୂମି ଦେଖି ଶୂନ୍ୟେ ଚହିଲା । ଦେଖିବା ମାତ୍ରକେ ପ୍ରାଣୀମାନଙ୍କର ମନ ମୋହିଲା । ଆଚମ୍ବିତ ଦେଖି ସର୍ବେ ଆଶ୍ଚର୍ଯ୍ୟ ହେଲେ । ପାଦେ ପଡ଼ି କରଯୋଡ଼ି ହୋଇଲେ । ସେ କାମାନନ୍ଦ ଯୋଗୀ କଲ୍ୟାଣ କଲେ । ବୃଦ୍ଧାଙ୍କର ଆଖିକି ନ ଦିଶୁ । କାନକୁ ନ ଶୁଭୁ । ଯୁବା ତରୁଣୀ ଯୁବା ପୁରୁଷ ଲାଗି । ବାଳକେ ଥନ ତେଜନ୍ତୁ । କୁଳବଧୂ ଜାପୁରୁଷେ ଭଜନ୍ତୁ । ଯେ ଯୋଗୀ କଲ୍ୟାଣ ଶୁଣି ତରୁଣୀ ହସିଲେ । କୁଳବଧୂମାନେ ଲାଜେ ଘରେ ପଶିଲେ । ବୃଦ୍ଧଜନ ମନ୍ଦ ଭଷିଲେ । ଯୁବାପୁରୁଷେ ବସିଲେ ।

ତଦନ୍ତରେ — ଏମନ୍ତ ସେ ଯୋଗୀଙ୍କର ଠା ଶୁଣି ଦାମୋଦର ତୁଷ୍ଟ ମତ ହୋଇଲେ । ତାଙ୍କୁ ଅନେକ ମତେ କହି ମଣାଇଲେ ।

କି କି ବିଦ୍ୟା, ଅସ୍ତନ, ମୋହନ, ବଶ ଉଚ୍ଚାଟନ, କୁହୁକ, ଅନ୍ତଲୀନ ଗୋଟିସାଧନ, ଦୂରଦୃଷ୍ଟି ଅଞ୍ଜନ, ଉଡାଣ, ବୁଡ଼ାଣ, ତାଣେ, ମାରଣେ, ଗାରେଡ଼ି ଧାରଣ, ବାରଣ, ମୁଦ୍ରା, ଅଧ୍ୟାନ, ସନ୍ଧାନ, ଦୃଷ୍ଟ, ଅଦୃଷ୍ଟ, କହୁଣୀକୁଟି ହାତ-

Digitized by PPRACHIN, SOA

ଭଗା, ଭୂତଲଗା, ସ୍ୱାରଜଗା, ମହାଶଳା ବିଦ୍ୟା, ଇନ୍ଦ୍ରଜାଲ ମାୟା, ସବଶ ଛାୟା, ଘଟଯୋଗ, ଚଟବେଗ, ସଞ୍ଜୀବନୀ ମନ୍ତ୍ର, ମୂଳିକା, ସଂଯୋଗ, ଏ ଆଦି ଅଥର୍ବ ବେଦରୁ ସମ୍ଭୂତ ।

ଯେ ବିଦ୍ୟା ତାହା ଦେଲୁ । ଅପୂର୍ବ ମୋହନ ବେଂଶୀ ଗୋଟିଏ ସମର୍ପିଲୁ । ବୋଇଲୁ ହେ କୁମର ବ୍ରହ୍ମାଙ୍କ ହୋମକୁଣ୍ଡରୁ ଉପୁଜିଲୁ । ତହିଁରୁ ତିନି କୋଦଣ୍ଡ ହୋଇଲୁ । ଶେଷଖଣ୍ଡି ବେଣୀ ଗୋଟିଏ କରି ବିହି ନିମାଂଣିଲୁ । ଏବେ ଏ ବେଇଣି ଗୋଟି ନିଅ । ଏ ଗୋପପୁରେ ରହ । ଶୁଣି ଦୁଇ ମିତ ମନ୍ତ୍ର ମଉଷୋଧି ଗ୍ରହଣ କଲେ । ବେଇଣୀ ପାଇଲେ । ତର୍କଶାସ୍ତ୍ର ପଢିଲେ । ଏମନ୍ତେ ସେ କାମାନନ୍ଦ ଯୋଗୀ ଗଲେ । କୃଷ୍ଣଚନ୍ଦ୍ର ଦାମ ଦୁଇ ମିତ୍ର ନିଜ ପୁରେ ରହିଲେ ।

ତଦନ୍ତରେ — ଦୁଇ ମିତଙ୍କର ଶିରରେ ମନ୍ତ୍ର ମଉଷୋଧି ବିଡ଼ିବାରେ ଯେ ଧାଡ଼ି ମନ୍ତ୍ର ଲେଖା ହୋଇଛି । ଯେବଣ ଯୁବତୀ ଅନ୍ତପୁରେ ଥିବ, ଦୃଷ୍ଟିରେ ବଳେ ଯାହା ଦେଖି ନ ପାରିବ ତାହା ଦର୍ପଣେ ଖାତୀ ରଜକ ଧୋବ କରି ତେଠ ଦକ୍ଷିଣ ଭାଗେ ଶୁଖାଇଥିବ । ଯେବ୍ରଣ ପୁରୁଷ ପାଦରେ ଅଷ୍ଟଗନ୍ଧ ଲଗାଇ ମଣ୍ଡନ ହୋଇ ତାହା ନାମ ଦୁମରି । ନିଶ୍ୱାସ ଧରି । ସେ ବସ୍ତ୍ର ଉତ୍ତର ଦକ୍ଷକୁ ଗ୍ଭଳିବୁ । ସେ ରଜକ ନ ଜାଣିମ । ସେ ବାଯ ଯେବେ ନାୟକା ପରିହରଣ କରିବ, ବଜ୍ରକିଳିଣୀ ହେଲେ ଫଟାଇ ସେ ପୁରୁଷ ପାଶକୁ ଯିବ ।

ତଦନ୍ତରେ — ଏମନ୍ତ ଜାଣି, ସଂଯୋଗ ହେନି । ଯମୁନା ଘୋଡ଼୍ୱା ତୁଠକୁ ଗଲେ । ରାଧାଙ୍କ ଧୋବଣୀ ନେଇଛ ବୋଠେ ମିଳିଲେ । ତାହା ତୁଠେ ପୁରୁଷ ନ ମା ନ ହିଁ । ଅଣ୍ଡିର ପଶୁଜୀବ ଜଳୁ ପଶନ୍ତି ବୋଲି ଚଉଦିଗେ ବାରଣ ବନ୍ଧାଇ । ଗଗନଚରଟଣେ ଦେଖିବାକୁ ଉପରେ ଚନ୍ଦ୍ରାତପ ଟଣାଇ । ଜଳ ଉଧରି କୂଳେ କାଚଇ । ନାନାମତେ ଗୀତ ଗାଇ ନାଚଇ । ସଙ୍ଗେ ଦଶ ବିଂଶ ନାରୀ ଅଛଇ । ତଟ ତୋଳିରେ ପାଟେତା ପାଡ଼ି ସବୁ ଝୀନବାସ ଶାଢୀ ଶୁଖାଇ । ତପନ କିରଣ ଗଗନ ଲାଗି ଶୁଖଇ । ମୁଣା ଭିତରେ ରଖଇ ।

ତଦନ୍ତରେ — ଏମନ୍ତେ ସେଠାରେ ଯାଇ ଦୁଇ ମିତ ମିଳିଲେ । ନେତାଇଣି ଦେଖି ଦାମ ମିତ କହିଲେ । ଶୁଣି ନେତାଇ ଚଳଚ । କାହିଁକି ଅଇଲ ହେ କୁମର ବୋଲଇ । କୁମର କହିଲେ ଗୋ ନେତାଇ, ତୁ ପର ଦୁଃଖେ ଦିଆଇ ।

Digitized by PPRACHIN, SOA

ବିରହୀ ଜନଙ୍କୁ ତତାଇ, ଅନ୍ତେପୁରେ ଗନ୍ତାଇ । ଅବୋଧ ବଧୂକୁ ବତାଇ । କନ୍ଦ ବେଦନା ଘେତାଇ । ଯମୁନା ନଦୀକୁ ତାଇ । ଋଷିକୁ ଦେଖି ହେଲୁ ଝଡାଇ । ଯେ ଯତି ଘେନି ଗୋଡାଇଲେ ତତାଇ । ପଳାଇଲୁ ଜଟିଳ ବାଘ ଡିଙ୍ଗାଇ । ତେଣୁ ତନୁ ଶୀତାଇ । ଦନ୍ତ କମ୍ପଇ ମଡାଇ । ଧୋବ ବସ୍ତ୍ର ଖଣ୍ଡିଏ ଦେଉକିନା ଗନ୍ତାଇ । କିଛୁ ଧନ ଦେବୁ ଦେଏ ଲୁଗାରୁ ଖଣ୍ଡିଏ । ଆଙ୍ଗୁଛି କରିବେ ।

'ତ' ଶୁଣି ନେତାଇ ଗାଲେ ହାଥ ଦେଇ ପହଲି ମେଲୁଛି । ତୁମ୍ଭ ପର ହୋଇ ତତେ । କାଲି ଯାଉଥିଲୁ କଉଡ଼ି ପଣେ । ମୁଁ ଅନାଇ ରହିଲି କ୍ଷଣେ । ମିତ ଥିଲେ ତାଙ୍କ ମେଳେ । ଲମ୍ଫ କରିଥିଲେ ସେ ଭିଷ ଫାଳେ । ଆନ୍ଦୋଳ ଦହିରୁ ଚଳେ । ମିଛକୁ ମିଛ । ଏଣ୍ଟୁଅ ଗିଳିଲୁ କଦଳୀ ଗଛ, ଛେଳିକି ଗିଳିଲୁ କଉଣ୍ଡି ମାଛ । ଏ କଥା ମାନନୀ କି ପରତକ୍ଷ । ମୁଁ କି କରିବି । କାହିଁକି ଯିବି, ଏହି ଦୁବ ଗଛେ ଉକୁଟି ହେବି । ତୁମ୍ଭେ କାହିଁ ଥିଲ କି । ନଦୀକି ଗାଧୋଇ ଯାଇଥିଲ କି, କହିଲ ବେଲି ପର ନୋହିଲ । କଥା କହିବାରେ ଦୁଃଖ ପାଇଲ । ଏବେ ଯାଅ ଯା, ଯମୁନା ନଦୀରୁ ପାଣି ପିଅ ଯା । ବଣା ହୋଇଲ । ତୁଠେ ମିଳିଲ । ରଜା ଲୋକ ଦେଖି ଦଣ୍ଡ ବିହିବେ । ବୋଲଣା କରି ଘଉଡାଇ ଦେବେ । ତୁମ୍ଭେ ବହନ ଯାଅ । କ୍ଷଣେ ନ ରହ । ଏମନ୍ତ ଶୁଣି କୁମର କହି ।

'ତ' ଆଗୋ ନେତେଇ ଶୁଣୁ । ତୋହର ପୁଣି ଏମନ୍ତ ଗୁଣୁ । ଧୋବା ତୁ । ଜଳ ଘାଟ, ରାଜ ବାଟ, ଘାଟ, ହାଟ, ନାନା କିଣା ବିକା ଦେଣ୍ଟ, କଳ୍ପତରୁ, କାମଧେନୁ, ଛେତ, ତୀର୍ଥ, ଦେବତା ରାଜ୍ୟ, ବିପ୍ର, ବୈଦ୍ୟ । ଗୁଣୀ କବି, ସର୍ଗ, ପର୍ବତ, ବନଭୂମି, ନାପିତ, ରଜକ ଏମାନେ ଏକା ହୋଇ ଜଣକର ନୁହନ୍ତି । କାଳ ଘେନି ସବୁରି ହୁଅନ୍ତି । ତୁ ତ ସବୁରି ଅଟୁ । ମନ ଜାଣି ଖଟୁ । ଆନ ପର କରି ଆମ୍ଭଙ୍କୁ ଟେଟୁ । ତୁଠେ ଥିଲୁଁ କି ଦୋଷ ହେଲା । ଧୋବ ବସନ ଦେ ତୋ ମନକୁ ନଇଲା । ଯେବେ ନଇଲା । କେତେ ପହଲି ମେଲୁ, ଦେଖାଇ ବୋଲୁ । ନେତାଇ ବୋଇଲା ଏ ବସ୍ତ୍ର ଯାହାର, ଏ ତୁଠ ଦେଖିବାକୁ ସଖ ଅଛି କାହାର । ମୁଁ ବୃଷଭାନୁ ରାଜାଙ୍କ ଧୋବଣୀ ଅଟଇ । ଏକାଦିନକ ଅନୁଗ୍ରହ ମୋର ଉପେକ୍ଷ ଅଟଇ । ଏ ଶାଢୀମାନ ମୋର ପୁରୁଷ ନ ଛୁଅଁଇ । ମୁଁ ଆନ ଲୁଗା ନ କାଚଇ । ଯେତେ ବସ୍ତ୍ର ଅଛଇ, ସବୁ ରାଧାଙ୍କର ଉଆସର ଅଟଇ । ସେ ବୃଷଭାନୁ ସୁତା, ସାଧବୀ ପତିବ୍ରତା । ତାଙ୍କ ଶ୍ରୀଅଙ୍ଗ ବସନ । ପୁରୁଷ ଛୁଇଁଲେ ଦୂଷଣ । ଝେ

Digitized by PPRACHIN, SOA

କୃମର ତୁମ୍ଭର ନାଗର ଅନୁରାଗ । ତୁମେ ମୋ ତୁଠରେ ବସ୍ତ୍ର ମାଗ । କଞ୍ଚା କଡ଼ିବରୁ ଜାଣି । ଅଶ୍ୱ ଧାଇଁଲେ ଜାଣି, ଛତ୍ରି ରଣେ ରହିଲେ ବୀର ବୋଲି ଯୁଦ୍ଧ ଜାଣି । ଗଉ ଦୁଧ ଜାଣି । ପ୍ରୀତି ଅଭେଦ ଜାଣି । ଦାନୀ ତ୍ୟାଗେ ଜାଣ । ପେ ଏକା ସଙ୍ଗେ ଜାଣି । ନାଚ ମଙ୍ଗେ ଜାଣି । ସାଧବ ଗୁଣ ଧନେ ଜାଣି । ଗୁଣି ସଙ୍ଗେ ଜାଣି, ନାଗର ଅନଙ୍ଗରେ ଜାଣି, ଭାର୍ଯ୍ୟା ବିଭୋଗ ଜାଣି । ଫୁଲ ବାସେ ଜାଣି । ଲୋଭ ଆଶେ ଜାଣି । ସେବକ ଆଦେଶେ ଜାଣି । ରାଜଧର୍ମ ଦେଶେ ଜାଣି । କୃଷି ବୃଷ୍ଟିରେ ଜାଣି । ମଲ୍ଲ ମୁଷ୍ଟିରେ ଜାଣି । ନାରୀ ଚଞ୍ଚଳ ଦୃଷ୍ଟିରେ ଜାଣି । ତୁମ୍ଭେ ନାଗର । କହନ୍ତେ ଜାଣିଲି ମୋର ଆଗର । ରତି ହେଉ ଉଜାଗର । ଭ୍ରମ ହୋଇ ଗୋପନଗର । ଏମନ୍ତ ଜନକୁ କି ବସ୍ତ୍ର ଦେଇ । ଲୋକ ଜାଣିଲେ କି ମହତ୍ତ୍ୱ ରହଇ ।

ତଦନନ୍ତରେ— ଏମନ୍ତେ ମିତ ନେତାଙ୍କ ସଙ୍ଗତେ କଥା ହୁଅନ୍ତେ, ଶ୍ରୀକୃଷ୍ଣଙ୍କ ଚୟନରେ ଉତ୍କଣ୍ଠା ଲାଗଇ । ରାଧାଙ୍କ ଶାଢ଼ୀ ଯେ ଡାଳିରେ ମେଲି ଥିଲା, ତହିଁରେ କଟାକ୍ଷ ଲାଗିଲା । ଭୁଲି ଅଇଲେ, ଏ ଦୁହିଙ୍କ ସନ୍ନିଧେ ମିଳିଲେ । ସୁରଙ୍ଗ ଅଧରେ ମନ୍ଦ ମନ୍ଦ ହୋଇ ହସିଲେ । ଆଗେ ବାକ୍ୟ, କିମ୍ବା ଜଟୁ କଳି । କଥାରେ କି ହେବ ତୋତେ ବୋଲି । ଆମ୍ଭ ବସ୍ତ୍ର ଏବେ ଦିଅ ପକାଳି । ଘେନ ଅମୂଲ୍ୟ ଦେଉ ମୁକୁତା ମାଳି । ତହୁଁ ସେ ନେତଇ ମୁକୁତା ମାଳି ଛୁଇଁଲା । ଏ ମହା ବେଳନ୍ତି ସେ ତାହା ବୋଇଲା । ରାଧାଙ୍କ ବସ୍ତ୍ର ସଙ୍ଗତେ ଶ୍ରୀକୃଷ୍ଣଙ୍କ ବସ୍ତ୍ର ଧୋଇଲା । ତଦନନ୍ତରେ ଦୁଇମିତ ଗଲା । ନେତଇ ବସ୍ତ୍ରମାନ ନେଇ ଅନ୍ତପୁରେ ଦେଲେ । ଚନ୍ଦ୍ରାବଳୀ ଶାଢ଼ୀ ସେମାନଙ୍କ ଘେନିଲେ । ପିନ୍ଧିଲେ ଶ୍ରୀ ଅଙ୍ଗ ଲାଜ ବେନେ । ପଦପଦ୍ମ ଅଷ୍ଟାଦଶ ଚିହ୍ନ ଅଛି । ଦେଖି ନ ସ୍ମରୁଛ କିଛି । ଏକ ଆବେକେ ନିରେଖି । ଛମୁରେ ଜଣାଇଲେ ପ୍ରେମ ଦେଇ । ଶ୍ରୀଅଙ୍ଗ ରଙ୍ଗି ବସନରେ କେଉଁଣ ବିଚକ୍ଷଣ ପୁରୁଷ ପଦଚିହ୍ନ ଅଛି । ଆଜ୍ଞା ଦେଲେ ଶାଢ଼ୀ ମେଲାଅ । କେଉଁଠି ଚିହ୍ନ ଅଛି ବିଚାରି କହ । ଛାମୁରେ ବସ୍ତ୍ର ମେଲାଇ ଧଇଲେ । ଶ୍ରୀ ପାଦପଦ୍ମ ଅଷ୍ଟଦଶ ଚିହ୍ନ ସହିତେ ଦର୍ଶନ କଲେ । ଠାକୁରାଣୀ ଦେଖି ହୃଦପଦ୍ମ ଭୁଲିଲେ । ଆନନ୍ଦ ନଦୀରେ ଉଚ୍ଛୁଳିଲେ । ବିଚାରିଲେ ମୋର ପ୍ରାଣନାଥ ଆସି ଏ ନଗ୍ରେ ମିଳିଲେ । ପୁଚ୍ଛା କଲେ ଆରତୋ ନେତାଇ । ଏ ବସ୍ତ୍ରେ କେଉଁ ପୁରୁଷର ପଦଚିହ୍ନ ଲାଗଇ । ତ, ଯେ ଧୋବଣୀ ଭାଷେ କାତର । ଜାନୁ ଉର ଉର । ଜମ୍ବୁଫଳ ଅଧର । ଯୋଡ଼ି ବେନି କର । କହଇ ଡର ଡର ।

Digitized by PPRACHIN, SOA

ତଦନ୍ତରେ— ଠାକୁରାଣୀ ଆଜ୍ଞା ଦେଲେ ଆଗୋ ନେତାଇ ତୁ ଭୟ ନ ପାଅ । ନିର୍ଭୟେ ହୋଇ କହ । କେବଣ ପୁରୁଷର ଏ ପାଦଚିହ୍ନ ଦମେ ହ । ତଦନ୍ତରେ ଆଜ୍ଞା ପାଇ କର ଶିରେ ଦେଇ କହୁଛି ଶୁଣ ଦେବି । ଆଜ ନନ୍ଦସୁତାଙ୍କ କୁମର ସଖା ସଙ୍ଗେ ଘେନି ମୋ ତୁଠକୁ ଗଲ । ବଳିରେ ସବୁ ସ୍ନାନବାସ ନିମନ୍ତେ ଥିଲ । ଜାଣି ନ ପାରିଲ ଭୂମିପର ମଣି କାମନା କଲେ । ତାଙ୍କ ପଦ ସଞ୍ଚ ଅଟା ଲାଗିଥିବ । ନୋହିଲେ ତ ଆନ ଲକ୍ଷଣ ନାହିଁ । ଏହି ହୋଇଥିବ ବୋଲି ମନକୁ ଆସଇ । ତଦନ୍ତରେ— ଏମନ୍ତ ଶୁଣି ଚେମାଦେଇ ହରଷେ ବିଚେସ ହୋଇଲେ । ଦୂତୀ ଦେଖିକି ଅନାଇ ବୋଇଲେ ସେ ନନ୍ଦପୁତ କାହ୍ନ । ଦେଖିବାକୁ ବିଚକ୍ଷଣ । ତୁମ୍ଭେ କି ଜାଣ । ତଦନ୍ତରେ ଦୂତୀ କହିଲେ ଶୁଣ ଚେମାଦେଇ, ମୋହର ତ ଦେଖା ନାହିଁ । ଭଏ ଅଟା ବଳ କୁମର ନାମ ଧରି କହି । ସେ ଥିଲେ କାହିଁ । ବାସ ମାଡ଼ିଲେ ଯାଇ । ମୋ ମନକୁ ନ ଆସଇ । ଠାକୁରାଣୀ ବୋଇଲେ,ଯେ ହୋଉ ସେ ହୋଉ ପୁରୁଷ ପଦ ପଡ଼ିଲ । ଆମ୍ଭ ଲାଗିକି ନୋହିଲ । ଏବେ ଏହାକୁ ପ୍ରତିମାମାନଙ୍କୁ ଘୋଡ଼ାଅ । ଏ ନେତାଇ ବଡେନକୁ ଲକ୍ଷେ ସୁବର୍ଣ୍ଣ କୁଡ଼ାଅ । ଏ ନେଉ ଦୁଃଖ ଯାଉ । ଆଉ କାହାନ୍ତ ପ୍ରତି ଅଶା ନୋହୁ । ତଦନନ୍ତରେ.......... ଧନ ଦେଲେ । ସେଦିନ ଆଦ୍ୟରୁ ମଜିଷ୍ଠା ନାମେ ରଜକୀ ବସ୍ତ୍ର ଧୋଇଲେ । ପାଦ ପଦ୍ମ ଚିହ୍ନ ଶାଢୀ ପ୍ରତିମା ଘୋଡଣୀ କଲେ ।

ତଦନ୍ତରେ— ଏମନ୍ତେ ରଜନୀ ହେଲ । ଦଶଦିଗ ତିମିର ଆଚ୍ଛାଦିଲ । ଶ୍ରୀକୃଷ୍ଣ ମୋହନ ବେଶ ହୋଇ କୁଞ୍ଜେ ବିଜେ କଲେ । କିଶଳୟ ଶେଯ୍ୟା ରଞ୍ଜିଲେ । ପାଣ୍ଡିକ ବିକାରେ ଫୁଲଶର ବାଧେ । ବେଳୁବେଳ ସାଧେ । ବୋଲନ୍ତି ଶୁଣ ସଖୀ ବେଗେ ଆସ । ମୁ ଯେ ଉଜଟ ତେର ରାତ୍ର ଦିବସ । ଏମନ୍ତ ବୋଲି ପଥକୁ ନିରେଖନ୍ତି । କିଞ୍ଚିତ ଶବ୍ଦ ଶୁଣିଲେ ଶ୍ରବଣ ଡେରନ୍ତି । ଖଣ୍ଡେ ଦୂର ପଛେ ଚିଆଇନ୍ତି । ତରୁ ତଳେ ବସନ୍ତି । କାମନାର ମନ୍ତ୍ର ଘୋଷନ୍ତି । ସେ ଅଷ୍ଟଗନ୍ଧ ବାସ ଯେବଣ ଯୁବତୀ ପରିହରଣେ କଲ ବେସ କୁଞ୍ଜବନକୁ ଆସୁ । ଲାଜ ଯେତୁ, ବଜ୍ର କବାଟ ଫେଡୁ । ଭୟ ଫିଙ୍ଗୁ, ଧୀର ଧଉର୍ଯ୍ୟ ତୁଟୁ, ଏକାନ୍ତେ ଭେଟୁ ।

ତଦନ୍ତରେ— ଯହୁଁ ଶ୍ରୀକୃଷ୍ଣ ଏମନ୍ତ ସୂଚଣା କଲେ, ରାଧା..... ପ୍ରତିମା ଗଣ ଶାଢୀ ଘୋଡ଼ି ହୋଇଥିଲେ । ମନ୍ତ୍ରବଳେ ସେ ଜୀବନ୍ୟାସ ହୋଇ ପୁରୁଷ ଆକାର ହେଲେ । ତୁରିତେ କୃଷ୍ଣ ସନ୍ନିଧ୍ୟେ ମିଳିଲେ । ଶ୍ରୀକୃଷ୍ଣ ଚିତ୍ତେ ବିସ୍ମରୁଛନ୍ତି ରାଧା ସଖୀଗଣ ସଙ୍ଗତେ ମଉନ ହୋଇ ଅବୃ ପ୍ରବେଶ

Digitized by PPRACHIN, SOA

ହେଲେ । ଏମନ୍ତ ବିଗ୍ଭରି ମିଳିଲେ । ଦେଖିଲେ ସେ ଚିତ୍ର ପ୍ରତିମାମାନେ ବଚନ ନାହିଁ । ଏ ରୂପେ ଅଖିଳ ଶୋହି । କେ ଅଳସୀ, କେ ମାନିନୀ, କେ ତାଳ ବାଣୀ ବାଦିନୀ, କେ ଅନୁରାଗିନୀ । କେ କ୍ଷୀଣ ଉଦରୀ । କୁଚ କି ପଡ଼ିବ ଭାଜି । ଏମନ୍ତେ ସେ ରହିଲେ । ବୃନ୍ଦାବନ ବୃକ୍ଷମାନଙ୍କେ ଲାଗନ୍ତି । ମଦନ ଭୋଳେ କୃଷ୍ଣ ତାଙ୍କୁ ଗ୍ଭଟୁ କରନ୍ତି । ସେ ବୃକ୍ଷମାନଙ୍କୁ ପ୍ରେମେ ଆଳିଙ୍ଗନ କରନ୍ତି । ତହିଁ ବଚନ ନ ପାଇ । କାମ କାଷ୍ଠ ଦହି । କଣ୍ଠ କୁଣ୍ଠ ତ କହି କହି । ଏମନ୍ତେ ରାତ୍ର ଗଲା ପାହି । ନିରାଶ ହେଲେ ଯେ ପ୍ରତିମାଙ୍କୁ ଗ୍ଭହିଁ । ମନେ ବିରସ ମିତଙ୍କ ପାଶେ ମିଳିଲେ ଯାଇଁ । ଦେଖି ଦାମ ମିତ୍ର ପଗ୍ଭରୁ ଅଛନ୍ତି ହେ କୃଷ୍ଣଚନ୍ଦ୍ର କାର୍ଯ୍ୟ ସଫଳ ହେଲା କି ? କୃଷ୍ଣ କହିଲେ ହେ ମିତ । ତରୁପତ୍ର ବଉଳା ଦେଲା । ସୋନ ବୃକ୍ଷ ଶିମୁଳୀ ଫଳିଲା । ଶାଳେନ୍ଦ୍ରା ବୋଲି ଧରନ୍ତେ ଶିଆଳ ହୋଇଲା । ତୃଷା ଆରତେ ଜଳ ବୋଲି ମୃଗତୃଷା ହୋଇ ସ୍ୱପନ ହୋଇଲା । ନବଘନ ଆଉ ଦି ଜଳ ବୃଷ୍ଟି ନ କଲା । ପ୍ରତି ଆଶା ହିଁ ଗ୍ଭତକ ତୃଷାରେ ରହିଲା । ଭୋ ମିତ୍ର ଚିତ୍ର ପ୍ରତିମା ମାନେ ଅଇଲେ । ବୃକ୍ଷମାନଙ୍କେ ଦେଖି ମୋତେ ରହିଲେ । କିଛି ତ ଜାଣି ନ ପାରିଲି । ତୁମ୍ଭକୁ ତହିଁ କି ଅଇଲି । ସେ ପ୍ରତିମାମାନେ କେ । କାହୁଁ ଅଇଲେ ସେ ।

ତଦନ୍ତରେ—କୃଷ୍ଣଚନ୍ଦ୍ରଙ୍କ ଠାରୁ ଏମନ୍ତ ଶୁଣି ଦାମକୁମାର କହିଲେ—ଭୋ ମିତ । କହିଲ ବଡ ବିଚିତ୍ର । ଧନ୍ୟ ଯେ କାମାନନ୍ଦ ମନ୍ତ୍ର । ଛୁଇଁଲା ମାତ୍ରକେ ଚିତ୍ର ପ୍ରତିମାମାନେ ହେଲେ ଉନ୍ମତ୍ତ । ତେଣୁ ତୁମ୍ଭଠାକୁ ଅଇଲେ ବୃକ୍ଷ ।

X X X

(ଏଠାରେ ମୂଳ ପୋଥିର ଦୁଇଟି ପତ୍ର — ୮୪ ଓ ୮୫ ପତ୍ର ନଷ୍ଟ ହୋଇ ଯାଇଥିବାରୁ ତାହାର ବିଷୟବସ୍ତୁ ଦିଆଯାଇ ପାରିଲା ନାହିଁ । ତେଣୁ ଛକି ଚିହ୍ନ ଦିଆଯାଇଛି ।)

ଲଭନ୍ତି ତାହା କର । ଯେ ତୋହୋର ଇଚ୍ଛା ପାଇବୁ ବର । ଆନ୍ୟେ ଯେତେ ହେବୁ ତେ ହର । ଧନ ବଦନ ଅବା କେତେ ମାତର । ଏମନ୍ତ ଶୁଣି ସେ ନେତାଇ କହିଲା ଭୋ କୁମର । ମୁଁ ତ ନୀଚ ଜାତି ବ୍ରହ୍ମତ ଅନ୍ତର । ସେ ତ ବୃକ୍ଷଭାନୁ ତେମାଦେଇ ଅତି ସୁନ୍ଦର । ମୁଁ ତ ଇତର ଜନ । ତାଙ୍କୁ କହିବି କାହିଁ ଏସନ ବଚନ । ସଂଦେଶ ଦିଅଇ ସକାଳେ ନିଅଇ । ଏତେ ସେବା ହେ ଜାଣଇ । ଆଉ କଥା କି ମୋହ ବୁଦ୍ଧେ ଅଛଇ ।

ତଦନ୍ତରେ — କୁମର କହିଲେ ଆରେ ନେତାଇ । କାଟମ ତୁ ଶାଳଗ୍ରାମ ଶିଳା ବାଟଇ । ତୁ ପାର ନ ପାର । ଏ କାମୀ କୁମରକୁ ବାରେ

Digitized by PPRACHIN, SOA

ମାତ୍ର ତାର । ତୁ କି ତାଙ୍କୁ କହିବୁ ଆଉ । କହିଲେ ଦୟା ନୋହିବ କି ତରା । ଯେ କି ଯୁବତୀ ହଂସ ରୁ ବ ଢ଼ାର । ସେବା ଗଲୁ ବୋଲି ଚିନ୍ତା ନ କର । ନେତାଇ ବେ ଇଲୁ ଭେ କୁମର ସେ ବୃଷଭାନୁ ଝିଅ । ମଦନ ବାଧା ଅବା ନାହିଁ ତାର ଦେହ । ମେ ରେ ଯେତେବ ଏମନ୍ତ କରି କହଲ, ତୁମ୍ଭେ ନୀଚ ଜାତି ବେ ଲି ବ୍ରେତ ନ କଲ । ମେ ହର ଯେ ବୁଦ୍ଧି ତ ହା ତୁମ୍ଭଙ୍କୁ କହଇ । ପତିବ୍ରତା ଲକ୍ଷଣ ଯେ କେମ ଦେଇ ବହଇ । ମେ ହ କହଲେ କି ତହିଁରେ କଥା ରହଇ । ଯେବେ ତୁମ୍ଭେ ନେ ତେ ପଚାର, ଯେଉଁରୂପେ ଅନ୍ତଃପୁରୁ ମୁଦୁସୁଲୀ ବାହାର ହୋଇବେ ଯେ କଥ କୁ ବିଚାର । ତହିଁ ଯେଉଁ ଉପ ଯେ କେଞ୍ଚି ବି । କଥା ତ ଞ୍ଚି ବି । ଅନ୍ତଃପୁର ଯୁବତୀଙ୍କୁ ଦେଖିଲେ ପୁଛିବି । ଅଉ ତ ଭିତରକୁ ନ ଯିବି । ଏବେ ତୁମ୍ଭେ ଯ ଅ । ନର୍ମଦା ବ ରିକାଣୀକି ଏତେ ବୃତ୍ତା ନ୍ତ କହ । ମୁହୂର୍ତ୍ତ ତୁମ୍ଭର ହେଲି ମାଁ ଷୟ ନେ ହ ।

ତଦନ୍ତରେ ସେ ନେତାଇ ତହୁଁ ଏମନ୍ତ ଶୁଣି ଦୁଇ ମିତ ଗଲେ । ଦାମ ଦାମୋଦର ଦୁଇ ସଖା କଦମ୍ବ ତଳେ ମିଳିଲେ ।

ତଦନ୍ତରେ — କେଳି କଦମ୍ବ ତଳେ ତ୍ରିଭଙ୍ଗୀ ଭଙ୍ଗୀ ।

X X X

(ଏଠାରେ ମୂଳ ପୋଥିର ତିନିଟି ପତ୍ର – ୮୭, ୮୮ ଓ ୮୯ ପତ୍ର ନଷ୍ଟ ହୋଇ ଯାଇଥିବାରୁ ତାହାର ବିଷୟବସ୍ତୁ ଦିଆଯାଇ ପାରିନାହିଁ । ତେଣୁ ଛବି ଚିହ୍ନ ଦିଆଯାଇଛି ।)

ମୁରଲୀ ମୁଖେ ଅଛନ୍ତି ଚହି । ଏ ଯେତେବ ତାଙ୍କର ପତି ନୁହଁନ୍ତି । ଏ ତତ୍ତ୍ୱା ଅଚଲୁ କେମନ୍ତ ହେ ଇ । ଦେଖ ଚନ୍ଦ୍ରଶାଳ ପ୍ରତିମା ମ ନ । ସତ୍ତାର ହୋଇ କୃଷ୍ଣଚନ୍ଦ୍ରଙ୍କ ସେଠାରେ ଅଛନ୍ତି । ଭଲକରି ଚିହ୍ନ । ଏ କୃଷ୍ଣଚନ୍ଦ୍ରଙ୍କୁ ପାଦପଦ୍ମ ରାଧାଙ୍କ ନାଟମନ୍ଦରେ ବିଜେ କରଇ । ନିତି ଦରଶନ କରଛ ଦରଶନ କରନ୍ତି । ଏ ପ୍ରଭୁଙ୍କ ରୂପ ଚିହ୍ନି ଦିନ ହରନ୍ତି । ଜାଣିଲୁ ଛ ତୁମ୍ଭ ଠ କୁବଣୀଙ୍କ ସେବ ରେ ବିଶ୍ୱ ସ ନାହିଁ । ତୁମେ ଏ ନୀଳା ଜାଣିମ କାହିଁ । ହୁତି ତୁମ୍ଭଙ୍କୁ କହିଲଇ ।

ତଦନ୍ତରେ — ସେ ନୃପନନ୍ଦନୀ ଯେତେର କାନ୍ତେ ହେଲେ ମାନିନୀ । କେହି ତ ନ କହ ମନ ଘେନି । ତହିଁ ତୁମ୍ଭ ଦ ସା ମୁଦୁସୁଲୀ । ସଭିଏଁ ଗୁଆଁର । ପଦ୍ମିନୀ ସ୍ତିରୀକି ପତି କାହିଁ ଚନ୍ଦ୍ରସେଣ କୁମ ର । ଉଟକୁ କାହିଁ ଦାରକ୍ଷ ଫଳ । ମର୍କଟର ଗଳ କୁ କି ଜାତି କୁସୁମର ମାଳ । ଜଳଚର ମଧ୍ୟରେ ପଦ୍ମ ବିକାଶ ହେଲେ ଭ୍ରମର କରଇ ଭୋଗ । ନେତ ହସ୍ତେ ରହି ଥିଲେ ହେ

Digitized by PPRACHIN, SOA

ଦେବକୁ ଯୋଗ । ଏହା ତ ତୁମ୍ଭେ କେହି ନ ଜାଣ । ଚନ୍ଦ୍ରସଖା ଗୁଣଅଳକୁ ଦେଖି ବେଲି ଘେନ । ଏ କି ହୁଅଇ । ସଖି କୃଷ୍ଣ ବେନି ଅଙ୍ଗ ଭିନ୍ନ ନୁହଇ । ଯେ ଯହା ଶେଷ ବେଳକାଳେ ପଇ । ସିଂହ ବଳି କି ଶୃଗାଳ ଗ୍ରହି । ତୁମ୍ଭମାନଙ୍କ ଅବିବେକ ଦେଖି ଚନ୍ଦ୍ରଶାଳା ଉପେକ୍ଷି ପ୍ରତିମାମାନେ ଅଇଲେ । ଏ କୃଷ୍ଣଚନ୍ଦ୍ରଙ୍କ ସେବାରେ ବୃକ୍ଷମାନଙ୍କେ ବେଢି ରହିଲେ । ଦେନେ ଭ୍ରମିବାରେ ମତ ଆନ୍ତର ପାଦେ କଣ୍ଟକ ମାଇଲେ । ଅଂକରେ ପ୍ରିୟାମାନଙ୍କ ନାମ ଧରି ମୁରଲୀରେ ପଢିଲେ, ଆକୁଳେ ପ୍ରିୟା ନାମ ।

X x X

(ଏଠାରେ ମୂଳ ପୋଥିର ଗୋଟିଏ ପତ୍ର — ୯୧ ପତ୍ର ନଷ୍ଟ ହୋଇଯାଇ ଥିବାରୁ ତାହାର ବିଷୟବସ୍ତୁ ଦିଆଯାଇ ପାରିଲା ନାହିଁ । ତେଣୁ ଛକି ଚିହ୍ନ ଦିଆଯାଇଛି ।)

ସେ ଚିହ୍ନକୁ ଗ୍ରହିଲା । ଦେଖି ଆଶ୍ଚର୍ଯ୍ୟ ପାଇଲା । କଣ୍ଠ ଗଦ୍‌ଗଦେ ସ୍ତୁତି କଲା ।

ଶ୍ଳୋକଃ — ବନ୍ଦେନ୍ଦ୍ରକୁଶ ଯବ ଧ୍ୱଜଚକ୍ରରେଖା
ସ୍ୱସ୍ତି ତ୍ରିକୋଣ ପବି ଲକ୍ଷିତ୍ର ଦକ୍ଷିଣାଙ୍ଘ୍ରି
ଶଙ୍ଖ ତ୍ରିକୋଣ ଧନୁ ଶମ୍ବର ମତ୍ସରେଖା
ବିନ୍ଦୁଚନ୍ଦ୍ରର୍ଦ୍ଧ ଗୋଷ୍ପଦ ଘଟାଙ୍କିତ ବାମପାଦଃ ।

କଥା — ବନ୍ଦନା କରୁଛି, ରେଖା ଅଙ୍କୁଶ, ଯବ, ଧ୍ୱଜ, ଚକ୍ର, ପଦ୍ମ, ସ୍ୱସ୍ତିକ, ଅଷ୍ଟକୋଣ, ବଜ୍ର ଏ ନବଚିହ୍ନ ତୁମ୍ଭ ଦକ୍ଷିଣ ଚରଣ ତଳେ । ବିନ୍ଦୁ, ତ୍ରିକୋଣ, ଧନୁ, ଶମ୍ବର, ମତ୍ସରେଖା, ଅର୍ଦ୍ଧଚନ୍ଦ୍ର, ଗୋଷ୍ପଦ, କୁମ୍ଭ ଏ ନବଚିହ୍ନ ତୁମ୍ଭ ବାମ ପାଦତଳେ । ଏ ରୂପେ ଅଷ୍ଟାଦଶ ଚିହ୍ନ ଦେଖିଲି ତୋତେ । କରେ ଛୁଇଁଲି କେବଣ ପୁଣ୍ୟବଳେ ।

କେବଣ ମହାପୁରୁଷ ହୋଇଛ ଏ ରବି ତଳେ । ମୋତେ ସ୍ୱରୂପ କହ । ତୁମ୍ଭେ ତ ନିକୃଷ୍ଟ ଆନ କୁମତ ନୁହ । ଗ୍ରହିଲା ମାତ୍ରେ ମନକୁ ମୋହ କିଶୋର ବୟସ । ....ଦେହ । ରାଧା ଅନରୂପେ ବର ପଣେ ଶୋହ । କେବଣ କାରଣରେ ଏ ବନରେ ରହ । ନିଶ୍ଚେ ଜାଣିଲି ଯୁବତୀରେ ଦୟା ବହ ।

ତଦନନ୍ତରେ—ସେ ନର୍ମଦାର ଶ୍ରଦ୍ଧାନୁରାଗ ଦେଖି କଷ୍ଣେ କହିଲେ, ହେ କାମିନି । ତୁନେ ବୁଲନ୍ତେ କଣ୍ଟକ ଲାଗି ଚରଣ ଭିନ୍ନା ଭିନ୍ନ । ତୁମ୍ଭେ ତାହା କି

Digitized by PPRACHIN, SOA

ନ ଚିହ୍ନ ବୋଲି ଚିହ୍ନ । ଅନ୍ୟେ ତ ନ ଜାଣି । ଜାଣିଥିବେ ଅବା ତୁମ୍ଭ ଠାକୁ-ରାଣୀ । ଏବେ ତୁମ୍ଭ କର ଲାଗନ୍ତେ ବେଦନା ତୁଟିଲା । ତୁମ୍ଭ ମନ ଦେଲେ ଆମ୍ଭ ବେଦନା ତୁଟିବ । ଆମ୍ଭ ପାଇ କ୍ଷଣେ ଫୁଟିବ । ନୋହିଲେ ମଦନ କୁସୁମ କାଣ୍ଡେ କୁଟିବ । ପ୍ରାଣ ବାନ୍ଧବୀ ଅଛୁବେ ଏ ତନୁ ଅନୁନୀରେ ଲେଟିବ । ତଦନନ୍ତରେ—

× × ×

(ଏଠାରେ ମୂଳ ପୋଥିରେ ୫ଟି ପତ୍ର — ୯୩, ୯୪, ୯୫, ୯୬ ଓ ୯୭ ପତ୍ର ନଷ୍ଟ ହୋଇଯାଇ ଥିବାରୁ ତାହାର ବିଷୟବସ୍ତୁ ଦିଆଯାଇ ପାରିଲା ନାହିଁ । ତେଣୁ ଛକି ଚିହ୍ନ ଦିଆଯାଇଛି ।)

ରାଧା ବୋଇଲେ, ଆଗୋ ନର୍ମଦେ, ଏତ ନନ୍ଦକୁମର ହାଦେ । ଦେଖ ଦେଖ ଗୋପବଧୂମାନେ ବାଟକୁ ଚାହୋଟି ଆସିଅଛନ୍ତି । ....କହୁଅଛନ୍ତି । ତଦନ୍ତରେ — ଏମନ୍ତେ ରାଧା ପଚୁରିଲେ । ନିଜ ମନ୍ଦିରେ ମିଳିଲେ । ମୋହୋର ଯେ କାନ୍ତ, ସୋମବଂଶେ ଜନ୍ମ ତ । ତଦନ୍ତରେ— ଏମନ୍ତ ବିଗ୍ରହି ନୃପକୁମାରୀ କାଳ ଅନୁସରି ରହିଲେ । ....ଇଲେ । ଯେତେ ଚରିତ ବୃଷ୍ଣନନ୍ଦନକୁ କହିଲେ । ତଦନ୍ତରେ — ଏମନ୍ତେ ଶ୍ରୀକୃଷ୍ଣ ଏକାନ୍ତେ ଦାମ ମିତକୁ ଭାଳିଲେ । ନର୍ମଦା କହନ୍ତି ଚରିତ କହଲେ—...........

ତ, କରିଅଛନ୍ତି ଦୃଢ ବ୍ରତ । ଲଭି ନ ପାରିଲୁ ତ ମନକୁ ଝଟଲୁ । ନର୍ମଦା କହନ୍ତେ ତାଙ୍କର ଅନୁରାଗ ନୋହିଲା । ନିଷ୍ଠେ ମଦନ ମୋତେ ଦାବା-ନଳେ ଦହିଲା । ତ, କୃଷ୍ଣଚନ୍ଦ୍ରଙ୍କୁ .... ଦାମ କୁମର କହିଲେ, ଖେ ମତ ଖେଦ ନ କର । ଏଥି ଅଛି ବହୁତ ବିଗ୍ରହ । ହେତ ନୃପନନ୍ଦିନୀ ଅଟଇ । ଦାଣ୍ଡ ବୃରିକାଣ୍ଡୀ କଥା କି ମନକୁ ଖଟାଇ । .... ଶରେ ଘର ହୁଅନ୍ତି । ଗୁପତ କଥା ଯାଚିହୋଇ କହନ୍ତି । ଯାହା ପାଖେ ଥାନ୍ତି ତାହାରି ହୋଅନ୍ତି । ଏମନ୍ତ ଠାରେ କି ଚତୁରମାନେ ହୃଦୟ କହନ୍ତି । .... ଅଛ । ସେ ଚନ୍ଦ୍ରମୁଖୀକି ଲଭିବ ଖେଦ ନ ପାଅ । ଦୁଇ ଚାରିଦିନ ସହ । ଏମନ୍ତ ବୋଲି ବିଚିତ୍ରା ମାଲୁଣୀ ଦ୍ୱାରକୁ ଗଲେ । ଫୁଲଗୁମ୍ଫା ଠାରେ .... ମାଲୁଣୀ ପିଣ୍ଡାରେ ବସିଛି । ପଶୁଚି ମସିଣା ପାଡ଼ିଛି । ଅଙ୍ଗେ କୁଙ୍କୁମ ଚନ୍ଦନ ଘଷିଛି । ଝୀନ ପଟନୀ ପିନ୍ଧିଛି । କବେରୀ ଯତନେ ବାନ୍ଧିଛି ।

× × ×

(ଏଠାରେ ମୂଳ ପୋଥିର ଦୁଇଟି ପତ୍ର — ୯୯ ଓ ୧୦୦ ପତ୍ର ନଷ୍ଟ ହୋଇଯାଇ

Digitized by PPRACHIN, SOA

ଥିବାରୁ ତାହାର ବିଷୟବସ୍ତୁ ଦିଆଯାଇ ପାରିଲା ନାହିଁ । ତେଣୁ ଛକି ଚିହ୍ନ ଦିଆଯାଇଛି ।)

ଏଥିରେ ପୁରୁଷଙ୍କ ଢୁକିଲେ ରହିଁଲେ ଦୋଷ ଅଛି । ଏମାନଙ୍କୁ ସ୍ୱୋର୍ଣ୍ଣ ଜଳ ଦ୍ରବ୍ୟରେ ଏହି କାଳମ ନରେ ଦେଷ ଲେଛି । ଏମନ୍ତ ଜାଣି ସେ ସୁନ୍ଦରୀ ସକଳ କାମନା ଇଚ୍ଛା । ଯନ୍ତ୍ରରେ ବିଷ୍ଣୁଦେବଙ୍କୁ ଦର୍ଶନ କଲା । ଏଥିକି ଦୁଟିତ ଇଚ୍ଛା । ଏମନ୍ତ ବେଳି ବିଚିତ୍ରା ବଚନେ ବୋଧିଲା । ରୂପ ନିରେ- ପନନ୍ତେ ମଦନ ବଧିଲା । ତଦନ୍ତରେ — ଶୁକ୍ତି ଦୁଳ ମତ ମତନ ହୋଇଲେ । ମାଳ ଖଣ୍ଡେ ଝଣ୍ଟି ଯେ ଦେଲା । ସେଦିନ ଘେନି ଅଇଲେ । ଆର ଦିନ ହିଁ ତ ଧା ଦୁଆନକୁ ଚଲେ । ଦେଖି ବିଚିତ୍ରା ବେ ଲୁଅଛି । କଳି ତ ମାଗି ନେଇ- ଅଛ ମାଳ । ପୁଷ୍ପି ଧଇଅଛ ମଲିର ଦ୍ୱାର । କଳି ଫୁଲ କି ଅତକୁ ହେଉ । ଏ ପୁଷ୍ପ ତୁମ୍ଭର କେଉଁ ଆଗ୍ରହ । ଫଳ ସ୍ୱାଦୁ ହୋଇଲେ କି ଫଳ ମୂଳ ଖାଇ । ଅମୃତ ହେଉଛଲ କି ନଦୀପକ ପଛ । କଳି ତ ଅଛଲ । ବିନୟ ହୋଇ କହିଲ । ଭିଆଣ ଫୁଲରୁ ମାଳ ଦୁଇଖଣ୍ଡ ପଇଲ । ଆଜ ପୁଣି କିମ୍ପା ଅଇଲ ।

ନଦନ୍ତରେ — ଏମନ୍ତ ଶୁଣି କୁମର ବୋଇଲେ ଦିନକେ ପ୍ରୀତି ନୁହଇ । କଳି ଫୁଲ କି ଆଜକୁ ବଢ଼ଇ । ଗଭୀର ଠାରେ ଯେ ପାଣି ବହଇ । ମତ୍ତକୁ ଉପଯୁକ୍ତ ହେଲେ କି ଦୂର କରି ଦିଅଇ । ଯ ଚଞ୍ଚା ହେଲା ଲୋକକୁ କେ ଦୂର କରି ଦିଅଇ । ନିରଶ କହଇ । ସେ ବିଚିତ୍ର ମୋହନ ବଚନ ଶୁଣି ମୋହନ ହେଲ । ବସିବାକୁ ଦିବ୍ୟ ଆସନ ଦେଲା ।

ତଦନ୍ତରେ — ସେ ବିଚିତ୍ରାକୁ କୃଷ୍ଣଚନ୍ଦ୍ର ଅଇ ଲେଖା କଲେ । ନାନା ଅଳଙ୍କାର ଦେଲେ ।

ତଦନ୍ତରେ — ଏମନ୍ତେ ସେ ମାଲୁଣୀ ତାଟ ଗୃହଦ୍ୱାରେ ଷଡ଼ଋତୁରେ ଫୁଲ ଅଛି । ନନ୍ଦନ ବନ କୁସୁମ ବାସକୁ ନ ଗଣ୍ଠି । ଯେତେକ କୁସୁମ ଯୋଗାସ ଠାକୁରାଣୀକି ମନ ଇ । ତଦନ୍ତରେ — ସେ କିସ ଫୁଲ ଅଛି । ଜାତି, ଯୂତି, ମଲ୍ଲୀ, ମାଳତୀ, ଧତୁରୀ, କଞ୍ଚଣ, ତଗର, ଉଶର, କୁନ୍ଦ, କାମୋଦ, କୋକନଦ ପଦ୍ମ, ନିଆଳୀ, ଗଙ୍ଗଶିଉଳି, ପାଟଳି, ଇଟ, ଅୟୋଳା, ପାରିଜାତକ, ମନ୍ଦାର, କନ୍ୟର, ଛୁରିଅନା, ବକୁଳ, ଚମ୍ପା, ଶିରୀଷ, କେତକୀ, ବୁଝବାଣ, ସୁବର୍ଣ୍ଣ ବାଣ, ବାସନ୍ତୀ ଦାନ୍ତ; ମାଧବୀ, ନାଗେଶ୍ୱର, ଅପର ।

× × ×

Digitized by PPRACHIN, SOA

(ଏଠାରେ ମୂଳ ପୋଥିର ଦୁଇଟି ପତ୍ର — ୧୦୨ ଓ ୧୦୩ ପତ୍ର ନଷ୍ଟ ହୋଇ ଯାଇଥିବାରୁ ତାହାର ବିଷୟବସ୍ତୁ ଦିଆଯାଇ ପାରିଲା ନାହିଁ । ତେଣୁ ଛବି ଦିଆଯାଇଛି ।)

ତହିଁକି ଯାଇ ଉହାଡ଼ ତ ମିଳୁ । ସେ କୁସୁମ ଗନ୍ଧ ବିଚିତ୍ର ଦେଖି ପୁଚ୍ଛିଲେ । ଯେତେ କହିଲେ ମୋ ଗୁନ୍ଥା ବୋଲି ପରତେ ନ କଲେ । ମୁଁ ପୁଣି କଥା ଏବେ କହିଲି । ମଧୁପୁରୁ ମୋ ନାତୁଣୀ ଆସିଛି ବୋଇଲି । ଶୁଣି ହେମାଂଦେଇ ଶରଧା ପାଇଲେ । ତୋ ନାତୁଣୀକି ଘେନି ଆସ ଦେଖିବା ବୋଇଲେ । କି କି ଫୁଲ ଗୁନ୍ଥଇ ଦେଖିବା, ମାଳ ଗୁନ୍ଥି ଶିଖିବା ।

ତେଣୁ ଏବେ — ସେ ହେମାଦେଇଙ୍କ ବଚନ ନିରଧାର । ଆଜ୍ଞା ନିରଧାର । ଯାହା କହନ୍ତି ସେ ପାଷାଣ ଗାର । ସେ ଆଜ୍ଞାକୁ ନାତୁଣୀକି ନେବି ଅଇଲି । ପଡ଼ରେଖ ଏବେ କାହିଁ ନେହିଲି । ଆନ କୁମରୀ ଯେବେ ନାତୁଣୀ ବୋଲି ନେବି । ଅନ୍ତଃପୁରେ ହେମଦେଇକି ଭେଟାଇବି । ତୁମ୍ଭେ ଯୁବତୀ ବେଶ ଗହିବ । ଏ କୁମାର ବେଶ ଲୁଚିବ । ଅଙ୍ଗେ ଘେନ ତାଇ ଶାଢ଼ୀ ବସନ ପିନ୍ଧିବ । କେଶ ଖୋସା ଆକାରେ ବାନ୍ଧିବ । ଦେଖ ବେଡ଼ ନାସା ହୋଇଛି ଫେଡ଼ା । ମୁକୁତା ତହିଁରେ ଦିଶଇ ଡୋର । ଓଢ଼ଣୀ ଦେଇ ହିଡ଼ା ହୋଇଲେ ଦିଶିବ ସାକ୍ଷାତ ଅନୂପ ବୟସ ଯୁବତୀ ପରା । କଟିର ବହିବ ବ ହି ଚଟିଏ ସୁରଙ୍ଗ ଅଳତା ଲିହି । ନାରୀ ବେଶ କରି ତୁମ୍ଭଙ୍କୁ ନେବି । ହେମଙ୍କୁ ଭେଟାଇ ଘେନି ଆସିବି । ଯେବେ ତୁମ୍ଭେ ନ ସ୍ତି କରିବ ମୋହୋର ଅନ୍ୟଗତି ନାହିଁ । ତୁମ୍ଭ ଆଗେ କହୁଅଛି କୁସୁମ ମାଳ ଛୁଇଁତ, ଏମନ୍ତ ଶୁଣି କୃଷ୍ଣ ନ ବଡ ଆନନ୍ଦ । କହିବାରେ ଆନନ୍ଦ । ବୋଇଲେ ଆଗୋ ବିଚିତ୍ରା, କହିଲୁ ଦୁଃସେତୁ ବାରତା । ପୁରୁଷ କାହିଁ ହୋଇବ ବନିତା । ପୁରୁଷ ଯେବେ ସ୍ତ୍ରୀ ବେଶ ଧରଇ, ତେବେ ତ ହାର ସବୁ ଦୂରିତ ହରଇ । ମୋତ ରାଜକୁମାରୀ ପୁର । ଅନ୍ୟ ପୁରୁଷ ନ ଯାଇ କୋଶେ କେ ଶେ ଦୂର । ଦ୍ୱାରେ ଆକଟ, ପୁରୁଷ ପଡ଼ିଲେ ତହିଁ ତାର ମୁଣ୍ଡକାଟ । ଯହିଁ ଏତେ ସଙ୍କଟ, ତହିଁକି ଆମ୍ଭେ ରାଜକୁମାର ଆମ୍ଭେ କିମ୍ପା ଯିବୁ ।

X X X

(ଏଠାରେ ମୂଳ ପୋଥିର ୮ଟି ପତ୍ର — ୧୦୫ରୁ ୧୧୨ ପର୍ଯ୍ୟନ୍ତ ପତ୍ର ନଷ୍ଟ ହୋଇ ଯାଇଥିବାରୁ ତାହାର ବିଷୟବସ୍ତୁ ଦିଆଯାଇ ପାରିନାହିଁ । ତେଣୁ ଛବି ଚିତ୍ରୁ ଦିଆଯାଇଛି ।)

Digitized by PPRACHIN, SOA

ମନ ବୁଦ୍ଧି ଚଇତନ ମୋହୋର ତାଙ୍କ ଠାରେ ରହିଲା । ହୃଦୟ କାମ ଅନଳେ ଦହିଲା । ସେ ସୁନ୍ଦରୀ ଲାଗି ମୋ ତନୁ ଏ ଦୁଃଖ ସହିଲା, ଦେଖିବା ମାତ୍ରେ ମନ ମୋହିଲା । ସବୁରି ହୃଦୟ ରହିଲା । ମନକୁ ତା ଅଞ୍ଚଳେ ବାନ୍ଧିନେଲା ।

ତଦନ୍ତରେ— ଏମନ୍ତ ଶୁଣି ସେ କାମସେଣୀ କହିଲା । ସେ ମାୟା ତରୁଣୀ ତ ସବୁରି ମନ ମୋହିଲା । ମୋତେ ସେ କପଟ ପ୍ରାଣ ଦିଶିଲା । ସ୍ତ୍ରିରୀ ଲକ୍ଷଣ ତ ନାହିଁ, ପୁରୁଷ ପ୍ରାୟେ ଗମନ ଦିଶଇ । ସେ ଯେବେ ମାଳି ଝିଅ ହୋଇଲା, ଅମୋହ ତତକି ସେ କାହୁଁ ପାଇଲା । ଏ ତତକି ତ ରତ୍ନ ଦୀପ କରି ଛାମୁରେ ରଖିଥିଲେ । ଦୋଳ ଯାତ୍ରେରୀ କାଳେ ଦର୍ଶନ ବେଳେ ତ ସମସ୍ତେ ଦେଖିଲୁଛ । ଏ ରତ୍ନ ପାଇବାକୁ ତ ବହୁତ ଯତ୍ନ କଲୁଁ । ତେବେ ତ ଏ ତତକି ନ ଦେଲେ । ଆମ୍ଭ ଦେଖି ଦେବୁ ବୋଲି ଦୃଢ଼ କହିଥିଲେ । ଏବେ ଏହୁ କାହୁଁ ପାଇଲେ । ପ୍ରଥମ ଭେଟ ନ ଦେଇ ପ୍ରାତେ ଦେଇଗଲେ । ମୋହ ମନକୁ ତ ଏ ମାୟା ପରାୟେ ଅଇଲା । ତୁମ୍ଭ ରୂପ ଦେଖି ତରୁଣୀ ବେଶେ ଆସିଲା । ତୁମ୍ଭ ରୂପ ଦେଖିଲା ।

ତଦନ୍ତରେ — ଏମନ୍ତ ଶୁଣି ରାଧା ବୋଇଲେ ଶୁଣ ସଖି ସେ ତ ଜଗତ ମୋହିନୀ କାମେନୀ ।

× × ×

(ଏଠାରେ ମୂଳ ପୋଥିର ୧୧ଟି ପତ୍ର— ୧୧୪ରୁ ୧୨୪ ପର୍ଯ୍ୟନ୍ତ ନଷ୍ଟ ହୋଇ ଯାଇଥିବାରୁ ତାହାର ବିଷୟବସ୍ତୁ ଦିଆଯାଇ ନାହିଁ । ତେଣୁ ଛକି ଚିହ୍ନ ଦିଆଯାଇଛି ।)

ଏଣେ କି ଶବଦ ଶୁଭଇ । ଶ୍ରବଣେ ଶୁଣି ତନୁ କମ୍ପଇ । ତୋର ତୁଠେ ମିଳିଲି ବଣା ହୋଇ । ପଥ କଉ ଦିଗେ ଦେଉକିନା କହି । ସେ ନେଡାଇ ଗର୍ଧୁଣୀ ଗୋଟି ତୁଠେ ବାନ୍ଧ । ତାହା ମୁଖକୁ ଚାହିଁ କାନ୍ଦି, ବୋହୁଗୁଣ ବନ୍ଦି । କରୁଣା ବଚନ ଶୁଣି ବୋଇଲା, ଆଗୋ କରୁଣା, ତୁହି ହେଲୁ ବଣା । ଏବେ କହୁ ନ ସରଇ ମୋହର କହଣା । ଦେଖ ଆଗୋ ମୋହର ବହୂ । ଦେଖି ତୁ ପହଡେ ରହୁ । କେତେ ପିରତୀ କହୁ । ଆଜ ଯେ ତୁଠରେ ଏକା ହୋଇଥିଲୁ । ନନ୍ଦରାଜା ବଳା କି କହିଲା । ଏ ତାହା ନ ସହିଲା । ଗାଳି ଦେଇ ବୋଇଲା । କି କି କରି ଏହା ନାମ ମୁରଲୀରେ ବାଇଲା । ତେତେବେଳୁ ଦେଖଲେ ମା, ମୋ ବହୂ ଗର୍ଧୁଣୀ ହୋଇଲା । ଖାଲୁ ଖାଲୁ ମୋର ଦିନ ନ ସରଇ । ଏତେ ଅନ୍ୟାୟ ସେ ନନ୍ଦପୁଅ କରଇ । ଭଲ ଘରେ ..... ନ ରହଇ । କାହାକୁ କହିବି । କେ

Digitized by PPRACHIN, SOA

ଶୁଣିମ । ଏ କଥା କେ ସତ କରି ମଣିମ । ତୁ ଏବେ ଏଥକୁ କର ସଙ୍କୋଳା, ନନ୍ଦକୁମର ନ ଦେଖୁ ବ୍ୟେଗ ହୋଇ ପଳା ।

ତଦନ୍ତରେ— ଏମନ୍ତ ଶୁଣି ଯେ କରୁଣା ଗଧୁଣୀକି ରୁହିଁ । ଗଲେ ହାଥ ଦେଇ । ମନେ ଭୟ ପାଇ । କଷ୍ଟେ କଷ୍ଟେ ଯାଇ । ଭୁବନେ ନଳିଲା । ଦେଖି ଯୁବ୍ବତୀଗଣ ତୋଳି ଧଇଲେ । ମୁଖେ ଶୀତଳ ଜଳ ସିଞ୍ଚିଲେ । ଧୀରେ ଧୀରେ ବିଞ୍ଚିଲେ । ସଚେତ କରି ପୁଛିଲେ । କି ଗୋ କରୁଣା ! ପାଣି ଆଣି ଯାଇ କଲୁ ତ ଲୋକହସା । କରୁଣା ବୋଲଇ ଗୋ ଶୁଣ । କେହି ଆନ ଆନ ହୋଇ ନାହିଁ ନା ପୁଛ । ଆଗୋ ଯମୁନା କୂଳରେ ଦେଖିଲି ଯାହା । ଏକମନେ ଶୁଣ ତାହା, ନେତାଇ ଧୋବଣୀ ବୋହୂ ଚଞ୍ଚଳା ସେ ନବ ଧୁନ୍ଦରୀ ବାଳା, ତାର ତୁଠେ .... ।

X X X

(ଏଠାରେ ମୂଳ ପୋଥିର ଦୁଇଟି ପତ୍ର — ୧୨୬ ଓ ୧୨୭ ପତ୍ର ନଷ୍ଟ ହୋଇ ଯାଇଥିବାରୁ ତାହାର ବିଷୟବସ୍ତୁ ଦିଆଯାଇ ପାରିଲା ନାହିଁ । ତେଣୁ ଛକି ଚିହ୍ନ ଦିଆଯାଇଛି ।)

ଏମନ୍ତ ଶୁଣି ଅବନୀ ଆନନ୍ଦ ହୋଇଲା । ଦେବଗଣ ସାନନ୍ଦ ହେଲେ । ଏମନ୍ତ ବାଟେ ଶୁଣି ନାରଦ ମୁନି କହିଲେ — ତୋ ଭଗ୍ନା ସଂଯେ ଗେ ମରିବୁ ବୋଇଲେ । ଶୁଣି କଂସ ଭୟେ କଲା । ଦେବକୀ ବସୁଦେବକୁ ବନ୍ଦୀ କଲା । ଅମ୍ବା ସମାନେ ସେବକ ଜଗାଇଲା । କୁମର ଜନ୍ମ ହେଲେ କଂସ ନିଅଇ । ଶିଳାରେ କଚ୍ଚଡଇ । ଏମନ୍ତେ ଛଅ ବରଷେ ଛଅ ପୁଅ ନାଶିଲା । ଏମନ୍ତେ ସପ୍ତମ ଗର୍ଭ ହେଲା । ସେ ଗର୍ଭ ବିଧାତା ଦେବୁକୀ ଠାରୁ ନେଇ ରୋହିଣୀ ରୋହିଣୀ ଗର୍ଭେ ଦେଲା । ସେ ଅସିଟ ନନ୍ଦ ଘରେ ରହିଲେ । କାଳେ ପୁତ୍ର ପ୍ରସବିଲେ । ସେହିଟି ସଙ୍କର୍ଷଣ ବୋଲି ନାମ ବହିଲେ । ପୁଣି ଦେବକୀ ଅଷ୍ଟମ ଗର୍ଭ ହେଲା । ଭାଦ୍ରବ କୃଷ୍ଣ ଅଷ୍ଟମୀ ନିଶିରେ ବନ୍ଦୀ ଘରେ କୁମରେ ପ୍ରସବିଲା । ବିଚକ୍ଷଣ ଦେଖି ପିତା ସତ୍ତ୍ର ଅର୍ଦ୍ଧେ ଘେନି ଅଇଲା । ଗୋପେ ଯଶୋଦା କୋଳେ ଥୋଇଲା, ସେହି ରାତ୍ରେ ଯଶୋଦା ଦୋହିତାଏ ପ୍ରସବି ଥିଲେ । କୁମରକୁ ରଖି ଦୋହିତାକୁ ପାଲଟାଇ ଆଣି ନେଲେ । କଂସ ରଜାକୁ ଦେଲା । ସେ କଂସାସୁର ଦୋହିତକୁ କଚ୍ଚଡନ୍ତେ ଶୂନ୍ୟେ ବିଜୁଳି ଭିଣିଗଲା । ଶବଦେ ଶୁଭିଲା, ତୋର ଶତ୍ରୁ ଯେ ଗୋପପୁରେ ଜାତ ହେଲା । ତୋର ମରଣହିଁ ନିକଟ ହୋଇଲା ।

Digitized by PPRACHIN, SOA

ତଦନନ୍ତରେ— ଏମନ୍ତ ଯେ କୁମାରୀ ବାଣୀ ଶୁଣି ଉଦୟ କଲା । ସେହି ଦିନୁ ଗୋପକୁ ଅହନ୍ତା ବଢ଼ିଲା । ଗୁପତେ କୁମାର ନାଶିବ ରେ ଅନେକ ଅଦ୍ଭୁତ ପେଖିଲା । ମାରି ଅଛନ୍ତି ଲୋକେ ମରନ୍ତି । ସୁଖେ ଏ ଗୋପଲୋକେ ବଞ୍ଚନ୍ତି । ଏମନ୍ତ ଶୁଣି ଭେମାଦେଈ ପୁଚ୍ଛା କଲେ, ଗୋ ସଜନି । ତୁମ୍ଭେ ଏତେ ଗୁପତ କଥା କେମନ୍ତେ ଜାଣ ଜାଣି । ଦୂତୀ ବୋଇଲେ—ଯେ କୃଷ୍ଣ ନ ଯୋଉ ଦିନେ ନନ୍ଦ ଘରେ ଜନ୍ମ ହୋଇଲେ

× × ×

(ଏଠାରେ ମୂଳ ପୋଥିର ୯ଟି ପତ୍ର — ୧୨୯ରୁ ୧୩୭ ପର୍ଯ୍ୟନ୍ତ ପତ୍ର ନଷ୍ଟ ହୋଇ ଯାଇଥିବାରୁ ତାହାର ବିଷୟବସ୍ତୁ ଦିଆଯାଇ ପାରିନାହିଁ । ତେଣୁ ଛକି ଚିହ୍ନ ଦିଆଯାଇଛି ।)

ବିହି ବଶେ ନଳସଖା ଦମନ୍ତୀଙ୍କି ଭେଟିଲା । ନିଜ ରୂପ ଗୋପ୍ୟ କଲେ । ତେବେ ଯେ ପତିବ୍ରତା ଦମନ୍ତୀ ନଳରଜାଙ୍କୁ ଲଭିଲେ । ଆନ ପୁରୁଷେ ଚିତ୍ତ ନ ଦେଲେ ।

ରାଧା ବୋଲନ୍ତେ ଶୁଣ ସଖି, ମୁଁ ଏହି କଥାକୁ ଭୟ କରି । ସୁନ୍ଦର ନ୍ରୁବ୍ରତୀ ସବୁରୀ ରହିଲା । ଅହଲ୍ୟାକୁ ଦେଖି ଇନ୍ଦ୍ର ଲୋଭ କଲା । ମୁରୁଛି ନ ପାରି ନିଜ ପତି ରୂପ ଧରି ହରିଲା । କାଳେ କଳଙ୍କ ଦୂଷଣ ରହିଲା । ମୁଁ ସେହି କଥାକୁ ଡରେ । କାହାରି ବୋଲ ନ କରେ । ଏବେ ଶୁଣ ସଖି, ମୋ ବିଭା କାଳେ, ମଧୁଚନ୍ଦ୍ରଶଯ୍ୟା ବେଳେ, ମୋ କାନ୍ତ ପଣନ୍ତେ ଲୋତକ କଳଙ୍କ ତୀଷ ଲକ୍ଷ ଦେନି ଶ୍ଳୋକ ଗୋଟିଏ ଲେଖିଲେ । କରୁ ମୁଦି ରଖିଲେ । ସେ କାହିଁ ଗଲେ । ମୁଁ ନିଦ୍ରା ଭେଟି ରହିଲି । ଏକ ଶ୍ଳୋକ ମଞ୍ଜୁ ମୁଦି ଝଞ୍ଜେଳ ଦେଖିଲି । ପରନ୍ତୁ ତେ ପାଦପଦ୍ମ ଚିହ୍ନ ଦେଖିଲି । ସେଦିନୁ ଏ ତିନି ସନ୍ତକ ମୁଦି ରଖିଲି । ଏତେ ବେଳି ଭେମାଦେଈ ମୁଦ ଫେଇ ହେମ ସମ୍ପୁଟ ଭିତରୁ କାଢ଼ିଲେ । ମଦନାବତୀକି ଦେଖାଇଲେ । ସେ ଶ୍ଳୋକରୁ ଦୁଇପାଦ ପତ୍ର ଝଣ୍ଟିକେ ଲେଖିଥିଲେ । ତେବେ ଲେଖ ନ କର ଗ୍ରାହ୍ୟଂ ସଧାଙ୍ଗନା ଭଯ୍ୟ ଭାବିନୀ । ଏ ଦୁଇ ପାଦ ଲେଖି ହସ୍ତେ ଦେଲେ । ସେ ପାହା ମୁଦି ଏଂ ପିଲେ । ବୋଇଲେ ଶୁଣ ସଖି, ଏ ଗୋ ପନସ୍ତ ବୁଲିବୁ । ଏ ଶ୍ଳୋକ ଦୁଇ ପାଦକୁ ଯେ ଆଉ ଦୁଇ ପଦ ବୋଲିବ । ଏ ମସ୍ତଂ ମୁଦି ସମର୍ପିବ । ଏ ଯେତେବ ମୋହୋର ବୋଲି ବେ ଲିବେ । ତାଙ୍କୁ ମେ ହୋର କାନ୍ତ ବୋଲି ଜାଣିମ୍ଭ । ଏମନ୍ତ ସଙ୍କେତ ଘେନି ଯେ ମଦନାବ୍ରତୀ ବାମନୀ । ହରଷ ହୋଇ ହୁରୁଁ ବ ହାର

Digitized by PPRACHIN, SOA

ହେଲା । ଚଉଦିଗେ ବୁଲିଲା, ଯହିଁ ସାତ ପାଞ୍ଚ ଗୋଷ୍ଠୀ, ସେହିଠାରେ ଶ୍ଳୋକ ଦୁଇପାଦ ପଢଇ ବିମ୍ବୋଷ୍ଠୀ । କେହି ତହିଁକି ପ୍ରତି ଉତ୍ତର ନ ଦିଅନ୍ତି । ସେ ସୁନ୍ଦରୀ ଲାବଣ୍ୟ ବଦନ । ନୟନ ପଥେ ପଶଅନ୍ତି । ଏମନ୍ତେ ବହୁତ ଭ୍ରମିଲା । ମନ୍ତ୍ରବଳେ ଗମିଲା । କାହିଁ ନ ଦେଖି ମରିବ ମନ କଲା । ବିଧିରଇ ସେ ବୃଷଭାନୁ ନନ୍ଦିନୀ ମୋ ପ୍ରାଣ ସଜନୀ ।

× × ×

(ଏଠାରେ ମୂଳ ପୋଥିର ୫ଟି ପତ୍ର — ୧୩୯ରୁ ୧୪୩ ପର୍ଯ୍ୟନ୍ତ ପତ୍ର ନଷ୍ଟ ହୋଇ ଯାଇଥିବାରୁ ତାହାର ବିଷୟବସ୍ତୁ ଦିଆଯାଇ ପାରିନାହିଁ । ତେଣୁ ଛକି ଚିହ୍ନ ଦିଆଯାଇଛି ।)

ଖୁରୁସା, ଗଡ଼ିଶା, ଶିଙ୍ଗି, ପାଟଲଙ୍ଗା, ଆଳି, ସାଲଟା, ଗଲଟା, ଇଲସୀ, କଳା ବଉଁଶୀ, କଉ, ବମି, ଗୁଆରେଳ୍ପି, ଏ ଆଦି ଅନେକ ମଛ ଅଛନ୍ତି । ଇଚ୍ଛା ସୁଖେ ଭ୍ରମନ୍ତି । ଦେଖନ୍ତେ ମନ ହରନ୍ତି । କାହା ନାକେ ସୁନାଗୁଣା ଶୋହଇ । ଜେଉଁ ମଛ ଠଣ ମାଡ଼ି ଦେଇ, ପକ୍ଷୀ ଟେକି ପୁଚ୍ଛ ଚଳଇ । ସଙ୍ଗମେଳେ ଖେଳଇ, ଶୁଦ୍ଧ ସୁଆଦ ଜଳ । ଅତ୍ୟନ୍ତ ନିର୍ମଳ । ବାଲି ଦିଶଇ ଶତେକ ହାଥ ତଳ । ତଟମାନେ ଚୂନ ଚିକଣରେ ନିର୍ମଳ । ଚାରି ପାରୁଶେ ସୁବର୍ଣ୍ଣର ମଣ୍ଡପ । ବେଢି ରହିଅଛି ନାନା ବିଟପ । ଅନେକ ସରୋବର ଅଛଇ । ଏହି ମଣ୍ଡପ କେ ଯୁଣ ବିସ୍ତାର, କେ ଅଧ ଯୁଗେଣ ବିସ୍ତାର । ସେ ବନେ କି କି ଜୀବ ଅଛନ୍ତି । ହଂସ ହଂସୀ ହଂସରଡ଼ି । ଜଳ ପିମ୍ପି । ...., କଇଁ ନାଡଖିଆ । ପଙ୍କପ ଆ ମଛଟଙ୍କା, ବକ କାମକାକ, କାଟେଣ୍ଟି କଣ୍ଠା, ଜଳବୁଡା, ଶୁକପୋକ, ସାରି, ବୃଣି,ଡିଡିରି,ଗୁଣ୍ଡୁରି, ତେଣ୍ଡୁଇ,ଡାହୁକ, କୁମ୍ଭାଟୁଆ, କୁହୁକୁମୁଠି ପାରୁଆ, ଶ୍ଵେତ କୁଆ, ମୁନିଆ, ଚୂଳିଆ, ଭଦାଳିଆ, କୋକୁଆ, ମଧୁର କୁଆ, ଫୁଲବୁହା, ହୁଳୁହୁଳି ଦିଆ, ମାଣିକିଆ ଖିଆ, ନୀଳ ପକ୍ଷିଆ, ପାଟଭୁ, ବାଲିଗୁଆ,କୋଚିଳ-ଖିଆ, ମହୁଲିଆ ।

× × ×

(ଏଠାରେ ମୂଳ ପୋଥିର ଛଅଟି ପତ୍ର — ୧୪୫ରୁ ୧୫୦ ପତ୍ର ନଷ୍ଟ ହୋଇ ଯାଇଥିବାରୁ ତାହାର ବିଷୟବସ୍ତୁ ଦିଆଯାଇ ପାରିଲା ନାହିଁ । ତେଣୁ ଛକି ଚିହ୍ନ ଦିଆଯାଇଛି ।)

ଏମନ୍ତ ଶୁଣି କୃଷ୍ଣଚନ୍ଦ୍ର ବିରସ । ଗରୁ ମଣିଲେ ନଟବର ବେଶ । ଘନ ଖର ନିଃଶ୍ଵାସ, ବୋଇଲେ ଏ ମିତ ଉପାୟେ ସରିଲା । ରାଧାଙ୍କ ସଖୀ ତ

Digitized by PPRACHIN, SOA

ମୁଢ଼ି ଦେଇ ବୁରିଲ୍ଲ । ପୁଣି ତ ବିଚିତ୍ରା ଯେମନ୍ତ କହିଲ୍ଲ । ଏବେ କି ଉପାୟେ କହ । ପୁଣ ଏମନ୍ତ ଶୁଣି ଆକୁଳ ଦେହ । ଏତେ ନିର୍ଦ୍ଦୟା ବୃଷଭାନୁ ଝିଅ ।

ତଦନ୍ତରେ — ଏମନ୍ତ ଶୁଣି ସେ ଦାମକୁମାର, ମନ୍ତ୍ରୀବର, ଧୀର ଧାର୍ମିକ ବିଚାର । ଭୂତ ଭବିଷ ଜାଣଇ । ଅଦର୍ଶ କଥା ଦେଖିଲ୍ଲ ପ୍ରାୟେ ବୋଲଇ । ଅଳପ ହସି ସେ ବୋଲଇ, ଶୁଣ ମିତ ତୁମ୍ଭ ସାଧା ଭେଟ ନିକଟ ହୋଇଲ୍ଲ ।

ତଦନ୍ତରେ—ଶୁଣି କୃଷ୍ଣଚନ୍ଦ୍ର ବୋଇଲେ ଶୁଣ ମିତ, ତୁମ୍ଭ କଥା ଅତି ବିଚିତ୍ର, ଶୁଣିବାକୁ ଆଚମ୍ଭିତ । ମଦନ ଅନଳେ ଦହନ ହେଲ୍ଲବେଳେ ତୁମ୍ଭେ ହସିବାର କି ଉଚିତ । ମୋହ ପଣ୍ଡି ଯେ କହିଲ୍ଲ । ତାକୁ ଏତେ ତାପ କହିଲ୍ଲ । ସେ ଏତେ ଅବସ୍ଥା ମାଳିନୀ ସହିଲ୍ଲ । କେମନ୍ତେ ଜାଣିଲ୍ଲ ସେ ମୋତେ ଅନୁଗତ ହୋଇଲ୍ଲ । ଦାମ କହିଲେ ଶୁଣ ମିତ । ଏ ମାଲୁଣୀ ବିଚିତ୍ର । ଗୁପତ କରଇ ପ୍ରଘଟ ବାରତ । ଏ ହାଟୁଆଣୀ, ଜାତି ମାଲୁଣୀ । ନାନା କଥା କହି ଏ ପର ମନ କିଣି । ଏ ଯେବେ ଯହିଁ ତହିଁ ଗୁପତ କଥା ଶୁଣିଥାଇ, ତେବେ ଏହାର ପେଟ ବଥାଇ, ଘରେ ନ ଥାଇ । ଏ ଗୃହିଆତେ ବୁଲୁଥାଇ । ଅହି ନିଶି ବୁଲୁଥାଇ । ଜିଭ ହଲଇ । କାହା ଆଗେ କହିବି କାହା ଆଗେ ବୋଲିବି ବୋଲି ସବୁ ଆଗେ କହଇ । ଯେବେ କହିବାକୁ କାହାକୁ ନ ପାଇ ତେବେ ଗାଆଁ ଭିତର ଗଛ ଆଗେ କହଇ । ତେତେବେଳେ ଜିହ୍ୱା ତାର ସ୍ଥିର ହୋଇ ରହଇ । ସେତ ରାଜକୁମାରୀ, ମହାଚତୁରୀ, ସେ ବିଚିତ୍ରା ମାଲୁଣୀ କଥାରେ କି ପଡଇ । ଠେଲି ହଲାଇଲେ କି ଗଛରୁ ନଡିଆ ପଡଇ । ମଣ୍ଡୁକି ଗଡାଇଲେ କି ମନ୍ଦରଗିରି ଗଡଇ । ସମୁଦ୍ର ସମ ନ ଗମ୍ଭୀର ଯେହୁ ହୁଅୟେ ଏ କଥା ଘଟସୂତ୍ର କରି ପାରଇ । ଏବେ ସେ ତ ଚତୁରୀ ଶିରୋମଣି । ଦଣ୍ଡ ସଙ୍କେତେ ତୁମ୍ଭଠାକୁ ସଙ୍କେତ ଦେଲ୍ଲ । ତାହା ମୁଖେ ତା କାଳି ବୋଲି । ଗାଲରେ ଚୂନ ସ ତଗାର ଲିହିଲ୍ଲ । ବଇଶାଖ କୃଷ୍ଣ ସପତମୀ ଦିନକୁ କଣ୍ଟ କଲେ । ଯାହା ବାଡିଦ୍ୱାର ବାଟେ ଦୂତୀ ତମାଳତରୁ ତଳେ ଛ ଦିଗଲେ । ଏ ଦେଇ ଆସିବ ବୋଇଲେ । ତୁମ୍ଭେ ତମାଳତରୁ ତଳେ ଥିବ । ସେହି ଦୂତୀ ତୁମ୍ଭଙ୍କୁ ଆସି ଘେନିଯିବ । ମିତଙ୍କ ଠାରୁଁ ଏମନ୍ତ ଶୁଣି ଶ୍ରୀକୃଷ୍ଣଚନ୍ଦ୍ର ବହୁତ ଆନନ୍ଦ, ମୁଖ ବିକାଶେ ଶରଦ ପୂର୍ଣ୍ଣମୀ ଚନ୍ଦ୍ର ଏମନ୍ତେ କିଛୁକାଳ ଗଲ୍ଲ । ବୈଶାଖ କୃଷ୍ଣ ସପ୍ତମୀ ପ୍ରବେଶ ହୋଇଲ୍ଲ । ରବି ଅସ୍ତ ହୁଅନ୍ତେ କୃଷ୍ଣ ଚନ୍ଦ୍ରଙ୍କର ମନ ଉଚ୍ଛାହ । ଯେ ଗୃହି ଆଡକୁ ଗୃହିଁ ଗୃହିଁ ଏମନ୍ତେ ତିମିରି ଘୋଟିଲ୍ଲ । ଦିଗ ଶୋଭା ତୁଟିଲ୍ଲ, କୁସୁମ ପ୍ରକଟିଲ୍ଲ, ସୁଗନ୍ଧ ବହିଟିଲ୍ଲ । କୁମୁଦ

Digitized by PPRACHIN, SOA

ଫୁଟିଲା । ମନସିଜ ମାର୍ଗ ଫିଟିଲା । କୁଳବତୀ ପତି ପାଶେ ଖଟିଲା । କୁସୁମ କାଣ୍ଡ କଣ୍ଟିଲା, ବିରହୀ ଭୂମି ଶେଯେ ଲୋଟିଲା । କମଳ ମୁଦି । ମଧୁପାନ ଲୋଭେ ମଧୁପ ବନ୍ଦୀ । ଅନ୍ଧକାର ଆଚ୍ଛାଦି । ସର୍ବ ଅଙ୍ଗେ ମଦନ ଶର ଭେଦି । ଚକ୍ରବାକ ବିଚ୍ଛେଦ, ପଥିକ ଯୁବତୀ ବିଷାଦ । ମାନେ ଗରୁ ଖେଦ । ହାଟ ବାଟ ଜନ ନିଶବ୍ଦ । ଅଭିସାରିକା ଆନନ୍ଦ, ଚସକର ସାନନ୍ଦ, କାମୀ ବିପଦ, କାନ୍ତ କୁଚ କାନ୍ତି ସମ୍ପଦ । ପୁରେ ପୁରେ ଦୀପ ବଳୀ ଜଳିଲା । ପକ୍ଷୀଚର କୁଳ ନିଃଶବ୍ଦ ହେଲେ । ଯୋଗୀ ଜାଗିଲା । କାମନା ମୁଦ୍ରା ଭାଙ୍ଗିଲା । କୁଳଟା ନାରୀ ମନ ଉଡ଼ିଲା । ଜାର ପୁରୁଷ ଲୋଡ଼ିଲା । ଘଟୁଆଳ ମୂର୍ଚ୍ଛା ଛାଡ଼ିଲା, ଗତ ଗୃହ ଦ୍ୱାର କବାଟ ପଡ଼ିଲା । ସର୍ପଙ୍କ ଶିରୋମଣି ଜଳିଲା । ଶତ୍ରୁ ଦେଶ ରକଳିଲା । ଉଦନ୍ତ ଘେନି ଦୂତୀ ଚଳିଲା । ନାରୀ ପୁରୁଷକୁ ମିଳାଇଲା । ତେଣେ ଗୋଡ ଟେକି ଶୋଇଲା । ବସରେ ଜୀବ ଦକ ଦକ । ଗିରି ପରେ ଚନ୍ଦନ ଜକଜକ । କାମୀ ପାଶକୁ କାମିନୀ ଝୋକ ଝୋକ । ଏମନ୍ତ ପ୍ରକାରେ ଜଗତର ଲୋକ ।

ତଦନ୍ତରେ — ଏମନ୍ତ ସମୟେ ଶ୍ୟାମ ସଙ୍ଗେ, ଏହି ଗୋପୀନାଥ ଅଭିସାର କଲେ । ସଙ୍କେତ ତମାଳ ତଳେ ରହିଲେ । ନୀଳ ବସନ ପରିଧାପନ । ସର୍ବାଙ୍ଗେ ମୃଗମଦ ଲେପନ । ନୀଳକୁସୁମ ଭୂଷଣ । କରେ ମର୍କତ କଙ୍କଣ । ମନ ଛନ୍ନ ଛନ୍ନ । ନିମିଷ ମଧ୍ୟେ ଅଶେଷ ଦିନ । କୁଣ୍ଠିତ ବଚନ । ଶଙ୍କିତ ଲୋଚନ । ନିରସ ରସନ, କମ୍ପିତ ଦଶନ ବସନ ।

ତଦନ୍ତରେ — ମନ୍ଦ ଗନ୍ଧ ପବନ । କର୍ପୂର ଚନ୍ଦନ । ମନୋରମ୍ୟ ବଚନ ଅମୀଅ ଅଶନ । ସୁବାସ ମନ, ନାନା ଭୂଷଣ । ଏ ଆଦି ଯେତେ ଶୀତ ଉପଚାର ଭୋଗ ସବୁ ବିଷ ସମାନ । କେବଳ ରାଧାହିଁ ସେ ପ୍ରାଣଧନ ଜୀବନ ବିତ୍ତରେ ମନ । ସେ ତରୁଣୀ ରତନ । ସତେ କି ଆଜ ହୋଇବ ଦର୍ଶନ । ଶୁଣିମି ତାହା ଶ୍ରୀମୁଖରୁ ବଚନ । ହେବା ପ୍ରାୟେ ମନକୁ ନ ଆସଇ । ନୋହିବା ପ୍ରାୟେ ବହୁତ ପ୍ରକାରେ ଦିଶଇ । ନାନା କଥା ମନେ ପଶଇ । ତୁଣ୍ଡ ଦାଣ୍ଡି ବାହାରି ଧାଇଁ ଆସଇ ।

ତଦନ୍ତରେ — ସେ ବଂଶୀଧାରୀ, ରାଧା ରାଧା ସୁମରି ପଥ ଅନୁସରି, କିଶଳୟ ଶଯ୍ୟା ରଚନା କରି । ତଦନ୍ତରେ — କାମରେ ବଶ ହେଲାଟି ଯୌବଣ ଜନ । ସିଂହ ହେ ....

X X X

(ଏଠାରେ ମୂଳ ପୋଥିର ୧୫୪ ପତ୍ରଟି ନଷ୍ଟ ହୋଇ ଯାଇଥିବାରୁ ତାହାର ବିଷୟବସ୍ତୁ ଦିଆଯାଇ ପାରିନାହିଁ । ତେଣୁ ଛକି ଚିହ୍ନ ଦିଆଯାଇଛି ।)

Digitized by PPRACHIN, SOA

ନାନା ଆଭରଣ, ଝୀନ ବସନ । ସୁବାସ ସୁମନ, କୁସୁମ କାନନ, ନାନା ରସ ବଚନ । କାହିଁ ଚିତ୍ତ ନ ବଳଇ । ପଲଙ୍କ ନ ଚଳଇ । ନିରବେ ତୁମ୍ଭ ନାମ ସୁମରଇ । ତଦନ୍ତରେ— ସେ ବୃଷଭାନୁ ସୁତା, ନବମ ଅବସ୍ଥା । ପରିରମ୍ଭରେ ମମତା । ତୁମ୍ଭ କୀର୍ତ୍ତି ଶୁଣିମାରେ ଶ୍ରୋତା । ଆଉ ଦଶକେ ସରିଯିବ କଥା । ଏମନ୍ତ ଦେଖି ମୁଁ ଆଇଲି । ଶ୍ରୀ କୁମର ତୁମ୍ଭଙ୍କୁ କହିଲି । ମନେ କିଛି ସଂଶୟ ନ ଧର । ସ୍ୱାମୀ— ଯାଇ ତରୁଣୀ ରତ୍ନକୁ ସମୁଦ୍ରୁ ଉଦ୍ଧର । ମନସିଜ ଘୋଟିଛି ବଡ ସମ୍ଭର । ଏବେ ଯାଇ ନ ରଖିବ ତରୁଣୀ ହତ୍ୟା ଦୋଷ ହୋଇବ ତୁମ୍ଭର । ଏତେ ବୋଲି ଦୂତୀ ରାଧାଙ୍କ ସଙ୍କେତ ମାଳ ନେଇ ଗଳାରେ ଦେଲା । କର-ଯୋଡ଼ି ପଛଘୁଞ୍ଚି ରହିଲା ।

ତଦନ୍ତରେ— ଦୂତୀ ତହୁଁ ଶୁଣି କୃଷ୍ଣ ବଡ ଆନନ୍ଦ ହୋଇଲେ । ନବ ରତ୍ନମାଳ ନେଇ ଦୂତୀ ଗଳାରେ ଦେଲେ । ରାଧାଙ୍କ ମାଳ ହୃଦରେ ଲମ୍ବାଇଲେ । ଦୂତୀ ପଛେ ପଛେ ବାହାର ହେଲେ । ଦ୍ୱାର ଡିଣି ପୁରେ ପଶିଲେ । ଯିବା ଝଟକ କେହି ନ ଦେଖିଲେ । କାମାନନ୍ଦ ଦେଲା କୁହୁକ ଅନ୍ତର୍ଦ୍ଧାନ କଲେ । ଏମନ୍ତେ ଠାକୁରାଣୀଙ୍କ ସଖୀଗଣ ଆସି ପହଣ୍ଡ ମଣାଇ ନେଲେ । ଚନ୍ଦ୍ରଶାଳା ପୁରେ ରାଧା ପଲଙ୍କେ ହଂସତୁଳି ତୁଳି । ସଟି ପଟ ମୁଚୁଳି । ଜାଇ ଫୁଲ ପାଖୁଡ଼ି । କର୍ପୂରର ଗୁଣ୍ଡି । ମାଣିକ୍ୟର ଦୀପାବଳୀ ଜଳଇ । ଚନ୍ଦ୍ରାତପ ଟାଣି କୁସୁମ ମାଳ ଲମ୍ବଇ । ଗବାକ୍ଷ ମାର୍ଗେ ମନ୍ଦ ଗନ୍ଧ ଶୀତଳ ସମୀର ବହଇ, ପୁର ମହିମା କି ବଚନେ କହି ହୁଅଇ । ଏମନ୍ତେ କୃଷ୍ଣ ପଲଙ୍କେ ବିଜେ କଲେ ।

× × ×

(ଏଠାରେ ମୂଳ ପୋଥିର ୮ଟି ପତ୍ର — ୧୫୬ରୁ ୧୬୩ ପର୍ଯ୍ୟନ୍ତ ପତ୍ର ନଷ୍ଟ ହୋଇ ଯାଇଥିବାରୁ ତାହାର ବିଷୟବସ୍ତୁ ଦିଆଯାଇ ପାରିନାହିଁ । ତେଣୁ ଛକି ଚିହ୍ନ ଦିଆଯାଇଛି ।)

........ର ନିଅ । ଅଙ୍ଗେ ଲାଇ ସୁବେଶ ହୁଅ । ଶୁଣି ନର୍ମଦା ସମ୍ମତ କଲା । ହେମାଦେଈଙ୍କ ଅଳଙ୍କାର ଅଙ୍ଗେ ଲାଇଲା । ପାଦେ ନୂପୁର ବେନି ଝଞ୍ଜିଲା । ଉଞ୍ଚି ପିନ୍ଧିଲା ସିନ୍ଦୁରିଆ ବାଛ ପତନୀ । କଟିରେ ଓଡ଼ିଆଣୀ, କରେ ଚୁଡ଼ି । ବାହେ ବେନି ତାଡ ତଡନେ ଜଡ଼ି । ଦଶ ଅଙ୍ଗୁଳିରେ ଝଟକ ମୁଦି । କର୍ଣ୍ଣେ ତାଟଙ୍କ ନ ସେ ମୋତି । ଗଳାରେ ଗୁପସରି ତପନ ଜୋଡ଼ି । ବେଶକ୍ରର ନର୍ମଦା ରତ୍ନୁ ଯୁବତୀ, ଶରୀର ଦିଶଇ କେତକୀ କାନ୍ତି । ଲୋଟଣି ଛନ୍ଦରେ

Digitized by PPRACHIN, SOA

ଖୋସିଲା ଚୂଡା । ତାଇ ଗନ୍ଧ ଘରେ କେତକୀ ପାଖୁଡା । ଖଣ୍ଡ ଶର୍କର ଯେ ଅମୃତ ପାଣି । ସର ଲବଣୀ ସୁବର୍ଣ୍ଣ କୁଣ୍ଡୁକାରେ ଘେନି । ଚନ୍ଦ୍ରସେଣ ଶୋଇବା ସନ୍ନିଧ୍ୟେ ମିଳିଲା । ଦେଖି ଗଉଡ ବିଚାରଇ । ପୁଣି ରାଧା ଅଛି ମିଳଇ । କାଲି ପରୀକ୍ଷରେ କଅଁଳିଲା କେଶ । ତରୁ ଫଳିବାରେ ଲୋକେ କଲେ ହାସ୍ୟ । ଆଜ ଆଉ ବେଳେ ପରୀକ୍ଷ ଘେନିମା । ଏଥୁଁ ଉତୁରିଲେ ରାଧାଙ୍କୁ ପତିବ୍ରତା ବୋଲି ଜାଣିମା । ଏମନ୍ତେ ପଲଙ୍କ ପାଶେ ନର୍ମଦା ବିଚାରଇ କୁମର ଯାଇଅଛି ନିଦ୍ରା । ମୁଖ ପାଖକୁ ମୁଖ ଲଗାଇ ନିଃଶ୍ୱାସ ବାରଇ । ମଉନ ହୁଅଇ । ଉଠି କୁମର ଘେନି ତୀକ୍ଷ କାତି । ନାକ ଧରି ବେଗେ ପକାଇ କାଟି । ମୋତେ ନାଜନା କଲୁ ଯେ ମୁଁ ହୋଇଲି ବାଇ । ମନେ ଆନ ନ ଧର । ମୋ ଦୋଷ କ୍ଷମା କର, ସତ୍ୟ କରି କହୁଅଛି ତୁମ୍ଭ ଆଗମନେ ତୁମ୍ଭର ଯେ ଇଚ୍ଛା ତାହା ମାଗ, କୁମର ବଚନ ଶୁଣି ସର୍ବସଖୀ ଆଶ୍ଚର୍ଯ୍ୟ ହୋଇଲେ । ଅଦଭୁତ କଥା ଶୁଣି ଚିନ୍ତା ପାଇଲେ । ବୋଇଲେ ଗୋ ନନ୍ଦକୁମର କି ଉପାଏ କଲେ । ନୋହିଲେ ରୁଷିଲା କୁମର ପ୍ରସନ୍ନ ହୋଇଲେ । ମନ ଇଚ୍ଛା ମାଗ ବୋଇଲ । ଦେଖ ଏ ପୁଷ୍କରିଣୀ । ଏଥି ନାହିଁ ପାଣି । ସ୍ନାନ କରି ଯମୁନାକୁ ଯିବେ । ତୁମ ଭଗ୍ନୀ ଯଶୋଦାକୁ ଦେଖିବେ । ଅଙ୍କ ନବଚକୁ ଯିବେ । ଯେବେ ଅନୁଗ୍ରହ କଲ, ଏହି କଥା ମାଗୁଣି ଆମ୍ଭର । ପ୍ରସନ୍ନ ହୋଇ ବୋଇଲେ । ଶୁଣି ଚନ୍ଦ୍ରସେଣ ବୋଇଲା ଯେ ତୁମର ଇଚ୍ଛା ତୁମ୍ଭଙ୍କୁ ନାଇ ଆନ ।

× × ×

(ଏଠାରେ ମୂଳ ପୋଥିର ୪ଟି ପତ୍ର — ୧୬୬ରୁ ୧୬୯ ପର୍ଯ୍ୟନ୍ତ ପତ୍ର ନ ଥିବାରୁ ତାହାର ବିଷୟବସ୍ତୁ ଦିଆଯାଇ ପାରିନାହିଁ । ତେଣୁ ଛକି ଚିହ୍ନ ଦିଆଯାଇଛି)

.... ଳେ ଥିଲା ପାଇ । ଏ ଯାତ୍ରାରେ ପ୍ରଭୁଙ୍କ ଶ୍ରୀମୁଖକୁ ଚାହିଁ ପବିତ୍ର ହୋଇଲା ଉତ୍ତମ କଥା କହି । ଚଉଦ ଭୁବନେ ଏକା ପ୍ରଭୁ ଏହି । ବ୍ରହ୍ମା ଶିବ ଅନ୍ତ ଯାହା ଅଗ୍ୟାଁ ବହି ।

ତଦନ୍ତରେ— ଏମନ୍ତ ଶୁଣି ସୁଲୋଚନା ପୁଚ୍ଛାକଲା ଝୋ ସଖୀ । ଏ ବିଶ୍ୱନାଥ ଅବତାର ହେଲେ । ମାନବ ଦେହ ବହିଲେ । ଗରୁଡ ଚଢିଲେ । ନନ୍ଦନ ବନୁ ପାରିଜାତକ ଉପାଡିଲେ । ସଂଗ୍ରାମେ ଦେବେ ନ

Digitized by PPRACHIN, SOA

ପାରି ମୁଖ ମୋଡ଼ିଲେ । ଚକ୍ର ଧରି ହେଲେ ଅନେକ ଅସୁର ମାଇଲେ । ସେ କିମ୍ବା ଏତେ ତ ଅଗ୍ୟାନ ହୋଇଲେ । ଇତର ଜନ ପ୍ରାୟେ କାହାକୁ କେତେ ସ୍ତୁତି କହିଲେ । କେତେ ଦୁଃଖ ସହିଲେ । ଏହା ମୋତେ ସଂଶୟ ଫେଡ଼ି କହ । ଶୁଣିଣ ମୋତେ ଲାଗିଲା ସନ୍ଦେହ ।

ତଦନ୍ତରେ— ସତ୍ୟ ଯୁଗେ ମରୁତସେନ ନାମେ ନୃପତି । ଧୀର ଧାର୍ମିକ ମତି । ବଡ ସୁନ୍ଦର ତାର ନିଆସାକାବତୀ ନାମେ ଦୁହିତା । ଲକ୍ଷେ ଲକ୍ଷଣ ସେ କୁମାରୀ ବହଇ । ରୂପେ ଶଚୀ ସମ ନୁହଇ । ସ୍ୱୟେଂ ଲକ୍ଷ୍ମୀ ଜନ୍ମ । ରୂପେ ନାହିଁ ଆନ ସମ । ଏମନ୍ତେ ସେ କୁମାରୀ ପିତା କୋଳେ ଥିଲେ । ନାରଦ ପର୍ବତ ଏ ଦୁଇ ମୁନି ଯାଇଁ ସେ ସ୍ଥାନେ ମିଳିଲେ । ରାୟେ ଦେଖି ନମସ୍କାର କଲେ । ଆସନ ଦେଇ ଷଡ ଅର୍ଘ୍ୟ ପାଦପୂଜା କଲେ । ସମସ୍ତ କୁଶଳ ପୁଚ୍ଛିଲେ । ସେ କୁମାରୀ ଅବିଭାଇତ ବୋଲି ଜାଣିଲେ । ମଦନେ ବଶ ହୋଇ ଦୁଇ ଋଷି ଏକାବେଳେକେ ମାଗିଲେ । ସେ ନୃପମଣି, ଏ ତୁମ୍ଭର ଦୁଲଣି । ଆମ୍ଭଙ୍କୁ ବିଭାରେ ଦିଅ । ମନ ହରଷ କରଅ ।

ତଦନନ୍ତରେ— ସେ ରଜା ଦୁଇ ଋଷିଙ୍କ ବଚନ ଶୁଣି ମନ ହରଷ କଲା । ସଜ୍ଜନଙ୍କୁ ସାକ୍ଷୀ ଦେଇ ବୋଇଲା— ହେ ମୁନି, ତୁମ୍ଭେ ତ ବେନି, ଏତ ମୋହର ଏକଇ ନନ୍ଦନୀ । ଦୁଇ ଋଷି ମାଗିଲ ଏକାବେଳେକେ ପୁଣି ଏକ ଦୋହିତା କାହାକୁ ଦେବି । କାହାକୁ ଏଥି ମାନ ବଡ କରିବି । ଯାହା ଗଳାରେ ମାଳା ଦେବ ସେହୁ ବରିବ । ନ ପାରିଲେ ଋଷି............

(ପୋଥିର ଶେଷ ଅଂଶତକ ନଷ୍ଟ ହୋଇ ଯାଇଛି । ତେଣୁ ଏଠାରେ ତାହା ଅସମ୍ପୂର୍ଣ୍ଣ ଭାବରେ ରଖାଗଲା । ସମ୍ଭବତଃ ପୋଥିର ଶେଷକୁ ଦୁଇ ପତ୍ର ନଷ୍ଟ ହୋଇ ଯାଇଛି । ସମଗ୍ର ପୋଥିର ଯେତିକି ପତ୍ରରୁ ପାଠ ଉଦ୍ଧାର କରାଯାଇଛି ତାହାର ସମଗ୍ର ପରିମାଣ ୧୭୦ ପତ୍ର । ପୋଥିର ଶେଷ ଆଡକୁ ବିଷୟବସ୍ତୁ ସରି ଯାଇଥିବାରୁ, ନଷ୍ଟ ହୋଇଥିବା ପତ୍ର ସଂଖ୍ୟା ଅଳ୍ପ ବୋଲି ଅନୁମାନ କରାଯାଏ ।)

Digitized by PPRACHIN, SOA

ଶବ୍ଦାର୍ଥ

ଅବୋଧ - ମୂର୍ଖ, ଅପାଙ୍ଗ—ବକ୍ର ଚାହାଣୀ, ଅଙ୍ଗଭଙ୍ଗ—ଶରୀର ଟଳିଯିବା, ଅଙ୍ଗନ—ଅଙ୍ଗନା ବା ସ୍ତ୍ରୀ, ଅମ୍ବର—ଲୁଗା, ଅତି ଆଡ଼ମ୍ବ—ଅତ୍ୟନ୍ତ ଆଡ଼ମ୍ବର ଯୁକ୍ତ, ଅନୁରୂପ—ସଦୃଶ, ଅଞ୍ଚଳ—ଲୁଗାକାନି, ଅନ୍ତରଙ୍ଗ—ଆନନ୍ଦ ଅର୍ଥରେ ବ୍ୟବହୃତ, ଅପକ୍ଷରୀ—ଅପ୍ସରୀ, ଅଗ୍ରଧୂପ—ଅଗୁରୁର ଧୂପ, ଅଷ୍ଟ ଦଇବତ—ଅଷ୍ଟ ଦେବତା ବା ଅଷ୍ଟ ଦିଗପାଳ, ଅଚବନ—ଅଚେତନ, ଅପଛତି—ନିନ୍ଦା, ଅଷରଢ—ଅସହଜକତା, ଅମୋଘ—ଅବ୍ୟର୍ଥ, ଅନ୍ତେଶ୍ୱର—ଅନ୍ତଃପୁର, ଅଧିଷ୍ଠାଣ—ମୁଖ୍ୟ ଅର୍ଥରେ ବ୍ୟବହୃତ, ଅମୀଅ—ଅମୀୟ—ଅମୃତ, ଅକ୍ଷତ କଲ—ଅକ୍ଷତ ଚାଉଳ ସହିତ ଦାନ କଲ, ଅଳକାବଳୀ—ଚୂର୍ଣ୍ଣ କୁନ୍ତଳ (ମୁଖ ଉପରେ ପଡ଼ିଥିବା ଚୂନା ଚୂନା ବାଳ), ଅଲୌକିତ—ଅଲୌକିକ, ଅନ୍ତଲୀନ—ଅନ୍ତରରେ ଲୁଚିଇବା, ଅଜାଣ—ଅଜ୍ଞାନ ।

ଅଞ୍ଜିଲ—ମର୍ଦ୍ଦନ କଲ, ଆମଚିଲ—ଆମଞ୍ଜନ କଲ ବା ଚାଖିଲ, ଆଷୁ—ମୂଷା, ଆତଙ୍ଗ—ଭୟ, ଆଉଳା—ପାଟି କରିବା, ଆବେର—ଆବୋରିବା, ଆଏ—ସମ୍ପଦ ଅର୍ଥରେ ବ୍ୟବହୃତ, ଆଜ ଆଣ—ଅଗୁଆ, ଆଳି—ସଖୀ, ଆଜାନୁ—ଆଜାନୁରୁ, ଆଙ୍ଗୁଛ—ଗାମୁଛା (ମୂଳଶବ୍ଦ ଅଙ୍ଗଛି) ଆପକାର୍ଯ୍ୟ—ନିଜ କାର୍ଯ୍ୟ, ଆଭିରୀ ସ୍ତ୍ରୀ—ଗୋପ ଲୁଣୀ ।

ଇନ୍ଦୀବର—ନୀଳକଇଁ ।

ଉଚ୍ଛାହା—ଉତ୍ସାହ, ଉଚ୍ଛକ—ଉତ୍ସାହଯୁକ୍ତ, ଉଲଗ—ଲାଗିବା, ଉଚ୍ଛୁଳ—ଉଚ୍ଛୁଳି ପଡ଼ିବା, ଉତାମ୍ବର—ଉଡୁଥିବା ଲୁଗା, ଉପୁଡ଼ିଆଇ—ଉପରେ ପଡ଼ି, ଉଚ୍ଛଗ୍ର—ଉତ୍ସର୍ଗ ବା ଉଚ୍ଚ, ଉତ୍ତରୀ—କାନ୍ଧରେ ପକାଇବା ଲୁଗା, ଉଦାସ ସୁବୁଦ୍ଧି—ଉଦାସୀନ ବା ନିର୍ଲିପ୍ତ, ଉପୁଗାର—ଉପକାର, ଉଲଟ ରମ୍ଭା ଜଘନୀ—ଓଲଟ କଦଳୀ ଗଛ ପରି ଯାହାର ଜଂଘ, ଉଦ୍ଯୋଗ—ଉଦ୍ୟୋଗ, ଉରମଧ୍ୟେ ସୂତା ନ ଗଳି—ସ୍ତନ ଦୁଇଟି ବଡ଼ ହୋଇ ପାଖାପାଖି ଏପରି ଲାଗିଯାଇଛି ଯେ ସେଥିରେ ସୂତା ଗଳିପାରୁ ନାହିଁ । ଉବୁଟି ହେବି—ଦଉଡ଼ି ଦେବି, ଉଟ—ଓଟ ।

Digitized by PPRACHIN, SOA

ଏଡ଼ି—ପର୍ବତ ।

କାଞ୍ଚି — କଟୀ ମେଖଳା ବା କଟାସୂତା, କିଂଶୁକ — ପଳାଶ, କୁସୁମା—ଏକ ପ୍ରକାର ମାଦକ ଦ୍ରବ୍ୟ, କୁଳୁଆଁ—କୁଶିଆ, କୌତୁହଳେ—କୌତୁହଳ ହୋଇ, କୋକନଦ—ରକ୍ତ ପଦ୍ମ, କ୍ରୀତିଦା—ବୃଷଭାନୁଙ୍କ ପତ୍ନୀ କୀର୍ତ୍ତିଦା, କବେରୀ—ଖୋସା, କେହୁଣି—କୌଣସି, କଚ ହୃଦୟ—କୋମଳ ହୃଦୟ ଅର୍ଥରେ ବ୍ୟବହୃତ, କର୍ଣ୍ଣାଞ୍ଚଳ — କର୍ଣ୍ଣର ଏକ ପ୍ରକାର ଅଳଙ୍କାର, କୋଏର—ଗୃକର, କାଏ—ଦେହରେ, କାହାନ୍ତ—କାହାକୁ କଣ୍ଟକ—କଣ୍ଟା, କୁଟିବୁ—ପ୍ରହାର କରି କଷ୍ଟ ଦେବ, କିଶଳୟ—କଅଁଳିଆ ପତ୍ର ।

ଖଣ୍ଡ ଘୋଡା ହାତୀ — ଝଣ୍ଡ ଶାକରରେ ତିଆରି ହୋଇଥିବା ଘୋଡା ହାତୀ, ଖେଡ—ଖେଳ, ଖଞ୍ଜରୀଟ ଦୃଶୀ—କଜଳପାତି ପରି ଆଖି ବିଶିଷ୍ଟା, ଖିଳ କୁମର—ବିଷ୍ଣୁ କୁମାର ।

ଗୁଣା—ସ୍ୱର୍ଣ୍ଣର ତାର ଓ ନାକର ଅଳଙ୍କାର ବିଶେଷ ଗୋଗଣ୍ଡେ—ଗୋରୁ ଗୋଠରେ, ଗୁଆଳ—ଗଉଡ, ଗେଲ୍ହି—ଗେହ୍ଲେଇ ବା ସ୍ନେହର ପାତ୍ର, ଗୁଆଁର—ମୂର୍ଖ, ଗଏସ—ଗୟସ ଫୁଲ, ଗବାକ୍ଷ—ଝରକା, ଗରୁ—ଓଜନ, ଗନ୍ତାଇ—ଗନ୍ତାଘରୁ, ଗୋଷ୍ପଦ—ଗୋରୁ ଖୁରା ।

ଘାଏ—ଆଘାତରେ ।

ଗୃଚେରୀ— ଚର୍ଚ୍ଚରୀ ଶବ୍ଦରୁ ଆନୀତ, ବସନ୍ତ ସମୟରେ ଦୁଇଖଣ୍ଡ କାଠିକୁ ବଜାଇ ଆନନ୍ଦରେ ଗୀତ ଗାଇବାକୁ ଚର୍ଚ୍ଚରୀ ଖେଳ କୁହାଯାଏ । ବସନ୍ତ ଋତୁର ଦୋଳୋତ୍ସବ ସମୟରେ ଏହା କରାଯାଏ । ପରବର୍ତ୍ତୀ କାଳରେ ଏହି ଗୃଚେରୀ ଖେଳ ସହିତ ରଙ୍ଗପାଣି ଖେଳକୁ ମିଶାଇ ଦିଆଯାଇଥିଲା । ଚଳଣା—ଉଡୁଥିବା, ଚନ୍ଦ୍ରକାନ୍ତି ହାର—ଚନ୍ଦ୍ରଭଳି ଉଜ୍ଜ୍ୱଳ ହାର, ଗୃରୁଚତା—ସୁନ୍ଦର ରକ୍ତ ବର୍ଣ୍ଣ ।

ଛାୟାର ପତି— ସୂର୍ଯ୍ୟ, ଛେଚ ପୟେର— ଚନ୍ଦନ ଛେଚ ପକାଇ ପହଁରିବା, ଛଗୁଜନମୋହନିଆ—କୃଷ୍ଣ, ଛଣ୍ଟୁଆ—ଛଣ ବ୍ୟବସାୟୀ, ଛତ୍ର—ଛତା, ଛଦ୍ମେ—କପଟରେ ।

ଜଟିଳ ଋଷି — ଜଟା ଥିବା ଋଷି, ଜାରପତି — ଉପପତି, ଜମ୍ବୋନଦ—ସୁନା, ଜୁର—ନଷ୍ଟ, ଜମ୍ବୁଫଳ ଅଧର—ଜାମୁକୋଳି ପରି ଓଠ, ଜାତି—ଜାଇ ଫୁଲ ।

Digitized by PPRACHIN, SOA

ଟେସ—ଲୁଗାର ଅବରଣ, ଟୋକା ପୋଇଲା—ଟୋକା ଗୃକର ।

ଠା—ସ୍ଥାନ ।

ତଉରିଆ ଲକ୍ଷ—ଜଗନ୍ନାଥଙ୍କର ଏକ ପ୍ରକାର ବେଶ ।

ଢମାଳୀ ପୁରୁଷ—ଢମ ଦେଖାଉଥିବା ପୁରୁଷ ।

ତିତିର—ତେନ୍ତୁଳି, ପକ୍ଷୀ ବିଶେଷ, ତ୍ରିଭଙ୍ଗ ଅଙ୍ଗ—କଟି ଗ୍ରୀବା ଓ ପାଦରେ ଭଙ୍ଗୀଯୁକ୍ତ ଅଙ୍ଗ । ତୋରଣ—ତୋରଣ୍ଡ୍ରୁ ଫାଟକର ସ୍ତମ୍ଭ, ତ୍ରେଣୀସୁର-ତୃଣାବର୍ତ୍ତକ ନାମକ ଅସୁର । ତୃଷାନ୍ତ—ଶୋଷୀ ତଣ୍ଡୁଳ—ଗୃଉଳ, ତାକ୍ଷ—ମୁନିଆ ତପନ କୁଳ- ସୂର୍ଯ୍ୟ ବଂଶ, ତପନ ଦେ ହିତ—ଯମୁନା, ତଡ଼ିତ—ବିଜୁଳି, ତିରଣ—କୁଟା, ତମର—ଘଟର, ତୋକ ତୋକ—ଅଳ୍ପ ଅଳ୍ପ ।

ଥକିତ—ସ୍ଥିର ହୋଇଯିବା, ଥୋଡ—ଥୋଡ଼ି ।

ଦିହୁଡି—ନିଆଁ ହୁଳା, ଦକ୍ଷ—ପକ୍ଷ ଅର୍ଥରେ ଏଠ ରେ ବ୍ୟବହୃତ, ଦୁକୂଳ—ପାଟ ଲୁଗା, ଦାରକ୍ଷ- ଅଙ୍ଗୁର କୋଳି, ଦିଗାମ୍ବର—ଲଙ୍ଗଳା, ଦୁଜ୍ୟା—ଦ୍ବିତୀୟା ନକ୍ଷତ୍ର, ଦେହଳୀ—ଦ୍ୱାରବେଣ୍ଠ, ଦଣ୍ଡୁଆସି—ଦଣ୍ଡଧାରୀ, ଜଗୁଆଳ, ଦୁଇଗୁରୁ—ବୃହସ୍ପତି ଓ ଶୁକ୍ର ଗ୍ରହ, ଦେବାଙ୍ଗ ବାସ—ଦେବତାଙ୍କ ପିନ୍ଧିବା ଯୋଗ୍ୟ ବସ୍ତ୍ର, ଦୂଷଣ—ଦୋଷ, କଳଙ୍କ, ଦେଶାର—ଦେଶାନ୍ତର ବା ଦେଶର ଅନ୍ତର ବିନ୍ତର ।

ଧଉର୍ଯ୍ୟ—ଧୈର୍ଯ୍ୟ, ଧାପରେ—ଆଶ୍ରୟରେ, ଧୂମା—କୁତ୍ସିତ ଚେହେରା ବିଶିଷ୍ଟ, ଧାପିଲେ—ଧାଇଁଲେ ।

ନୀଳ ଶିଳେ—ନୀଳ ବର୍ଣ୍ଣର କଷଟି ପଥରରେ, ନିଅମ—ନିୟମ, ନିବିଡ଼ିଲା—ନିମାଣ କଲା, ନୀଳନଗ୍ର—ପୁରୀ ଶ୍ରୀକ୍ଷେତ୍ର, ନଟିକାଳ—ନଡ଼ିଆ ନବଜନ—ନୂଆ, ନୁହେଁ ପଡ଼ିଆ—ବାକୀ ରହେ ନାହିଁ, ନିଦାଘ—ଗ୍ରୀଷ୍ମ ଋତୁ, ନୀବି—ଖୋସଣି, ନେଚ—ନୀଚ, ନିତୋଳି—ନିରେଳି ବା ନିକୁଟି, ନିସତେ—ଦୁର୍ବଳତା ପ୍ରକାଶ କରି ।

ପରିକ୍ଷ — ପରିଛା (ଜଗନ୍ନାଥ ମନ୍ଦିରର ଏକ ପ୍ରକାର ସେବକ) ପ୍ରଳମ୍ବ—ଲମ୍ବିଥିବା, ପଟୋଆର—ସମୂହ ଯାତ୍ରା, ପୁମେକ ବିମାନ—ପୁଷ୍ପକ ବିମାନ, ପ୍ରବାଳ—ପୋହଳା, ପୋୟେଳା—ପୋହଳା, ପାଞ୍ଚିଲା—ପାତିଲା, ପୁରୁଷତିମ—ପୁରୁଷୋତ୍ତମ, ପ୍ରୋହଣି—ପୂଜନା, ପ୍ରାକର୍ମେ—ବଳରେ

Digitized by PPRACHIN, SOA

ପାତାଙ୍ଗ— ପତାକା, ପାଏତା—ତଳେ ବିଛା ହେବା ଲୁଗା, ପହୁଡ଼ିଲା—ଶୋଇଲା, ପାଡ଼ି— ବିଛାଇ, ପୁଷ୍ୟ— ଫୁଲ, ପଙ୍କ— ପଙ୍କ ବା ପାଚିଲା, ପିଙ୍ଗଳ— ତମ୍ବାରଙ୍ଗ, ପରିଧାନ— ପିନ୍ଧା ଲୁଗା, ପେଣ୍ଡ— କେନ୍ଦ୍ରସ୍ଥଳ, ପରିରମ୍ଭ—ଆଲିଙ୍ଗନ ।

ଫୁକାରିଲେ— ଡାକିଲେ, ଫୁଟୁଛି— ଧାଉଁଛି, ଫୁଟିବ— ପରିଶ୍ରମ କରିବ ।

ବେହର—ବେହେଉ ବା ଗଉଡ, ବର୍ତ୍ତୁଳ—ଗୋଲ, ବିମଳ—ନିର୍ମଳ, ବୃଷାଳ—ବିଶାଳ, ବସନ୍ତ ରାଗେ—ଏକ ପ୍ରକାର ସଙ୍ଗୀତ ରାଗରେ, ବିମ୍ବୋଷ୍ଠୀ—ବିମ୍ବଫଳ ପରି ଓଷ୍ଠ ବିଶିଷ୍ଟା, ବୁକୁ— ଛାତି, ବିଶା— କଟକୀ ଦେଢ଼ ସେର, ବିଶର୍ବା—ରାବଣର ପିତା ବିଶ୍ରବା ଋଷି, ବାରସ୍ୱତୀଭୁବନ—ଇନ୍ଦ୍ରଭୁବନ, ବୈଶ୍ରବଣ—କୁବେର, ବିଦୁଜନେ—ପଣ୍ଡିତ ଲୋକମାନେ, ବାଇ—ପାଗଳ, ବନ୍ଦନ୍ତା—ବନ୍ଦନ କରିବ ଲୋକ, ବିଷ୍ଣୁ ଦେବର ପକ୍ଷୀ—ଗରୁଡ଼, ବଧାଇ—ସମ୍ବର୍ଦ୍ଧନା, ବିଭୋଗ—ଅଶୁଭ ଅବସ୍ଥା, ବଉଳା ଦେଲା—ବଉଳିଲା, ବାହି—କାଟ, ବଅସ ନହୁଲି—ଅଳ୍ପ ବୟସ ।

ଭର୍ତ୍ତା—ସ୍ୱାମୀ, ଭ୍ରଥ—ଭରତ, ଭବୈନି—ଚିନ୍ତା, ଭୂଷଣ ଯୁବତୀ—ଅଳଙ୍କାର ପିନ୍ଧିଥିବା ଯୁବତୀ ।

ମାନନୀ—ଅଭିମାନିନୀ, ମଞ୍ଜୀର—ନୂପୁର, ମଞ୍ଜୁଳ—ସୁନ୍ଦର, ମହାରୀ—ବେଶ୍ୟା, ମେଘା—ଏକ ପ୍ରକାର ବାଦ୍ୟ, ମଇଲମ—ଉତମ୍ନ ଥଙ୍କର ଏକ ପ୍ରକାର ବେଶ, ମୋଷହି—ଭୋଜନ, ମାନିତ—ଗୁରୁଜନ, ମଣ୍ଡଣି—ସାଜସଜ୍ଜା, ମୁକ୍ଷ—ମୋକ୍ଷ, ମେଘ ଘୋଷ—ମେଘଧ୍ୱନି, ମନସିଜ—କନ୍ଦର୍ପ, ମଧୁଶେଯେ—ମଧୁଶଯ୍ୟା, ମାତାମହ—ମାମୁଁଙ୍କର ଅଜା, ମଙ୍ଗନବଧି—ମଙ୍ଗନ, ମୃଗାକ୍ଷି—ମୃଗ ନୟନା, ମୃନାଳ—ପଦ୍ମନାଡ, ମଞ୍ଜଳ—ବତ୍ସଳ, ପ୍ରିୟ, ମୁକୁଳ—କଡ ।

ଯେତେକେ—ଏତେ ପ୍ରକାରେ, ଯଜ୍ଞୋପବୀତ—ପଇତା, ଯୁବତୀ ରାଧା—ଯୁବତୀ ଶ୍ରେଷ୍ଠା, ଯମଳା—ଯାମଳାର୍ଜ୍ଜୁନ ଗଛ ।

ରଉଛି—ଡାକୁଛି, ରେହ—ରେଖ ବା ରେଖା, ରଞ୍ଜିଲା—ନିର୍ମାଣ କଲା, ରବଦଣ୍ଡ—ଧ୍ୱନି କରି ଦଣ୍ଡ ନାଚ କରିବା ।

Digitized by PPRACHIN, SOA

ଲେନ୍ତି—ସମୁଦ୍ର, ଲେଛିଲୁ—ତ୍ୟାଗ କଲୁ, ଲେଛନ୍ତି—ତ୍ୟାଗ କରନ୍ତି ଲୋଟ୍ଟଏ—ଯୋଡ଼ାଏ, ଲାଇଲେ—ପିନ୍ଧିଲେ, ଲସିଲା—ଦବିଗଲା, ଲୁଳି—ଝୁଲି ଲେଛି—ଲେଖି, ଲିହ୍ନି—ଲେଖି, ଲହୁଲି—ଅଳ୍ପ ବୟସ ।

ଶ୍ୱାସ ସେବକ—ଗଉଡ଼ମାନେ ବିମାନ ଆଡ଼ି କାନ୍ଧେଇଲା ବେଳେ ଶ୍ୱାସ ତ୍ୟାଗ କରୁଥିବାରୁ ଏଠାରେ ସେମାନଙ୍କୁ ଶ୍ୱାସ ସେବକ କୁହାଯାଇଛି । ଶୋଧା ହେଲା—ପବିତ୍ର କରହେଲା, ଶକ୍ର—ଇନ୍ଦ୍ର, ଶଲି—ଶଲିଆପ ଡନୀ ନାମକ ପ୍ରାଣୀ ବିଶେଷ, ଶର୍ବଣେ—ଶ୍ରବଣେ, କାନରେ, ଶ୍ରୀଫଳ—ନଡ଼ିଆ, ବେଲ, ଶ୍ରୋଣିତ—ରକ୍ତ, ଶାକେନ୍ଦ୍ର—ବଣଭୁଆଁ ବା କଟାସ, ଶିଆଳ—କୋକିଶିଆଳୀ ।

ସଷ୍ଟିକ—ସ୍ଫଟିକ, ସୟସ୍ୱର—ସମ୍ବର ନାମକ ପ୍ରାଣୀ ବିଶେଷ, ସାଞ୍ଚା—ଚିହ୍ନ, ସଶୀଳ—ଉତ୍ତମ ଚରିତ୍ରା ନାରୀ ଅର୍ଥରେ ବ୍ୟବହୃତ, ସୁରଭୀ—ସ୍ୱର୍ଗ ଗାଭୀ, ସଞ୍ଚପି—ସଂକ୍ଷେପରେ, ସଙ୍କୁଚ—ଲାଜ, ସକ୍ତ—ଶକ୍ତି ସନ୍ତେକ—ଚିହ୍ନ, ସୈନ୍ଧବ—ସୈନ୍ଧବ ଲୁଣ, ସମ୍ଭର୍ମ—ଆଡ଼ମ୍ବର, ସମ୍ପୁଟେ—ଫଟୁଆରେ, ସ୍ନାନ—ସ୍ନାନ, ସୋତୀ—ସତୀ, ସୁଧ—ଶୁଦ୍ଧ, ସୁଉଅଶନ—ଅମୃତ, ସିଆଣ—ଚତୁର, ସ୍ୱତୀ—ସତୀ, ସ୍ୱରଶନ—ସ୍ୱର୍ଗ, ସ୍ୱୋର୍ଗ—ସ୍ୱର୍ଗ, ସମ୍ଭର—ଆଡ଼ମ୍ବର ।

ଷୋଡ଼ଶୀ—ଯୁବକ ଅର୍ଥରେ ବ୍ୟବହୃତ ।

ହିଙ୍ଗୁଳ—ପାଦେ ମିଶ୍ରିତ ଦ୍ରବ୍ୟ (ଲାଲ ରଙ୍ଗ ବିଶିଷ୍ଟ), ହରିତାଳ—ହଳଦୀ ରଙ୍ଗ, ହେମ କୁମ୍ଭ ଯଉବନୀ—ସ୍ୱର୍ଣ୍ଣ କଳସ ପରି ସ୍ତନ ବିଶିଷ୍ଟା ।

କ୍ଷତ୍ରବୃତ—କ୍ଷେତ୍ର ଶ୍ରେଷ୍ଠ ପୁରୀଧାମ, କ୍ଷୀରୋଧି—କ୍ଷୀର ସମୁଦ୍ର ।

Digitized by PPRACHIN, SOA